# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୮/୨୦୨୦ (୨୦ପୃଷ୍ଠା) | Bhubaneswar, Friday, February 28/2020 | ★★★★★★

୪୭ଶ ଭାଗ ୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**‘ତୁ ଯୁ ଲଭ୍ ମି...’ରେ ଦିଶାଙ୍କ ଜବରଦସ୍ତ ଡ୍ୟାନ୍ସ**

ଫିଲ୍ମ ‘ବାଗୀ-୩’ର ତୃତୀୟ ଗୀତ ‘ତୁ ଯୁ ଲଭ୍ ମି’ ରିଲିଜ୍ ହୋଇଛି। ଏଥିରେ ସୁନ୍ଦରୀ ଦିଶା ପଟାନୀ ବ୍ଲାକ୍ ଓ ଗ୍ରୀନ୍ ବିକିନିରେ ନଜରକୁ ଆସିଛନ୍ତି।

୧୨

୧୮

**ମନୋଜଙ୍କୁ ସ୍ୱର୍ଣ୍ଣ ପଦକ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ୭୩ କେଜି ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମନୋଜ କୁମାର ସାହୁ।



**ଦିଲ୍ଲୀ ଦଙ୍ଗା**
**ମୃତ୍ୟୁ ସଂଖ୍ୟା ୩୮**

# ନିଆଁରେ ଘିଅ ଢାଳୁଛନ୍ତି ନେତା

### ଆରୋପ-ପ୍ରତ୍ୟାରୋପ ଜାରି

- ମୋ ହାତରେ ପୋଲିସ ନାହିଁ: କେଜ୍‌ରିୱାଲ
- ଏଏପି, କଂଗ୍ରେସ ରାଜନୀତି କରୁଛନ୍ତି: ଭାଜପା
- ରାଷ୍ଟ୍ରପତିଙ୍କୁ ଫେରାଦ ହେଲା କଂଗ୍ରେସ
- ବିବାଦରେ ଜଷ୍ଟିସ୍ ମୁରଲୀଧରଙ୍କ ରାତିଅଧିଆ ବଦଳି
- ଦଙ୍ଗା ପ୍ରଭାବିତ ଅଞ୍ଚଳରେ ୧୧୩ କମ୍ପାନୀ ସିଏପିଏଫ୍
- ଦଙ୍ଗାକାରୀଙ୍କ ଉପରେ ଡ୍ରୋନ୍‌ର ଆଖି



ଉତ୍ତର-ପୂର୍ବ ଦିଲ୍ଲୀର ଶିବ ବିହାରରେ ଦଙ୍ଗାକାରୀମାନେ ଗୁରୁବାର ଲୋକଙ୍କ ଘରେ ନିଆଁ ଲଗାଇ ଭଙ୍ଗାରୁଜା କରିଛନ୍ତି।

ନୂଆଦିଲ୍ଲୀ,୨୭।୨

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିବାବେଳେ ଏହାକୁ ନେଇ ଜାତୀୟ ରାଜନୀତିର ତାପମାତ୍ରା ମଧ୍ୟ ବୃଦ୍ଧିପାଇବାରେ ଲାଗିଛି। ଗୁରୁବାର ଦିଲ୍ଲୀ ଦଙ୍ଗାରେ ମୃତ୍ୟୁସଂଖ୍ୟା ୩୮କୁ ବୃଦ୍ଧିପାଇଥିବାବେଳେ ସବୁ ଦଳର ନେତାମାନେ ବିବାଦୀୟ ମନ୍ତବ୍ୟ ଦେଇ ନିଆଁରେ ଘିଅ ଢାଳିବା ଭଳି କାର୍ଯ୍ୟ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ଦେଇଛି। ଦିଲ୍ଲୀବାସୀଙ୍କ ଧନଜୀବନ ଓ ସ୍ୱାଧୀନତାର ସୁରକ୍ଷା ସୁନିଶ୍ଚିତ କରିବା ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି କଂଗ୍ରେସ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ନିକଟରେ ଦାବି କରିଛି। ସେପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହାସହ ଦିଲ୍ଲୀ ପୋଲିସ ତାଙ୍କ ହାତରେ ନାହିଁ ବୋଲି ଅସହାୟତା ପ୍ରକାଶ କରିଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ରାଜଧାନୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ୧୧୩ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ କରାଯାଇଛି।

ଦିଲ୍ଲୀ ଆକାଶରେ ବୁଲୁଛି କ୍ୟାମେରା ଯୁକ୍ତ ଡ୍ରୋନ୍। ବିଶେଷକରି ଉତ୍ତର-ପୂର୍ବ ଦିଲ୍ଲୀ, ଉତ୍ତର ଦିଲ୍ଲୀ ଓ ଶାହଦରା ଅଞ୍ଚଳରେ ଅଧିକ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ଦଙ୍ଗାକାରୀଙ୍କ ଉପରେ ଆକାଶମାର୍ଗରୁ କଡ଼ା ନଜର ରଖାଯାଉଛି। ସ୍କୁଲ, କଲେଜ, ଘରଦ୍ୱାର ଯେଉଁଠି ଯାହା ପାଇଲେ ଭଙ୍ଗାରୁଜା ଓ ଜଳାପୋଡ଼ା କରି ଛାରଖାର କରିବାରେ ଲାଗିଛନ୍ତି ଦଙ୍ଗାକାରୀ। କେବଳ ଉତ୍ତର-ପୂର୍ବ ଦିଲ୍ଲୀର ୩୨ ବର୍ଷ ପୁରୁଣା ଅରୁଣ ମଡର୍ନ ସିନିୟର ସେକେଣ୍ଡାରି ସ୍କୁଲରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି। ସେଠାରେ ବିଛାଡ଼ି ହୋଇ ପଡ଼ିଥିବା ଭଙ୍ଗା ଡେସ୍କ, ପୋଡ଼ା ବହି ଅନ୍ୟ ଆସବାବପତ୍ରକୁ ଦେଖିଲେ ହିଂସାର ଭୟାବହତାକୁ ଠଉରାଇ ହେଉଛି। ରବିବାର ରାତିରେ ଆରମ୍ଭ ହୋଇଥିବା ହିଂସାରେ ବୁଧବାର ସୁଦ୍ଧା ୨୭ ମୁଣ୍ଡ ଗଡ଼ିଥିବାବେଳେ ଗୁରୁବାର ଚତୁର୍ଥ ଦିନରେ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ମୃତାହତଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରାଣ ହରାଇଥିବା ଲୋକଙ୍କ ☞ପୃଷ୍ଠା-୧୫

# ୧୯ ଦିନର ଶିଶୁପୁତ୍ରକୁ ୧୦ ହଜାର ଟଙ୍କାରେ ବିକିଲା ମା’



ଚାଇଲ୍ଡ ଲାଇନ୍ ଓ ପୋଲିସ ପକ୍ଷରୁ ଭରତପୁର ବସ୍ତିରେ ପଚରାଉଚରା କରାଯାଉଛି।

### ରାଜଧାନୀରେ ଦାରିଦ୍ର୍ୟର କରୁଣ ଚିତ୍ର

- ମଞ୍ଚେଶ୍ୱର ଥାନାଞ୍ଚଳରୁ ଉଦ୍ଧାର ହେଲା ଶିଶୁପୁତ୍ର
- ପୋଲିସ, ଚାଇଲ୍ଡ ଲାଇନ୍ ଦିନତମାମ ନାକେଦମ
- ଆଶା ଦିଦି ସାଜିଥିଲେ ମଧ୍ୟସ୍ଥ, କୋର୍ଟ କାଗଜରେ ହୋଇଥିଲା ଚୁକ୍ତି

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟର ଉପାନ୍ତ ଅଞ୍ଚଳ କି ମଫସଲ ଗାଁ ନୁହେଁ, ଖୋଦ୍ ରାଜଧାନୀରେ ଦେଖିବାକୁ ମିଳିଛି ଦାରିଦ୍ର୍ୟର କରୁଣ ଚିତ୍ର। ଅଭାବ ଅନଟନରେ ଦିନକାଟୁଥିବା ଜଣେ ମା’ ତା’ର ୧୯ଦିନର ଶିଶୁ ପୁତ୍ରକୁ ବିକି ଦେଇଛନ୍ତି। ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ବସ୍ତିରେ ଦେଖିବାକୁ ମିଳିଥିବା ଏହି ସ୍ପର୍ଶକାତର ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ଚାଇଲ୍ଡ ଲାଇନ୍ ଏନେଇ ଖଣ୍ଡଗିରି ଥାନାରେ ଏକ ଅଭିଯୋଗ କରିବା ପରେ ପୋଲିସ ଶିଶୁପୁତ୍ରର ମା’ ଓ ବାପାଙ୍କୁ ଅଟକ ରଖି ☞ପୃଷ୍ଠା-୪

# ଆଜି ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ

- ଯୋଗଦେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା
- କୋଇଲା ରୟାଲ୍‌ଟି, ରେଳ ପ୍ରକଳ୍ପ, ଅନୁଦାନ ପ୍ରସଙ୍ଗ ଉଠିବ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ ମିନିଟ୍‌ରେ ସେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରୁ ସେ ସିଧା ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ଆୟୋଜନ ହେବାକୁ ଥିବା ୨୪ତମ ପୂର୍ବାଞ୍ଚଳ ଜୋନ୍ ପରିଷଦ (ଇଜେଡ୍‌ସି) ବୈଠକରେ ଯୋଗଦେବେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାହା ଏହି ବୈଠକରେ ଅଧ୍ୟକ୍ଷତା କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପରିଚାଳନା କରିବେ। ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗଦେବା ଲାଗି ଦୁଇଦିନ ଆଗରୁ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ସେ ବୈଠକରେ ଯୋଗଦେବା ପୂର୍ବରୁ ପୁରୀ ଯାଇ ଶ୍ରୀଜୀଉଙ୍କ ଦର୍ଶନ ☞ପୃଷ୍ଠା-୪






# ଗୁଗଲ୍ ଟ୍ରାନ୍ସଲେଟରରେ ‘ଓଡ଼ିଆ’ ଭାଷା



ଭୁବନେଶ୍ୱର,୨୭।୨(ବ୍ୟୁରୋ)

ବହୁଦିନର ପ୍ରତୀକ୍ଷା ପରେ ଗୁଗଲ୍ ଟ୍ରାନ୍ସଲେଟର୍‌ରେ ସାମିଲ ହୋଇଛି ଓଡ଼ିଆ ଭାଷା। ବିଶ୍ୱର ସର୍ବାଧିକ ଲୋକପ୍ରିୟ ସର୍ଚ୍ଚଇଞ୍ଜିନ୍ ଗୁଗଲ୍‌ର ଅନୁବାଦ ବିଭାଗରେ ୫ ନୂଆ ଭାଷାକୁ ସାମିଲ କରାଯାଇଥିବା ବେଳେ ଏଥିରେ ଓଡ଼ିଆ ମଧ୍ୟ ରହିଛି। ଗତ ୪ବର୍ଷ ମଧ୍ୟରେ ଗୁଗଲ୍ ଟ୍ରାନ୍ସଲେଟର୍‌ରେ କୌଣସି ନୂଆ ଭାଷାକୁ ଯୋଡ଼ା ଯାଇ ନ ଥିବାବେଳେ ଏବେ ଓଡ଼ିଆ ସମେତ କିନ୍ୟାରୱାଣ୍ଡା, ଟାଟାର, ତୁର୍କମେନ୍ ଏବଂ ଉଇଘୁରକୁ ସାମିଲ କରାଯାଇଛି। ଏହି ଭାଷାଗୁଡ଼ିକ ବିଶ୍ୱର ୭୫ ମିଲିଅନ୍ ଅର୍ଥାତ୍ ୭.୫କୋଟି ଲୋକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଗୁଗଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମିଳିଲା କ’ଣ**


Vencobb Fresh Chicken — Taste the difference!

27.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 39 | 79 | 89 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 39 | 79 | 89 |
| BMP | 37 | 76 | 86 |

*Conditions Apply

Issued in the Interest of Consumers




FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

RSPL ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : RSPL CARE 1800 120 2800

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ଫେବୃୟାରୀ ,୨୦୨୦



"ସଂଖ୍ୟାଲଘୁଙ୍କ ଧନଜୀବନକୁ ସୁରକ୍ଷା ଦେବାରେ ଦିଲ୍ଲୀ ପୋଲିସର ନିଷ୍କ୍ରିୟତା ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଭଳି ସ୍ଥିତି ସୃଷ୍ଟି କରିଛି।

-ନରେଶ ଗୁଜରାଲ, ଏସ୍ଏଡି ଏମ୍ପି



## ସଂକ୍ଷେପରେ

### ଟୁଇଟର, ହ୍ୱାଟ୍ସଆପ୍ ବିରୋଧରେ ମାମଲା

**ହାଇଦ୍ରାବାଦ,୨୭।୨:** ଜାତୀୟ ସଂହତି ଓ ସାମ୍ପ୍ରଦାୟିକ ସଦ୍ଭାବନାକୁ ପ୍ରଭାବିତ କଲା ଭଳି ବାର୍ତ୍ତା ଓ ଭିଡିଓ ଆଦି ପୋଷ୍ଟିଂର ପ୍ରସାର କରିବା ଅଭିଯୋଗରେ ଟୁଇଟର, ହ୍ୱାଟ୍ସଆପ୍ ଏବଂ ଟିକ୍‌ଟକ୍ ବିରୋଧରେ ଫୌଜଦାରି ମାମଲା ରୁଜୁ ହୋଇଛି। ହାଇଦ୍ରାବାଦର ସାଇବର ଅପରାଧ ପୋଲିସ ଉପରୋକ୍ତ ସୋସିଆଲ ମିଡିଆ ବିରୋଧରେ ଆଇପିସିର ବିଭିନ୍ନ ଦଫା ସମେତ ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଦୁଇଦିନ ମଧ୍ୟରେ ଉକ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମର ପରିଚାଳନା ବିଭାଗକୁ ନୋଟିସ ପଠାଯିବ ବୋଲି ସାଇବର କ୍ରାଇମ୍ ୱିଙ୍ଗ୍‌ର ଜଣେ ଅଧିକାରୀ କହିଛନ୍ତି। ହାଇଦ୍ରାବାଦର ଖବରଦାତା ତଥା ସାମାଜିକ କର୍ମୀ ସିଲଭେରୀ ଶ୍ରୀଶୈଳମ୍‌ଙ୍କ ପିଟିଶନ୍‌ର ଶୁଣାଣି କରି ଅତିରିକ୍ତ ମୁଖ୍ୟ ମେଟ୍ରୋ ପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ମଧ୍ୟରେ ଦେଶବିରୋଧୀ ପ୍ରଚାର ଲାଗି ଟିକ୍‌ଟକ୍ ଏବଂ ହ୍ୱାଟ୍ସଆପ୍‌ର ବ୍ୟବହାର କରାଯାଉଥିବା ଶ୍ରୀଶୈଳମ୍ ଅଭିଯୋଗ କରିଥିଲେ।

### ଆମେରିକାରେ ଗୁଳିକାଣ୍ଡ: ୭ ମୃତ

**ୱାଶିଂଟନ,୨୭।୨:** ଆମେରିକାର ୱିଶକନ୍‌ସିନ ପ୍ରଦେଶରେ ଥିବା ଏକ କମ୍ପାନୀ ପରିସରରେ ଗୁଳିକାଣ୍ଡ ଘଟି ଆକ୍ରମଣକାରୀ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ଏହି ଗୁଳିକାଣ୍ଡ ଘଟିଥିଲା। କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ କର୍ମଚାରୀମାନଙ୍କୁ ସତର୍କ କରିଦିଆଯାଇଥିଲା। ମିଲୱାଉକି ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି।

### ଦଙ୍ଗା ଆହତଙ୍କୁ ରକ୍ତ ଦେଲେ ସିଆର୍‌ପିଏଫ୍ ଯବାନ

**ନୂଆଦିଲ୍ଲୀ,୨୭।୨(ପି.ଟି.):** ଦିଲ୍ଲୀ ଦଙ୍ଗାରେ ଆହତ ହୋଇ ଜିଟିବି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତମାନଙ୍କ ପାଇଁ ୩୪ ସିଆର୍‌ପିଏଫ୍ ଯବାନ ରକ୍ତଦାନ କରିଛନ୍ତି। ୫୦ ଯବାନଙ୍କୁ ମଙ୍ଗଳବାର ରକ୍ତଦାନ ପାଇଁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୪ ଜଣ ରକ୍ତ ଦେଇଥିବାବେଳେ ଅନ୍ୟମାନଙ୍କୁ ଷ୍ଟାଣ୍ଡବାଏ ରଖାଯାଇଛି। ଗୁରୁବାର ଏମ୍ସ ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ସିଏପିଏଫ୍‌ର ୧୩୦୦ ଯବାନ ରକ୍ତ ଦେଇଛନ୍ତି।

### [ଇତିହାସର ଆଇନାରେ]

**ଫେବୃୟାରୀ ୨୮ର ପ୍ରମୁଖ ଘଟଣା**

୨୦୦୨ ଫେବୃୟାରୀ ୨୮ରେ ଗୁଜରାଟର ନରୋଦା ପଟିଆରେ ଧାର୍ମିକ ହିଂସାକୁ ନେଇ ଗଣସଂହାର ସଙ୍ଗଠିତ ହୋଇଥିଲା। ପ୍ରାୟ ୯୭ ଜଣ ମୁସଲ୍‌ମାନ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ।

୨୦୦୫ ଫେବୃୟାରୀ ୨୮ରେ ଇରାକର ଅଲ୍ ହିଲ୍ଲାସ୍ଥିତ ପୋଲିସ ନିଯୁକ୍ତି କେନ୍ଦ୍ର ନିକଟରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୧୪୭ ବ୍ୟକ୍ତି ପ୍ରାଣ ହରାଇଥିଲେ। ପୁରୁଷମାନେ ପରୀକ୍ଷା ଲାଗି ଲାଇନ୍‌ରେ ଠିଆ ହୋଇଥିବା ବେଳେ ଏହି ବିସ୍ଫୋରଣ ହୋଇଥିଲା।

# ଏଏପିରୁ ତାହିର ନିଲମ୍ବିତ

**ନୂଆଦିଲ୍ଲୀ,୨୭।୨**



**ଆଇବି କର୍ମଚାରୀ ମୃତ୍ୟୁ ଘଟଣା**

**ତାହିରଙ୍କ ବିରୋଧରେ ହତ୍ୟା ମାମଲା**

ଦିଲ୍ଲୀ ଦଙ୍ଗା ବେଳେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ୍ ଶର୍ମାଙ୍କୁ ହତ୍ୟା କରାଯିବା ପଛରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ତଥା ମ୍ୟୁନିସିପାଲ କାଉନସିଲର ତାହିର ହୁସେନ୍ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ବୁଧବାର ଅଙ୍କିତ୍‌ଙ୍କ ମୃତଦେହ ଜାଫରାବାଦସ୍ଥିତ ତାଙ୍କ ବାସଭବନ ନିକଟ ଏକ ନାଳରୁ ମିଳିଥିଲା। ଅଙ୍କିତଙ୍କ ବାପା ଗୁରୁବାର ସନ୍ଧ୍ୟାରେ ଦୟାଲପୁର ଥାନାରେ ଏତଲା ଦେବା ପରେ ତାହିରଙ୍କ ବିରୋଧରେ ଅପହରଣ ଓ ହତ୍ୟା ମାମଲା ରୁଜୁ ହୋଇଛି। ପରେ ଏଏପି ତାଙ୍କୁ ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରିଛି। ତଦନ୍ତରେ ସେ ଦୋଷମୁକ୍ତ ପ୍ରମାଣିତ ହେବା ପର୍ଯ୍ୟନ୍ତ ନିଲମ୍ବନ ବଳବତ୍ତର ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ତାହିରଙ୍କ ୫ ମହଲା କୋଠା ଛାତ ଉପରୁ ଢେଲା ଓ ପେଟ୍ରୋଲ ବୋମା ମାଡ଼ ହୋଇଥିଲା। ଗଣମାଧ୍ୟମରେ ପ୍ରସାରିତ ଏକ ଭିଡିଓରେ ତାହିର ଓ ଅନ୍ୟ କେତେଜଣ ଛାତ ଉପରୁ ଟେକା ମାଡ଼ କରୁଥିବା ଦେଖାଯାଇଛି। ହାତରେ ଲାଠି ଧରିଥିବା ବ୍ୟକ୍ତି ତାହିର ବୋଲି ବିଶ୍ୱାସ କରାଯାଉଛି।

ଅନ୍ୟପକ୍ଷରେ ଦଙ୍ଗାରେ ସମ୍ପୃକ୍ତିକୁ ଏଏପି ନେତା ଅସ୍ୱୀକାର କରିଛନ୍ତି। କେତେଜଣ ଲୋକ ତାଙ୍କ ଘର ଭିତରକୁ ପଶିଆସି ଛାତ ଉପରେ ଚଢ଼ିଯାଇ ଆକ୍ରମଣ କରିଥିଲେ । ତାଙ୍କ ବିରୋଧରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଏପି ନେତା ଦାବି କରିଛନ୍ତି।



କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ୭୮ତମ ଜନ୍ମଦିନ ପାଳନ ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଦାରାମାୟା।

## କପିଳ ମିଶ୍ରାଙ୍କ ବିରୋଧରେ ମାମଲା

**ମୁଜାଫରପୁର,୨୭।୨**

ଭାଜପା ନେତା କପିଳ ମିଶ୍ରାଙ୍କ ବିରୋଧରେ ଗୁରୁବାର ବିହାର ମୁଜାଫରପୁର କୋର୍ଟରେ ମାମଲା ରୁଜୁ ହୋଇଛି। ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ଯୋଗୁ ଦିଲ୍ଲୀରେ ଦଙ୍ଗା ସୃଷ୍ଟି ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଏହି ଦଙ୍ଗାରେ ୩୮ ଜଣଙ୍କ ଜୀବନ ଯିବା ସହ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ହୋଲି ପରେ ମାର୍ଚ୍ଚ ୧୨ରେ ମାମଲାର ଶୁଣାଣି କରିବାକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକେଶ କୁମାର ସମୟ ଧାର୍ଯ୍ୟ କରିଛନ୍ତି। ଗତ ୨୩ ତାରିଖରେ ଦିଲ୍ଲୀର ଜାଫରାବାଦ ଅଞ୍ଚଳରେ ଏକ ସଭାକୁ ସମ୍ବୋଧିତ କରି ଭାଜପା ନେତା କପିଳ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ରାସ୍ତା ଅବରୋଧ କରିଥିବା ସିଏଏ ବିରୋଧୀଙ୍କୁ ପୋଲିସ ହଟାଇବାରେ ବିଫଳ ହେଲେ କପିଳ ତାଙ୍କ ସମର୍ଥକମାନଙ୍କ ସହ ସେମାନଙ୍କୁ ହଟାଇଦେବେ ବୋଲି କହିଥିବା ଆବେଦନକାରୀ ଏମ୍. ରାଜୁ ନାୟାର ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ଭାଜପା ନେତାଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଦେଶଦ୍ରୋହ, ଠକେଇ, ଅପରାଧ ଷଡଯନ୍ତ୍ର, ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦି ଅଭିଯୋଗ ହୋଇଛି।

## ହିନ୍ଦୁଙ୍କ ଘରେ ଆଶ୍ରୟ ନେଇଛନ୍ତି ୪୦ମୁସଲମାନ

**ନୂଆଦିଲ୍ଲୀ,୨୭।୨**

ଦିଲ୍ଲୀରେ ଜାରି ରହିଥିବା ହିଂସାକାଣ୍ଡ ସ୍ଥିତି ସଙ୍କଟଜନକ ରହିଛି। ଉତ୍ତର-ପୂର୍ବ ଦିଲ୍ଲୀରେ ହିଂସାକାଣ୍ଡରେ ବହୁ ଘର ଓ ଦୋକାନରେ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ସ୍ଥାନୀୟ ଅଶୋକ ନଗର ଅଞ୍ଚଳରେ ୪୦ରୁ ଅଧିକ ମୁସଲମାନ୍ ହିନ୍ଦୁ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏହା ଏକ ସାମ୍ପ୍ରଦାୟିକ ସଦ୍‌ଭାବ ସୃଷ୍ଟି କରିଛି। ସଭିଏଁ ଏଠାରେ ମିଳିମିଶି ଚଳୁଥିବାବେଳେ ହିଂସାକାଣ୍ଡ ଯୋଗୁ ସ୍ଥିତି ଖରାପ ହେବାରେ ଲାଗିଛି। ମଙ୍ଗଳବାର ଏଠାରେ ୧,୦୦୦ରୁ ଅଧିକ ସଂଖ୍ୟକ ବିକ୍ଷୋଭକାରୀ କଲୋନୀର ବଡ଼ି ମସଜିଦ୍ ଅଞ୍ଚଳରେ ପଶି ଭଙ୍ଗାରୁଜା , ପୋଡ଼ାଜଳା ଆରମ୍ଭ କରିଥିଲେ। ଲୋକେ ଭୟରେ ଦୌଡ଼ାଦୌଡ଼ି ଆରମ୍ଭ କରିଥିବା ସ୍ଥାନୀୟ ବାସିନ୍ଦା ମହମ୍ମଦ୍ ରଶିଦ୍ ଏବଂ ରାଜେଶ କ୍ଷତ୍ରୀ କହିଛନ୍ତି। ଦଙ୍ଗାକାରୀମାନେ ବାହାର ଲୋକ ବୋଲି ସେମାନେ କହିଛନ୍ତି।

## ଟିଭିରେ 'ନମସ୍ତେ ଟ୍ରମ୍ପ' ଦେଖିଲେ ୪.୬ କୋଟି

**ନୂଆଦିଲ୍ଲୀ, ୨୭।୨:** ଭାରତର ୧୮୦ ଟିଭି ଚ୍ୟାନେଲରେ ୪ କୋଟି ୬୦ ଲକ୍ଷ ଲୋକ ସୋମବାର 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମ ଦେଖିଥିବା ଜଣାପଡ଼ିଛି। ବ୍ରୋଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନ୍‌ସିଲ ପକ୍ଷରୁ ଏହି ତଥ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ଲକ୍ଷାଧିକ ଲୋକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପତ୍ନୀ ମେଲାନିଆଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୮୦ ଟିଭି ଚ୍ୟାନେଲରେ ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ଆଲୋଚନା, ସାବରମତୀ ଆଶ୍ରମ, ତାଜମହଲ ଗସ୍ତ ଆଦି କାର୍ଯ୍ୟକ୍ରମ ବେଶ୍ ସଫଳ ରହିଥିଲା। ଟ୍ରମ୍ପ ପରିବାର ଭାରତର ଆତିଥେୟତାର ଭୂରି ଭୂରି ପ୍ରଶଂସା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଟ୍ରମ୍ପ ପରିବାର ଭାରତରୁ ବିଦାୟ ନେଇଥିଲେ।

## ଜାତିଭିତ୍ତିକ ଜନଗଣନାକୁ ବିହାରରେ ସମର୍ଥନ

**ପାଟନା, ୨୭।୨:** ବିହାରରେ ଜାତିଭିତ୍ତିକ ଜନଗଣନାକୁ ସମର୍ଥନ ମିଳିଛି। ଏନେଇ ଗୁରୁବାର ବିଧାନସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ୍ କୁମାର କହିଛନ୍ତି, ୧୯୩୦ରେ ଜାତିଭିତ୍ତିକ ଜନଗଣନା କରାଯାଇଥିଲା। ଏବେ ପୁଣି ୨୦୨୧ରେ ଏଭଳି କରାଯିବା ଉଚିତ୍। ଗତ ମଙ୍ଗଳବାର ଏନ୍‌ଆର୍‌ସି, ଏନ୍‌ପିଆର୍ ପ୍ରସଙ୍ଗକୁ ନେଇ ବିହାର ବିଧାନସଭାରେ ତୁମ୍ବିତୋଫାନ ଦେଖିବାକୁ ମିଳିଥିଲା। ଏନ୍‌ଡିଏ ସଦସ୍ୟ ଓ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ, କଥା କଟାକଟି ପରିସ୍ଥିତି ଅଣାୟତ୍ତ ହେବାରୁ ଗୃହକୁ ୧୫ ମିନିଟ ମୁଲତବୀ ରଖାଯାଇଥିଲା।

# ହିଂସା ଜୀବନର ଅଂଶ

**ନୂଆଦିଲ୍ଲୀ,୨୭।୨(ପି.ଟି.)**



ରଞ୍ଜିତ୍ ସିଂ ଚୌଟାଲା

**ହରିୟାଣା ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ**

ଦିଲ୍ଲୀରେ ସିଏଏ ବିରୋଧୀ ହିଂସାରେ ୩୭ ଜଣ ପ୍ରାଣ ହରାଇଲେଣି। ଏହାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଥିବାବେଳେ ହରିୟାଣାର ଜଣେ ମନ୍ତ୍ରୀ ଦଙ୍ଗାକୁ ଜୀବନର ଏକ ଅଂଶ ବୋଲି କହି ବିବାଦ ଘେରକୁ ଆସିଛନ୍ତି। ଏହା ପ୍ରଥମ ଦଙ୍ଗା ନୁହେଁ। ଏଭଳି ଦଙ୍ଗା ପୂର୍ବରୁ ଅନେକ ଥର ଘଟିଛି ବୋଲି ହରିୟାଣା ଶକ୍ତିମନ୍ତ୍ରୀ ରଞ୍ଜିତ୍ ସିଂ ଚୌଟାଲା ଗୁରୁବାର ଖବରଦାତାମାନଙ୍କୁ କହିଛନ୍ତି। ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଗଲାବେଳେ ସମଗ୍ର ଦିଲ୍ଲୀ ଜଳିଥିଲା। ହିଂସା ଜୀବନର ଏକ ଅଂଶ ଏବଂ ବହୁ ସମୟରେ ଘଟିଥାଏ ବୋଲି ମନ୍ତ୍ରୀ କହିଛନ୍ତି।

## ଚନ୍ଦ୍ରାବାବୁଙ୍କ ଗାଡ଼ିକୁ ଅଣ୍ଡା, ଚପଲ ମାଡ଼

**ହାଇଦ୍ରାବାଦ,୨୭।୨:** ବିଶାଖାପାଟଣାରେ ଗୁରୁବାର ସନ୍ଧ୍ୟାରେ ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଗାଡ଼ି ଉପରେ ଅଣ୍ଡା ଓ ଚପଲ ମାଡ଼ ହୋଇଛି। ସୁରକ୍ଷା ଦୃଷ୍ଟିରୁ ବିଶାଖାପାଟଣା ବିମାନବନ୍ଦରରେ ପୋଲିସ ତାଙ୍କୁ ଅଟକ ରଖିଛି। ଦୁଇଦିନିଆ 'ପ୍ରଜା ଚୈତନ୍ୟ ଯାତ୍ରା'ରେ ଯୋଗଦେବା ପାଇଁ ଚନ୍ଦ୍ରାବାବୁ ଯାଇଥିବାବେଳେ ଶାସକ ୱାଇଏସ୍ଆର୍ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିବା ସହ ତାଙ୍କ ଗାଡିକୁ ଅଣ୍ଡା ଓ ଚପଲ ମାଡ଼ କରିଥିଲେ।

## ଚାଇନା, ଜାପାନରୁ ଫେରିଲେ ୨୩୬

**କରୋନା ଭୟ**

**ନୂଆଦିଲ୍ଲୀ, ୨୭।୨:** କରୋନା ଭାଇରସ୍ ଭୟ ବିଶ୍ୱକୁ ଘାରିଥିବା ବେଳେ ଚାଇନା ଓ ଜାପାନ୍‌ରୁ ଭାରତ ୨୩୬ ଲୋକଙ୍କୁ ଗୁରୁବାର ଫେରାଇ ଆଣିଛି। କରୋନା କବଳିତ ଚାଇନାର ଉହାନ୍ ସହରରୁ ୧୧୨ ଜଣଙ୍କୁ ଓ ଜାପାନର ଟୋକିଓରୁ ୧୨୪ ବ୍ୟକ୍ତିଙ୍କୁ ଅଣାଯାଇଛି। ଭାରତୀୟ ବାୟୁସେନାର ଏ ସି-୧୭ ଗ୍ଲୋବମାଷ୍ଟର-୩ ପରିବହନ ବିମାନ ଉହାନରୁ ୭୬ ଭାରତୀୟ ଓ ୩୬ ବିଦେଶୀଙ୍କୁ ଆଣିବାରେ ସଫଳ ହୋଇଥିବା ବେଳେ ଏୟାର୍ ଇଣ୍ଡିଆ ବିମାନ ଟୋକିଓରୁ ୧୨୪ ବ୍ୟକ୍ତିଙ୍କୁ ଆଣିଛି। ଉହାନ୍‌ରୁ ଫେରିଥିବା ବିଦେଶୀ ନାଗରିକଙ୍କ ମଧ୍ୟରେ ବାଂଲାଦେଶର ୨୩, ଚାଇନାର ୬, ମ୍ୟାନ୍‌ମାର ଓ ମାଳଦ୍ୱୀପରୁ ୨ ଲେଖାଏ ଏବଂ ଦକ୍ଷିଣ ଆଫ୍ରିକା, ଆମେରିକା ଓ ମାଡାଗାସ୍କରର ଜଣେ ଲେଖାଏ ନାଗରିକ ରହିଛନ୍ତି। ଜାପାନ୍‌ରୁ ଫେରିଥିବା ବ୍ୟକ୍ତିଙ୍କ ମଧ୍ୟରେ ୧୧୯ ଭାରତୀୟ ରହିଥିବା ବେଳେ ଶ୍ରୀଲଙ୍କାର ୨, ନେପାଳ, ଦକ୍ଷିଣ ଆଫ୍ରିକା,ପେରୁର ଜଣେ ଲେଖାଏ ଅଛନ୍ତି। ଜାପାନର ୟୋକୋହାମା ବନ୍ଦରରେ କରୋନା ପ୍ରଭାବିତ ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜ ଭିତରେ ମୋଟ ୩,୭୧୧ ଯାତ୍ରୀଙ୍କ ସହ ଏମାନେ ସବୁ ରହିଥିଲେ। ଏହି ଜାହାଜରେ ଥିବା ମୋଟ ୧୩୮ ଭାରତୀୟଙ୍କ ମଧ୍ୟରୁ ୧୬ଜଣ କରୋନାରେ ଆକ୍ରାନ୍ତ। ସେମାନେ ଏବେ ଜାପାନ୍‌ରେ ଚିକିତ୍ସିତ ହେଉଛନ୍ତି। ଫେରିଥିବା ସମସ୍ତ ବ୍ୟକ୍ତିଙ୍କୁ ମାନେସାରଠାରେ ଅଲଗା ରଖାଯାଇ ପରୀକ୍ଷା କରାଯିବ। ପୂର୍ବରୁ ଭାରତ ଉହାନରୁ ୬୫୦ ନାଗରିକଙ୍କୁ ଏୟାର୍ ଇଣ୍ଡିଆ ବିମାନରେ ଫେରାଇ ଆଣିଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ କୁହୁଡ଼ି ଆଚ୍ଛାଦିତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୮ | ୧୬.୪ |
| ଚାନ୍ଦବାଲି | ୩୦.୨ | ୧୬.୨ |
| କଟକ | ୩୦.୨ | ୧୫.୨ |
| ପାରାଦୀପ | ୨୬.୮ | ୧୭.୬ |
| ଭୁବନେଶ୍ୱର | ୩୦.୧ | ୧୬.୭ |
| ଗୋପାଳପୁର | ୩୧.୧ | ୧୮.୩ |
| ପୁରୀ | ୨୭.୮ | ୧୭.୦ |
| ଅନୁଗୋଳ | ୩୦.୧ | ୧୦.୬ |
| ବାରିପଦା | ୨୯.୨ | ୧୬.୪ |
| ଝାରସୁଗୁଡ଼ା | ୨୬.୨ | ୧୪.୪ |
| କେନ୍ଦୁଝର | ୨୭.୪ | ୧୨.୬ |
| ସମ୍ବଲପୁର | ୨୯.୬ | ୧୩.୬ |
| ସୁନ୍ଦରଗଡ଼ | ୩୦.୦ | ୧୨.୦ |
| ହୀରାକୁଦ | ୨୯.୯ | ୧୫.୨ |
| ତାଳଚେର | ୩୦.୧ | ୧୩.୭ |
| ଭବାନୀପାଟଣା | ୨୯.୪ | ୧୪.୦ |
| ବଲାଙ୍ଗୀର | -- | ୧୪.୫ |
| କୋରାପୁଟ | ୨୮.୬ | ୧୨.୬ |
| ଫୁଲବାଣୀ | ୨୭.୨ | ୧୨.୦ |
| ଟିଟିଲାଗଡ଼ | ୩୦.୨ | ୧୦.୫ |
| ମାଲକାନଗିରି | ୩୫.୦ | ୧୫.୬ |
| ସୋନପୁର | ୨୯.୬ | ୧୪.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୧୧.୫ |

ଡିଗ୍ରୀ ସେଲ୍‌ସିୟସ୍



## ଲାଞ୍ଚ ମାମଲା: ଷ୍ଟେଶନ ମାଷ୍ଟରଙ୍କୁ ୪ ବର୍ଷ ଜେଲ

**ଅନୁଗୋଳ ଅଫିସ, ୨୭।୨:** ଏକ ଲାଞ୍ଚ ନେବା ମାମଲାର ବିଚାରକରି ଅନୁଗୋଳ ଭିଜିଲାନ୍ସ କୋର୍ଟ ଗୁରୁବାର ଅନୁଗୋଳସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି)ର ଆସିଷ୍ଟାଣ୍ଟ ଷ୍ଟେଶନ ମାଷ୍ଟର ଅଶୋକ ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଜିଲାନ୍ସ କୋର୍ଟର ଜଜ୍ ରୂପଶ୍ରୀ ଚୌଧୁରୀ ୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି।

## ଏସ୍‌ସିବି ଅଧୀକ୍ଷକ ହେବେ ଅନ୍ନଦା ପଟ୍ଟନାୟକ

**କଟକ ଅଫିସ,୨୭।୨:** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଏସ୍‌ସିବି)ର ନୂଆ ଅଧୀକ୍ଷକ ଭାବେ ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ଅନ୍ନଦା ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ଅଧୀକ୍ଷକ ପ୍ରଫେସର ସରୋଜ କୁମାର ସାହୁ ଆସନ୍ତା ୨୯ ତାରିଖରେ ଅବସର ଗ୍ରହଣ କରିବେ। ଏହା ପୂର୍ବରୁ ଡାକ୍ତର ପଟ୍ଟନାୟକଙ୍କୁ ଏହି ନିଯୁକ୍ତି ମିଳିଛି।




ସ୍ୱର୍ଗତ ହେମନ୍ତ କୁମାର ସାହା

ଆବିର୍ଭାବ: ନଭେମ୍ବର ୨୯, ୧୯୧୨ • ତିରୋଧାନ: ଫେବୃୟାରୀ ୨୮, ୧୯୮୦

ପ୍ରତିଷ୍ଠାତା: କାରୁକ୍ରିତ୍ ଆଡ୍‌ଭର୍ଟାଇଜିଂ ପ୍ରା. ଲିଃ

୪୦ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି

ଏହି ଦିନରେ ଆମେ ଆପଣଙ୍କୁ ଆମର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରଦ୍ଧାର ସହ ଆପଣଙ୍କ ସ୍ମୃତିଚାରଣ କରୁଛୁ। ଆପଣ ଦେଖାଇଥିବା ପଥରେ ଚାଲି ଆପଣଙ୍କ ଆଦର୍ଶରେ ସ୍ଥିର ଓ ଅଟଳ ରହିବା ପାଇଁ ଆମେ କାମନା କରୁଛୁ।

ପରିବାରବର୍ଗ, ଆତ୍ମୀୟସ୍ୱଜନ, କର୍ମଚାରୀବୃନ୍ଦ ଏବଂ ଶୁଭେଚ୍ଛୁ

KARUKRIT®

୧୩ଏ, ମଦନମୋହନତଲା ଷ୍ଟ୍ରିଟ୍, କୋଲକାତା: ୭୦୦ ୦୦୫
ଟେଲିଫୋନ୍: ୨୫୫୪-୧୫୧୨, ୨୫୫୪-୩୬୩୩, ୨୫୫୫-୨୯୭୭, ଫାକ୍ସ: ୨୫୫୪-୧୮୦୨
ୱେବ୍‌ସାଇଟ୍: www.karukrit.com; ଇମେଲ୍: karukrit1932@karukrit.com

ଏହି ମହାନ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ, ଆମର ସମସ୍ତ କାର୍ଯ୍ୟାଳୟ ଆଜି ବନ୍ଦ ରହିବ


# ଆଜି ଆସୁଛନ୍ତି ଅମିତ୍ ଶାହା

## ଜନତା ମଇଦାନ ସଭାରେ ଯୋଗଦେବେ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରେ ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ଭାଜପା କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବେ। ଏହାପରେ ଶାହା ରାଜ୍ୟ ଲୋକସେବା ଭବନର କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ୨୪ତମ ପୂର୍ବାଞ୍ଚଳ ଜୋନ୍ ପରିଷଦ (ଇଜେଡ୍‌ସି) ବୈଠକରେ ଯୋଗଦେବେ। ଏହା ପରେ ଅପରାହ୍ନ ୪ଟାରେ ଭାଜପା ପକ୍ଷରୁ ଜନତା ମଇଦାନଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ସେଠାରେ ସେ ୧ ଘଣ୍ଟା ରହିବେ। ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ବିଷୟରେ ମତ ରଖିବେ। ଏହାପରେ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ହୋଟେଲରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସେ ଏକ ବୈଠକରେ ଯୋଗଦେବେ। ଏହି ବୈଠକ ୧ ଘଣ୍ଟା ଧରି ଚାଲିବ। ସେଠାରୁ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିବେ ଏବଂ ସେଠାରେ ରାତ୍ରିଯାପନ କରିବେ। ଶନିବାର ସକାଳ ୮ଟାରେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ପୂର୍ବାହ୍ନ ୧୦ଟା ୪୫ରେ ଶାହା ଲିଙ୍ଗରାଜଙ୍କ ଦର୍ଶନ କରିବେ। ଏହାପରେ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଏକ ଘରୋଇ ହସ୍ପିଟାଲକୁ ଉଦ୍‌ଘାଟନ କରି ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଜନତା ମଇଦାନରେ ହେଉଥିବା ପ୍ରସ୍ତୁତି ସମ୍ପର୍କରେ ଦଳୀୟ ନେତାଙ୍କ ସହ ଆଲୋଚନା କରି ପରିସ୍ଥିତିର ସମୀକ୍ଷା କରିଥିଲେ। ଭାଜପା ପକ୍ଷରୁ ସେଠାରେ ଏକ ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରରୁ ଭାଜପା କର୍ମୀ ଓ ଲୋକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାହାଙ୍କ ଗସ୍ତକୁ ସଫଳ କରିବା ପାଇଁ ରାଜ୍ୟ ଭାଜପା ପକ୍ଷରୁ ପୂରା ଦମ୍ ଲଗାଯାଇଛି। ସହରର ବିଭିନ୍ନ ଛକ ଓ ଗଳିକନ୍ଦିରେ ଶାହାଙ୍କ ହୋର୍ଡିଂ ଲଗାଯାଇଛି। ବିମାନବନ୍ଦରଠାରୁ ଆରମ୍ଭ କରି ଶିଶୁ ଭବନ ଛକ, ରାଜମହଲ, ଏଜି, ରାଜଭବନ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ବାଣୀବିହାର, କଳିଙ୍ଗ ହସ୍ପିଟାଲ ଓ ମାଷ୍ଟରକ୍ୟାଣ୍ଟିନ ଆଦି ବିଭିନ୍ନ ସ୍ଥାନ ହୋର୍ଡିଂ ଓ ଦଳୀୟ ପତାକାରେ ଛାଇ ଯାଇଛି। ସିଏଏକୁ ନେଇ ଦେଶବ୍ୟାପୀ ବିରୋଧ ହେଉଥିବାରୁ ଭାଜପା ପକ୍ଷରୁ ଆୟୋଜିତ ଏହି ବୈଠକରେ ଶାହା ଉକ୍ତ ଆଇନ ସପକ୍ଷରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେବେ। ଏହି ଆଇନ ବିଷୟରେ ଲୋକମାନଙ୍କୁ ବୁଝାଇବା ପାଇଁ ଦଳୀୟ କର୍ମୀ ଓ ନେତାଙ୍କୁ ଗୁରୁବାଣୀ ଦେବେ ବୋଲି କୁହାଯାଉଛି। ପରେ ସନ୍ଧ୍ୟାରେ ଅନୁଷ୍ଠିତ ଦଳୀୟ କର୍ମକର୍ତ୍ତା ବୈଠକରେ ଆଗାମୀ ରଣନୀତି ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ମରାମତି କାର୍ଯ୍ୟ ପାଇଁ ବାତିଲ ହେବ ଟ୍ରେନ୍ ସେବା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ପୂର୍ବତଟ ରେଳପଥର ବିଭିନ୍ନ ସ୍ଥାନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଲାଗି କେତେକ ପାସେଞ୍ଜର ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ଆଉ କେତେକ ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି। ସୂଚନା ମୁତାବକ, ସମ୍ବଲପୁର-ଜୁନାଗଡ଼ ରୋଡ୍-ସମ୍ବଲପୁର ପାସେଞ୍ଜର ସମ୍ବଲପୁରଠାରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏବଂ ଜୁନାଗଡ଼ ରୋଡ୍‌ଠାରୁ ଫେବୃୟାରୀ ୨୮ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ସେହିଭଳି କଟକ-ପାରାଦୀପ-କଟକ ପାସେଞ୍ଜର ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାତିଲ ରହିବ। ଏହାବ୍ୟତୀତ ଭଦ୍ରକ-କଟକ-ଭଦ୍ରକ ମେମୁ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୭ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ବେଳେ ଦୁର୍ଗ-ବିଶାଖାପାଟଣା-ଦୁର୍ଗ ପାସେଞ୍ଜର ଉଭୟ ପାର୍ଶ୍ୱରୁ ଫେବୃୟାରୀ ୨୮ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପକ୍ଷରେ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଉଭୟ ସମ୍ବଲପୁର ଓ ରାୟଗଡ଼ାରୁ ଫେବୃୟାରୀ ୨୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଟିଟିଲାଗଡ଼ ଓ ରାୟଗଡ଼ା ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ସେହିଭଳି ରାଇପୁର-ଜୁନାଗଡ଼ ରୋଡ୍-ରାଇପୁର ପାସେଞ୍ଜର ରାଇପୁରଠାରୁ ଫେବୃୟାରୀ ୨୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଏବଂ ଜୁନାଗଡ଼ ରୋଡ୍‌ରୁ ମାର୍ଚ୍ଚ ୧ ରୁ ୩ ପର୍ଯ୍ୟନ୍ତ ଟିଟିଲାଗଡ଼ ଓ ଜୁନାଗଡ଼ ରୋଡ୍ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ ରହିବ।


Greet TECHNOLOGIES — Walk-in Interview — Tally POWER OF SIMPLICITY

**Accounting & Taxation job in BANGALORE**

**Qualification**: Any Graduation / Post Graduation Minimum 55% Average marks in 10th Std,12th Std & Graduation

Candidates awaiting their degree exam results are welcome.

**Fluency in English & Hindi Compulsory**

**Salary: Take home of Rs.15,000/- onwards.**

Candidates will be arranged with PG Accommodation in Bangalore as well as tickets to travel to Bangalore if selected.

**Walk-in for an interview with all your Credentials on 29th Feb & 1st March, 2020**

**Contact** : +91 9845002671
**E-mail** : shambu@greettech.com

**Venue and Time**

**Tally Solutions Pvt. Ltd., R K Enclave, A-155, 1st floor, Saheed Nagar, Bhubaneswar- 751007 Odisha2020 between 9 am to 4 pm**

PS: Along with resume, please carry original documents, Of 10th, 12th, Degree and PG Certificates (where-ever applicable), Address proof (preferably Aadhar Card, Voter ID)






World leading brands from the House of Hero

Splendor+ | Super Splendor | iSmart+ | Passion XPro | Glamour | HF Deluxe | Maestro Edge 125 | Pleasure+ | Duet | Destini 125 | Xpulse 200T | Xpulse 200 | Xtreme 200R | Xtreme 200S

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Limited, The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Bonus of ₹3000/- on all BS IV Scooter models in Central, East & North Zones till 29th Feb'20 or till stock lasts, whichever is earlier. **Exchange or Loyalty Bonus of ₹5000/- on purchase of all BS IV Scooter models in Central, East & North Zones till 29th Feb'20 or till stock lasts, whichever is earlier. Schemes are applicable only on BS IV scooters. Schemes cannot be clubbed together. Hero MotoCorp reserves the right to modify / alter / withdraw offers without any prior intimation. #Finance scheme is at the sole discretion of the Financier & subject to its respective T&Cs. Finance schemes cannot be clubbed together. For details, please contact your nearest Authorized Hero outlet.

HeroMotoCorpIndia | @HeroMotoCorp | HeroMotoCorpLimited | TheHeroMotoCorp | heromotocorp.com

**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799766329; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

WT.5070.2020ODI

**କିଛି ତଥ୍ୟ**

ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କାର୍ଯ୍ୟ ଆରମ୍ଭ କରିବାର ୨ ବର୍ଷ ମଧ୍ୟରେ ୨ କୋଟି ଗ୍ରାହକଙ୍କ ନିକଟରେ ପହଞ୍ଚି ପାରିଛି।
– ଆଇପିପିବି

**ଆଜିର ମନ୍ତବ୍ୟ**

"ରବିଶଙ୍କର ପ୍ରସାଦ ଦେଶର ସବୁଠାରୁ ବଡ଼ ଆଇନବିହୀନ ମନ୍ତ୍ରୀ। ସମ୍ବିଧାନ ଓ ଆଇନ ସମ୍ପର୍କରେ ତାଙ୍କର ଜ୍ଞାନ କମ୍।
– ରଣଦୀପ ସିଂ ସୁର୍‌ଜେୱାଲା, କଂଗ୍ରେସ ମୁଖପାତ୍ର

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଲିଭା
ପରିବାରବର୍ଗ


ସୌଜନ୍ୟା
ପରିବାରବର୍ଗ


ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଗୁଗଲ୍ ଟ୍ରାନ୍ସଲେଟରରେ...

ନୂତନ ଭାଷା ଯୋଡ଼ାଯିବା ପରେ ଗୁଗଲ୍ ଟ୍ରାନ୍ସଲେଟର୍ ଭାଷା ସଂଖ୍ୟା ଏବେ ୧୦୮ରେ ପହଞ୍ଚିଛି। ଗୁଗଲ୍ ଟ୍ରାନ୍ସଲେଟର୍‌ରେ ଓଡ଼ିଆ ଯୋଡ଼ିହେବା ଦ୍ୱାରା ଇଂଲିଶରୁ ହିନ୍ଦୀ, ବଙ୍ଗଳା, ତାମିଲ ଏବଂ ଅନ୍ୟ ଭାରତୀୟ ଭାଷାକୁ ଅନୁବାଦ ଭଳି ଓଡ଼ିଆରେ ମଧ ବିଭିନ୍ନ ଶବ୍ଦ ଓ ବାକ୍ୟ ଅନୁବାଦ କରାଯାଇପାରିବ। ବର୍ତ୍ତମାନ ଏହାକୁ ନେଇ ପରୀକ୍ଷା ନିରୀକ୍ଷା ଜାରି ରହିଥିବାରୁ ଆଗାମୀ କିଛିଦିନରେ ଏହା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ହେବ। ତେବେ 'ବେଟା ଭର୍ସନ୍' ଆସିଥିବାରୁ ସମସ୍ତ ଭାଷାରେ ବ୍ୟବହାରକାରୀ ଟ୍ରାନ୍ସଲେଶନ୍ ବ୍ୟବସ୍ଥାର ସୁଯୋଗ ନେଇପାରିବେ। ସେହିଭଳି ସମସ୍ତ ଭାଷା ଟେକ୍ସଟ୍ ଏବଂ ୱେବ୍‌ସାଇଟ୍ ଟ୍ରାନ୍ସଲେଶନକୁ ସପୋର୍ଟ କରୁଥିବାବେଳେ ବର୍ତ୍ତମାନ କେବଳ କିନ୍ୟାରୱାଣ୍ଡା, ଟାଟାର ଏବଂ ଉଇଘୁର୍ ଭାଷା ପାଇଁ ଭର୍ଚୁଆଲ୍ କି-ବୋର୍ଡ ଇନ୍‌ପୁଟ୍ ବ୍ୟବସ୍ଥା ରହିଛି। ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିବାବେଳେ ଏହା ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ବ୍ୟବହୃତ ହୋଇଥାଏ। ହେଲେ ବ୍ୟାପକ ୱେବ୍ କଣ୍ଟେଣ୍ଟର ଅଭାବ ଯୋଗୁ ଓଡ଼ିଆକୁ ଗୁଗଲ୍ ଟ୍ରାନ୍ସଲେଟର୍‌ରେ ସାମିଲ କରିବାରେ ବିଳମ୍ବ ହେଉଥିଲା। ଗୁଗଲ୍‌ର ମେଶିନ୍ ଲର୍ନିଂ ଟେକ୍ନୋଲୋଜି ସହାୟତାରେ ଏବଂ ଗୁଗଲ ଟ୍ରାନ୍ସଲେଟ୍ କମ୍ୟୁନିଟିର ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଥିବା ଗୁଗଲ୍ ପକ୍ଷରୁ କୁହାଯାଇଛି।

### ୧୯ ଦିନର...

ପଚରାଉଚରା କରିଥିଲା। ଦିନତମାମ କସରତ ପରେ ଶେଷରେ ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆରୁ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ କିଣିଥିବା ଏକ ଦମ୍ପତିଙ୍କୁ ମଧ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଏହି ଘଟଣାକୁ ନେଇ ପୋଲିସ ଓ ଚାଇଲ୍ଡ ଲାଇନ୍‌କୁ ନାକେଦମ୍ ହେବାକୁ ପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଶିଶୁପୁତ୍ରର ବାପା ଓ ମା' ଦିନମଜୁରିଆ ଭାବେ କାର୍ଯ୍ୟ କରନ୍ତି। ବାପା ଦୁଇଜଣଙ୍କୁ ବିବାହ କରିଛନ୍ତି। ଶିଶୁକୁ ବିକ୍ରି କରିଥିବା ମହିଳା ହେଉଛନ୍ତି ପ୍ରଥମ ସ୍ତ୍ରୀ। ପୂର୍ବରୁ ତାଙ୍କର ୪ ପିଲା ଥିବାବେଳେ ୧୯ଦିନ ତଳେ ଆଉଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କର ମଧ ୨ ପିଲା ଅଛନ୍ତି। ସବୁବେଳେ ପରିବାରରେ ଅଭାବ ସହ ଅଶାନ୍ତି ଲାଗି ରୁହେ। ଯେତିକି ମଜୁରି ପାଆନ୍ତି ତାହା ପିଲାଙ୍କ ପାଇଁ ନିଅଣ୍ଟ ହୁଏ। ସବୁବେଳେ ଅର୍ଥ ଚିନ୍ତାରେ ରହୁଥିବା ପ୍ରଥମ ସ୍ତ୍ରୀ ପଞ୍ଚମ ପିଲା ଜନ୍ମ କରିବା ପୂର୍ବରୁ ନିୟମିତ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ଚିକିତ୍ସା କରିଥାନ୍ତି। ଶିଶୁକୁ ଲାଳନପାଳନ କରିପାରିବେ ନାହିଁ ବୋଲି ସେ ସମ୍ପୃକ୍ତ ଆଶାକର୍ମୀଙ୍କୁ କହିଥିଲେ। ଏପିରି କି ଶିଶୁକୁ ବିକ୍ରି କରିଦେବେ ବୋଲି ଜଣାଇବା ସହ ଗ୍ରାହକ ଖୋଜିବାକୁ ମହିଳା ଜଣକ ଆଶାକର୍ମୀଙ୍କୁ କହିଥିଲେ। ପିଲା ନ ଥିବା ଏକ ଦମ୍ପତିଙ୍କୁ ଆଶାକର୍ମୀ ଜଣକ ଖୋଜି ପାଇବା ସହ ସେମାନଙ୍କ ସହ ଏନେଇ କଥାବାର୍ତ୍ତା ଶେଷ କରିଥିଲେ। ଶିଶୁପୁତ୍ର ଜନ୍ମ ହେବା ପରେ ଟଙ୍କା ଦେଣନେଣ ସ୍ଥିର ହୋଇଥିଲା। ଏନେଇ ଶିଶୁପୁତ୍ରର ମା'ବାପା ଓ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଏକ କୋର୍ଟ ପେପରରେ ଚୁକ୍ତି ହୋଇଥିଲା। ଏଥିରେ ଆଶାକର୍ମୀ ଓ ଅନ୍ୟ ୩ଜଣ ସାକ୍ଷୀ ରହିଥିଲେ। ଏଥିପାଇଁ ନଗଦ ଟଙ୍କା ଦିଆନିଆ ହୋଇଥିଲା। ଗତ ଶନିବାର ମହିଳା ଜଣକ ନିଜର ୧୯ ଦିନର ଶିଶୁପୁତ୍ରକୁ ଟଙ୍କା ବଦଳରେ ଉକ୍ତ ଦମ୍ପତିଙ୍କ ହାତକୁ ଟେକି ଦେଇଥିଲେ। ବସ୍ତିରେ ରହୁଥିବା ଅନ୍ୟ ଲୋକମାନେ ମହିଳାଙ୍କର ଶିଶୁପୁତ୍ର ହୋଇଥିବା ଦେଖିଥିଲେ। କିନ୍ତୁ ଶନିବାରଠାରୁ ଶିଶୁଟି ତାଙ୍କ ଘରେ ନ ଥିବା ଦେଖି ସେମାନେ ତାଙ୍କ ମା'ଙ୍କୁ ପଚାରିଥିଲେ। ହେଲେ ଶିଶୁଟି ମରିଗଲା ବୋଲି ମହିଳାଜଣକ ଉତ୍ତର ଦେଇଥିଲେ। ସନ୍ଦେହ ହେବାରୁ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ଚାଇଲ୍ଡ ଲାଇନ୍‌କୁ ଏ ସମ୍ପର୍କରେ ଜଣାଇଥିଲେ। ଚାଇଲ୍ଡ ଲାଇନ ଓ ଖଣ୍ଡଗିରି ପୋଲିସ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଶିଶୁପୁତ୍ରକୁ ୧୦ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ହେଲେ କିଣିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସେ କିଛି କହି ନ ଥିଲେ। ଏପଟେ ବାପା ଏ ସମ୍ପର୍କରେ କିଛି ବି ଜାଣି ନ ଥିବା ଓ ତାଙ୍କ ଅଜାଣତରେ ମା' ଶିଶୁପୁତ୍ରକୁ ବିକ୍ରି କରିଥିବା ପୋଲିସକୁ କହିଥିଲେ। ଉଭୟ ବାରମ୍ବାର କଥା ବଦଳାଇବାରୁ ପୋଲିସ ଓ ଚାଇଲ୍ଡ ଲାଇନ୍ ଅଡୁଆରେ ପଡିଥିଲା। ଅନ୍ୟପକ୍ଷରେ ଶିଶୁପୁତ୍ରକୁ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ସ୍ଥାନୀୟ ଲୋକେ କହିବା ସହ ସମସ୍ତ ସୂଚନା ପୋଲିସକୁ ଦେଇଥିଲେ। ବିଭିନ୍ନ ସୂଚନାକୁ ଆଧାର କରି ପୋଲିସ ଓ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ଶିଶୁପୁତ୍ରଙ୍କୁ ଶେଷରେ ଉଦ୍ଧାର କରିବାରେ ସଫଳ ହୋଇଥିଲେ।

ଏନେଇ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି, କିଶୋର ନ୍ୟାୟ ଆଇନ ୨୦୧୫ ଧାରା ୮୧ ଅନୁସାରେ ଯିଏ ଶିଶୁଙ୍କୁ ବିକ୍ରି କରୁଛନ୍ତି ଏବଂ ଯିଏ କିଣିଛନ୍ତି ସେମାନଙ୍କ ବିରୋଧରେ ୫ ବର୍ଷ କାରଦାଣ୍ଡ ବ୍ୟବସ୍ଥା ରହିଛି। ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ମା'ର ବୟାନ ଆଧାରରେ ଶିଶୁପୁତ୍ରକୁ ଉଦ୍ଧାର କରିବା ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇ ଚିକିତ୍ସା ଚାଲିଛି। ଚାଇଲ୍ଡ ଲାଇନ୍‌ର ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି। ଶିଶୁପୁତ୍ରକୁ ବିକ୍ରି କରିଥିବା ମା', କିଣିଥିବା ଦମ୍ପତି ଓ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।

### ଆଜି ପୂର୍ବାଞ୍ଚଳ...

କରିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଦୁଇଜଣ କ୍ୟାବିନେଟ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସମ୍ପୃକ୍ତ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବେ।

ବୈଠକରେ ଓଡ଼ିଶା ସରକାର କୋଇଲା ରୟାଲ୍‌ଟି ବୃଦ୍ଧି, ଆନ୍ତଃ ରାଜ୍ୟ ଜଳ ସମସ୍ୟା, ବିଦ୍ୟୁତ୍ ବଣ୍ଟନ ସମସ୍ୟା, କୋଇଲା ଖଣି ଚାଲୁ କରିବା, ରେଳ ପ୍ରକଳ୍ପ ପାଇଁ ଜମି ଓ ଜଙ୍ଗଲ ଅନୁମତି, ବିଭିନ୍ନ ଅପରାଧର ତଦନ୍ତ, ବାଂଲାଦେଶକୁ ହେଉଥିବା ଗୋଚାଲଣ, ରାଜ୍ୟର ବିଭିନ୍ନ ଅନୁନ୍ନତ ଅଞ୍ଚଳରେ ଟେଲିଫୋନ୍ ଟାୱାର ଓ ବ୍ୟାଙ୍କ ଶାଖା ଖୋଲିବା ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବିଭିନ୍ନ ପେଟ୍ରୋଲିୟମ ପ୍ରକଳ୍ପ, କେନ୍ଦ୍ର ରାଜସ୍ୱରେ ରାଜ୍ୟ ଅଂଶଧନ, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ଅନୁଦାନ ଠିକ୍ ସମୟରେ ଦେବା ଆଦି ବିଷୟରେ ମଧ ଆଲୋଚନା ହେବ ବୋଲି ଜଣାପଡ଼ିଛି। ବୈଠକ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଯୋଗ ପାଇଁ ଏହି ବୈଠକ କରାଯାଇଥାଏ। ଶେଷଥର ଲାଗି ୨୦୧୮ ଅକ୍ଟୋବର ୧ରେ କୋଲ୍‌କାତାଠାରେ ପୂର୍ବାଞ୍ଚଳ ଜୋନ୍ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶ୍ରୀଚନ୍ଦ୍ର ଯୋଗୁ ଅର୍ଥଲାଭ, ପାରିବାରିକ ଉନ୍ନତି ହେବ କିନ୍ତୁ ଘାତଚନ୍ଦ୍ର ପ୍ରଭାବରେ ଯାତ୍ରାରେ କାର୍ଯ୍ୟହାନି ଓ ହଇରାଣ ହୋଇପାରନ୍ତି। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ବିତିବ।

**ବୃଷ** ଏକାଦଶରେ ଶୁକ୍ର ବନ୍ଧୁଙ୍କ ସହ ସଫଳ ଆଲୋଚନା ମଧ୍ୟରେ ମନ ଖୁସି ରହିବ। ସମସ୍ୟା ମଧ୍ୟରେ ଗତି କରି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିରର୍ଥକ ହେବନି। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** କୌଣସି ନୂତନ କାମ ଆରମ୍ଭ ପାଇଁ ପରିବାରରେ ଆଲୋଚନା କରିପାରନ୍ତି। ଆଜିର ଦିନଟି ମନ୍ଦ ହେବନି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ବିବାଦୀୟ ସ୍ଥିତି ସୃଷ୍ଟି କରି କାର୍ଯ୍ୟକୁ ସାମୟିକ ଅଟକାଇ ଦେଇପାରନ୍ତି। ଆପଣ ଅନ୍ୟମାନଙ୍କ ପାଇଁ ଯେଉଁ କାମ ସହଜରେ କରିଦେଇପାରିବେ ତାହା ନିଜପାଇଁ କରିପାରିବେ ନାହିଁ।

**କର୍କଟ** କ୍ରନିକ୍‌ରୋଗ ଜନିତ ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ରହିଥିଲେ ମଧ ପରିସ୍ଥିତିକୁ ସମ୍ଭାଳି ନେବେ। ପୂର୍ବ ନିର୍ଦ୍ଧାରିତ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବନ୍ଧୁଙ୍କ ସହାୟତାରେ ଧାର କରଜ,ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ପାଇପାରନ୍ତି।

**ସିଂହ** ଦିନଟିରେ ସ୍ୱାସ୍ଥ୍ୟଭଲ ରହିବ, ଅଭାବ ମଧ ରହିବନି କିମ୍ବା କାମ ମଧ ଅଟକିବନାହିଁ। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆତ୍ମୀୟମାନେ ପୂର୍ବବିବାଦକୁ ମନେପକାଇ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ଅନୁକୂଳ ଗ୍ରହ ପ୍ରଭାବରେ ଦୀର୍ଘଦିନର ଆଶା ପୂରଣ ହେବା ସାଙ୍ଗକୁ ମାନସିକ ସ୍ଥିତି ମଧ ଭଲ ରହିବ। କାର୍ଯ୍ୟଦକ୍ଷତା ଓ ନିୟମାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି।

**ତୁଳା** ଆଜି ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ ମାନସିକସ୍ଥିତି ଭଲ ରହିବ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ବ୍ୟକ୍ତିଗତ କ୍ଷେତ୍ରରେ ଉପକୃତ ହୋଇପାରନ୍ତି। ପାରସ୍ପରିକ ସ୍ନେହ, ସହାନୁଭୂତିରୁ ପାରିବାରିକ ସ୍ଥିତି ଭଲ ରହିବ।

**ବିଛା** ଶାରୀରିକ ସୁସ୍ଥତା ସାଙ୍ଗକୁ ମନ ଚାହୁଁଥିବା ଜିନିଷ ଲାଭକରି ଆନନ୍ଦ ଅନୁଭବ କରିବେ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ଏବଂ ଆଶାନୁଯାୟୀ ରୋଜଗାର ମଧ ଭଲ ହେବ। ପରୋକ୍ଷ ଶତ୍ରୁତା କାରଣରୁ ଅନୁରାଧା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଅଶାନ୍ତି ପରିସ୍ଥିତି ଉପୁଜିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ପାଇପାରିବେ। ପୂର୍ବାଷାଢ଼ା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ପରୋକ୍ଷ ସମାଲୋଚନାରୁ ବାଦ୍ ପଡିବେ ନାହିଁ। ନୂତନ ପ୍ରକଳ୍ପ ଆରମ୍ଭ, ନିର୍ମାଣାଧୀନ କାମ, କ୍ରୟବିକ୍ରୟ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** କୌଶଳପ୍ରୟୋଗ କରି କାର୍ଯ୍ୟସାଧନ କରିବାରେ ଆପଣଙ୍କ ଚେଷ୍ଟା ନିରର୍ଥକ ହେବନାହିଁ। ବନ୍ଧୁ ପରିଜନଙ୍କ ସହ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ପାରସ୍ପରିକ ଉତ୍ତମ ବୁଝାମଣାରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ମାତ୍ର ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ବିଶେଷ ଗୁରୁତର ନ ହେଲେ ମଧ କ୍ରନିକ୍ ରୋଗପୀଡ଼ା ଲାଗିରହିବ। ସରକାରୀ ସ୍ତରରୁ ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** ବିଭିନ୍ନ ପ୍ରକାରର ଅତୀତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସନ୍ଦେହ ବୃଦ୍ଧି କାରଣରୁ ପରିବାରରେ ମନାନ୍ତର ସୃଷ୍ଟି ଆଶଙ୍କା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଧାତୁ ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ କାର୍ଯ୍ୟ ସାଧିତ ହେବ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଶୁକ୍ରବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ୮ ।୩୦ମି. ଗତେ ଘ୧୦ ।୪୯ମି. ମଧ୍ୟେ ଅମୃତବେଳା। ଦିବା ଘ୭ ।୩୭ମି. ଗତେ ଘ୯ ।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୧୦ ।୩୨ମି. ଗତେ ଘ୧୧ ।୫୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/outrightରେ) ମିଳୁଅଛି। 9937025614, 7008390130.** D-68480

Bhubaneswar AMRI Hospital ପଛରେ 20' road Boundary, Electric, Supply Water ଥାଇ ନିଜର 60'x 48' ଘରବାରି ପଟ୍ଟାପ୍ଲଟ୍ ବିକ୍ରିହେବ। 9337383977. D-56663

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

**ଜଙ୍କିଆ ଥାନା ସମ୍ମୁଖରେ NHକୁ ଲାଗି ଘରବାରି plot ବିକ୍ରି ହେବ। 9437041063, 9938499755.** D-16840

ଭୁବନେଶ୍ୱର Amri Hospital ଠାରେ 30' ରାସ୍ତାଥାଇ BDA yellowzone plot 7894216209. D-68494

**ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547.** D-68489

4400 sqft. gharabari residential land for sale at Nayapalli, Bhubaneswar. Price - 1.63 Crore, Contact : 6370212755. D-69224

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

Two gunth sthitiban land near Garapur Hanuman Temple, Kendrapara for immediate sale. 9437013139. D-16920

**2400sqft. corner plot with boundary wall, electricity near Infocity-2 7008818121, 9938770157.** D-68493

30'road boundary, gharabari fully developed plot Gudiapokhari (KEC) 9937166932. D-68599

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69227

ଖୋର୍ଦ୍ଧାରେ ଘର ଓ ସ୍ଥିତିବାନ ଘରବାଡ଼ି ଜାଗା ବିକ୍ରିହେବ। ନବିନାବାଗ, ବଡଶଙ୍ଖ ପାଖ, ପଲା ହାଇସ୍କୁଲ ଓ **Medical** ପାଖରେ ମେନ୍‌ରୋଡ୍‌କୁ ଲାଗି। ଯୋଗାଯୋଗ: **8249030042, 9439921218.** D-16923

**A new premium triplex house, 6 bedrooms ready to move at Balianta (Bhubaneswar) project approved by HDFC and LIC @ 2200 per sqft. 7437998131.** D-68071

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Readymade 2BHK flat at Utkal Vatika, Jharapada canal road, Bhubaneswar with all amenities 5500/- sqft., 9437018423. D-68792

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**3BHK flat Vivekanandamarg, Nageswartangi, Bhubaneswar. Affordable price 55lacs, 9337288910, 9337292797.** D-67294

**GENERAL SALE**

ଭୁବନେଶ୍ୱରରେ ଏକ ଭଲ ଚାଲୁଥିବା Hardware and paint ଦୋକାନ ବିକ୍ରିହେବ: 9437001960, 8249490842. D-68672

**to-let**

3BHK flat with covered parking for 2 four wheelers, 2 AC, geysers and chimney near Khandagiri Square. Call: 9937235603. D-16919

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

**ACCOMMODATION**

**Wanted 3000 sqft. godown space for workshop in Mancheswar Industrial Estate Area, Bhubaneswar. Contact: 9938303321.** D-16926

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-16741

**healthcare**

Ayurvedic full body massage by ladies, gents therapist. 7008773793 D-60873

Sai herbal spa refresh your body with smart, expert therapist. 7608062524. D-69222

Newly open full body massage by ladies, gents therapist. 8018656899 D-60872

Monalisa Massage Club: All types body massage with hiprofile smart lady rooms service available- 9708545108. D-16879

Ayurvedic refreshment massage therapy refresh mind and body. Appointment: 7894855541. D-68598

**AFFIDAVIT**

Affidavit before Executive Magistrate Chatrapur, I Mamata Panigrahi W/o- Tushar Kanta Panigrahi, Vill/ Po- Bipulingi, Ps- Chatrapur, Ganjam changed my surname from Mahapatra to Panigrahi after marriage, Henceforth I shall be known as Mamata Panigrahi for all purposes. D-66634

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**LEGAL NOTICE**

In The Court of The II Additional Principal Judge Family Court, At Bangalore
M.C.NO. 2800/2019
Between:
Susanta Kumar Sahu
Petitioner
And:
Smt. Deeptimayee Dash
Respondent
NOTICE TO RESPONDENT

To:
Deeptimayee Dash, Aged about 30years, D/o: Shri Ramakrishna Dash, Teacher Residing at Khairaput, PO:Khairaput, PS: Mudulipada, District: Malkangiri, Odisha-764045

Whereas, the above named petitioner has filed the above petition against you for the relief of decree for divorce and for such other relief. The above case is posted on 30.03.2020. For your appearance. Hence you are hereby directed to appear before this Hon'ble II additional family court on the said date at 11.00 A.M. Either in person or through counsel duly instructed.

Failing which, the above case will be heard and determined in your absence placing you as ex-parte. Giving under my hand and seal of this court on this 25 day of feb 2020.

By order of the court
Sd/-
Family Court,
Bengaluru

Advocate for petitioner
Sunitha.M
Advocate, No.75,1st Floor, Opp:Yediyur Ganesha Temple, Jayanagar 6th block, Bengaluru-560070.
D-66635

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟଜିତ୍ (ମହାବୀର)**
ରାମେଶ୍ୱର ପାଟଣା, ଓଲ୍ଡ଼ଟାଉନ୍, ଖୋର୍ଦ୍ଧା
ତୁମ ୪ର୍ଥ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ମାଆ, ମାମୁ, ମାଇଁ, ମଉସା, ମାଉସୀ, ରୋଶନ୍, ରୋସ୍ନି, ଲିକି, ଦୀପୁ, ତପୁ, ଗୁଗୁ, ପ୍ରାଚୀ, ଗୁରୁମାଆ, ଲୁସି, ଚିଣ୍ଟୁ, ରିଣ୍ଟୁ।
ଧ-୧୬୯୧୬

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ଅଲିଭା ପ୍ରିୟଦର୍ଶିନୀ ମିଶ୍ର (ମିଷ୍ଟି)**
ବାପା: ବିକାଶ ମିଶ୍ର, ମାଆ: ଇପ୍ସିତା ମିଶ୍ର
ଗାଁ: ରାଏପାଲି, ଦେଓଗାଁ, ବଲାଙ୍ଗିର
ଆଜି ଚତୁର୍ଥ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଏବଂ ପ୍ରଭୁ ତୋତେ ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମ କାମନା।
-:ଶୁଭେଚ୍ଛା ସହ:-
ଦାଦା, ମାମା, ଅଜା, ଆଈ, ଝିଅ, ପିଉସା, ମାମୁ, ଭାଇ, ବଡ଼ବାପା, ବଡ଼ମାଆ ତଥା ମିଶ୍ର ପରିବାରବର୍ଗ।
ଧ-୧୬୯୨୮

**Birthday Wish**



**Sowjanya Patnaik**
As I sing Happy Birthday to you, it is you that puts the song in my heart and the music in my life-
**HAPPY BIRTHDAY TO YOU**
D-16929

**Aerospace Engineering ରେ Ph.D ଲାଭ**



ରାଜ୍ୟ କର୍ମଚାରୀ ବୀମା ଚିକିତ୍ସାଳୟରେ କାର୍ଯ୍ୟରତ ଚୌଦ୍ୱାର କପାଳେଶ୍ୱର ନିବାସୀ ବରିଷ୍ଠ ଡାକ୍ତର ଶରତ କୁମାର ସିଂହ ଓ ଶ୍ରୀମତୀ ମଧୁସ୍ମିତା ସିଂହଙ୍କ ପୁତ୍ର ସାର୍ଥକ ସମିତ ସିଂହ Aerospace Engineering ରେ ଗବେଷଣା କରି Ph.D ଉପାଧି ଲାଭ କରିଛନ୍ତି। ଡ.ସିଂହ I.I.T. Kanpur Aerospace Engineering prof. kiteyଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ, ତାଙ୍କର ସନ୍ଦର୍ଭ Influence of filler shape and Strain rate on the mechanical and failure characteristics of glass filled epoxy composites. ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବହୁ ବୈଜ୍ଞାନିକମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଅଛି। ତାଙ୍କର ଗବେଷଣା ମୁଖ୍ୟତଃ "Development of new method to characterise the strength of the object under high dynamic loading condition using laser induced stress wave and optical interferometer ପର୍ଯ୍ୟବସିତ ଯାହାକି ଅନ୍ତରୀକ୍ଷ ବିଜ୍ଞାନରେ ପ୍ରଥମ। ତାଙ୍କ ଦ୍ୱାରା ଲିଖିତ ନିବନ୍ଧ ସବୁ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଅଛି। ବର୍ତ୍ତମାନ ସେ ଡେନମାର୍କ ସରକାରଙ୍କ ଫେଲୋଶିପ୍ ପାଇ ଉଚ୍ଚତର ଗବେଷଣା ପାଇଁ ଆସନ୍ତା ମାସରେ ଡେନମାର୍କ ଯାତ୍ରା କରିବେ। ସେ କଟକ ବିଦ୍ୟାଧରପୁର ନିବାସୀ ଭାରତୀୟ ତୈଳ ନିଗମର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ନାୟକ ଏବଂ ଶ୍ରୀମତୀ ପ୍ରିୟଦର୍ଶିନୀ ନାୟକଙ୍କ ଜାମାତା ତଥା କଟକ ହଜାରୀ ଲେନ୍‌ର ବିଶିଷ୍ଟ ବ୍ୟକ୍ତି ଶ୍ରୀଯୁକ୍ତ ମିହିର କୁମାର ମହାପାତ୍ରଙ୍କ ଭଣଜା ଅଟନ୍ତି। ସେ ନିଜ କୃତିତ୍ୱର ଶ୍ରେୟ ପିତାମାତା, ଗୁରୁଜନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି।
ଧ-୧୬୯୨୧

**ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘରେ ଯୋଗ ଦେବେ ଓଡ଼ିଶା ବାଚସ୍ପତି**

ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘର ରାଜସ୍ଥାନ ଶାଖା ତତ୍ତ୍ୱାବଧାନରେ ଶନିବାର ସେଠାକାର ବିଧାନସଭାରେ 'ସମ୍ବିଧାନର ଦଶମ ଅନୁସୂଚିତ ଅନ୍ତର୍ଗତ ବାଚସ୍ପତିଙ୍କ ଭୂମିକା' ଶୀର୍ଷକ ଏକଦିବସୀୟ ଆଲୋଚନଚକ୍ର ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ଓଡ଼ିଶାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶୁକ୍ରବାର ରାଜସ୍ଥାନ ରାଜଧାନୀ ଜୟପୁର ଗସ୍ତ କରିବେ। ସେଠାରେ ଏମ୍‌ଏଲ୍‌ଏମାନଙ୍କୁ ସମ୍ବୋଧିତ କରି ସମ୍ବିଧାନର ଦଶମ ଅନୁସୂଚୀରେ ବାଚସ୍ପତିଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବେ।

**ମାର୍ଚ୍ଚ ୧ରୁ ଟ୍ରାଫିକ୍ ନିୟମ କଡ଼ା କଡ଼ି**




# ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଓଡ଼ିଶାକୁ ପ୍ରଥମ ପୁରସ୍କାର

ଭୁବନେଶ୍ୱର, ୨୭।୨

ଅଣୁ,କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିଭାଗ ଜାତୀୟ ସ୍ତରରେ ପ୍ରଥମ ପୁରସ୍କାର ଲାଭ କରିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରୀଙ୍କଠାରୁ ରାଜ୍ୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏହି ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ସଚିବ ଡ.ଅରୁଣ କୁମାର ପଣ୍ଡା, ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ଶାସନ ସଚିବ ଉଦୟ ନାରାୟଣ ଦାସ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ସରୋଜ କୁମାର ହୋତା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ରାଜ୍ୟରେ ଖଣିଜ ସମ୍ପଦ ଭଣ୍ଡାର ଯୋଗୁ ଏହା ଶିଳ୍ପ କ୍ଷେତ୍ରରେ ଏକ ବହୁଳ ସମ୍ଭାବନା ସୃଷ୍ଟି କରିଛି। ନାଲ୍‌କୋ, ରାଉରକେଲା ଇସ୍ପାତ କାରଖାନା, ଏନ୍‌ଟିପିସି ଭଳି ଅନେକ ବୃହତ୍ ଶିଳ୍ପ ରାଜ୍ୟରେ ଉପସ୍ଥିତି ଜାହିର କରିଛନ୍ତି। ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବିଭିନ୍ନ ସଂସ୍କାର ପ୍ରକ୍ରିୟା ଗ୍ରହଣ ଦ୍ୱାରା ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇପାରିଛନ୍ତି।




# ସନ୍ଦିଗ୍ଧ ନେଣଦେଣକୁ ନେଇ ଜୁଏଲର୍ସଙ୍କୁ ନୋଟିସ

ନୂଆଦିଲ୍ଲୀ, ୨୭।୨

- ୧୫ ହଜାରଙ୍କୁ ଡିମାଣ୍ଡ ନୋଟିସ ଜାରି
- ୫୦ ହଜାର କୋଟି ଟଙ୍କା ଆଦାୟ ହୋଇପାରେ
- ଚିନ୍ତାରେ ବ୍ୟବସାୟୀ

ବିମୁଦ୍ରୀକରଣ ସମୟରେ ସନ୍ଦିଗ୍ଧ ନେଣଦେଣ କରିଥିବା ଜୁଏଲର୍ସଙ୍କୁ ଆୟକର ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏହି ସମୟରେ ବ୍ୟାଙ୍କରେ ଅଚଳ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ଜମା କରିବା ନେଇ ଜୁଏଲର୍ସଙ୍କ ଲାଗି କୌଣସି କଟକଣା ରହି ନ ଥିଲା। ଏହି ସୁବିଧାର କେତେକ ଜୁଏଲର୍ସ ବେଆଇନ ଭାବେ ଫାଇଦା ନେଇଥିବା ବିଭାଗ ସନ୍ଦେହ କରିଛି। କଳାଟଙ୍କାକୁ ଧଳାରେ ପରିଣତ କରି କିଛି ଜୁଏଲର୍ସ ପ୍ରଚୁର ପରିମାଣର ଅର୍ଥ ରୋଜଗାର କରିଛନ୍ତି। ଏବେ ସେହି ଆୟ ଉପରେ ଜୁଏଲର୍ସ ସରକାରଙ୍କୁ ଟିକସ ପ୍ରଦାନ କରିବେ ବୋଲି ଜଣାପଡିଛି। ଜଣେ ଜୁଏଲର୍ସ ନାମ ଗୋପନ ରଖି କହିଛନ୍ତି ଯେ, ସେହି ସମୟରେ ଲୋକମାନେ କ୍ୟାଶ ଦେଇ ପ୍ରବଳ ସୁନା ଏବଂ ହୀରା ଗହଣା କ୍ରୟ କରୁଥିଲେ। ପୂର୍ବରୁ ୨ ସପ୍ତାହରେ ଯେତେ ପରିମାଣର ବିକ୍ରି ହେଉଥିଲା ବିମୁଦ୍ରୀକରଣ ବେଳେ ଦିନକର ବିକ୍ରି ପରିମାଣ ସମାନ ରହିଥିଲା।

ଗତ ୩ ମାସ ତଳେ ଆୟକର ବିଭାଗ ପକ୍ଷରୁ ଏକ ନୋଟିସ ଜାରି କରାଯିବା ସହ ସେହି ସମୟରେ ହୋଇଥିବା ଆୟ ଉପରେ ପ୍ରଶ୍ନ କରାଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ସେ ସମୟରେ ହୋଇଥିବା କ୍ରୟ କଳାଟଙ୍କାରେ ହୋଇଛି। ଜୁଏଲର୍ସ ଏହି ନୋଟିସ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି। ନିୟମ ମୁତାବକ ତାଙ୍କୁ ବିବାଦୀୟ ନେଣଦେଣ ଉପରେ ୨୦% ଅର୍ଥ ଦେବାକୁ ପଡିବ। ଯଦି ସେ ମାମଲା ହାରିଯାନ୍ତି ତେବେ ତାଙ୍କୁ ମୋଟା ଅର୍ଥ ଆୟକର ବିଭାଗକୁ ଗଣିବାକୁ ହେବ। ଏହାଦ୍ୱାରା ବାଣିଜ୍ୟ ବନ୍ଦ କରିବାକୁ ପଡ଼ିବ। ଏଭଳି ସ୍ଥିତିରେ କିଭଳି ନିଜର ରକ୍ଷା କରିବେ ବୋଲି ଜୁଏଲର୍ସ ଆଶଙ୍କା କରିଛନ୍ତି। ସାରା ଦେଶରେ ପ୍ରାୟ ୧୫,୦୦୦ ଜୁଏଲର୍ସଙ୍କୁ ଏହି ନୋଟିସ ମିଳିଥିବା ଇଣ୍ଡିଆନ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ ସମ୍ପାଦକ ସୁରେନ୍ଦ୍ର ମେହେଟା କହିଛନ୍ତି। ଆୟକର ବିଭାଗ ଜୁଏଲର୍ସଙ୍କଠାରୁ ପ୍ରାୟ ୫୦ ହଜାର କୋଟି ଟଙ୍କା ଆଦାୟ କରିବାକୁ ଚାହୁଁଥିବା ସେ ମତ ରଖିଛନ୍ତି। ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ଦ୍ୱାରା ଶିଳ୍ପ ଉପରେ ଗଭୀର ପ୍ରଭାବ ପଡିବ। ଯେଉଁମାନଙ୍କୁ ନୋଟିସ ମିଳିଛି ସେମାନଙ୍କୁ ବିବାଦୀୟ ଅର୍ଥର ୨୦% ଜମା କରିବାକୁ ହେବ ବୋଲି ସେ ମତ ରଖିଛନ୍ତି।

## ସମଲେଶ୍ୱରୀଙ୍କ ପୀଠରେ ଖୁବ୍‌ଶୀଘ୍ର ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ'

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଆଧ୍ୟାତ୍ମିକ ପର୍ଯ୍ୟଟନକୁ ଗୁରୁତ୍ୱ ଦେଇ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟରେ ଥିବା ପ୍ରମୁଖ ଧାର୍ମିକ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯାଇଛି। ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରେ ସମ୍ବଲପୁରର ମା' ସମଲେଶ୍ୱରୀଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଦିଗରେ ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ଏଠାରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ ଶୋ' ବ୍ୟବସ୍ଥା ଆରମ୍ଭ କରିବାକୁ ସ୍ଥିର ହୋଇଥିବାବେଳେ ଏହାର ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଅଧାଅଧି ହେଲାଣି। ଏନେଇ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି।

ଓଟିଡିସି ଦ୍ୱାରା ହେବାକୁ ଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଏହି ପ୍ରମୁଖ ମନ୍ଦିର ଏବଂ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମାହାତ୍ମ୍ୟ ବିଷୟରେ ପର୍ଯ୍ୟଟକମାନେ ଅବଗତ ହୋଇପାରିବେ। ଏଥିଲାଗି ୮ କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ କୋଣାର୍କରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ବ୍ୟବସ୍ଥା କରିଥିବା ଟ୍ରାଇକଲର୍ ସଂସ୍ଥା ଏହାର ଦାୟିତ୍ୱ ନେଇଛି। ବର୍ତ୍ତମାନ ଶୋ' ପାଇଁ ସ୍କ୍ରିପ୍ଟ ତଥା କାହାଣୀ ଲେଖିବା କାମ ଚାଲିଛି। ଜିଲାସ୍ତରରେ ଏକ କମିଟି ଗଠନ କରାଯାଇ କାହାଣୀ ପ୍ରସ୍ତୁତି ହେଉଛି। ତାହା ଯେତେଶୀଘ୍ର ସରିବ ସେତେଶୀଘ୍ର ଶୋ'ର ଶୁଭାରମ୍ଭ ହେବ। ଓଡ଼ିଆ, ସମ୍ବଲପୁରୀ ସମେତ ହିନ୍ଦୀ ଓ ଇଂଲିଶ ଭାଷାରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଶୋ' ପ୍ରଦର୍ଶିତ ହେବ। ଶବ୍ଦ ଓ ଆଲୋକର ଖେଳରେ ଐତିହ୍ୟ, କିମ୍ବଦନ୍ତୀର ଗାଥା ଦେଖିବାକୁ ମିଳିବ ବୋଲି ମିଶ୍ର କହିଛନ୍ତି।






ଓଡ଼ିଶା ସରକାର



# ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଚଳିତ ରବି ଋତୁ (KMS 2019-20) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ ଲ୍ୟାମ୍ପସ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ(ସଂକ୍ଷେପରେ, ସମିତି)ରେ ଆଗୁଆ ଅନଲାଇନ୍ ପଞ୍ଜିକରଣ କରିବା ଆବଶ୍ୟକ। ରବି ଧାନ ସଂଗ୍ରହ ତା.1.5.2020 ରୁ ତା.30.6.2020 ମଧ୍ୟରେ ହେବ।

**ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ**

- ଖରିଫ ଋତୁ (KMS 2019-20) ଧାନ ସଂଗ୍ରହ ନିମନ୍ତେ ପଞ୍ଜିକୃତ ଚାଷୀମାନେ କେବଳ ସେମାନଙ୍କ ଜମି ସମ୍ବନ୍ଧୀୟ ତଥ୍ୟର ନବୀକରଣ କରି ରବି ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.3.2020 ରୁ ତା. 15.3.2020 ମଧ୍ୟରେ ମିଳିବ। ସମିତି ସମ୍ପାଦକ www.foododihsa.in ପୋର୍ଟାଲରେ Login କରି Farmer Registration linkରେ ଥିବା "Renewal Form for 2020 Rabi Farmers" tabରୁ download କରି ଏହା print କରିବେ।
- ଖରିଫ ଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ।
- ଯଦି ଚାଷୀ ଜମି ବାବଦ ତଥ୍ୟରେ ପରିବର୍ତ୍ତନ କରିବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ।

**ନୂତନ ଚାଷୀଙ୍କ ପଞ୍ଜିକରଣ**

- ଯେଉଁ ଚାଷୀମାନେ ଖରିଫ 2019-20 ଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ। ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଖାତା ଏବଂ ଜଳସେଚିତ ଜମି ସଂକ୍ରାନ୍ତୀୟ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ।

**ପଞ୍ଜୀକୃତ ତଥ୍ୟ ବାବଦରେ ଆପତ୍ତି ଗ୍ରହଣ**

ତା. 7.4.2020ରୁ ତା. 15.4.2020 ମଧ୍ୟରେ ଯେ କୌଣସି ପଞ୍ଜିକୃତ ଚାଷୀ ବା ସାଧାରଣ ନାଗରିକ ପଞ୍ଜିକୃତ ତଥ୍ୟ ସମ୍ବନ୍ଧରେ ତାଙ୍କର ଆପତ୍ତି ଦାଖଲ କରିପାରିବେ। ଏହି ଆପତ୍ତି ପତ୍ର ପଞ୍ଜିକରଣ ଦାୟିତ୍ୱ ସମ୍ପାଦନ କରୁଥିବା ସମିତି/ ଗୋଷ୍ଠୀ ଆଦିଙ୍କ କାର୍ଯ୍ୟାଳୟ/ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ତଥା କଣ୍ଟ୍ରୋଲ ଦୋକାନରେ ଦାଖଲ କରି ହେବ। ପଞ୍ଜିକୃତ ଚାଷୀ ଓ ଚାଷ ଜମିର ପରିମାଣ ବାବଦ ତଥ୍ୟ ଏହି ସବୁ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପର୍ଯ୍ୟାୟ କ୍ରମେ ପ୍ରକାଶିତ ହେବ।

**ଚାଷୀମାନଙ୍କର ଦାୟିତ୍ୱ**

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ଚାଷୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ପ୍ରଦାନ କରିବେ। ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.1.3.2020 ରୁ ତା. 7.4.2020 ମଧ୍ୟରେ ଦାଖଲ କରିବେ।
- ନବୀକରଣ ସମୟରେ ପୂର୍ବରୁ ପଞ୍ଜିକୃତ ଜମି ବାବଦ ତଥ୍ୟ ବାବଦରେ ପରିବର୍ତ୍ତନ ହେଉଥିଲେ ତାହା ଫର୍ମର ଚତୁର୍ଥ ଭାଗରେ ଉଲ୍ଲେଖ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।

**ସମିତିମାନଙ୍କର ଦାୟିତ୍ୱ**

- ଖରିଫରେ ପଞ୍ଜିକୃତ ଚାଷୀମାନଙ୍କ ପାଇଁ ନବୀକରଣ ଫର୍ମ ପ୍ରିଣ୍ଟ କରି ସେମାନଙ୍କୁ ତୁରନ୍ତ ପ୍ରଦାନ କରିବେ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମରେ ପ୍ରଦତ୍ତ ନୂତନ ତଥ୍ୟ ଏବଂ ପଞ୍ଜିକରଣ ଫର୍ମରେ ପ୍ରଦତ୍ତ ସମସ୍ତ ତଥ୍ୟକୁ ତା.1.3.2020 ରୁ ତା.10.4.2020 ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ। ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ୍ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।
- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି- ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ।

-ଶ୍ରୀମା

# ମିଳିଲା କ'ଣ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇଦିନିଆ ଭାରତ ଗସ୍ତ ସାରି ମଙ୍ଗଳବାର ଆମେରିକା ବାହୁଡ଼ିଯାଇଛନ୍ତି। କିନ୍ତୁ ତାଙ୍କର ଏହି ଗସ୍ତରୁ ଆମେ ପାଇଲୁ କ'ଣ ? ଏହା ଏକ ଉପଯୁକ୍ତ ପ୍ରଶ୍ନ ଯାହା ଉପରେ ଆମେ ଚିନ୍ତା କରିବା ଉଚିତ। ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ଗସ୍ତରୁ ଆମକୁ ସେମିତି କିଛି ମିଳିନାହିଁ। କିଛି ମିଳିବ ବୋଲି ଆଶା ବି କରାଯାଉ ନ ଥିଲା। ୩ ବିଲିୟନ ଡଲାର ମୂଲ୍ୟର ସାମରିକ ଚୁକ୍ତି କେବଳ ଏକ ବାହାନା। କାରଣ, ଏ ବିଷୟରେ ତ ଆଗରୁ କଥାବାର୍ତ୍ତା ସରିଥିଲା। ସେଥିପାଇଁ ଆମେରିକା ରାଷ୍ଟ୍ରପତି ୮୦୦୦ ମାଇଲ ଉଡ଼ିକରି ଆସିବା କି ଦରକାର ଥିଲା ? ଅଳ୍ପକିଛି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ସତ, କିନ୍ତୁ ସେଥିପାଇଁ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ-ସ୍ତରୀୟ ତତ୍ପରତାର ଆବଶ୍ୟକତା ନ ଥିଲା। ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା କିପରି କେତେକ ବଡ଼ ଧରଣର ବାଣିଜ୍ୟିକ ଚୁକ୍ତିନାମାରେ ପହଞ୍ଚିବା ପାଇଁ ଉଭୟ ପକ୍ଷ କସରତ କରୁଛନ୍ତି। ଦୁଇ ଦେଶ ଭିତରେ ବାଣିଜ୍ୟ ଚୁକ୍ତି ଉପରେ ରାଜିନାମା ବିନା ଟ୍ରମ୍ପଙ୍କ ଗସ୍ତ ଫଳପ୍ରଦ ହେବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଏହି ପୃଷ୍ଠଭୂମିରେ ମୋଦି-ଟ୍ରମ୍ପ ବୈଠକରୁ ଆମକୁ ଅର୍ଥନୈତିକ ଦୃଷ୍ଟିରୁ କିଛି ଲାଭ ନ ମିଳିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେଣୁ କେତେକ ଗଣମାଧ୍ୟମ ଏହି ଗସ୍ତକୁ କେମିଷ୍ଟ୍ରି ଦୃଷ୍ଟିରୁ ବଡ଼ କରି ଦେଖାଇଲା ବେଳେ ଗଣିତ ଦୃଷ୍ଟିରୁ ନିକମା ବୋଲି ଦର୍ଶାଇବାରେ କିଛି ଭୁଲ୍ ନାହିଁ। ବ୍ୟବସାୟ ବାଣିଜ୍ୟ ବିଷୟରେ ଉଭୟ ନେତାଙ୍କର ବିଚକ୍ଷଣ ବୁଦ୍ଧି ଓ ଆଗ୍ରହକୁ ଦେଖି ସେମାନଙ୍କ ମଧ୍ୟରେ ବାଣିଜ୍ୟିକ କଥାବାର୍ତ୍ତାରୁ କିଛି ସଫଳତା ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେମିତି କିଛି ହେଲା ନାହିଁ। ଟ୍ରମ୍ପ କହିଲେ ଯେ, ଚଳିତ ବର୍ଷ ଶେଷ ଆଡ଼କୁ କିଛି ବଡ଼ ଧରଣର ବାଣିଜ୍ୟିକ ଚୁକ୍ତି ହେବା ଆଶା କରାଯାଉଛି। ଉଭୟ ଦେଶ ଉଭୟଙ୍କଠାରୁ ଅନେକ କିଛି ଆଶା କରନ୍ତି। ଭାରତ ଚାହୁଁଛି ଆମେରିକା କିଛି ବାଣିଜ୍ୟିକ ପ୍ରତିବନ୍ଧକ ହଟାଇଦେଉ ଏବଂ ଭାରତକୁ ଆଗରୁ ଯେଉଁ ସୁବିଧା ଦେଉଥିଲା ତାହା ବଳବତ୍ତର ରଖୁ। ଆମେରିକା ଚାହୁଁଛି ଭାରତ ଆମଦାନୀ ଶୁଳ୍କ କମ୍ କରୁ ଯାହା ଫଳରେ ଏହା ଭାରତକୁ ଅଧିକ ଦ୍ରବ୍ୟ ରପ୍ତାନି କରିପାରିବ। ଡିଜିଟାଲ ପେମେଣ୍ଟ, ଡାଟା ଲୋକାଲାଇଜେଶନ ଓ ଇ-କମର୍ସକୁ ନେଇ ମଧ୍ୟ ଦୁଇ ଦେଶ ମଧ୍ୟ କିଛି ବିବାଦ ରହିଛି। ଆଲୋଚନାରେ ଏଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲେ ବାଣିଜ୍ୟିକ ଚୁକ୍ତିନାମା ସଫଳ ହେବା ସହ ଅଧିକ ଶୁଳ୍କ ଲାଗୁ ହେବା ବନ୍ଦ ହୋଇପାରିଥାନ୍ତା ଏବଂ ବାଣିଜ୍ୟିକ ବିବାଦଗୁଡ଼ିକର ଅନ୍ତ ଘଟିପାରିଥାନ୍ତା।

## ଆଜିର ଅର୍ଥନୀତି

ଟ୍ରମ୍ପଙ୍କର ଏହି ଗସ୍ତ ଅଧିକ ବ୍ୟକ୍ତିଗତ କେମିଷ୍ଟ୍ରିକୁ ଦେଖାଇଥିବା ବେଳେ ଏଥିରୁ ବାସ୍ତବ ଫଳ ବହୁତ କମ୍ ମିଳିଛି। ତେବେ ଏହା ହିଁ ହେବ ବୋଲି ଆଶା କରାଯାଉଥିଲା। ଟ୍ରମ୍ପ ଆଗକୁ ପୁନଃନିର୍ବାଚନର ସମ୍ମୁଖୀନ ହେବାକୁ ଯାଉଥିବା ବେଳେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କର ସମର୍ଥନ ଆବଶ୍ୟକ କରୁଛନ୍ତି, ଯେଉଁମାନେ କ୍ରମଶଃ ଧନୀ ଓ ପ୍ରଭାବଶାଳୀ ହେବାରେ ଲାଗିଛନ୍ତି। ଆମେରିକାରେ ସଂଖ୍ୟାଧିକ ଭାରତୀୟ ଡେମୋକ୍ରାଟମାନଙ୍କୁ ସମର୍ଥନ କରନ୍ତି। ଗତବର୍ଷ ମୋଦି ହ୍ୟୁଷ୍ଟନ ଗସ୍ତ କରିଥିବା ବେଳେ ଟ୍ରମ୍ପ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିଶାଳ 'ହାଉଡ଼ି ମୋଦି' କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସେତେବେଳେ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଯେତେବେଳେ ଭାରତ ଗସ୍ତରେ ଆସିବେ ଏହାଠାରୁ ବି ବଡ଼ ଜନସମାବେଶରେ ତାଙ୍କୁ ସ୍ୱାଗତ କରାଯିବ। ଯଦିଚ ଗୁଜରାଟର ମୋଟେରାଠାରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଜନସମାବେଶ ମୋଦି ଦେଇଥିବା ପ୍ରତିଶ୍ରୁତି ଅନୁରୂପ ନ ଥିଲା, ତଥାପି ଅହମଦାବାଦଠାରେ ପ୍ରାଚୀରରୁ ପ୍ରାଚୀର ପରିପୂର୍ଣ୍ଣ ଜନମଣ୍ଡଳୀକୁ ଦେଖି ଟ୍ରମ୍ପ ଖୁବ୍ ଖୁସି ହୋଇଥିଲେ। ଟ୍ରମ୍ପ ତାଙ୍କ ଭାଷଣରେ ମୋଦିଙ୍କ ନେତୃତ୍ୱକୁ ଖୁବ୍ ପ୍ରଶଂସା କରିବା ସହ କଶ୍ମୀର ବା ନାଗରିକତ୍ୱ ସଂଶୋଧନ ଆଇନ ଉପରେ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ନ ଥିଲେ, ଯାହା ମୋଦିଙ୍କୁ ଅଡୁଆରେ ପକାଇଥାନ୍ତା।

ତା'ହେଲେ ଟ୍ରମ୍ପଙ୍କ ଏହି ଗସ୍ତର କ'ଣ କିଛି ବି ସୁଫଳ ନାହିଁ। ଅଛି ଅବଶ୍ୟ। ବାଣିଜ୍ୟିକ ପ୍ରସଙ୍ଗ ନେଇ ସେ ଭାରତ ଉପରେ ଅସନ୍ତୁଷ୍ଟ ଥିଲେ ମଧ୍ୟ ସେ ବିଷୟରେ ପଦଟିଏ ବି ଉଚ୍ଚାରଣ କରି ନ ଥିଲେ। ଉଚ୍ଚ ଆମଦାନୀ ଶୁଳ୍କକୁ ନେଇ ଭାରତ ଉପରେ ତାଙ୍କର ରାଗକୁ ସେ ନିୟନ୍ତ୍ରଣରେ ରଖିଥିଲେ। ଏଭଳି ମନୋଭାବ ସକାରାତ୍ମକ ଓ ଭବିଷ୍ୟତ ପାଇଁ ଆଶାଜନକ। ପ୍ରଥମ ପର୍ଯ୍ୟାୟ ରାଜିନାମାରେ ପହଞ୍ଚିବା ପାଇଁ ଉଭୟ ପକ୍ଷ ଅତ୍ୟନ୍ତ ଚାପ ଭିତରେ ଅଛନ୍ତି। କିନ୍ତୁ ମତପାର୍ଥକ୍ୟ ଏତେ ଚଉଡ଼ା ଯେ ତାକୁ ଯୋଡ଼ିବା ସହଜ ନୁହେଁ। ସମ୍ପର୍କର ଅର୍ଥନୈତିକ ସ୍ତମ୍ଭ ଦୋହଲୁଥିବା ବେଳେ ଟ୍ରମ୍ପଙ୍କ ଗସ୍ତ ସେ ସମ୍ପର୍କକୁ ଭାଙ୍ଗିଯିବାରୁ ରକ୍ଷା କରିଛି ବା ସେ ଦିଗରୁ କିଛିଟା ଆଶ୍ୱସ୍ତି ପ୍ରଦାନ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୃଢ଼ ରାଜନୈତିକ ସମର୍ଥନ ଥିବା ଦୁଇ ନେତାଙ୍କ ଉଚ୍ଚ ସ୍ତରର କେମିଷ୍ଟ୍ରି ଭିତରେ ମଧ୍ୟସ୍ଥମାନେ ଆଲୋଚନାରେ ଆଗକୁ ବଢ଼ି ଅଭୀପ୍ସିତ ବାଣିଜ୍ୟିକ ଚୁକ୍ତିନାମାକୁ ସଫଳ କରିବାର ଆଶା ଉଦ୍ରେକ ହୋଇଛି, ଯଦିଚ ତାହା ଏବେ ବି ଧୂମାଚ୍ଛନ୍ନ ରହିଛି।

# ବିଡ଼ମ୍ବିତ ଜୟନ୍ତୀ ପାଳନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ପୁସ୍ତକ 'ଚେଜିଂ ଦ ରେନ୍‌ବୋ'ରେ ଲିପିବଦ୍ଧ ତାଙ୍କର ବାଲ୍ୟକାଳର ଏକ ଗ୍ରାମ୍ୟ ସ୍ମୃତିରୁ ପ୍ରବନ୍ଧକୁ ଆରମ୍ଭ କରୁଛି। ସେ ଲେଖିଛନ୍ତି, ଆମ ଗାଁ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ କେହି ମଦ୍ୟପାନ କରୁ ନ ଥିଲେ। ସେତେବେଳେ ଗାଁରେ ଅନୁମତିପ୍ରାପ୍ତ କିମ୍ବା ବେଆଇନ ମଦଭାଟି ନ ଥିଲା। ମୁଁ ଗାଁ ଛାଡିବା ପର୍ଯ୍ୟନ୍ତ କେବଳ ଗୋଟିଏ ନାଟକରେ ଜଣେ ମଦ୍ୟପକୁ ଦେଖିଥିଲି। ସେତେବେଳେ ଏହା ଥିଲା ଗାଁର ଚିତ୍ର। ମାତ୍ର ଆଜି ଦୃଶ୍ୟପଟ ବଦଳିଯାଇଛି। କୌଣସି ଗାଁ ମଦମୁକ୍ତ ନୁହେଁ। ଗାଁମାନଙ୍କରେ ମଦର ବହୁଳ ପ୍ରସାର ହେବା ଦ୍ୱାରା ସରକାରଙ୍କ ରାଜସ୍ୱ ବଢିଛି। ଉଭୟ ଅନୁମତିପ୍ରାପ୍ତ ଓ ବେଆଇନ ମଦ ଦୋକାନର ସଂଖ୍ୟା ବଢିଛି। ମଦ୍ୟପାନ କରିବା ଆଭିଜାତ୍ୟର ପ୍ରତୀକ ଭାବରେ ଗଣା ହେଲାଣି। ମଦ୍ୟପାନରୁ ସୃଷ୍ଟି ହେଉଛି ପାରିବାରିକ କଳହ। ହତ୍ୟାକାଣ୍ଡ, ବଳାତ୍କାର, ଅପରାଧ, ନାରୀ ଓ ଶିଶୁ ନିର୍ଯାତନା, ଯାନବାହନ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ସଙ୍କଟ। ତା' ସତ୍ତ୍ୱେ ସରକାର ସଫଳ ମଦ ବିକ୍ରେତାମାନଙ୍କୁ ପୁରସ୍କାର ଦେବା ପାଇଁ ଚିନ୍ତା କରୁଛନ୍ତି। ଗତ ନଭେମ୍ବରରେ ମେଳା, ସାମାଜିକ ଉତ୍ସବ, ସେନା କ୍ୟାମ୍ପ ଇତ୍ୟାଦି ସ୍ଥାନରେ ମଦ ଉପଲବ୍ଧ କରିବା ପାଇଁ ଅବକାରୀ ବିଭାଗ ଆଗ୍ରହୀ ମଦ ବିକ୍ରେତାମାନଙ୍କୁ ଅସ୍ଥାୟୀ ଲାଇସେନ୍ସ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି। ପୁଣି ସେଥିରେ ଉଲ୍ଲେଖ ଅଛି ଯେ ଏହାଦ୍ୱାରା ଅବକାରୀ ନିୟମ ପାଳିତ ହେବା ସଙ୍ଗେ ସଙ୍ଗେ ରାଜ୍ୟର ରାଜସ୍ୱ ବଢିବ। ମୋଟ ଉପରେ କହିବାକୁ ଗଲେ ରାଜ୍ୟର ଉନ୍ନତି ପାଇଁ ଅର୍ଥର ଆବଶ୍ୟକତା ରହିଛି ଓ ସେହି ଅର୍ଥ ସହଜରେ ସଂଗ୍ରହ ହେବ ମଦ ବିକ୍ରୟରୁ। ଏଣୁ ସରକାର ମଦ ବିକ୍ରୟକୁ ପ୍ରୋତ୍ସାହନ ଦେବାକୁ ଚାହୁଁଛନ୍ତି।

ଅନ୍ୟପକ୍ଷରେ ଚଳିତବର୍ଷ ସରକାର ମହାତ୍ମା ଗାନ୍ଧୀଙ୍କ ଜନ୍ମର ଶହେ ପଚାଶ ବର୍ଷ ପୂର୍ତ୍ତି ସାରା ଦେଶରେ ବିପୁଳ ଉତ୍ସାହରେ ପାଳନ କରୁଛନ୍ତି। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଗାନ୍ଧୀ ବିଚାର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି। ଗାନ୍ଧୀବାଦ ଗବେଷକମାନେ ଅଭିଭାଷଣ ଦେଇ ନେତା ଓ ଜନତାଙ୍କୁ ଉଦ୍‌ବୁଦ୍ଧ କରିବାକୁ ଚେଷ୍ଟା କରୁଛନ୍ତି। ଅତିଥିମାନେ ଓ ନେତାମାନେ ଗାନ୍ଧୀଙ୍କ ଗଳାରେ ଫୁଲମାଳ ଦେଇ ସନ୍ଧ୍ୟାରେ ମଦରେ ଭୋଳ ରହୁଛନ୍ତି। ସାରା ଜୀବନ ସମାଜରୁ ନିଶା ନିବାରଣ କରିବା ପାଇଁ ଅଭିଯାନ ଚଳାଇଥିଲେ ଗାନ୍ଧୀ। ସ୍ୱର୍ଗରେ ଥାଇ ଦେଖିବା ସମ୍ଭବ ହେଉଥିଲେ ଆଜି ଏହି ତଥାକଥିତ ଗାନ୍ଧୀ ଭକ୍ତମାନଙ୍କ ବ୍ୟବହାର ଓ ଶାସନ କଳର ମଦ ପ୍ରୋତ୍ସାହନ ଯୋଜନା ଦେଖି ଗାନ୍ଧୀ ଅଶ୍ରୁପାତ କରୁଥାନ୍ତେ। ଯେଉଁ ଯୁକ୍ତିକୁ ଆଧାର କରି ନେତାମାନେ ଓ ସରକାର ମଦ ବ୍ୟବହାର ସପକ୍ଷରେ ମତ ଦେଉଛନ୍ତି ମହାତ୍ମା ଗାନ୍ଧୀଙ୍କ ମତ ସେ ସମ୍ପର୍କରେ କ'ଣ ଥିଲା ତାକୁ ଉଲ୍ଲେଖ କରିବା ହେଉଛି ଏହି ପ୍ରବନ୍ଧର ଲକ୍ଷ୍ୟ।

ଗୋଟିଏ ଯୁକ୍ତି ହେଲା ଯେଉଁମାନେ ସ୍ୱଇଚ୍ଛାରେ ମଦ ପିଇବାକୁ ଚାହୁଁଛନ୍ତି ସେମାନଙ୍କୁ ସେହି ସୁବିଧା ମିଳିବା ଉଚିତ। ମଦରୁ ରାଜସ୍ୱ ଆସୁଛି ଓ ତଦ୍ୱାରା ଜନହିତକର କାର୍ଯ୍ୟ କରାହେଉଛି। ଲାଇସେନ୍ସପ୍ରାପ୍ତ ଦୋକାନରେ ମଦ ବିକ୍ରି ନ ହେଲେ ଚୋରାମଦ କାରବାର ବଢିବ। ଏହି ପ୍ରସଙ୍ଗରେ ଗାନ୍ଧିଜୀ ୧୯୨୫ ମାର୍ଚ୍ଚ ୧ ତାରିଖର 'ନବ ଜୀବନ'ରେ ଲେଖିଥିଲେ ଯେ ମଦ୍ୟପାନ ଏକ ଅପରାଧ ଭାବେ ବିବେଚିତ ହେବା ଉଚିତ। କାରଣ ଯାହା ଜୀବନ ପାଇଁ କ୍ଷତିକାରକ, ତାର ପ୍ରସ୍ତୁତି ବା ବିକ୍ରି ପାଇଁ କୌଣସି ବ୍ୟକ୍ତିର ଅଧିକାର ନାହିଁ। କୌଣସି ବ୍ୟକ୍ତିକୁ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଯେପରି ଚୋରି କରିବା ପାଇଁ ଛାଡିଦିଆଯାଏ ନାହିଁ ସେହିପରି ମଦ ପ୍ରସ୍ତୁତି, ବିକ୍ରି ପାଇଁ ମଧ୍ୟ ସ୍ୱାଧୀନତା ଦିଆଯାଇ ନ ପାରେ। ଯେଉଁମାନେ ମଦ ପିଇବେ ସେମାନେ ଆଇନ ଉଲ୍ଲଂଘନ କରୁଛନ୍ତି ଓ ଆଇନ ଅନୁସାରେ ସେମାନେ ଦଣ୍ଡିତ ହେବା ଉଚିତ। ଗାନ୍ଧିଜୀ ପୁଣି କହିଥିଲେ ସ୍ୱାଧୀନତାର ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା। ଗୋଟିଏ ଉଦାହରଣ ଦେଇ ସେ କହିଥିଲେ ନିଜ ଜମିକୁ ଖୋଳିଦେବାର ଅଧିକାର ମାଲିକର ଥାଇପାରେ। ମାତ୍ର ସେ ଏଭଳି ଖୋଳିପାରିବ ନାହିଁ ଯାହାଦ୍ୱାରା ପଡୋଶୀ ଘରର ମୂଳଦୁଆ ଭୁସୁଡି ପଡିବ। ଯେଉଁମାନେ ମଦ ପିଅନ୍ତି ତା'ର କୁଫଳ ତା'ର ପରିବାର ଓ ପଡୋଶୀ ମଧ୍ୟ ଭୋଗ କରନ୍ତି।

କିଛି ଲୋକ ଯୁକ୍ତି କରନ୍ତି ମଦ ବିକ୍ରିରୁ ଯେଉଁ ରାଜସ୍ୱ ଆସୁଛି ସେଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି। ଅନେକ ସ୍କୁଲ କଲେଜ ଚାଲୁଛି। ଶିକ୍ଷାର ପ୍ରସାର ଘଟୁଛି। ମାତ୍ର ଗାନ୍ଧିଜୀ ୧୯୨୭ ମସିହାରେ ୟଙ୍ଗ ଇଣ୍ଡିଆରେ କହିଥିଲେ, ଭାରତରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ ଲକ୍ଷ ଲୋକ ମଦ୍ୟପ ହେବା ଅପେକ୍ଷା ଆମ ଦେଶ ନିଜ ପିଲାଙ୍କ ଶିକ୍ଷା ବାବଦ ବ୍ୟୟ ତୁଲାଇ କାଙ୍ଗାଳ ହୋଇଯିବା ବରଂ ଶ୍ରେୟସ୍କର। ପିଲାଙ୍କ ପାଠପଢା ଖର୍ଚ୍ଚ ସରକାର ଭରଣ କରିବା ପାଇଁ ଦେଶରେ ମଦୁଆଙ୍କ ସଂଖ୍ୟା ବଢାଇବା ଅପେକ୍ଷା ଆମ ଦେଶର ପିଲାଏ ମୂର୍ଖ ରହିବାକୁ ବରଂ ମୁଁ ଅଧିକ ପସନ୍ଦ କରିବି। ଅବକାରୀ ଭଳି ଘୃଣିତ ଓ ପାପପୂର୍ଣ୍ଣ ରାଜସ୍ୱ ଆୟଠାରୁ ବଳି ଅଧିକ ଅନୈତିକ ବ୍ୟାପାର ଆଉ କିଛି ନାହିଁ। (ଅନୁବାଦ-ପ୍ରହ୍ଲାଦ ସିଂହ)। ଗାନ୍ଧୀଙ୍କ ମତରେ ଆର୍ଥିକ କ୍ଷତିଠାରୁ ନୈତିକ ଅଧଃପତନ ବେଶି ଗୁରୁତର। ମଦ୍ୟପ ସ୍ତ୍ରୀ, ମା' ଓ ଭଉଣୀ ମଧ୍ୟରେ ପାର୍ଥକ୍ୟ ଭୁଲିଯାଏ ଓ ପାପାଚରଣ କରେ। ସେ ବିବେକଭ୍ରଷ୍ଟ ହୁଏ। ଖାଇବା, ପିଇବା ଓ ଆନନ୍ଦ କରିବା ପାଇଁ ବଞ୍ଚି ରହିବା ଜୀବନର ଲକ୍ଷ୍ୟ ନୁହେଁ। ଏହି ଦେହ ହେଉଛି ଈଶ୍ୱରଙ୍କ ମନ୍ଦିର ଓ ମନୁଷ୍ୟ ଜାତିର ମଙ୍ଗଳ ପାଇଁ ତା'ର ବିନିଯୋଗ କରିବା ପାଇଁ ଯେଉଁ ଖାଦ୍ୟ ଓ ପାନୀୟ ଆବଶ୍ୟକ ତାହା ଗ୍ରହଣ କରିବା ଉଚିତ ବୋଲି ସେ ମନେ କରୁଥିଲେ। 'ହରିଜନ' ପତ୍ରିକାରେ ବିଭିନ୍ନ ସମୟରେ ନିଶା ନିବାରଣ ସମ୍ପର୍କରେ ଗାନ୍ଧିଜୀଙ୍କ ଅନେକ ଲେଖା ପ୍ରକାଶ ପାଇଥିଲା। ଭାରତ ସ୍ୱାଧୀନତା ପାଇବା ପରେ ସେ ନିଶା ନିବାରଣ ସମ୍ପର୍କରେ ଲେଖିଥିଲେ, ଜନସାଧାରଣଙ୍କ ସରକାର ପ୍ରତିଷ୍ଠିତ ହେବା ପରେ ପ୍ରତ୍ୟେକ ରାଜ୍ୟ ନିଶା ନିବାରଣ ଭଳି ସଂସ୍କାର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ମଦ ଓ ଅଫିମରେ ଯେଉଁ ଅର୍ଥ ବ୍ୟୟ ହେବ, ତାହା ଅପବ୍ୟୟ ଓ ଆତ୍ମସଂଯମକୁ ନଷ୍ଟ କରିବ।

୧୯୨୯ ଏପ୍ରିଲ ୪ ତାରିଖରେ ଗାନ୍ଧିଜୀ ୟଙ୍ଗ ଇଣ୍ଡିଆରେ ମଦର ଭୟଙ୍କର ପ୍ରଭାବ ସମ୍ପର୍କରେ ସୂଚନା ଦେବା ପାଇଁ ଶ୍ରୀକୃଷ୍ଣଙ୍କ ଯଦୁବଂଶ ଧ୍ୱଂସ ଓ ରୋମ୍ ସାମ୍ରାଜ୍ୟ ପତନର ଅବତାରଣା କରିଥିଲେ। ଶ୍ରୀକୃଷ୍ଣଙ୍କ ପୁଅମାନେ ସୁରାପାନ କରି ପରସ୍ପର ମଧ୍ୟରେ କଳହ କଲେ, ଯାହା କ୍ରମେ ଏକ ଭୟଙ୍କର ଯୁଦ୍ଧର ରୂପ ନେଲା ଓ ଶେଷରେ ସମସ୍ତେ ପ୍ରାଣ ହାରିଲେ। ଜଗନ୍ନାଥ ଦାସଙ୍କ ଭାଷାରେ 'ବେଣୁ ଅନଳେ ବେଣୁ ଯେହ୍ନେ, ଯାଦବେ ନାଶ ଗଲେ ତେହ୍ନେ।' ସେହି ସ୍ଥାନଟି ଥିଲା ଏରକା ବନ। କବି ସୀତାକାନ୍ତ ମହାପାତ୍ର ସାମ୍ପ୍ରତିକ ସମୟର ସ୍ଥିତିକୁ ଲକ୍ଷ୍ୟକରି ଦିନେ ଲେଖିଥିଲେ ହୋ ହୋ ଘୋ ଘୋ ଚିତ୍କାର ଓ ମଣିଷର ବିକଳ କ୍ରନ୍ଦନ/ଭୟଙ୍କର ଶବ୍ଦେ ଭରେ ଅଭିଶପ୍ତ ଏରକାର ବନ। (ମୃତ୍ୟୁନାଚ)। ମହାକବି ବ୍ୟାସଦେବ ଶ୍ରୀମଦ୍ ଭାଗବତରେ ମଦକୁ କଳହର କାରଣ ଭାବରେ ଏକ ପ୍ରତୀକାତ୍ମକ ଉପାଖ୍ୟାନ ପରିବେଷଣ କରିଛନ୍ତି। ସରସ୍ୱତୀ ନଦୀ କୂଳରେ ରାଜା ପରିକ୍ଷିତ ଭ୍ରମଣ କରୁଥାନ୍ତି। ତାଙ୍କ ଦୃଷ୍ଟିପଥରେ ପଡିଲେ ଗୋଟିଏ ରୁଗ୍ଣ ଗାଈ ଓ ତିନୋଟି ଗୋଡ ଭାଙ୍ଗିଯାଇଥିବା ବୃଷଭ। ସେହି ବୃଷଭ ଥିଲେ ଧର୍ମର ପ୍ରତୀକ। ତାଙ୍କର ଚାରୋଟି ଗୋଡ ହେଲା ତପ, ଶୌଚ, ଦୟା ଓ ସତ୍ୟ । କେବଳ ସତ୍ୟକୁ ଛାଡି ଅନ୍ୟ ତିନୋଟି ଗୋଡ ଭାଙ୍ଗି ସାରିଥିଲା। ସେହି ସମୟରେ ରାଜା କଳି ସେହି ସତ୍ୟ ଗୋଡ ଉପରେ ପ୍ରହାର କରୁଥାନ୍ତି। ଏହି ଦୃଶ୍ୟ ଦେଖି ପରିକ୍ଷିତ ଅତ୍ୟାଚାରୀ କଳିକୁ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତେ କଳି ପରିକ୍ଷିତଙ୍କ ଶରଣାପନ୍ନ ହୋଇ କହିଲା, ମହାରାଜ! ମୋତେ ହତ୍ୟା କରନ୍ତୁ ନାହିଁ। ମୋତେ କେତୋଟି ସ୍ଥାନ ଦିଅନ୍ତୁ। ମୁଁ କେବଳ ସେହି ସ୍ଥାନରେ ନିବାସ କରିବି। ଅନ୍ୟତ୍ର ଯିବି ନାହିଁ। କଳି ଯେଉଁ ପାଞ୍ଚୋଟି ସ୍ଥାନ ମାଗିଥିଲା ଓ ପରିକ୍ଷିତ ସେହି ସ୍ଥାନଗୁଡିକ ଦେଇଥିଲେ ସେଥିମଧ୍ୟରୁ ଗୋଟିଏ ଥିଲା ମଦ୍ୟପାନ। ଅନ୍ୟ ଚାରିଗୋଟି ହେଲା ଦ୍ୟୁତକ୍ରୀଡା, ପ୍ରାଣିହିଂସା, କାମିନୀ ଓ ସୁବର୍ଣ୍ଣ।

ମଦ୍ୟପାନରୁ କଳହର ସୂତ୍ରପାତ ହୁଏ, ଏହି କଥା ସୂଚାଇଥିଲେ ବ୍ୟାସ ଉକ୍ତ ପ୍ରତୀକାତ୍ମକ ଉପାଖ୍ୟାନ ମାଧ୍ୟମରେ ଏବଂ ଆଜି ସମାଜରେ ଏହାର ବହୁଳ ଉଦାହରଣ ଦେଖିବାକୁ ମିଳୁଛି। ପୁନଶ୍ଚ ମଦ ସହ ମାଂସ ଭକ୍ଷଣ, ବାରାଙ୍ଗନା ଗମନ, ଦ୍ୟୁତକ୍ରୀଡା ଓ ଚୌର୍ଯ୍ୟବୃତ୍ତିର ସମ୍ବନ୍ଧ ଥିବା କାଳିଦାସଙ୍କ ବିଷୟରେ ଏକ କିମ୍ବଦନ୍ତୀ ଅଛି। ରାଜା ବିକ୍ରମାଦିତ୍ୟଙ୍କ ରାଜସଭାର ପଣ୍ଡିତମାନେ ଥରେ ଚାରିପାଦ ବିଶିଷ୍ଟ ଗୋଟିଏ ଶ୍ଳୋକର ପ୍ରଥମ ତିନୋଟି ପାଦ ପୂରଣ କରିପାରୁ ନ ଥିଲେ। ଶ୍ଳୋକଟିର ଚତୁର୍ଥ ପାଦଟି ଥିଲା, ନଷ୍ଟସ୍ୟ କାନ୍ୟା ଗତିଃ। ଦିନେ ମହାକବି କାଳିଦାସ ଭିକ୍ଷୁ ବେଶରେ ଗୋଟିଏ ହାତରେ ଖଡ୍‌ଗ ଓ ଅନ୍ୟ ହାତରେ ଛେଳିଟିଏ ଧରି ଗଛମୂଳରେ ବସିଥାନ୍ତି। ତାଙ୍କୁ ପ୍ରଶ୍ନ କରାଗଲା ହେ ଭିକ୍ଷୁ, ଆପଣ କ'ଣ ମାଂସ ଭକ୍ଷଣ କରନ୍ତି ? କାଳିଦାସ ଉତ୍ତର ଦେଲେ, କିଂ ତେନ ମଦ୍ୟଂ ବିନା ? (ଅର୍ଥାତ୍ ମଦ ନ ହେଲେ କ'ଣ ଖାଲି ମାଂସରେ ଚଳିବ ?) ପୁଣି ପଚରାଗଲା, ମଦ୍ୟ ଚାପି ତବ ପ୍ରିୟମ୍ ? (ମଦ୍ୟ ବି ଆପଣଙ୍କ ପ୍ରିୟ ?) କାଳିଦାସ କହିଲେ, ପ୍ରିୟମହୋ ବାରାଙ୍ଗନାଭିଃ ସହ। (ବାରାଙ୍ଗନାମାନେ ବି ମୋର ପ୍ରିୟ।) ପରବର୍ତ୍ତୀ ପ୍ରଶ୍ନଟି ଥିଲା ଆପଣ ବାରାଙ୍ଗନାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏତେ ଅର୍ଥ କେଉଁଠୁ ପାଆନ୍ତି ? କାଳିଦାସ ଉତ୍ତର ଦେଲେ, ଚୌର୍ଯ୍ୟେଣ ଦ୍ୟୁତେନ ବା। (ଦ୍ୟୁତକ୍ରୀଡା ଓ ଚୌର୍ଯ୍ୟବୃତ୍ତିରୁ ଧନ ସଂଗ୍ରହ କରେ।) ସମସ୍ତେ ଏହି ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହେବାରୁ କାଳିଦାସ କହିଲେ, ନଷ୍ଟସ୍ୟ କାନ୍ୟା ଗତିଃ ? ଅର୍ଥାତ୍ ନଷ୍ଟଚରିତ୍ରର ଆଉ ଅନ୍ୟ ଗତି କ'ଣ ? ଶ୍ଳୋକଟିକୁ ପୂର୍ଣ୍ଣ ରୂପ ଦେବା ପାଇଁ ଏହା ଥିଲା କାଳିଦାସଙ୍କ ଅଭିନୟ। ମହାତ୍ମା ଗାନ୍ଧୀ ମଦର ଏହିସବୁ ପ୍ରଭାବ ସମ୍ପର୍କରେ ଅବଗତ ଥିଲେ ଓ ସେ ଅନୁଭବ କରିଥିଲେ ଯେ ମଦ୍ୟପାନ ଯୋଗୁ ନୈତିକ, ଆଧ୍ୟାତ୍ମିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନ ଦୁର୍ବିଷହ ହୋଇପଡେ। ଏଣୁ ନିଶା ନିବାରଣ ସରକାରଙ୍କ କାମ ଓ ଏହାର କ୍ରିୟାନ୍ୱୟନ ପାଇଁ ସହଯୋଗ କରିବା ସଚେତନ ନାଗରିକମାନଙ୍କ ଧର୍ମ। ମାତ୍ର ବିଡମ୍ବନାର ବିଷୟ ଯେ ତାଙ୍କ ଜନ୍ମର ଶହେ ପଚାଶ ବର୍ଷ ପୂର୍ତ୍ତି ପାଳିତ ହେଉଥିବା ସମୟରେ ମଦ ବିକ୍ରିକୁ ପ୍ରୋତ୍ସାହନ ଦିଆଯାଇ ତାଙ୍କ ସ୍ୱପ୍ନର ମଦ ମୁକ୍ତ ଭାରତକୁ ଧୂଳିସାତ୍ କରାଯାଉଛି।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

# ବିଷ ମଣିଷ



ଅଭିମନ୍ୟୁ ଧଳ

ମଣିଷ ଅମୃତର ସନ୍ତାନ। ଜନ୍ମରୁ ପ୍ରକୃତିର ଦାନ ଅମୃତ ଜଳ, ବାୟୁ ଓ ମାଟି ସଂସ୍ପର୍ଶରେ ଆସି ଜନନୀଠାରୁ ଅମୃତ କ୍ଷୀର ପାନ କରି ସ୍ନେହ, ପ୍ରେମ ଓ ମମତାକୁ ପାଥେୟ କରି ବଢ଼ିଚାଲେ। ହସ, ଖୁସିରେ ମସ୍‌ଗୁଲ ଏହି ନିଷ୍ପାପ ଶିଶୁର ସରଳ ମନ କଳୁଷିତ ପରିବେଶରେ ଆସି କଳୁଷିତ ହୋଇଯାଏ। ହିଂସା, ଦ୍ୱେଷ, ଅହଂକାର, ପରଶ୍ରୀକାତରତା ଆଦି ଆସୁରିକ ଗୁଣମାନ ତାକୁ କବଳିତ କରିନିଏ। ବିକାଶ ନାମରେ ଆମେ ଯେଉଁ ବିନାଶ ପଥ ଆପଣେଇଛେ ତାହାଦ୍ୱାରା ଅମୃତ ତୁଲ୍ୟ ପାଣି, ପବନ ଓ ମାଟି ବିଷାକ୍ତ ହୋଇଗଲାଣି। ଆମ ଶରୀର ବି ଏହାକୁ ଗ୍ରହଣ କରି ବିଷାକ୍ତ ହୋଇଗଲାଣି। ମନ ବିଷ, ଶରୀର ବିଷ, ଭାବନା ବିଷ- ଆମେ ସମସ୍ତେ ଜଣେ ଜଣେ ବିଷମଣିଷ ପାଲଟିଗଲୁଣି। କୃଷିରେ ଅଧିକ ଅମଳ ପାଇଁ ଆମେ ବିଷ ପ୍ରୟୋଗ କରି ସେଥିରୁ ଫଳୁଥିବା ବିଷ ଭକ୍ଷଣ କରୁଛେ ତଥା ମାଟି, ପାଣି, ପବନ ଓ ସମସ୍ତ ପରିବେଶକୁ ବିଷ ବଳୟ ମଧ୍ୟକୁ ଠେଲିଦେଇଛେ।

ଖାଦ୍ୟ ସହିତ କୀଟନାଶକ ଖାଉଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ପ୍ରଥମ। ସବୁଜ ବିପ୍ଳବ ପରବର୍ତ୍ତୀ ପଞ୍ଜାବ ବର୍ତ୍ତମାନ 'କ୍ୟାନ୍‌ସର କ୍ୟାପିଟାଲ' ଭାବେ ପରିଗଣିତ। ଆମ ଦେଶରେ ୨୪୬ ପ୍ରକାରର କୀଟନାଶକ ବିକ୍ରି ପାଇଁ ପଞ୍ଜୀକରଣ ହୋଇଛି। ତା' ମଧ୍ୟରୁ ୨୩୬ଟି କୀଟନାଶକକୁ ବିକ୍ରି ପାଇଁ ଅନୁମତି ମିଳିଛି। ଏହା ମଧ୍ୟରୁ ୧୦୮ ପ୍ରକାର କୀଟନାଶକ ସାଂଘାତିକ ଭାବେ ମାରାତ୍ମକ। କେତେକ ଦେଶ ଏଥିମଧ୍ୟରୁ ୬୭ଟିକୁ ବନ୍ଦ କରିଛନ୍ତି। ୩୦ଟି କ୍ୟାନ୍‌ସର, ୨୯ଟି ଅନ୍ତଃସ୍ରାବୀ ଗ୍ରନ୍ଥିରେ ଅସୁବିଧା, ୧୦ଟି ପ୍ରଜନନ ବ୍ୟବସ୍ଥାରେ ସମସ୍ୟା ଓ ୫ଟି ସ୍ନାୟବିକ ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି କରେ। ନାରୀମାନଙ୍କର ବନ୍ଧ୍ୟାତ୍ୱ, ଗର୍ଭଧାରଣ ପରେ ଅସୁବିଧା, ଗର୍ଭପାତ ଓ ସ୍ତନ କର୍କଟ ହେଉଥିବା ବେଳେ ପୁରୁଷମାନଙ୍କର ଯୌନଶକ୍ତି ହ୍ରାସ, ପାରାଲିସିସ, ସ୍ନାୟୁରୋଗ ଆଦି ଦେଖାଯାଏ। କୋମଳମତି ଶିଶୁମାନଙ୍କର ମସ୍ତିଷ୍କ ବିକାଶରେ ବାଧା, ଗୋଡ଼ ସରୁହେବା, ଦୃଷ୍ଟିଶକ୍ତି ଓ ସ୍ମରଣଶକ୍ତି ହ୍ରାସ ଆଦି ସମସ୍ୟା ଦେଖାଦିଏ। କୀଟନାଶକରେ ରହୁଥିବା ବିଷ ପାଣିରେ ଦ୍ରବୀଭୂତ ହୁଏ ନାହିଁ। ପେଟକୁ ଗଲେ ତାହା ଲିପିଡ୍‌ରେ ଦ୍ରବୀଭୂତ ହୋଇ ରହିଯାଏ। ଶରୀରର ରେଚନ ପ୍ରକ୍ରିୟାରେ ଏହାର ନିଷ୍କାସନ ହୋଇପାରେ ନାହିଁ। ତେଣୁ ଏହା ରୋଗ ସୃଷ୍ଟିକରେ।

ସବୁଜ ପନିପରିବାକୁ ସତେଜ ରଖିବା ପାଇଁ ସେଥିରେ କୃତ୍ରିମ ରଙ୍ଗ ଦିଆଯାଏ। ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡରେ କୃତ୍ରିମ ରଙ୍ଗ ଦିଆଯାଏ। ସେଓ ଉପରେ ଲେଡ ଆରସିନେଟର ରଙ୍ଗ ସ୍ପ୍ରେ କରିବା ଯୋଗୁ ରୋଗ ହୋଇଥାଏ। ଇଣ୍ଡିଆନ କାଉନସିଲ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚର ସର୍ବେକ୍ଷଣ ଅନୁଯାୟୀ ୫୧ ପ୍ରତିଶତ ଖାଦ୍ୟରେ କୀଟନାଶକ ଅବଶେଷ ରହୁଛି ଏବଂ ୨୦ ପ୍ରତିଶତ ଦ୍ରବ୍ୟରେ ଅନୁମୋଦନୀୟ ସୀମା ଅତିକ୍ରମ କରୁଛି। ମୃଦୁ ପାନୀୟରେ ଥିବା ମିଥାଇଲ ମିଡାକୋଲ ନାମକ ରାସାୟନିକ ଦ୍ରବ୍ୟ ପୁସ୍‌ଫୁସ୍ ଓ ଥାଇରଏଡ୍‌ରେ କର୍କଟ ରୋଗ ସୃଷ୍ଟିକରେ। ଫଳ ପଚାଇବା ପାଇଁ ବ୍ୟବହୃତ କାର୍ବାଇଡ ମଣିଷ ଶରୀର ପ୍ରତି କ୍ଷତିକାରକ। ତେଲ, ଘିଅ, କ୍ଷୀର, ରାବିଡ଼ି, ଖୁଆ, ମିଠା ଓ ଜେଲିରେ ଅପମିଶ୍ରଣ ରହୁଛି।

ଆମେରିକାନ ଜର୍ନାଲ ଅଫ୍ ଏପିଡୋମିଓଲୋଜିରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ କୃଷି ପାଇଁ ବ୍ୟବହୃତ ରାସାୟନିକ ସାର ଆଦି ବୋହିଯାଇ ନିକଟସ୍ଥ ଜଳାଶୟକୁ ପ୍ରଦୂଷିତ କରିଥାଏ।

ଗାଈ ଓ ମଇଁଷିଠାରୁ ଅଧିକ କ୍ଷୀର ପାଇବା ଆଶାରେ ମାଲିକମାନେ ଅକ୍ସିଟୋସିନ ଇଞ୍ଜେକଶନ ଦେଇଥାନ୍ତି। ଏହି ଗୃହପାଳିତ ପଶୁଙ୍କ କ୍ଷୀର ପିଉଥିବା ପିଲାଙ୍କଠାରେ ସମୟ ପୂର୍ବରୁ ଯୌବନର ଲକ୍ଷଣମାନ ପରିଲକ୍ଷିତ ହୁଏ। ଝିଅମାନଙ୍କ କ୍ଷେତ୍ରରେ ସାତ ଆଠବର୍ଷରେ ମଧ୍ୟ ମାସିକ ଧର୍ମ ଆରମ୍ଭ ହୋଇଯାଏ। ଅଣ୍ଡାପାନୀୟ, ଶାଗ, ମାଛ, ପନିପରିବା ଏବଂ ଫଳ ଆଦିରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ, କୀଟନାଶକ ଆଦି ପିଲାର ହରମୋନରେ ଥିବା ସନ୍ତୁଳନକୁ ନଷ୍ଟ କରିଦିଏ। ଭାରତରେ କୀଟନାଶକ ବ୍ୟବହାରକୁ ନିୟନ୍ତ୍ରଣ କରିବା ଲାଗି ୩ଟି ବିଭାଗ ରହିଛି। ବଜାରରେ ନୂଆ କୀଟନାଶକ ପ୍ରବେଶ କରିବା ପୂର୍ବରୁ ସେଣ୍ଟ୍ରାଲ ଇନ୍‌ସେକ୍ଟିସାଇଡ୍‌ସ ବୋର୍ଡ ଆଣ୍ଡ ରେଗୁଲେଶନ କମିଟିର ଅନୁମତି ଲୋଡ଼ା। ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆର କାମ ଉତ୍ପାଦିତ କୃଷିଜାତ ପଦାର୍ଥରେ କେତେ ମାତ୍ରାରେ କୀଟନାଶକ ରହିଛି ତାହା ଦେଖିବା। ଏଗ୍ରିକଲ୍‌ଚରାଲ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ ଆଣ୍ଡ ଡେଭ୍‌ଲପମେଣ୍ଟ ଅଥରିଟି ଜୈବ କୃଷିର ମାନକ ପ୍ରସ୍ତୁତ କରିଥାଏ। ଏସବୁ ସତ୍ତ୍ୱେ ଭାରତୀୟ କୃଷିଜାତ ଦ୍ରବ୍ୟରେ କୀଟନାଶକର ମାତ୍ରା ଉଦ୍‌ବେଗଜନକ।

କ୍ଷତିକାରକ କୀଟନାଶକକୁ ବେଳହୁଁ ନିଷେଧ କରିବା ତଥା ଚାଷୀମାନଙ୍କୁ ସଚେତନ କରାଇବା ସର୍ବାଦୌ କର୍ତ୍ତବ୍ୟ। ଆମର ପୁରୁଣା ପଦ୍ଧତି ଜୈବିକ କୃଷିକୁ ଆପଣେଇ ସେଥିରୁ କିପରି ଅଧିକ ଅମଳ ମିଳିପାରିବ ତାହା ଦେଖିବା କୃଷି ବୈଜ୍ଞାନିକମାନଙ୍କର ପ୍ରଥମ କାମ।

ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

ପାଇଖାନା ନ ଥିବା ଘରକୁ ବୋହୂ ହୋଇ ଆସିଥିବା ଝିଅଟି ନିଜସ୍ୱ ଉଦ୍ୟମରେ ଗାଁରେ ବର୍ଷକ ଭିତରେ ୨୫୦ଟି ପାଇଖାନା ନିର୍ମାଣ କରିବା ଘଟଣା ସାମ୍‌ନାକୁ ଆସିଛି ଉତ୍ତରପ୍ରଦେଶରେ। ୨୧ ବର୍ଷୀୟା କୋମଲ ହଡାଲା ଏଭଳି କାର୍ଯ୍ୟ କରି ସ୍ୱଚ୍ଛ ଭାରତର ଉଦାହରଣ ସୃଷ୍ଟି କରିଛନ୍ତି। ଦିଲ୍ଲୀର ଦକ୍ଷିଣପୁରୀରେ ତାଙ୍କର ଜନ୍ମ। ତାଙ୍କ ବାହାଘର ହୋଇଥିଲା ଉତ୍ତରପ୍ରଦେଶର ନିଥୋରା ଗାଁରେ। ଶାଶୁଘରେ ପାଇଖାନା ନ ଥିଲା। ତାଙ୍କୁ ବାହାରେ ଶୌଚ କରିବାକୁ ପଡୁଥିଲା। ଏହା କେବଳ ତାଙ୍କ କ୍ଷେତ୍ରରେ ଘଟୁ ନ ଥିଲା, ବରଂ ନିଥୋରାର ସବୁ ମହିଳା ଏଭଳି ସମସ୍ୟାକୁ ସାମ୍‌ନା କରୁଥିଲେ। ପ୍ରଥମେ କୋମଲ ପରିବାର ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କରେ ବୁଝାଇ ଘରେ ପାଇଖାନା ନିର୍ମାଣ କରାଇଥିଲେ। ପରେ ଗାଁରେ ଅନ୍ୟ ଘରଗୁଡିକରେ ପାଇଖାନା ନିର୍ମାଣ କରିବାର ପ୍ରୟାସ ଆରମ୍ଭ କରିଥିଲେ। ଘର ଭିତରେ ପାଇଖାନା ନିର୍ମାଣ କରିବା ଠିକ୍ ନୁହେଁ ବୋଲି ବିଶ୍ୱାସ କରୁଥିବା ବୟସ୍କ ବ୍ୟକ୍ତିମାନେ କୋମଲଙ୍କୁ ପ୍ରଥମେ ବିରୋଧ କରିଥିଲେ। କିନ୍ତୁ ପାଇଖାନାର ଉପକାରିତା ସମ୍ପର୍କରେ ଜାଣିବା ପରେ ସେମାନେ ଗାଁରେ ପାଇଖାନା ନିର୍ମାଣ କରିବା ଲାଗି କୋମଲଙ୍କୁ ସମର୍ଥନ କରିଥିଲେ। ସେ ଗାଁ ମୁଖିଆଙ୍କୁ ପାଇଖାନା ନିର୍ମାଣ କରିବା ଲାଗି ଅନୁରୋଧ କରି ସଫଳତା ପାଇବା ପରେ କୋମଲ, ତାଙ୍କ ଶାଶୁ ଓ ଗାଁର ଅନ୍ୟ ମହିଳାମାନେ ଏକାଠି ହୋଇ ଗଠନ କରିଥିଲେ ଏକ ନିଗରାନୀ ସମିତି। ଏହାପରେ ଗାଁର ପୁରୁଷମାନେ ବି ଏଥିରେ ସହଯୋଗର ହାତ ବଢାଇଥିଲେ। ଏହାଦ୍ୱାରା ନିଥୋରାରେ ୨୦୧୯ରେ ୨୫୦ ନୂଆ ପାଇଖାନା ନିର୍ମାଣ କରାଯାଇଥିଲା। ଏମିତିକି ୨୦୧୯ରେ ନରଓ୍ୱେର ପ୍ରଧାନମନ୍ତ୍ରୀ ଏର୍‌ନା ସୋଲବର୍ଗ ନିଥୋରା ଯାଇ କୋମଲଙ୍କୁ ପ୍ରଶଂସା କରିଥିଲେ। କେବଳ ଏତିକି ନୁହେଁ କୋମଲଙ୍କ ତତ୍ତ୍ୱାବଧାନରେ ମହିଳାମାନେ ଭୋର ୪ଟାରେ ଉଠି ମହିଳାମାନଙ୍କୁ ବାହାରେ ଶୌଚ କରିବାରୁ କ୍ଷାନ୍ତ କରାଇ ପାଇଖାନା ବ୍ୟବହାର କରିବାକୁ କହୁଛନ୍ତି। କୋମଲ ଏବେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୂକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର।

(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | D | | | | | 4 | | B | |
| | | | | 1 | | | | | | | 5 | 8 | 6 | C |
| | | | 3 | | | | 1 | | | D | 9 | 0 | 7 | |
| 5 | D | B | | | 8 | | 7 | 4 | | | | 9 | | |
| 1 | | | | | | | | | | | 8 | | D | 2 |
| | | E | | | A | | | | | 7 | 1 | | 8 | 5 |
| 6 | | 3 | | 4 | | | 2 | 1 | | | | | 0 | |
| | | | | | | 8 | 5 | | 0 | 4 | | | | |
| | | | 2 | 0 | | | | | | | A | | 9 | |
| 4 | | | C | E | | | 9 | A | 2 | | | | | B |
| B | | | | 5 | E | | | | A | | | C | | |
| D | | 1 | | | | 6 | | | 5 | | | 3 | A | |
| | | | | 6 | | A | | | | 2 | C | | | |
| | | | | | 4 | E | 8 | D | | 1 | 6 | | 2 | 9 |
| 7 | 0 | | | 2 | | | | 3 | | | | 1 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 5 | A | 2 | E | 6 | 3 | 9 | 8 | D | 7 | B | 0 | C | 4 |
| 8 | 0 | D | 5 | 1 | 4 | A | 6 | E | 2 | C | 3 | 9 | B | 7 |
| B | 7 | E | C | 9 | 0 | 5 | 2 | D | A | 4 | 1 | 6 | 8 | 3 |
| 9 | C | 3 | D | 8 | A | 4 | B | 7 | 5 | 6 | 0 | 1 | 2 | E |
| 4 | 2 | 6 | B | 3 | 7 | C | 1 | 0 | E | 8 | 9 | D | 5 | A |
| C | 3 | 2 | 1 | 6 | E | 0 | D | 4 | 7 | B | A | 8 | 9 | 5 |
| 7 | 8 | 0 | 3 | 5 | D | 2 | A | 1 | 4 | 9 | C | E | 6 | B |
| A | 9 | 5 | 0 | 7 | 8 | E | C | B | 1 | 3 | 6 | 4 | D | 2 |
| D | B | 1 | 4 | C | 9 | 7 | 5 | 6 | 8 | E | 2 | 3 | A | 0 |
| E | 6 | 4 | A | 2 | B | 9 | 8 | 3 | 0 | D | 5 | 7 | 1 | C |
| 3 | E | 8 | 9 | B | 1 | D | 0 | 5 | C | 2 | 4 | A | 7 | 6 |
| 0 | D | C | 7 | 4 | 2 | B | 3 | 9 | 6 | A | 8 | 5 | E | 1 |
| 6 | A | B | E | D | 3 | 1 | 4 | C | 9 | 5 | 7 | 2 | 0 | 8 |
| 5 | 1 | 7 | 6 | A | C | 8 | E | 2 | 3 | 0 | D | B | 4 | 9 |
| 2 | 4 | 9 | 8 | 0 | 5 | 6 | 7 | A | B | 1 | E | C | 3 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାବିଦ୍ୟାଳୟରେ ସଂସ୍କାର

ମହାଶୟ,

ପୂର୍ବରୁ ମହାବିଦ୍ୟାଳୟମାନଙ୍କରେ ରାଜନେତାମାନେ କେଉଁଠି କର୍ମକର୍ତ୍ତା ହେଉଥିଲେ ତ ଆଉ କେଉଁଠି ସକ୍ରିୟ ସଭ୍ୟ ହେଉଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ତାହାକୁ ଉଚ୍ଛେଦ କରି ରାଜନେତାମାନଙ୍କୁ ସେ ପଦରୁ ନିବୃତ୍ତ କଲେ। ଏହା ଏକ ବଳିଷ୍ଠ ପଦକ୍ଷେପ। କଲେଜମାନଙ୍କରେ ରାଜନେତାମାନେ ପ୍ରବେଶ କରିବା ଫଳରେ ତାଙ୍କ ସାଥିରେ ତାଙ୍କର ଚେଲାଚାମୁଣ୍ଡାମାନେ ମଧ୍ୟ ପ୍ରବେଶ କରୁଥିଲେ। ଫଳରେ ରାଜନୀତିର ବାତାବରଣ ସୃଷ୍ଟି ହେଉଥିଲା। ପରିବେଶ ବି କଳୁଷିତ ହେଉଥିଲା। ଅଧିକାଂଶ ସମୟରେ କଲେଜମାନଙ୍କରେ ଗୁଣ୍ଡାଗର୍ଦ୍ଦି, ହୋହଲ୍ଲା, ବାଡିଆପିଟା ଏବଂ କଳିତକରାଳ ଲାଗି ରହୁଥିଲା। ପିଲାମାନଙ୍କ ପଛରେ ନେତାମାନଙ୍କର ପ୍ରଚ୍ଛନ୍ନ ହାତ ରହୁଥିଲା। ନେତାମାନେ ଅର୍ଥବଳ, ବାହୁବଳ ଏବଂ ପୋଲିସ ପ୍ରଶାସନକୁ ଏଥିରେ ଲଗେଇ ଦେଉଥିଲେ। ତେଣୁ ଶିକ୍ଷାୟତନରୁ ରାଜନେତାଙ୍କୁ ଉଚ୍ଛେଦ କରିବା ଶିକ୍ଷାମନ୍ତ୍ରୀଙ୍କର ଉଚିତ ପଦକ୍ଷେପ। ଯିଏ ଯେଉଁଠି ଥିଲେ ବି କଲେଜର ଉନ୍ନତି କରିବାକୁ ଚାହିଁଲେ କରିପାରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ମହାପ୍ରୟାଣ ଗାଡ଼ି ଅଭାବ

ରାଜ୍ୟ ସରକାର ଶବବୁହା ଓ ସଂସ୍କାରରେ ଆର୍ଥିକ ସାହାଯ୍ୟ ପାଇଁ ମହାପ୍ରୟାଣ ଯୋଜନା ପ୍ରଚଳନ କରିଛନ୍ତି। କିନ୍ତୁ ଶବବୁହା ଗାଡ଼ି ଅଭାବରୁ ଯୋଜନା ସବୁଠି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଦୁର୍ଗମ, ପାହାଡିଆ ତଥା ଦୂରଦୂରାନ୍ତ ସ୍ଥାନ ପାଇଁ ସମସ୍ୟା ଦେଖାଯାଉଛି। ଘରୋଇ ଗାଡ଼ି ଗାଡି ଉପରେ ନିର୍ଭର କରିବାକୁ ପଡୁଛି। ସରକାର ଅଧିକ ଗାଡିର ବ୍ୟବସ୍ଥା କଲେ ଗରିବ ଖର୍ଚ୍ଚାନ୍ତ ହେବାରୁ ରକ୍ଷା ପାଇପାରନ୍ତା।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



୧୨୨ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ସୁଧାକର ଚତୁର୍ବେଦୀ ଓରଫ ସୁଧାକର କ୍ରିଷ୍ଣାରାଓଙ୍କ ଗୁରୁବାର ବେଙ୍ଗାଲୁରୁର ଜୟନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଏହି ବିଦ୍ୱାନଙ୍କ ପରଲୋକରେ କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଗଭୀର ଶୋକ ବ୍ୟକ୍ତ କରିଛନ୍ତି।



# ବିଭିନ୍ନ ଧର୍ମର ତୀର୍ଥସ୍ଥଳୀ ବିକାଶ ପାଇଁ ୨୩ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଧର୍ମର ୨୩ଟି ତୀର୍ଥସ୍ଥଳୀର ବିକାଶ ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡରୁ ଖର୍ଚ୍ଚ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବରଗଡ ଜିଲାର ନୃସିଂହନାଥ ମନ୍ଦିର, ଭଦ୍ରକ ଜିଲାର ମା’ ଭଦ୍ରକାଳୀ, ବଲାଙ୍ଗୀରର ହରିଶଙ୍କର, ଢେଙ୍କାନାଳର ଶ୍ରୀଚନ୍ଦ୍ରଶେଖର ଜୀଉ ବିଜେ, ଜଗତ୍‌ସିଂହପୁରର ମା’ ଶାରଳା, ଯାଜପୁର ମା’ ବିରଜା, କେନ୍ଦୁଝରର ବଳଦେବ ଜୀଉ, କୋରାପୁଟର ଗୁପ୍ତେଶ୍ୱର ଏବଂ ନବରଙ୍ଗପୁରର ନୀଳକଣ୍ଠେଶ୍ୱର ମନ୍ଦିର ଉନ୍ନତୀକରଣ ପାଇଁ ୧ କୋଟି ଲେଖାଏ ଅନୁଦାନ ଘୋଷଣା କରାଯାଇଛି। ସେହିପରି ବଲାଙ୍ଗୀରର ସିଏନଆଇ ଚର୍ଚ୍ଚ, ଖୋର୍ଦ୍ଧାର ବାପ୍‌ଟିଷ୍ଟ, କଟକ ମାଉଣ୍ଟ ହାଉସ, କଳାହାଣ୍ଡିର ସେଣ୍ଟ ପଲ୍ ପ୍ରୋଟେଷ୍ଟାଣ୍ଟ ଏବଂ ଭୁବନେଶ୍ୱରର ଚର୍ଚ୍ଚ ଅଫ କ୍ରୀଷ୍ଟକୁ ୧ କୋଟି ଲେଖାଏ ଅନୁଦାନ ଦେବାକୁ ଘୋଷଣା କରାଯାଇଛି। ସେହିପରି ପୁରୀର ଜାହାନାଇ ପୀର, ସୋନପୁରର ହାଜିର ଅବଦୁଲ ସକୁର ବାବା ତରଭା ସରିଫ, ଭଦ୍ରକର ଦରଘା-ଇ-ହଜୁର ମୁଜାହିଦ-ଇ- ମିଲାତ, ବାଲେଶ୍ୱରର ଭୁଜାଖିଆ ପୀର, ଭୁବନେଶ୍ୱରର ଜାମା ମସ୍‌ଜିଦ ଏବଂ ଖୋର୍ଦ୍ଧା ଜିଲାର ହଜରତ ବୁଖାରୀ ପୀର ବାବାଙ୍କ ମସ୍‌ଜିଦର ବିକାଶ ପାଇଁ ୧ କୋଟି ଲେଖାଏ ଏବଂ ସୁନ୍ଦରଗଡର ଗୁରୁସିଂ ସାହେବ ଗୁରୁଦ୍ୱାର ଏବଂ ପୁରୀ ଜିଲାର ବୌଳି ମଠ ପାଇଁ ୧ କୋଟି ଟଙ୍କା ଲେଖାଏ ଅନୁଦାନ ଦେବାକୁ ସରକାର ଘୋଷଣା କରିଛନ୍ତି।

# ଚତୁର୍ଥ ଆସନ କାହାର

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଦେଶର ୫୫ ରାଜ୍ୟ ସଭା ଆସନ ପାଇଁ ମାର୍ଚ୍ଚ ୨୬ ତାରିଖରେ ନିର୍ବାଚନ ହେବ। ଏଥିଲାଗି ଆସନ୍ତା ୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କ୍ରମରେ ଓଡ଼ିଶାରେ ୪ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। କଂଗ୍ରେସ ସଦସ୍ୟ ରଞ୍ଜୀବ ବିଶ୍ୱାଳ, ବିଜେଡିର ସରୋଜିନୀ ହେମ୍ବ୍ରମ୍, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ କିଛି ମାସ ତଳେ ରାଜ୍ୟ ସଭାରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଆସନର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବାକୁ ଯାଉଛି। ସଂଖ୍ୟାଦୃଷ୍ଟିରୁ ୩ଟି ଆସନରେ ବିଜେଡି ପ୍ରାର୍ଥୀ ସହଜରେ ନିର୍ବାଚିତ ହେବାକୁ ଥିବାବେଳେ ୪ର୍ଥ ଆସନ ମଧ୍ୟ ଶାସକ ଦଳ ସପକ୍ଷରେ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ତଥାପି ବିଗତ ଦିନର ରାଜ୍ୟ ସଭା ରାଜନୀତିକୁ ଦେଖିଲେ, ଆଗକୁ କ’ଣ ହେବ ତାକୁ ନେଇ ବର୍ତ୍ତମାନଠାରୁ ଆକଳନ କରିବା କଷ୍ଟକର। ତେବେ ଭାଜପା କେନ୍ଦ୍ରୀୟ ନେତା କିନ୍ତୁ ଓଡ଼ିଶାର ଖାଲି ହେବାକୁଥିବା ୪ ଆସନରୁ ୨ଟି ଉପରେ ନଜର ଥିବା ଚର୍ଚ୍ଚା ହେଉଛି। ନିର୍ବାଚନ ହେବାକୁ ଥିବା ୧୭ ରାଜ୍ୟ ମଧ୍ୟରୁ ଅନେକ ସ୍ଥାନରେ ଭାଜପା ସରକାରରୁ ହଟିଯାଇଛି। ସେହି ଅନୁଯାୟୀ ହିସାବ କଲେ ରାଜ୍ୟ ସଭା ନିର୍ବାଚନରେ ଭାଜପା ସଂଖ୍ୟା କମିବା ନିଶ୍ଚିତ। ତେଣୁ ଓଡ଼ିଶା ଭଳି ରାଜ୍ୟରୁ ୨ଟି ଆସନ ନେବାକୁ ଭାଜପା ଆଖି ପକାଇଥିବା ଚର୍ଚ୍ଚା ହୋଇଆସୁଛି।

ଅପରପକ୍ଷରେ ସଂଖ୍ୟା ଦୃଷ୍ଟିରୁ ରାଜ୍ୟ ସଭାରେ ଭାଜପା ଦୁର୍ବଳ ଥିବାରୁ ଅନେକ ପ୍ରସଙ୍ଗରେ ସମର୍ଥନ ପାଇଁ କ୍ଷୁଦ୍ର ଦଳଗୁଡିକ ଉପରେ ନିର୍ଭର କରୁଛି। ତେଣୁ ରାଜ୍ୟ ସଭାରେ ସଂଖ୍ୟା ବଢ଼ାଇବା ପାଇଁ ଭାଜପା ଦୀର୍ଘଦିନ ଧରି ଉଦ୍ୟମ ଚଳାଇ ଆସୁଛି। କିନ୍ତୁ ନିକଟରେ ଶେଷ ହୋଇଥିବା କେତେଗୁଡିଏ ରାଜ୍ୟର ଫଳାଫଳ ଦେଖିଲେ ଏଥର ରାଜ୍ୟ ସଭା ନିର୍ବାଚନରେ ଭାଜପାକୁ ଅଧିକ କ୍ଷତି ସହିବାକୁ ପଡିବ ବୋଲି ଆଲୋଚନା ହେଉଛି। କେତେଗୁଡିଏ ରାଜ୍ୟରେ ଶାସନ କ୍ଷମତାରେ ରହି ଆସୁଥିବା ଭାଜପା ଏବେ ବିରୋଧୀ ସ୍ଥାନକୁ ଖସି ଆସିଛି। ବିଗତ ଦିନରେ ଭାଜପାର ଅତ୍ୟନ୍ତ ସହଯୋଗୀ ଦଳଗୁଡିକ ବର୍ତ୍ତମାନ ବିରୋଧୀ ମେଳିରେ ଅଛନ୍ତି। ମହାରାଷ୍ଟ୍ରରେ ଭାଜପାର ସହଯୋଗୀ ଥିବା ଶିବସେନା ବର୍ତ୍ତମାନ ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପି ସହ ହାତ ମିଳାଇ ସରକାର ଚଳାଉଛି। ଶିବସେନା ଲାଗି ଭାଜପା ବର୍ତ୍ତମାନ ପରମ ଶତ୍ରୁ ହୋଇ ଉଭାହୋଇଛି। ଏଠାରେ ୭ଟି ଆସନ ପାଇଁ ନିର୍ବାଚନ ହେବ। ଭାଜପା ଠାରୁ ସମ୍ପର୍କ ଛିନ୍ନ ହେବାପରେ ଶିବସେନା କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଅଧିକ ଆସନ ହାତେଇବା ଲକ୍ଷ୍ୟରେ ରହିଛି। ସେହିପରି ଝାଡ଼ଖଣ୍ଡ, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଭାଜପା ସରକାର ଗାଦିରୁ ହଟି ବିରୋଧୀ ଭୂମିକା ତୁଲାଉଥିବାରୁ ସେହି ସ୍ଥାନଗୁଡିକରେ ମଧ୍ୟ ପୂର୍ବାପେକ୍ଷା କମ୍ ଆସନ ମିଳିବାର ସମ୍ଭାବନା ରହିଛି। ମହାରାଷ୍ଟ୍ର ବିଧାନସଭାରେ ଭାଜପାର ୧୦୫ ବିଧାୟକ ଥିବାବେଳେ ଶିବସେନାର ୫୬, କଂଗ୍ରେସ ୪୪, ଏନ୍‌ସିପିର ୫୪ ଏବଂ ସ୍ୱାଧୀନ ସମେତ ଅନ୍ୟ ଦଳର ୨୯ ବିଧାୟକ ଅଛନ୍ତି। ସେହିପରି ମଧ୍ୟ ପ୍ରଦେଶରେ ଭାଜପାର ୧୦୮, କଂଗ୍ରେସ ୧୧୫, ବିଏସ୍‌ପି ୨ ଏବଂ ଅନ୍ୟ ଦଳର ୫ଜଣ ବିଧାୟକ ଅଛନ୍ତି। ରାଜସ୍ଥାନରେ ଭାଜପାର ୭୩, କଂଗ୍ରେସ ୧୦୦, ବିଏସ୍‌ପି ୬, ସ୍ୱାଧୀନ ୧୩ ଏବଂ ଅନ୍ୟ ଦଳର ୮ ବିଧାୟକ ଅଛନ୍ତି। ଛତିଶଗଡରେ କଂଗ୍ରେସର ୬୮ ବିଧାୟକ ଥିବାବେଳେ ଭାଜପାର ୧୫ ଏବଂ ଅନ୍ୟ ଦଳର ୭ଜଣ ସଦସ୍ୟ ଅଛନ୍ତି। ସେହିଭଳି ଝାଡଖଣ୍ଡ ବିଧାନସଭାରେ ଜେଏମ୍‌ଏମ୍‌ର ୩୦, କଂଗ୍ରେସ ୧୬, ଭାଜପା ୨୫, ଅନ୍ୟ ଦଳର ୧୦ଜଣ ବିଧାୟକ ରହିଛନ୍ତି।

ଏଭଳି ସ୍ଥିତିରେ ଯେଉଁ ରାଜ୍ୟରେ ଆସନ ହାତେଇ ପାରିବାର ଅଧିକ ସମ୍ଭାବନା ଅଛି, ତାକୁ ଭାଜପା କେବେହେଲେ ହାତଛଡ଼ା କରିବ ନାହିଁ। ଗତ ରାଜ୍ୟ ସଭା ନିର୍ବାଚନରେ ଓଡିଶାରୁ ଗୋଟିଏ ରାଜ୍ୟ ସଭା ଆସନ ଭାଜପା ବୁଝାମଣା ଭିତିରେ ନେବାପରେ ଏଥର ସମାନ ପ୍ରୟାସ କରିବ ବୋଲି କୁହାଯାଉଛି। ଓଡ଼ିଶାରେ ଖାଲି ହୋଇଥିବା ୪ ଆସନ ମଧ୍ୟରୁ ଭାଜପା ୨ଟି ନେବାକୁ ଦାବି କରୁଥିବା ଶୁଣିବାକୁ ମିଳୁଛି। ମାତ୍ର ଓଡ଼ିଶା ଚାହୁଁଥିବା ବିଧାନ ପରିଷଦ ବିଲ୍ ଲୋକ ସଭାରେ ଏବଂ ରାଜ୍ୟ ସଭାରେ ପାସ୍ କରାଇବାପରେ ଯାଇ ଏହା ସମ୍ଭବ ହୋଇପାରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗତ ଶୀତ ଅଧିବେଶନରେ କେନ୍ଦ୍ର ସରକାର ବିଧାନ ପରିଷଦ ବିଲ୍ ପାସ୍ କରାଇ ଦେବାର ସମ୍ଭାବନା ଥିବାବେଳେ ଏପର୍ଯ୍ୟନ୍ତ କଲେନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉକ୍ତ ବିଲ୍‌କୁ ପାସ୍ କରାଇବା ଲାଗି ନିର୍ଦ୍ଦେଶ ଦେଇ ନ ଥିବାରୁ ତାହା କୁଆଡ଼େ ଅଟକି ରହିଛି ବୋଲି ସୂଚନା ମିଳିଛି। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ଯୋଗଦେବା ଲାଗି ଓଡ଼ିଶା ଆସୁଥିବାରୁ ରାଜ୍ୟ ସଭା ଆସନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିବାର ଯଥେଷ୍ଟ ସମ୍ଭାବନା ରହିଥିବା ଶୁଣିବାକୁ ମିଳୁଛି। ଏସବୁ ମଧ୍ୟରେ ଭାଜପା ପକ୍ଷରୁ ଆୟୋଜନ କରାଯାଉଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷରେ ହେବାକୁ ଥିବା ଜନସଭାରେ ଶାହା ଯୋଗଦେବାକୁ ଥିବାବେଳେ ତାଙ୍କ ଆଭିମୁଖ୍ୟ କ’ଣ ରହିବ ସେଥିରୁ ଅନେକ କିଛି ବାରି ହୋଇଯିବ ବୋଲି ମଧ୍ୟ କୁହାଯାଉଛି।

ସେପଟେ ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ବିଧାନ ପରିଷଦ ବିଲ୍ କେନ୍ଦ୍ର ପାସ୍ ନ କରାଇବା ଏବଂ ଗତଥର ଆସନ ବୁଝାମଣା ଯୋଗୁ ବିଜେଡି ସମାଲୋଚନାର ଶିକାର ହେବା କାରଣରୁ ଏଥର ରାଜ୍ୟ ସଭା ଅଙ୍କ ବଦଳିବ। ଯେଉଁ ୩ଟି ଆସନରେ ବିଜେଡି ସଂଖ୍ୟା ଅନୁଯାୟୀ ଜିତିବା ସୁନିଶ୍ଚିତ ସେଥିରେ ଜଣେ ଉପକୂଳ ନେତା, ଜଣେ ଏସ୍‌ଟି, ଏସ୍‌ସି, ଓବିସି ନେତା, ଜଣେ ମହିଳାଙ୍କୁ ପ୍ରାର୍ଥୀ ହେବେ ବୋଲି ଗୁଞ୍ଜରଣ ହେଉଛି। ଅପରପକ୍ଷରେ ଏଭଳି ଜଣଙ୍କୁ ଚତୁର୍ଥ ପ୍ରାର୍ଥୀ କରାଯିବାର ମସୁଧା କରାଯାଉଛି, ଯାହାକୁ ବିରୋଧ କଲେ ଭାଜପା ଓଡ଼ିଶା ବିରୋଧୀ ଭାବେ ପରିଲକ୍ଷିତ ହୋଇପାରେ। ସେପଟେ ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା କିମ୍ବା ଟିକେଟ ପାଇ ନ ଥିବା ଅଧିକାଂଶ ଶାସକ ଦଳ ନେତା ରାଜ୍ୟ ସଭା ଯିବାକୁ ଏବେଠାରୁ ଦୌଡ଼ ଆରମ୍ଭ କରିଦେଲେଣି।



## ଜିଲା ଚିଠି
### ଗଜପତି

# ପୋତି ହେଲାଣି ସାଗର

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜତ୍ୱ ସମୟରେ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଅନେକ ସାଗର ପ୍ରତିଷ୍ଠା ହୋଇଥିଲା। ଯାହାକୁ ନେଇ ଏହି ସହର ଦିନେ ସାଗରର ସହରଭାବେ ସମଗ୍ର ଓଡ଼ିଶାରେ ବେଶ୍ ପରିଚିତ ଥିଲା। ରାମ ସାଗର, ସୀତା ସାଗର, କୃଷ୍ଣ ସାଗର ସମେତ ୭ ବିରାଟକାୟ ସାଗର(ପୋଖରୀ) ରହିଥିଲା। ଜିଲାରେ କୃଷି କ୍ଷେତ୍ରରେ ଜଳସେଚନର ସୁବିଧା ପାଇଁ ଏହି ଉତ୍ସଗୁଡ଼ିକୁ ରାଜା ପ୍ରତିଷ୍ଠା କରିଥିଲେ। ଏହାଦ୍ୱାରା କେବଳ ପାରଳା ସହର ସମେତ ଉପକଣ୍ଠ ଅଞ୍ଚଳର ଚାଷୀଙ୍କ ପାଇଁ ଜଳସେଚନର ପ୍ରମୁଖ ଉତ୍ସ ହୋଇଥିଲା। ରାମ ସାଗର, କୃଷ୍ଣ ସାଗରର ଜଳକୁ ଜଳସେଚନ ପାଇଁ ବ୍ୟବହାର କରି ଜିଲାର କେରାଣ୍ଡି, ପୁରୁଣାକେରାଣ୍ଡି, ଦେବିତୀ, ବି. ସୀତାପୁର, ଦୋନୁରୁ, ରାମଚନ୍ଦ୍ରପୁର, ଗଣ୍ଡାହାତୀ, ସିଙ୍ଗିପୁର, ଉପଲଡ଼ା, ମାଛମରା ଆଦି ଗ୍ରାମବାସୀ ନିର୍ଭର କରିଆସୁଥିଲେ। ସାଗରଗୁଡ଼ିକର ସଂଯୋଗୀକରଣ ମାଧ୍ୟମରେ ଅଞ୍ଚଳର ସମସ୍ତ ଚାଷୀ ଏଥିରୁ ଉପକୃତ ହେଉଥିଲେ। ଭଲ ଫସଲ ଅମଳ ଜିଲା ପାଇଁ ସମୃଦ୍ଧି ଆଣିବାରେ ସଫଳ ହୋଇଥିଲା। ସାଗର ଜଳ ଦ୍ୱାରା ଅଞ୍ଚଳର ମତ୍ସ୍ୟଜୀବୀ ମଧ୍ୟ ବେଶ୍ ଲାଭବାନ ହେଉଥିଲେ। ହେଲେ ଏବେ ସେଥିମଧ୍ୟରୁ ବହୁ ସାଗର ପୋତିହେବାକୁ ବସିଲାଣି। ଚାଷୀଙ୍କ ସୁନା ଫଳାଇବାର ସେହି ମାଧ୍ୟମ (ସାଗର)ଗୁଡ଼ିକ ଏବେ ବିଲୁପ୍ତ ଅବସ୍ଥାରେ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିରାଟକାୟ ସୀତା ସାଗର ସୀମାନ୍ତ ଆନ୍ଧ୍ର ପ୍ରଦେଶ ସହ ସଂଲଗ୍ନ ରହିଛି। ତାହା ଏବେ ସମ୍ପୂର୍ଣ୍ଣ ବିଲୁପ୍ତ ଅବସ୍ଥାରେ ରହିଛି। ଏହି ସାଗରର କିଛି ଜାଗାକୁ କେତେଜଣ ବ୍ୟକ୍ତି ଜବରଦଖଲରେ ରଖି ବ୍ୟବସାୟରେ ଲଗାଇଛନ୍ତି। ସେହିପରି ରାମ ସାଗରର ସୌନ୍ଦର୍ଯ୍ୟକରଣ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାର ସୌନ୍ଦର୍ଯ୍ୟକରଣ କିମ୍ବା ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନି। ଏହା କେବଳ ନଥିପତ୍ରରେ ସୀମିତ ରହିଯାଉଛି। ସାଗରଗୁଡ଼ିକର ଅଧଃପତନ ଯୋଗୁ ଐତିହାସିକ ପାରଳାଖେମୁଣ୍ଡି ସହର ଏବେ ଶ୍ରୀହୀନ ହୋଇଛି। ଅଞ୍ଚଳର କୃଷକମାନେ ଏବେ ଜଳସେଚନ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୃଷିକ୍ଷେତ୍ର ପାଇଁ ବର୍ଷାଜଳ ହିଁ ଏକମାତ୍ର ସାହା ହୋଇଛି। ତେଣୁ ଜିଲାରେ ରହିଥିବା ଏହି ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇପାରିଲେ ପୁଣି ଜିଲାର ଚାଷ ଓ ଚାଷୀଙ୍କ ଉନ୍ନତି ଘଟିବା ସହ ଜିଲାର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତପୋଷଣ କରିଛନ୍ତି।

– ରଶ୍ମିରଞ୍ଜନ ମିଶ୍ର

# ଓଟିଡିସି ଆରମ୍ଭ କଲା ‘ଗୋ ଗ୍ଲୋବାଲ’



‘ଗୋ ଗ୍ଲୋବାଲ’ ପ୍ୟାକେଜ୍‌ର ଲୋଗୋ ଉନ୍ମୋଚନ ଅବସରରେ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର, ଏମ୍‌ଡି ହେମକାନ୍ତ ସାଏ ଓ ଅନ୍ୟମାନେ।

- ସୁଲଭ ମୂଲ୍ୟରେ ବିଦେଶ ବୁଲିପାରିବେ ଓଡ଼ିଶା ପର୍ଯ୍ୟଟକ
- ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଓ ଦୁବାଇ ପ୍ୟାକେଜ୍‌ର ଶୁଭାରମ୍ଭ
- ବଢ଼ୁଛି ଇକୋ-ଟୁର୍ ଦିନିକିଆ ପ୍ୟାକେଜ୍‌ର ଲୋକପ୍ରିୟତା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟ ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବାକୁ ପଦକ୍ଷେପ ନେଇଛି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)। ଡେଷ୍ଟିନେଶନ ୱେଡିଂ ପ୍ୟାକେଜ୍ ପରେ ପ୍ରଥମଥର ଲାଗି ଓଟିଡିସି ପକ୍ଷରୁ ବିଦେଶ ଭ୍ରମଣ ପ୍ୟାକେଜ୍ ‘ଗୋ ଗ୍ଲୋବାଲ’ର ଶୁଭାରମ୍ଭ କରାଯାଇଛି। ଥାଇଲାଣ୍ଡ, ମାଲେସିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଦୁବାଇ ଭଳି ୫ ପ୍ରମୁଖ ଡେଷ୍ଟିନେଶନକୁ ଓଟିଡିସି ପକ୍ଷରୁ ଟୁର୍ ପ୍ୟାକଜ୍ ଘୋଷଣା କରାଯାଇଛି। ରାଜ୍ୟ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନିଗମ ଏହି ନୂତନ ବ୍ୟବସ୍ଥା ଆରମ୍ଭ କରିଥିବାବେଳେ ପ୍ୟାକେଜ୍‌ର ଦାମ୍ ପକେଟ୍‌କୁ ସୁହାଇଲା ଭଳି ରହିଥିବା ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି। ଗୁରୁବାର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ୟାକେଜ୍‌ର ଲୋଗୋ ଉନ୍ମୋଚନ କରି ସେ କହିଥିଲେ, ୩ ରାତି ଓ ୪ ଦିନିଆ ଏହି ପ୍ୟାକେଜ୍‌ରେ ପର୍ଯ୍ୟଟକଙ୍କ ଯିବାଆସିବା ଓ ରହଣି ସାମିଲ ହେବ। ଏଥିରେ ଯିବାଆସିବା ଭଡ଼ା, ଭିଜା ଖର୍ଚ୍ଚ, ଭ୍ରମଣ ବୀମା, ହୋଟେଲ ରହଣି, ପ୍ରାତଃ ଭୋଜନ, ରାତ୍ରି ଭୋଜନ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ। ଥାଇଲାଣ୍ଡ ପାଇଁ ମୁଣ୍ଡ ପିଛା ୨୪,୯୯୦ ଟଙ୍କା ଦେୟ ଥିବାବେଳେ ମାଲେସିଆ ୨୯,୯୯୦ ଟଙ୍କା, ସିଙ୍ଗାପୁର ୩୯,୯୯୦ ଟଙ୍କା, ଇଣ୍ଡୋନେସିଆର ବାଲି ପାଇଁ ୩୪,୯୯୦ ଟଙ୍କା ଏବଂ ଦୁବାଇ ନିମନ୍ତେ ୫୩,୯୯୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଥିବା ସେ କହିଥିଲେ।

ଏହି ଅବସରରେ ଓଟିଡିସିର ସଫଳତା ସମ୍ପର୍କରେ ଏମ୍‌ଡି ହେମକାନ୍ତ ସାଏ ସୂଚନା ଦେଇଥିଲେ। ୨ ମାସରେ ଇକୋ ରିଟ୍ରିଟ୍‌ରେ ହାରାହାରି ୭୬% ବୁକିଂ ଶେଷ ହୋଇଛି। ସେହିଭଳି ଓଟିଡିସି ପକ୍ଷରୁ ସାତକୋଶିଆ, ଭିତରକନିକା, ମଙ୍ଗଳାଯୋଡ଼ି, ରାଜହଂସ ଓ ବଡ଼କୁଳ ଭଳି ସ୍ଥାନକୁ ଆରମ୍ଭ ହୋଇଥିବା ଦିନିକିଆ ପ୍ୟାକେଜ୍ ପର୍ଯ୍ୟଟକଙ୍କ ଦ୍ୱାରା ସର୍ବାଧିକ ଆଦୃତ ହୋଇଛି। କେବଳ ଇକୋ-ଟୁରିଜମ୍ ପ୍ୟାକେଜ୍‌ର ୯୦% ବୁକିଂ ରହୁଛି। ଗତ ଡିସେମ୍ବରରେ ଚୁକ୍ତିବଦ୍ଧ ହୋଇଥିବା ‘ମେକ୍ ମାଇଁ ଟ୍ରିପ୍’, ‘ଗୋ-ଆଇବିବୋ’ ଏବଂ ‘ଯାତ୍ରା ଡଟ୍ କମ୍’ ଭଳି ବିଭିନ୍ନ ସଂସ୍ଥା ଦ୍ୱାରା ଅନ୍‌ଲାଇନ୍‌ରେ ୮୦ଲକ୍ଷ ଟଙ୍କାର ରୁମ୍ ବୁକିଂ ହୋଇପାରିଛି। ବିଗତବର୍ଷ ୩୫ଟି ଉତ୍ସବ ଏବଂ ବିଭିନ୍ନ ବେଳାଭୂମି ଉତ୍ସବରେ ଓଟିଡିସିର ଯୋଗଦାନ ସାଙ୍ଗକୁ କଳା, ସଂସ୍କୃତିର ପ୍ରଚାର ଏବଂ ଓଡ଼ିଆ ଖାଦ୍ୟ ସମ୍ଭାରର ପରିବେଷଣ ଲାଗି ନିଗମ ପ୍ରଶଂସିତ ହୋଇଛି। କିଛିଦିନ ତଳେ ଚିଲିକା କୂଳରେ ଥିବା ରମ୍ଭା ଓ ବଡ଼କୁଳ ପାନ୍ଥନିବାସ, ଗୋପାଳପୁର, ଚାନ୍ଦିପୁର, ପୁରୀ ଓ କୋଣାର୍କ ପାନ୍ଥନିବାସରେ ଓଟିଡିସି ପକ୍ଷରୁ ଡେଷ୍ଟିନେଶନ୍ ୱେଡିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ମାତ୍ର ଦୁଇମାସରୁ କମ୍ ସମୟ ମଧ୍ୟରେ ଏଠାରେ ୨୦ଟି ବାହାଘର ସମ୍ପନ୍ନ ହୋଇଛି। ଏହାବ୍ୟତୀତ ବର୍ତ୍ତମାନ ଖେଲୋ ଇଣ୍ଡିଆ ଏବଂ ଅଲ୍‌ଇଣ୍ଡିଆ ଫରେଷ୍ଟ ଗେମ୍ ପରି ୨ଟି ବଡ଼ ଇଭେଣ୍ଟର ଟ୍ରାନ୍ସପୋର୍ଟ ଏବଂ ଆକୋମୋଡେଶନ୍ ଦାୟିତ୍ୱ ଓଟିଡିସି ବହନ କରୁଥିବା ସାଏ କହିଛନ୍ତି।

# ମାର୍ଚ୍ଚ ପହିଲାରୁ ଟ୍ରାଫିକ ନିୟମ କଡ଼ାକଡ଼ି

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** ମାର୍ଚ୍ଚ ପହିଲାରୁ ଟ୍ରାଫିକ ନିୟମ କଡ଼ାକଡ଼ିଭାବେ ପାଳନ କରାଯିବ। ଉଲ୍ଲଂଘନକାରୀଙ୍କ ଉପରେ ମୋଟା ଅଙ୍କର ଜରିମାନା ପଡ଼ିବ। ନିୟମ କଡ଼ାକଡ଼ି କରିବା ଲାଗି କୋହଳ ଅବଧି ସରିବାକୁ ଆଉ ଅଳ୍ପ ଦିନ ବାକି ଅଛି। ନୂଆ ମୋଟର ଯାନ ଆଇନ ଅନୁଯାୟୀ ମାର୍ଚ୍ଚ ୧ରୁ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା କଡ଼ାକଡ଼ି ଆଦାୟ କରାଯିବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକ ଗାଡ଼ି ସମ୍ପର୍କିତ କାଗଜପତ୍ର କରି ସାରିଲେଣି। ପୂର୍ବଭଳି ଆଉ ଆରଟିଓ କାର୍ଯ୍ୟାଳୟରେ ଭିଡ ଦେଖିବାକୁ ମିଳୁନାହିଁ। ମାର୍ଚ୍ଚ ୧ରୁ ଆଇନକୁ କଡ଼ାକଡ଼ି ଭାବେ ପୁଣିଥରେ ଲାଗୁ କରାଯିବ। ଏଥର ନିୟମ ଭାଙ୍ଗିଲେ ଚାଳକଙ୍କୁ ତ୍ରାହି ନାହିଁ। କେହି ଖିଲାପ କଲେ ଜରିମାନା ସାଙ୍ଗକୁ ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ। ଗୋଟିଏ ବାଇକରେ ୨ରୁ ଅଧିକ ଯାଇଥିଲେ ଓ ପଛରେ ବସିଥିବା ବ୍ୟକ୍ତି ହେଲମେଟ୍ ପିନ୍ଧି ନ ଥିଲେ ୧ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ଗାଡ଼ି ଚଳାଇବା ବେଳେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିକୁ ବାଟ ନ ଛାଡ଼ିଲେ ୧୦ ହଜାର ଜରିମାନା ପଡ଼ିବ। ପୂର୍ବରୁ କଡ଼ା ଟ୍ରାଫିକ ନିୟମକୁ ନେଇ ଅସନ୍ତୋଷ ଏବଂ ଆର୍‌ଟିଓରେ ଭିଡ଼କୁ ଦେଖି ସରକାର ଦୁଇଥର ନିୟମ କୋହଳ କରିଥିଲେ।

**PANCHAYAT SAMITI COLLEGE, GAISILAT**
At/Po-Gaisilat, Dist.-Bargarh, Odisha-768037
**LECTURERS WANTED**
Walk in interview with original documents at P.S. College, Gaisilat, Dist.-Bargarh at 10 A.M. on Dt.06.03.2020 for contractual posts of Lecturer in **Odia & Pol. Sc.**
Sd./- Principal

THE ODISHA MINING CORPORATION LTD.
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
Date : 27.02.2020
**CORRIGENDUM**
This is with reference to the Advertisement **No. 46/OMC dated 26.02.2020** regarding **“Recruitment of Non-Executives in OMC Ltd”.**
Due to some technical issues, the on-line process of application shall **Go-Live** from **02:00 PM of 28.02.2020** instead of 02:00 PM of 27.02.2020 and shall remain **live till 11:59 PM of 19.03.2020.**
Other terms & conditions of the Advertisement No.46/OMC dated 26.02.2020 shall remain unchanged.
Sd/-
General Manager (P&A)

# ଭାରତ ଫେରିଲେ ଶିବାଶିଷ

- ଜାପାନ ଜାହାଜରେ ଫସି ରହିଥିଲେ
- ହରିୟାଣାର ଆର୍ମି ଟ୍ରେନିଂ କ୍ୟାମ୍ପରେ ରହିବେ ୧୪ ଦିନ
- କରୋନା ଭାଇରସ୍ ସାମ୍ପଲ ଟେଷ୍ଟ ପରେ ଛଡ଼ାଯିବ



ବ୍ରହ୍ମପୁର ଅଫିସ,୨୭।୨

ଦୀର୍ଘ ୨୪ ଦିନ ଧରି ନାନା ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ଜାପାନ ଜଳ ଜାହାଜରେ କରୋନା ଭାଇରସ୍ ପାଇଁ ଅଟକି ରହିଥିବା ବ୍ରହ୍ମପୁରର ଯୁବ ଇଞ୍ଜିନିୟର ଶିବାଶିଷ ନାୟକ (୨୭) ଗୁରୁବାର ଭାରତ ଫେରିଛନ୍ତି। ଶିବାଶିଷ ଫେରିବା ଖବର ପାଇ ବାପା ଲିଙ୍ଗରାଜ, ମା’ ଝୁନୁ ଓ ଆତ୍ମୀୟ ସ୍ୱଜନ ଖୁସି ବ୍ୟକ୍ତ କରିଛନ୍ତି। ପୁଅ ସହିତ ସକାଳେ ଲିଙ୍ଗରାଜ କଥା ହେବା ପରେ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। ବୁଧବାର ଶିବାଶିଷ ଓ ତାଙ୍କ ୫ ସହକର୍ମୀଙ୍କ ସମେତ ୧୧୯ ଜଣ ଭାରତୀୟ ଓ ୫ ବିଦେଶୀ ନାଗରିକଙ୍କୁ ଟୋକିଓ ପ୍ରଶାସନ ଏକ ବସ୍‌ରେ ହାନିଡା ବିମାନ ବନ୍ଦର ପର୍ଯ୍ୟନ୍ତ ଆଣିଥିଲେ। ଏକ ଭାରତୀୟ ଚାର୍ଟାର୍ଡ଼ ସ୍ୱତନ୍ତ୍ର ବିମାନ ବୁଧବାର ରାତିରେ ସେମାନଙ୍କୁ ନେଇ ସେଠାରୁ ଯାତ୍ରା କରିଥିଲା। ଗୁରୁବାର ଭୋର ସାଢ଼େ ୫ ଟାରେ ଦିଲ୍ଲୀରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍‌ରେ ଏକ ସାମରିକ ବେସ୍‌କୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କୁ ମାସ୍କ ପିନ୍ଧାଇ ରଖାଯାଇଛି। ୧୪ ଦିନ ନିରୀକ୍ଷଣରେ ରଖାଯିବ। ପରେ ସେମାନଙ୍କ କରୋନା ଭାଇରସ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଲେ ସେମାନଙ୍କୁ ଘରକୁ ଛଡ଼ାଯିବ ବୋଲି ଶିବାଶିଷ ଧରିତ୍ରୀକୁ ଫୋନ ଯୋଗେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶିବାଶିଷ ଦିଲ୍ଲୀ ଗୁରଗାଓଁରେ ଥିବା ହ୍ୟୁଗସ୍ ସାଇସ୍‌ଟେକ ପ୍ରାଇଭେଟ୍ ଲିମିଟେଡ଼ରେ ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରନ୍ତି। ଜାନୁୟାରୀ ୧୦ରେ ଶିବାଶିଷ ଓ ତାଙ୍କର ୫ ସହକର୍ମୀ କମ୍ପାନୀ କାମରେ ମାଲେସିଆ ଯାଇଥିଲେ। ସେଠାରୁ କାମ ସାରି ଡାଏମଣ୍ଡ ପ୍ରିନସେସ୍ ଜାହାଜରେ ଚୀନମେ ୱେ ଅଫ୍ ଭିଏତନାମରୁ ଗତ ମାସ ୨୫ ତାରିଖରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ଉକ୍ତ ଜାହାଜରେ ଜଣେ ଯାତ୍ରୀ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଫଳରେ ସେଠାକାର ସରକାର ଜାହାଜକୁ ସମୁଦ୍ର ମଝିରେ ଅଟକାଇ ଦେଇଥିଲେ। ସେଠାରେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବାଶିଷ ଓ ତାଙ୍କର ୫ ସହକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିଥିବା ଲିଙ୍ଗରାଜ ଗତ ୧୯ ତାରିଖରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତଥାପି ସେମାନଙ୍କୁ ଜାହାଜ ଭିତରେ ଅଟକ ରଖାଯାଇଥିଲା। ଭାରତ ସରକାର ତ୍ୱରିତ ପଦକ୍ଷେପ ନେଇ ତାଙ୍କ ପୁଅଙ୍କୁ ଫେରାଇ ଆଣିବାକୁ ସେ ଆକୁଳ ନିବେଦନ କରିଥିଲେ। ଫେରି ଆସିବା ପରେ ଗଣମାଧ୍ୟମ ଓ ପ୍ରଶାସନକୁ ଶିବାଶିଷଙ୍କ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ସମସ୍ତ ଯାତ୍ରୀଙ୍କ ସାମ୍ପଲ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଇଛି। ଆସନ୍ତା ୨ରୁ ୩ ଦିନ ଭିତରେ ଏହାର ରିପୋର୍ଟ ମିଳିବା ସମ୍ଭାବନା ରହିଛି। ରିପୋର୍ଟରେ କରୋନା ଭାଇରସ୍ ନେଗେଟିଭ୍ ଆସିଲେ ସମ୍ପୃକ୍ତ ଯାତ୍ରୀମାନଙ୍କୁ ୧୪ ଦିନ ଯାଏ ଉକ୍ତ କ୍ୟାମ୍ପରେ ରଖାଯାଇ ଛାଡିଦିଆଯିବ ବୋଲି ଶିବାଶିଷ କହିଛନ୍ତି।

IN THE COURT OF THE CIVIL JUDGE (SR. DIVN), MALKANGIRI
Intest Case No. 001/2020
**Kanak Sabat**, aged about 47 years, W/o- Late Gourang Sabat, Vill-Khilaguda, P.O.- Korukonda, P.S./Dist.-Malkangiri, PIN- 764045 ...... *Petitioner*
-Versus-
**CGM (Finance) & Secretary Trust OHPC Pension Trust Fund OHPC Corporate Office**, Janpath Bhoinagar, Bhubaneswar- 751022 ..... *Opp. Party*
**NOTICE**
WHEREAS an application u/s-372 of the Indian Succession Act, 1925 for grant of Succession Certificate of deceased Gourang Sabat is filed in this Court on 24.01.2020 for release of Lifetime arrear pension and arrear family pension amounting Rs. 589,501.00 from OHPC Pension Trust Fund, OHPC Corporate Office, Janpath Bhoinagar, Bhubaneswar-751022 in favour of the Petitioner.
However, general notice is hereby given that, any person having any interest in the above said claim of deceased Gourang Sabat, who desires to appear in the case before the Court may appear on 12.03.20 and may participate in the proceeding before grant of Succession Certificate.
Given under my hand and the seal of the Court, this 24th day of February, 2020.
*Sd./- Civil Judge (Senior Division) Malkangiri*

THE MAYURBHANJ CENTRAL CO-OPERATIVE BANK LTD, BARIPADA
ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ବାରିପଦା
ବିଜ୍ଞାପନ ନଂ. ୩୭୩୮ ତାରିଖ: ୨୦।୦୨।୨୦୨୦
ଏତଦ୍ୱାରା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ଅଂଶୀଦାର ସଭ୍ୟ/ସଭ୍ୟାମାନଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କର ୬୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୦।୦୩।୨୦୨୦ରିଖ ପୂର୍ବାହ୍ନ ଘ.୧୧.୩୦ଷ୍ଠା ସମୟରେ ବାରିପଦାସ୍ଥିତ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ସଭାଗୃହରେ ଅନୁଷ୍ଠିତ ହେବ।
ଉକ୍ତ ସଭାରେ ଯୋଗଦାନପୂର୍ବକ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।
**କାର୍ଯ୍ୟସୂଚୀ:** (୧) ଗତ ୬୬ତମ ସାଧାରଣ ସଭା ତା୦୧।୦୩।୨୦୧୯ରିଖର ବିବରଣୀ ପଠନ ଓ ଦୃଢ଼ୀକରଣ। (୨) ୨୦୧୯-୨୦ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଗ୍ରହଣ। (୩) ଗତ ୨୦୧୮-୧୯ ବର୍ଷର ସମୀକ୍ଷା ପତ୍ର ପଠନ ଓ ଗ୍ରହଣ। (୪) ବ୍ୟାଙ୍କର ୨୦୧୮-୧୯ ବର୍ଷର ଅତିରିକ୍ତ ବଜେଟ ଅନୁମୋଦନ। (୫) ବ୍ୟାଙ୍କର ୨୦୨୦-୨୧ ବର୍ଷର ବାର୍ଷିକ ବଜେଟ ଅନୁମୋଦନ। (୬) ବ୍ୟାଙ୍କର ଉପବିଧି ନଂ.୪ ଓ ନଂ.୧୩ର ପରିବର୍ତ୍ତନ। (୭) ବ୍ୟାଙ୍କର ଲାଭାଂଶ ବଣ୍ଟନ। (୮) ଅନ୍ୟାନ୍ୟ (ସଭାପତିଙ୍କ ଅନୁମତିକ୍ରମେ)।
**ବି.ଦ୍ର.:–** ଓଡ଼ିଶା ସମବାୟ ସମିତି ଆଇନ-୨୧ ଓ ନିୟମ-୨୨ ପ୍ରକାରେ ସଭ୍ୟ ସମିତି ତରଫରୁ ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସମିତିର ସଭାପତି, ସଭାପତି ନଥିଲେ ବା ପ୍ରତିନିଧିତ୍ୱ କରିବାକୁ ଅକ୍ଷମ ଥିଲେ ଉପ-ସଭାପତି, ଯଦି ସଭାପତି ବା ଉପସଭାପତି ନଥା’ନ୍ତି କିମ୍ବା ଉଭୟ ଥାଇ ପ୍ରତିନିଧିତ୍ୱ କରିବାକୁ ଅକ୍ଷମ ହୁଅନ୍ତି, ତେବେ ସାଧାରଣ ସଭାର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତିର ପରିଚାଳନା ସଭାର କ୍ଷମତା ପତ୍ର ସହ ସାଧାରଣ ସଭାରେ ଯୋଗଦାନ କରିପାରିବେ।
ପରିଚାଳନା ପରିଷଦଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./– ଶ୍ରୀ ପ୍ରକାଶ ଚନ୍ଦ୍ର ବାରିକ, ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

CLASSIFIED DISPLAY

**Distributor Reqd.**
**ADIODI Fashion Pvt.Ltd.**
leading manufacture of Jeans,T-Shirts, Shirts & Innerware(both Men&Women) immediately required distributor district wise for entire part of Odisha.
Contact- 9938842102 / 7978926559

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଛୁଆଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786

ODISHA SUB-ORDINATE STAFF SELECTION COMMISSION
ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009
ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in
**ବିଜ୍ଞାପନ** No.T-204
ସଂଖ୍ୟା : IIE - 34/2016- 15 (C)/OSSSC ତାରିଖ- 26 .02.2020
ଜିଲ୍ଲାସ୍ତରୀୟ ଉଦ୍ୟାନ ସଂପ୍ରସାରଣ ସେବକ(HEW) ଓ ଗ୍ରାମ୍ୟ କୃଷି ସେବକ(VAW) ପଦବୀର ପ୍ରାର୍ଥୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା
ଜିଲ୍ଲାସ୍ତରୀୟ ଉଦ୍ୟାନ ସଂପ୍ରସାରଣ ସେବକ ଓ ଗ୍ରାମ୍ୟ କୃଷି ସେବକ ପଦବୀରେ ପ୍ରାର୍ଥୀ ଚୟନ ନିମନ୍ତେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (OSSSC), ଭୁବନେଶ୍ୱରଙ୍କ ବିଜ୍ଞାପନ ସଂଖ୍ୟା- IIE-34/2016- 448(C)/OSSSC ତା16.11.2016 ରିଖ ଓ IIE-34/2016-561(C)/OSSSC ତା20.12.2016 ରିଖ ଅନୁଯାୟୀ **ଲିଖିତ ପରୀକ୍ଷା** ଆସନ୍ତା **ତା 31.05.2020 ରବିବାର ଦିନ ପୂର୍ବାହ୍ନ 9.30 ଘଟିକାରେ** ସମସ୍ତ ଜିଲ୍ଲା ସଦର ମହକୁମାର ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।
ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାରକରି ପ୍ରବେଶପତ୍ର 15.05.2020 ତାରିଖ ଠାରୁ ଡାଉନଲୋଡ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଛପା ପ୍ରବେଶପତ୍ର କାହାରିକୁ ଡାକ ଦ୍ୱାରା ପ୍ରେରଣ କରାଯିବ ନାହିଁ। ପ୍ରାର୍ଥୀମାନେ ଆୟୋଗଙ୍କ ୱେବସାଇଟ www.osssc.gov.in କୁ ଯାଇ ପରବର୍ତ୍ତୀ ସୂଚନା ପାଇ ପାରିବେ।
ଆୟୋଗଙ୍କ ଆଦେଶମତେ
ସ୍ୱା./- ସଚିବ
OIPR-09007/11/0007/1920



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।

-ଭଲ୍‌ଟାୟାର



## ସଂକ୍ଷେପରେ

### ରାସ୍ତା ଦବିବାରୁ ଫସିଲା ସଫାରି ବସ୍

ବାରଙ୍ଗ,୨୭।୨(ଡି.ଏନ.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ ସଫାରି ବସ୍ ପର୍ଯ୍ୟଟକଙ୍କୁ ନେଇ ବାଘ ସଫାରିରେ ଭ୍ରମଣ କରୁଥିବାବେଳେ ରାସ୍ତା ଦବିଯିବାରୁ ଗାଡ଼ିଟି ଫସିଯାଇଥିଲା। ପ୍ରାୟ ଅଧଘଣ୍ଟା ପରେ ସଫାରି ଠିକାଦାର ଅନ୍ୟ ଏକ ବସ୍ ଆଣି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲା। ଫଳରେ ନିକଟରୁ ଦେଖିବା ପାଇଁ ଯାଇଥିବା ପର୍ଯ୍ୟଟକମାନେ ପାଖରେ ବାଘ, ଭାଲୁ ଥିବା ଦେଖି କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ସାଢେ ୪ଟା ସମୟରେ ୩୫ଜଣ ଯାତ୍ରୀଙ୍କୁ ନେଇ ଏକ ସଫାରି ବସ ସଫାରି ଦେଖାଇବା ପାଇଁ ବାହାରିଥିଲା। ପ୍ରଥମେ ବାଘ ସଫାରିରେ ପର୍ଯ୍ୟଟକମାନଙ୍କୁ ନେଇ ବୁଲୁଥିବାବେଳେ ବର୍ଷା ଯୋଗୁ ରାସ୍ତା ଓଦାରୁ ଦବି ଯାଇଥିବାରୁ ବସ୍‌ର ଆଗ ଚକ ଫସିଯାଇଥିଲା। ଫଳରେ ବସ୍‌ରେ ଥିବା ପର୍ଯ୍ୟଟକମାନେ ଭୟରେ ବସି ରହିଥିଲେ। ସଙ୍ଗେ ସଙ୍ଗେ ଏହି କଥା ସଫାରି ଠିକାଦାରଙ୍କୁ ଜଣାଇବା ପରେ ଠିକାଦାର ଅନ୍ୟ ଏକ ବସ ନେଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲା। ପରେ ଏକ ଜେସିବି ମାଧ୍ୟମରେ ଦବିଥିବା ବସ୍‌କୁ ଉଠାଇଥିଲେ। ତେବେ ପ୍ରତିବର୍ଷ ସଫାରି ରାସ୍ତା ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏଭଳି କାମ କରାଯାଉଛି ଯେ, ସାମାନ୍ୟ ବର୍ଷାରେ ଏହିଭଳି ସ୍ଥିତି ରହିଲେ ଲଗାଣ ବର୍ଷାରେ ସ୍ଥିତି କ'ଣ ରହିବ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ କରାଯାଇପାରୁଛି।

### ସଂସ୍କୃତ ଭାଷା ସମ୍ଭାଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଛାତ୍ରୀମାନେ ୧୦ ଦିନ ବ୍ୟାପୀ ସଂସ୍କୃତ ଭାଷାରେ କହିବା ଓ ଲେଖିବା ସମ୍ପର୍କରେ ପ୍ରଶିକ୍ଷଣ ନେବେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ସରିତା ସୂପକାର ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ସଂସ୍କୃତ ଭାଷା ଶିଖିବା ଦ୍ୱାରା ଛାତ୍ରୀମାନେ ଅତୀତର ଜ୍ଞାନକୁ ଜାଣିପାରିବେ। ଏଥିସହ ସଂସ୍କୃତ ଭାଷାକୁ ସୁରକ୍ଷିତ କରିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ରାଜନୀତି ବିଭାଗ ମୁଖ୍ୟ ଡ. ମାନସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିବିର ଆରମ୍ଭରେ ସଂସ୍କୃତି ବିଭାଗ ମୁଖ୍ୟ ଡ. ଇନ୍ଦିରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିରଜା କୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ପ୍ରଣତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜୟାନନ୍ଦ ସ୍ୱାଇଁ ଓ ଅରୁଣ କୁମାର ନାୟକ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡିଛି।

# ଫ୍ଲାଟ୍ ମିଳୁନି, ଚିନ୍ତା ବଢ଼ାଇଛି ଋଣ ବୋଝ

## ରାଜଧାନୀରେ ଘର କରିବା ସ୍ୱପ୍ନରେ ରହିଲା

- ଦୁର୍ଦ୍ଦଶା ଭୋଗୁଛନ୍ତି ୮୦ରୁ ଊର୍ଦ୍ଧ୍ୱ ଜମାକାରୀ
- ଲ୍ୟାଣ୍ଡ ଇଣ୍ଡିଆ ରିୟଲ ଇଷ୍ଟେଟ୍‌କୁ ଦେଇଥିଲେ ଟଙ୍କା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜଧାନୀରେ ଜାଗାଟିଏ ପାଇବା, ଘରଟିଏ କରିବା ସମସ୍ତଙ୍କର ସ୍ୱପ୍ନ। ଲୋକଙ୍କ ଏଭଳି ମାନସିକତାକୁ ନେଇ ଖେଳ ଖେଳୁଛନ୍ତି କେତେକ ରିୟଲ ଇଷ୍ଟେଟ୍ ସଂସ୍ଥା, ବିଲ୍ଡର ଓ ଦଲାଲ। ଲୋଭନୀୟ ସ୍କିମ୍ ମାଧ୍ୟମରେ ଜମି ବା ଘର ଯୋଗାଇ ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଇତିମଧ୍ୟରେ କିଏ ଧରାପଡ଼ି ଜେଲ୍ ଯାଉଛି ତ ଆଉ କିଏ ସଂସ୍ଥା ବନ୍ଦ କରି ଫେରାର ହେଉଛି। କିନ୍ତୁ ନିଜର କଷ୍ଟ ଉପାର୍ଜିତ ଟଙ୍କା ଦେଇ ଫସିଥିବା ଲୋକେ ଜୀବନସାରା ଦୁର୍ଦ୍ଦଶା ହିଁ ଭୋଗି ଚାଲିଛନ୍ତି। ଘର ପାଇବାର ସ୍ୱପ୍ନ ଚୂର୍ମାର ହୋଇଥିବାବେଳେ ବ୍ୟାଙ୍କ ଋଣ ସେମାନଙ୍କ ଜୀବନକୁ ଦହଗଞ୍ଜ କରୁଛି। ଲ୍ୟାଣ୍ଡ ଇଣ୍ଡିଆ ରିୟଲ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଟଙ୍କାଦେଇ ଏମିତି ସ୍ଥିତିର ସାମ୍ନା କରୁଛନ୍ତି ୮୦ରୁ ଊର୍ଦ୍ଧ୍ୱ ଜମାକାରୀ। ୨୦୧୨ରୁ ଚାହିଁ ରହିଥିଲେ ମଧ୍ୟ ଏଯାଏ ଘର ମିଳିପାରୁନି। ଏପଟେ ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ଗିରଫ ହୋଇ ଏବେ ଜେଲ୍‌ରୁ ଫେରିଥିବା ସଂସ୍ଥାର ନିର୍ଦ୍ଦେଶକ ମଧ୍ୟ ହାତ ଟେକିଦେଇଛନ୍ତି। ଏପରିସ୍ଥିତିରେ ଉପଭୋକ୍ତାମାନେ କିପରି ଫ୍ଲାଟ୍ ପାଇବେ ଓ ଋଣ ଶୁଝିବେ ସେହି ଚିନ୍ତାରେ ଦିନରାତି ଘାରି ହେଉଛନ୍ତି।

ମିଳିଥିବା ସୂଚନାନୁସାରେ, ଲ୍ୟାଣ୍ଡ ଇଣ୍ଡିଆ ରିୟଲ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ୍ ଚନ୍ଦକା ଥାନା ଅନ୍ତର୍ଗତ ଘଙ୍ଗାପାଟଣା ମୌଜାରେ ଆପାର୍ଟମେଣ୍ଟ ପ୍ରୋଜେକ୍ଟ କରି ୨୦ଲକ୍ଷରେ ୨ବିଏଚ୍‌କେ ଫ୍ଲାଟ୍ ଦେବାକୁ ଲୋକଙ୍କଠାରୁ ଟଙ୍କା ନେଇଥିଲା। କେତେଜଣ ସମ୍ପୂର୍ଣ୍ଣ କ୍ୟାଶ୍ ଦେଇଥିବାବେଳେ ଆଉ କେତେଜଣ କିଛି କ୍ୟାଶ୍ ଓ ଆଉ କିଛି ବ୍ୟାଙ୍କ୍ ଋଣ କରିଥିଲେ। ଶେଷଦେବ ପରିଡ଼ା ନାମକ ଜଣେ ଜମାକାରୀ କୁହନ୍ତି, ସଂସ୍ଥାର ନିର୍ଦ୍ଦେଶକ ବ୍ରଜସୁନ୍ଦର ମିଶ୍ର ତାଙ୍କ ସହ ଏକ ଏଗ୍ରିମେଣ୍ଟ କରିଥିଲେ। ଏଗ୍ରିମେଣ୍ଟ ମୁତାବକ ସେ ୨ଲକ୍ଷ ଟଙ୍କା ଅଗ୍ରୀମ ଦେବାପରେ ଅବଶିଷ୍ଟ ୧୮ଲକ୍ଷ ବ୍ୟାଙ୍କ୍ ଋଣ ମାଧ୍ୟମରେ ନେଇଥିଲା ସଂସ୍ଥା। ୨୦୧୬ରେ ଫ୍ଲାଟ୍ ହସ୍ତାନ୍ତର ହେବା କଥା। ମାତ୍ର ଘର ନିର୍ମାଣ ଅଳ୍ପ ଆରମ୍ଭ ହୋଇ ବର୍ତ୍ତମାନ ଯାଏ ପଡ଼ିରହିଛି। ବ୍ୟାଙ୍କକୁ ଋଣ କିସ୍ତି ଶୁଝିବା କଷ୍ଟକର ହେଉଛି। ବିଲ୍ଡର ଜେଲରୁ ଫେରିବା ପରେ ମଧ୍ୟ ପ୍ରୋଜେକ୍ଟ ଆରମ୍ଭ କରୁ ନାହାନ୍ତି। ବ୍ୟାଙ୍କ ମଧ୍ୟ ଆମ ସମସ୍ୟା ବୁଝୁନାହିଁ। ମୋ ଭଳି ଅନ୍ୟମାନଙ୍କ କଥା ମଧ୍ୟ ସରକାର ବୁଝନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ଅନ୍ୟଜଣେ ଜମାକାରୀ ମନୋଜ ମିଶ୍ର କୁହନ୍ତି, ଫ୍ଲାଟ୍ କିଣିବାକୁ ବ୍ୟାଙ୍କରୁ ୨୦୧୩ରେ ଋଣ କରି ସଂସ୍ଥାକୁ ଦେଇଥିଲେ। ୨୦୧୬ରେ ସଂସ୍ଥା ଆମକୁ ଫ୍ଲାଟ ହସ୍ତାନ୍ତର କରିବାକୁ ଚୁକ୍ତି କରିଥିବାରୁ ସେବେଠାରୁ ବ୍ୟାଙ୍କ ଦେଇଥିବା ଟଙ୍କାର ସୁଧ ସହ କିସ୍ତି ଆଦାୟ କରୁଛି। ଅନ୍ୟପକ୍ଷରେ ବିଲ୍ଡର ଜଣକ ଜେଲ୍ ଯାଇଥିବା ଓ ବ୍ୟାଙ୍କ୍ ଆକାଉଣ୍ଟ ସିଜ୍ ହୋଇଥିବା ବାହାନା ଦେଖାଇ ନିଜେ ଅସହାୟତା ପ୍ରକାଶ କରୁଛନ୍ତି। କିନ୍ତୁ ଅନ୍ୟ କାହାକୁ ଉକ୍ତ ଘର ନିର୍ମାଣ ଦାୟିତ୍ୱ ଦେଉ ନ ଥିବାରୁ ଆମେ ଫ୍ଲାଟ୍ ପାଇପାରୁନୁ। ଏପଟେ ବ୍ୟାଙ୍କ୍ କିସ୍ତି ଶୁଝିବା ଆଉ ସମ୍ଭବ ହେଉନି। ଏହି ସମସ୍ୟା ଆମ ପାରିବାରିକ ଜୀବନକୁ କ୍ଷତିଗ୍ରସ୍ତ କରୁଛି। ତେଣୁ ଏଥିପ୍ରତି ବ୍ୟାଙ୍କ୍ ଓ ବିଲ୍ଡର ଚିନ୍ତା କରିବା ଆବଶ୍ୟକ।

ବ୍ୟାଙ୍କ ମ୍ୟାନେଜର କୁହନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଆମ ପାଖରୁ ୬୮ଜଣ ଋଣ ନେଇଛନ୍ତି। ଫ୍ଲାଟ୍ ନ ପାଇ ବହୁ ଉପଭୋକ୍ତା କିସ୍ତି ଓ ସୁଧ ଦେବା ବନ୍ଦ କରି ଦେବାରୁ ଉକ୍ତ ଆକାଉଣ୍ଟଗୁଡିକୁ ଏନ୍‌ପିଏ (ନନ୍ ପେମେଣ୍ଟ ଆକାଉଣ୍ଟ) କରିବାକୁ ମୁଖ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି।। ତଥାପି ଆମେ ବିକଳ୍ପ ଚିନ୍ତା କରୁଛୁ। ବ୍ୟାଙ୍କ ତରଫରୁ ବିଲ୍ଡରଙ୍କ ସହ ଯୋଗାଯୋଗ ଚାଲିଛି।

ସଂସ୍ଥାର ନିର୍ଦ୍ଦେଶକ ତଥା ବିଲ୍ଡର ବ୍ରଜ ସୁନ୍ଦର ମିଶ୍ର କୁହନ୍ତି, ଚିଟ୍‌ଫଣ୍ଡ ସହ ଉକ୍ତ ପ୍ରୋଜେକ୍ଟର କୌଣସି ସମ୍ପର୍କ ନାହିଁ। ଲୋକମାନଙ୍କୁ ମୁଁ ଠକିବାକୁ ଚାହୁଁନି। ୨୦୧୬ରୁ ଜେଲ ଯାଇ ୨୦୧୯ ଦଶହରାରେ ଜାମିନରେ ଆସିଛି। ଏବେ ମୋ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ମୋର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିଦିଆଯାଇଛି। ଆକାଉଣ୍ଟ ଚଳାଇବାକୁ ହାଇକୋର୍ଟରେ ମୁଁ ପିଟିଶନ କରିଛି। ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ କାଗଜପତ୍ର ଶୀଘ୍ର କୋର୍ଟରେ ପ୍ରଦାନ କରାଗଲେ ଓ ବ୍ୟାଙ୍କ ଆକାଉଣ୍ଟ ଚଳାଇବାକୁ ଅନୁମତି ମିଳିଗଲେ ତୁରନ୍ତ ଫ୍ଲାଟ୍ କାମ ସାରି ଲୋକଙ୍କୁ ହସ୍ତାନ୍ତର କରିବି। ପୁଣି ବର୍ତ୍ତମାନ ଦରଦାମ ବଢିଯାଇଥିବାରୁ ଉକ୍ତ ପ୍ରୋଜେକ୍ଟ ପାଇଁ ଅଧିକ ଅର୍ଥ ଆବଶ୍ୟକ। ଏ ନେଇ ଜମାକରୀ ଓ ବ୍ୟାଙ୍କ ସହ କଥାହୋଇ କାମ ଆରମ୍ଭ କରିବୁ ବୋଲି ସେ କହିଛନ୍ତି।

### ସର୍ବଭାରତୀୟ ଧୋବୀ ମହାସଭାରେ ଉତ୍କଳ ରଜକ ମହାସଂଘର ଯୋଗଦାନ

ଭୁବନେଶ୍ୱର, ୨୭-୨

ଉତ୍କଳ ଭାରତ ଧୋବୀ ମହାସଂଘ ପକ୍ଷରୁ କଲିକତାଠାରେ ୩ ଦିନ ଧରି ଅନୁଷ୍ଠିତ ମହାସଭାରେ ଉତ୍କଳ ରଜକ ମହାସଂଘର ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ। ଏଥିରେ ନୂଆ ସଭାପତି ଭାବେ କିରଣ କୁମାର କୌନଜିଆ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ୪୦୦ ଜାତୀୟ ପରିଷଦ ସଦସ୍ୟ ଯୋଗ ଦେଇଥିଲେ। ଓଡିଶାରୁ ଆକୁଳି ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ନୂତନ ସଭାପତି କୌନଜିଆ ଏପ୍ରିଲରେ ଓଡିଶା ଗସ୍ତରେ ଆସିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିଲାଗି ଉତ୍କଳ ରଜକ ମହାସଂଘ ପକ୍ଷରୁ କମିଶନରେଟ ପୋଲିସଙ୍କ ଅନୁମତି ମଗା ଯାଇଛି ବୋଲି ମାନଗୋବିନ୍ଦ ସେଠୀ ସୂଚନା ଦେଇଛନ୍ତି।

## ଭୁବନେଶ୍ୱର ବସ୍ତିରେ ଥିବା ଲୋକଙ୍କ ଜୀବନଶୈଳୀ ସ୍ୱତନ୍ତ୍ର

- ବିଓସି ବୁଲି ଦେଖିଲେ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ)ର କମାଣ୍ଡର ତଥା ପରିଚାଳନା ଅଫିସ୍ କୁହାଯାଉଥିବା ଭୁବନେଶ୍ୱର ଅପରେଶନ ସେଣ୍ଟର (ବିଓସି) ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧି ଦଳ ବୁଲି ଦେଖିଛନ୍ତି। ଦଳ ଗୁରୁବାର ବିଏସ୍‌ସିଏଲର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପଚାରି ବୁଝିଥିଲେ। ହେଲେ ଭୁବନେଶ୍ୱର ବସ୍ତିରେ ରହୁଥିବା ଲୋକ ତଥା ଯୁବପିଢିଙ୍କ ଜୀବନଶୈଳୀ ସ୍ୱତନ୍ତ୍ର ବୋଲି ସେମାନେ କହିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନା ପକ୍ଷରୁ ଆସିଥିବା ଏହି ପ୍ରତିନିଧି ଦଳ ବିଏସ୍‌ସିଏଲ ଏବଂ ବିଓସି ପରିଦର୍ଶନ କରିଥିଲେ। ଭୁବନେଶ୍ୱରରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ, ସିଟି ପ୍ଲାନ ଆଦି ବିଷୟରେ ମଧ୍ୟ ଏହି ଦଳ ଆଲୋଚନା କରିଥିଲେ।

ବିଶେଷକରି ସ୍ମାର୍ଟ ସିଟି ଏବଂ ବସ୍ତିର ବିକାଶ ଉପରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ସେମାନେ ବୁଲି ଦେଖିବା ପରେ ଆମେ ଭାରତର ବିଭିନ୍ନ ସ୍ଥାନ ବୁଲିଛୁ ଏବଂ ଦେଖିଛୁ। ପ୍ରଥମେ ଏହି ପ୍ରତିନିଧି ଦଳ ବିଓସି ବୁଲି ଦେଖିବାକୁ ଥିବା ଭିଜିଟ୍ ଫି ପ୍ରଦାନ କରିବା ପରେ ଭିତରକୁ ଯାଇ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ବୁଲି ଦେଖିଥିଲେ। ଏଥିସହ ସେମାନେ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଆଇଟି ଉପରେ ଆଧାରିତ ଭବିଷ୍ୟତର ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ମହାରାଷ୍ଟ୍ର ସରକାରଙ୍କ ଅର୍ଥ, ପରିଚଳାନା ବିଭାଗ, ପ୍ରଶିକ୍ଷଣ, ଆୟ, କର୍ପୋରେଶନ ଏବଂ ପ୍ରାଣୀ ରିସୋର୍ସେସ୍‌ର ପ୍ରତିନିଧିମାନେ ଥିଲେ। ଓଡ଼ିଶା ଅର୍ଥ ବିଭାଗର ମୁଖ୍ୟ ମନୋରଞ୍ଜନ ସାମନ୍ତରାୟ, ବିଏସ୍‌ସିଏଲର ଇଞ୍ଜିନିୟରିଂ ବିଭାଗର ଜେନେରାଲ ମ୍ୟାନେଜର ଅଶ୍ୱିନୀ ବିଶ୍ୱାଳ, ସଞ୍ଜୀବ ପଣ୍ଡା ପ୍ରମୁଖ ଉକ୍ତ ପ୍ରତିନିଧିମାନଙ୍କୁ ବିଭିନ୍ନ ସ୍ମାର୍ଟ ଏବଂ ଉନ୍ନତି ମୂଳକ କାର୍ଯ୍ୟ ଉପରେ ବୁଝାଇଥିଲେ। ସୂଚନାଯୋଗ୍ୟ, ଫେବୃୟାରୀ ୧୩ରେ ଆଇଏଏସ୍ ୨୦୧୮ ମହାରାଷ୍ଟ୍ର କ୍ୟାଡର ଏକ ପ୍ରତିନିଧି ଦଳ ଆସି ବିଓସି ବୁଲି ଦେଖିବା ସହ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ।



IMG-20200228-WA0001.tif

### ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ପାଇଁ ୩ ସଦସ୍ୟ ମନୋନୀତ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

'ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ'ର ପରିଚାଳନା କମିଟି ସଦସ୍ୟଭାବେ ୩ଜଣଙ୍କୁ ମନୋନୀତ କରାଯାଇଛି। ଏନେଇ ଗୁରୁବାର ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମନୋନୀତ ହୋଇଥିବା ବ୍ୟକ୍ତିମାନେ ହେଲେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ କମଳା ପ୍ରସାଦ ମହାପାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ତନ୍ମୟ ସ୍ୱାଇଁ।

### ହନୁମାନ ଚାଳିଶା ପଢ଼ିବେ ୨୫ ହଜାର ଭକ୍ତ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଓଡ଼ିଶାର ଗ୍ରହ ଶାନ୍ତି ପାଇଁ ୨୫ହଜାର ଭକ୍ତ ହନୁମାନ ଚାଳିଶା ପଢ଼ିବେ। ଆସନ୍ତା ନଭେମ୍ବର ୨୭ରୁ ୧ ଡିସେମ୍ବର ଯାଏ ଜନତା ମଇଦାନରେ ଏହି ସାମୂହିକ ୧୦୮ ହନୁମାନ ଚାଳିଶା ପାଠ ଆୟୋଜିତ ହେବ ବୋଲି ଗୁରୁବାର ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟ ପକ୍ଷରୁ କୁହାଯାଇଛି।

## ବ୍ୟାଙ୍କ ସଂଘ ପକ୍ଷରୁ ଭୁବନେଶ୍ୱର ଏମ୍‌ପିଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର, ୨୭-୨

ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ)ର ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସଙ୍ଗଠନଗୁଡିକ ପକ୍ଷରୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ୟାଙ୍କର ଦ୍ୱିପାକ୍ଷିକ ରାଜିନାମାକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ଲାଗି ଏଥିରେ ଅନୁରୋଧ କରାଯାଇଛି। ବ୍ୟାଙ୍କ ସ୍ତରୀୟ ସଙ୍ଗଠନଗୁଡିକ ପକ୍ଷରୁ ଦାମୋଦର ନନ୍ଦ, ସବ୍ୟସାଚୀ ସ୍ୱାଇଁ, ଶିବପ୍ରସାଦ ବେହେରା, ଅନୀଲ ପ୍ରଧାନ, ସଞ୍ଜୀବ ପତି ଏବଂ ପ୍ରକାଶ ରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଆଇବିଏର ଟାଳଟୁଳ ନୀତି, ଦ୍ୱିପାକ୍ଷିକ ଆଲୋଚନାର ବିଫଳତା ସମ୍ପର୍କରେ ଏହି ଅବସରରେ ଏମ୍‌ପି ଷଡଙ୍ଗୀଙ୍କୁ ଅବଗତ କରାଯାଇଛି। ବ୍ୟାଙ୍କ ସଙ୍ଗଠନ ସମୂହର ଦାବି ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଅବଗତ କରାଇବେ ଏବଂ ମଜୁରି ରାଜିନାମାରେ ତୁରନ୍ତ ଉପନୀତ ହେବା ଲାଗି ଅନୁରୋଧ କରିବେ ବୋଲି ଷଡଙ୍ଗୀ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏମ୍‌ପି ଷଡଙ୍ଗୀଙ୍କୁ ୟୁଏଫ୍‌ବିୟୁ ଓଡ଼ିଶା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।


CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ। ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



ବିଧାନସଭା ନିର୍ବାଚନ ପରେ ସବୁକିଛି ଠିକ୍ ହୋଇଯିବ ବୋଲି ମନେକରୁଥିବା ଦିଲ୍ଲୀବାସୀଙ୍କୁ ନିରାଶ ହେବାକୁ ପଡ଼ିଲା ଉତ୍ତର-ପୂର୍ବ ଦିଲ୍ଲୀ ଅଞ୍ଚଳରେ ଗତ ରବିବାର ରାତିରେ। ନୂଆ ନାଗରିକତ୍ୱ ଆଇନ ସିଏଏକୁ ନେଇ ଜାତୀୟ ରାଜଧାନୀର ଶାହିନବାଗ ନିଆଁ କେତେବେଳେ ବହୁ ଅଞ୍ଚଳକୁ ବ୍ୟାପିଗଲା ତାହା କେହି ଜାଣିପାରିଲେ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ବେଳେ ହଠାତ୍ ହିଂସା ଓ ସଂଘର୍ଷ ଘଟିଲା। ସେବେଠୁ ମୃତ୍ୟୁସଂଖ୍ୟା କ୍ରମଶଃ ବଢ଼ିଚାଲିଥିବାବେଳେ ହିଂସା ମଧ୍ୟ ଥମିବାର ନାଁ ନେଉନାହିଁ। ମନେହେଉଛି ଯେମିତି ହାଇ-ସିକ୍ୟୁରିଟିର ହାଇପ୍ରୋଫାଇଲ କ୍ୟାପିଟାଲରେ ଆଇନ ଆଉ କାମ କରୁନାହିଁ। ୩ ଜିଲାରେ ସ୍ଥିତି ଏମିତି ଯେ ଯେଉଁଆଡ଼େ ଚାହିଁଲେ ଦଙ୍ଗାର ଆତଙ୍କ। ଭଙ୍ଗାରୁଜା, ଜଳାପୋଡ଼ା ତ ସାଧା କଥା, ଗୁଳିକାଣ୍ଡ ବି ବଡ଼କଥା ହୋଇ ରହିନାହିଁ। ଅନେକ ବସ୍ତିର ଗଳିରେ ମହିଳାଙ୍କ କ୍ରନ୍ଦନରୋଳ ଏବଂ ରାତିରେ ଶୋଉନାହାନ୍ତି ଅନେକେ। ସ୍ଥିତି ସୁଧୁରୁଛି ବୋଲି ପୋଲିସ-ପ୍ରଶାସନ ଓ କେନ୍ଦ୍ର ସରକାର ଦାବି କରୁଥିବାବେଳେ ନେତାଙ୍କ ବୟାନବାଜି ସିଏଏ ନିଆଁକୁ ଦେଉନାହିଁ ଲିଭିବାକୁ।



# ସ୍ଥିତି ସୁଧୁରୁଛି, ଲିଭୁନାହିଁ ନିଆଁ

## ବିବାଦରେ ବିଚାରପତିଙ୍କ ରାତିଅଧିଆ ବଦଳି

ନୂଆଦିଲ୍ଲୀ,୨୭।୨(ପି.ଟି.)

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.ମୁରଲୀଧରଙ୍କ ବଦଳି ସମୟକୁ ନେଇ ବିବାଦ ଦେଖାଦେଇଛି। ଦିଲ୍ଲୀ ଦଙ୍ଗା ମାମଲାରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ୩ ଭାଜପା ନେତାଙ୍କ ବିରୋଧରେ ଏତଲା ଦାଏର ହୋଇ ନ ଥିବାରୁ ଜଷ୍ଟିସ୍ ମୁରଲୀଧର ବୁଧବାର ଦିଲ୍ଲୀ ପୋଲିସକୁ ଭର୍ତ୍ସନା କରିଥିଲେ। ଏହାର କିଛି ସମୟ ପରେ ତାଙ୍କର ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମଧ୍ୟରାତ୍ରରେ ବିଚାରପତିଙ୍କୁ ବଦଳି କରାଯିବା ଲଜ୍ଜାଜନକ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ବଦଳି ଏକ ନିୟମିତ ପ୍ରକ୍ରିୟା। ବିରୋଧୀ ଦଳ ଏହାକୁ ରାଜନୀତିର ରଙ୍ଗ ଦେଉଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଜଷ୍ଟିସ୍ ମୁରଲୀଧରଙ୍କ ସମେତ ବମ୍ବେ ହାଇକୋର୍ଟ ବିଚାରପତି ରଞ୍ଜିତ୍ ବସନ୍ତରାଓ ମୋରେ ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ରବି ବିଜୟ କୁମାର ମାଲିମଠଙ୍କ ବଦଳି ନେଇ



ଜଷ୍ଟିସ୍ ଏସ୍.ମୁରଲୀଧର

- ବଦଳି ନିୟମିତ ପ୍ରକ୍ରିୟା: ସରକାର
- କଂଗ୍ରେସ କହିଲା ଲଜ୍ଜାଜନକ
- ସ୍ଥଗିତ ରଖିବାକୁ ସିପିଏମ୍‌ର ଦାବି

ବୁଧବାର ରାତିରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ତିନୋଟି ପୃଥକ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଷ୍ଟିସ୍ ମୁରଲୀଧରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି କରାଯାଇଛି। ପ୍ରଧାନ ବିଚାରପତିଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ବଦଳିକୁ ଅନୁମୋଦନ କରିଥିବା ବିଜ୍ଞପ୍ତିରେ କୁହାଯାଇଛି। ସିଏଏ ବିରୋଧୀ ଆନ୍ଦୋଳନକୁ ନେଇ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ୩ ଭାଜପା ନେତା ପରଭେଶ ବର୍ମା, କପିଲ ମିଶ୍ରା ଏବଂ ଅନୁରାଗ ଠାକୁରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଏତଲା ଦାଏର କରି ନ ଥିବାରୁ ବୁଧବାର ଜଷ୍ଟିସ୍ ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ସୁପ୍ରିମକୋର୍ଟ କଲେଜିୟମ୍‌ର ସୁପାରିସ୍ କ୍ରମେ ଜଷ୍ଟିସ ମୁରଲୀଧରଙ୍କ ବଦଳି ହୋଇଥିବା କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଅନ୍ୟପକ୍ଷରେ ବଦଳିକୁ ବିରୋଧ କରି ଏହା ନ୍ୟାୟ ବ୍ୟବସ୍ଥା ଉପରେ ସରକାରଙ୍କ ହସ୍ତକ୍ଷେପ ଏବଂ ଷଡଯନ୍ତ୍ରପୂର୍ଣ୍ଣ ରାଜନୀତି ବୋଲି କଂଗ୍ରେସ କହିଛି। ବିଚାର ବିଭାଗର ମୁହଁ ବନ୍ଦ କରିଦେବାକୁ ସରକାର ଚାହୁଁଥିବା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅଭିଯୋଗ କରିଛନ୍ତି। ଏଭଳି ରାତିଅଧିଆ ବଦଳି ଦୁଃଖଦାୟକ ଓ ଲଜ୍ଜାଜନକ ବୋଲି ସେ ଟୁଇଟ୍ କରିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିଚାରପତି ଲୋୟାଙ୍କ କଥା ମନେପକାଇଦେଇଛନ୍ତି। ସୋହରାବୁଦ୍ଦିନ ଶେଖ୍ ଜାଲ୍ ଏନ୍‌କାଉଣ୍ଟର ମାମଲାର ଶୁଣାଣି କରୁଥିଲେ ସ୍ୱତନ୍ତ୍ର ସିବିଆଇ ବିଚାରପତି ବି.ଏଚ୍. ଲୋୟା। ୨୦୧୪ ଡିସେମ୍ବର ୧ରେ ରହସ୍ୟଜନକ ଭାବେ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ଭାଜପା ସରକାର ନ୍ୟାୟପାଳିକା ବିରୋଧରେ ପ୍ରତିଶୋଧର ଲଢ଼େଇ ଆରମ୍ଭ କରିଥିବା କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଅଭିଯୋଗ କରିଛନ୍ତି।

ଜଷ୍ଟିସ ମୁରଲୀଧରଙ୍କ ବଦଳି ତାଙ୍କ କୋର୍ଟ ନିର୍ଦ୍ଦେଶନାମାର ଚୟନାତ୍ମକ ପ୍ରତିକ୍ରିୟା ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଆତ୍ମବିଶ୍ୱାସର ଅଭାବ ଦେଖାଦେଇଥିବାବେଳେ ଦେଶର ବିଚାର ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ସୁଦୃଢ଼ କରିବାକୁ ହେଲେ ବିଚାରପତିଙ୍କ ବଦଳିକୁ ସ୍ଥଗିତ ରଖିବା ପାଇଁ ସିପିଆଇ(ଏମ୍) ପଲିଟ୍‌ବ୍ୟୁରୋ ସରକାରଙ୍କୁ ଅନୁରୋଧ କରିଛି।

## ଶାହାଙ୍କୁ ତୁରନ୍ତ ବରଖାସ୍ତ କର



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ। ନିକଟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା, ମଲ୍ଲିକାର୍ଜୁନ ଖାର୍ଗେ, ଏ.କେ. ଆଣ୍ଟୋନି ଓ ଦଳର ନେତୃବୃନ୍ଦ।

### ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ଦିଲ୍ଲୀରେ ସିଏଏ ବିରୋଧୀ ସଂଘର୍ଷ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେବା ପରେ ୩୮ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛି। ଦଙ୍ଗା ରୋକିବାରେ ବିଫଳ ହୋଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ଦଳ ଦାବି କରିଛି। ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କଂଗ୍ରେସ କେନ୍ଦ୍ରକୁ 'ରାଜଧର୍ମ' ପାଳନ ପାଇଁ ସ୍ମରଣ କରାଇଦେଇଛି। ଦିଲ୍ଲୀ ଜଳୁଥିବାବେଳେ ଉଭୟ କେନ୍ଦ୍ର ଏବଂ ଏଏପି ସରକାର ପ୍ରତିକାରମୂଳକ ପଦକ୍ଷେପ ନେବା ବଦଳରେ ନୀରବଦ୍ରଷ୍ଟା ସାଜିଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏହାସହ ରାଷ୍ଟ୍ରପତି ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇ ଦିଲ୍ଲୀବାସୀଙ୍କ ଧନଜୀବନ ଓ ସ୍ୱାଧୀନତାକୁ ସୁନିଶ୍ଚିତ କରିବା ପୂର୍ବକ ପଦକ୍ଷେପ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

> ଦିଲ୍ଲୀରେ ୪ ଦିନ ଧରି ଯାହା ଚାଲିଛି, ତାହା ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ ଓ ଜାତୀୟ ଲଜ୍ଜା। ରାଷ୍ଟ୍ରପତି ନିଜ କ୍ଷମତା ବ୍ୟବହାର କରି ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସୁନିଶ୍ଚିତ କରାନ୍ତୁ।
>
> -ମନମୋହନ ସିଂ,
> ପୂର୍ବତନ ପ୍ରଧାନମନ୍ତ୍ରୀ

## 'ମାନବାଧିକାରକୁ ନେଇ ନେତୃତ୍ୱର ବିଫଳତା'

ୱାଶିଂଟନ,୨୭।୨

ଦିଲ୍ଲୀ ହିଂସା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ନିନ୍ଦା କରିଛନ୍ତି ବର୍ନି ସେଣ୍ଡର୍ସ। ଆମେରିକାର ଆଇନ ପ୍ରଣେତାମାନେ ଦିଲ୍ଲୀ ହିଂସାକୁ ନିନ୍ଦା କରିବାର ଦିନକ ପରେ ୱାଶିଂଟନରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଆଗୁଆ ଥିବା ବର୍ନି ସେଣ୍ଡର୍ସ କହିଛନ୍ତି, ଟ୍ରମ୍ପଙ୍କ ଦୁଇଦିନିଆ ଭାରତ ଗସ୍ତ ବେଳେ ନୂଆଦିଲ୍ଲୀରେ ହିଂସା ଘଟିଛି। ଏହାକୁ ନେଇ ଟ୍ରମ୍ପ ମାନବାଧିକାର ପ୍ରସଙ୍ଗରେ ବିଫଳ ହୋଇଛନ୍ତି। ଦଙ୍ଗାକୁ ନେଇ ତାଙ୍କ ମନ୍ତବ୍ୟ ନେତୃତ୍ୱର ବିଫଳତାକୁ ପ୍ରମାଣିତ




କରୁଛି ବୋଲି ସେଣ୍ଡର୍ସ ସମାଲୋଚନା କରିଛନ୍ତି। ଟ୍ରମ୍ପଙ୍କୁ ଗସ୍ତ ବେଳେ ଦିଲ୍ଲୀ ହିଂସା ସମ୍ପର୍କରେ ସୋମବାର ଖବରଦାତାମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସେ ଆକ୍ରମଣ ସମ୍ପର୍କରେ କିଛି ଆଲୋଚନା କରିନାହାନ୍ତି। ସେ ଏ ବିଷୟରେ ଶୁଣିଛନ୍ତି। ଏହି ପ୍ରସଙ୍ଗରେ ସେଣ୍ଡର୍ସ ଟୁଇଟ୍ କରିଛନ୍ତି, ୨୦୦ ନିୟୁତରୁ ଅଧିକ ମୁସ୍‌ଲିମ୍ ଭାରତକୁ ନିଜ ଘର ବୋଲି ମାନନ୍ତି। ମୁସ୍‌ଲିମ ବିରୋଧୀ ହିଂସାରେ ବହୁ ଲୋକ ମୃତାହତ ହେଲେଣି। ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ଭାରତ ବୁଝିବ ବୋଲି ଟ୍ରମ୍ପ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରକାଶ ଯେ, ବର୍ନି ସେଣ୍ଡର୍ସ ହେଉଛନ୍ତି ସିନେଟର ଏଲିଜାବେଥ୍‌ଙ୍କ ପରେ ଦ୍ୱିତୀୟ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ, ଯିଏକି ନୂଆଦିଲ୍ଲୀରେ ସିଏଏ ବିରୋଧୀ ହିଂସା ଉପରେ ମତ ରଖିଛନ୍ତି। ଆମେରିକାର ଅନ୍ୟ ପ୍ରଭାବଶାଳୀ ସିନେଟରମାନେ ମଧ୍ୟ ଏନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

### ଆଇଓସିକୁ ନିନ୍ଦାକଲା ଭାରତ

ଦିଲ୍ଲୀ ଦଙ୍ଗାକୁ ନେଇ ଅନ୍ତର୍ଜାତୀୟ ସଂସ୍ଥା ଓ ବ୍ୟକ୍ତିବିଶେଷ ଭୁଲ, ବିଭ୍ରାନ୍ତିକର ଓ ଦାୟିତ୍ୱହୀନ ମନ୍ତବ୍ୟ ଦେଉଥିବା ଦର୍ଶାଇ ଭାରତ ଏହାର ନିନ୍ଦା କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ଇସ୍‌ଲାମିକ୍ ସହଯୋଗ ସଙ୍ଗଠନ (ଆଇଓସି) ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ତଥ୍ୟ ଆଧାରିତ ନୁହେଁ। ଏହା ତ୍ରୁଟିପୂର୍ଣ୍ଣ ଓ ବିଭ୍ରାନ୍ତିକର। ତୃଣମୂଳ ସ୍ତରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣି ଲୋକଙ୍କଠାରେ ବିଶ୍ୱାସ ଜନ୍ମାଇବା ପାଇଁ ଉଦ୍ୟମ ଜାରି ରହିଛି। ପ୍ରକାଶ ଯେ, ଦିଲ୍ଲୀରେ ୪ ଦିନ ହେଲା ଲାଗି ରହିଥିବା ହିଂସାକୁ ନେଇ ଆଇଓସି ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏଥିରେ ହିଂସାକୁ ନିନ୍ଦା କରାଯିବା ସହ ମସ୍‌ଜିଦ ଓ ମୁସମାନମାନଙ୍କ ସମ୍ପତ୍ତି ଉପରେ ଟାର୍ଗେଟ କରାଯାଇଥିବା ଦର୍ଶାଯାଇଥିଲା।

## ୨ ଏସ୍‌ଆଇଟିକୁ ତଦନ୍ତ ଭାର

ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗାର ତଦନ୍ତ କରିବା ପାଇଁ ପୋଲିସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ଡେପୁଟି କମିଶନର ଅଫ୍ ପୋଲିସ (ଡିସିପି) ପାହ୍ୟାର ଜଣେ ଲେଖାଏ ବରିଷ୍ଠ ପୋଲିସ ଅଧିକାରୀ ଏସ୍‌ଆଇଟିର ନେତୃତ୍ୱ ନେବେ। ବର୍ତ୍ତମାନ ଯାଏ ରୁଜୁ ହୋଇଥିବା ୪୮ ମାମଲାକୁ ମଧ୍ୟ ଏସ୍‌ଆଇଟିକୁ ହସ୍ତାନ୍ତର କରାଯାଇଛି। ଡିସିପି ରାଜେଶ ଦେଓ ଏବଂ ଜୟ ତିର୍କୀଙ୍କୁ ଏସ୍‌ଆଇଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଅତିରିକ୍ତ ପୋଲିସ କମିଶନର (କ୍ରାଇମବ୍ରାଞ୍ଚ) ବି.କେ. ସିଂ ଏହି ଦୁଇ ଏସ୍‌ଆଇଟିର କାର୍ଯ୍ୟ ତଦାରଖ କରିବେ।

## ଏଏପି ନେତା ସମ୍ପୃକ୍ତ ଥିଲେ ଦୁଇଗୁଣା ଦଣ୍ଡ

ନୂଆଦିଲ୍ଲୀ,୨୭।୨(ପି.ଟି.)

ଉତ୍ତରପୂର୍ବ ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗାରେ ଏଏପିର କୌଣସି ନେତା ସମ୍ପୃକ୍ତ ଥିଲେ ତାଙ୍କୁ ଦୁଇଗୁଣା ଦଣ୍ଡ ମିଳିବ। ଦଙ୍ଗାକାରୀ ଯେକୌଣସି ଦଳର ହୋଇଥାନ୍ତୁ ନା କାହିଁକି, ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ସ୍ପଷ୍ଟ କରିଛନ୍ତି। ଦଙ୍ଗାରେ ଏଏପି କାଉନସିଲର ତାହିର ହୁସେନ୍‌ଙ୍କ ସମ୍ପୃକ୍ତି ଅଭିଯୋଗ ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସେ ଏହା ପ୍ରକାଶ କରିଛନ୍ତି। ପ୍ରେସ୍‌ମିଟ୍‌ରେ



କେଜ୍‌ରିୱାଲ କହିଛନ୍ତି, ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ଦିଲ୍ଲୀ ସରକାର ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବେ। ଏହା ବ୍ୟତୀତ ହିଂସାରେ ଆହତ ହୋଇ

### ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା

ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଯୋଗାଇଦିଆଯିବ। ପୋଡ଼ାଜଳରେ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହରାଇଛନ୍ତି, ସେମାନଙ୍କୁ ତାହା ଯୋଗାଇଦେବା ଲାଗି ସ୍ୱତନ୍ତ୍ର କ୍ୟାମ୍ପ ସ୍ଥାପନ କରାଯିବ।



ସାମ୍ପ୍ରଦାୟିକ ଦଙ୍ଗାରେ ପ୍ରାଣ ହରାଇଥିବା ମହମ୍ମଦ ଇରଫାନ୍‌ଙ୍କ ମୃତଦେହ ଆଣିବା ପାଇଁ ନୂଆଦିଲ୍ଲୀସ୍ଥିତ ଜିଟିବି ହସ୍ପିଟାଲ ଶବ ଗୃହକୁ ଯାଇଥିବା ତାଙ୍କ ମା' କୁରେଶା ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

## ଦଙ୍ଗାରୁ ସ୍କୁଲ ବି ବାଦ୍ ପଡ଼ିଲାନି

**ନୂଆଦିଲ୍ଲୀ,୨୭।୨(ପି.ଟି.):** ଉତ୍ତରପୂର୍ବ ଦିଲ୍ଲୀର ବ୍ରିଜ୍‌ପୁରୀ ଅଞ୍ଚଳରେ ଏକ ଘରୋଇ ବିଦ୍ୟାଳୟରେ ଦଙ୍ଗାକାରୀମାନେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେଇଥିଲେ। ସେଠାରେ ଭଙ୍ଗା ଡେସ୍କବେଞ୍ଚ୍ ଓ ଦରପୋଡ଼ା ବହି ଦେଖିବାକୁ ମିଳିଛି। ୩୨ ବର୍ଷର ପୁରୁଣା ଅରୁଣ ମଡର୍ନ ସିନିୟର ସେକେଣ୍ଡାରୀ ସ୍କୁଲ୍‌ର କ୍ଷୟକ୍ଷତି ପରିମାଣ ୭୦ ଲକ୍ଷ ଟଙ୍କା ବୋଲି



ଆକଳନ କରାଯାଇଛି। ସୌଭାଗ୍ୟକୁ ଦଙ୍ଗାବେଳେ ସ୍କୁଲରେ ପିଲା ନ ଥିଲେ। ନ ହେଲେ ପରିସ୍ଥିତି କ'ଣ ହୋଇଥାନ୍ତା ତାହା କଳ୍ପନା କରିହେଉନାହିଁ ବୋଲି ପ୍ରିନ୍ସିପାଲ୍ ଜ୍ୟୋତିରାଣୀ କହିଛନ୍ତି।

ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଶିବ ବିହାରରେ ଥିବା ରାଜଧାନୀ ପବ୍ଲିକ୍ ସ୍କୁଲ୍‌ରେ ମଧ୍ୟ ପୋଡାଜଳା ହୋଇଛି। ସେଠାରେ ଥିବା ପିଲାଙ୍କ ସ୍କୁଲ ବ୍ୟାଗ୍ ସମେତ ଏକ୍ସିବିଶନ ମଡେଲ, କଟଆଉଟ୍ ପୋଡିଯାଇଥିବା ଦେଖିବାକୁ ମିଳିଛି। କେଜି ପିଲାମାନେ ସେମାନଙ୍କ ବ୍ୟାଗ୍ ସ୍କୁଲ୍‌ରେ ରଖିଦେଇ ଯାଇଥାନ୍ତି। ସେହି ଅଞ୍ଚଳରେ ଥିବା ଡିପିଆର୍ ସ୍କୁଲରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ସ୍କୁଲର ମୁଖ୍ୟ ଫାଟକକୁ ଭାଙ୍ଗିଦିଆଯାଇଛି। ଉତ୍ତରପୂର୍ବ ଦିଲ୍ଲୀ ଓ ପୂର୍ବ ଦିଲ୍ଲୀରେ ୩ ଦିନ ହେଲା ସ୍କୁଲ ବନ୍ଦ ରହିଥିବାବେଳେ ୨୯ ପର୍ଯ୍ୟନ୍ତ ସିବିଏସ୍‌ଇ ପରୀକ୍ଷା ସ୍ଥଗିତ ରଖାଯାଇଛି।



ଦିଲ୍ଲୀ ଦଙ୍ଗା ପ୍ରତିବାଦରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରି ବେଙ୍ଗାଲୁରୁସ୍ଥିତ ରାଜଭବନ ବାହାରେ ବିକ୍ଷୋଭ ଚାଲିଥିବାବେଳେ ଏସ୍‌ଏଫ୍‌ଆଇ ଛାତ୍ର ଶାଖା ସଦସ୍ୟଙ୍କ ଉପରେ ବଳପ୍ରୟୋଗ କରୁଛି ପୋଲିସ।



ଯିଏ ପରିବାରକୁ ପ୍ରକୃତ ଧର୍ମ ଶିକ୍ଷା ଦେଇଛି, ସିଏ ପଇସାଟିଏ ରଖି ନ ଗଲେ ମଧ ସେମାନେ ଧନୀ। -ଫ୍ରାଙ୍କ୍ ରାଇଟ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ଓ ବୀର ସୁରେନ୍ଦ୍ର ସାଏ ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଭିଏସ୍ଏସ୍ ନଗରସ୍ଥିତ ପ୍ରତିମୂର୍ତ୍ତି, ସକାଳ ୯ଟା।
- କିଚନ ଗାର୍ଡେନ୍ସ ଆସୋସିଏଶନ ପକ୍ଷରୁ ଗ୍ଲୋବାଲ ଏକ୍ସପୋଜର ଭିଜିଟ ସିଟି ଫାର୍ମିଂ, ଅମୃତ ବାଟିକା, ଇନ୍ଦିରା ପାର୍କ ନିକଟ, ସକାଳ ୯ଟା।
- ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଦ୍ୱାରା ଏକ ଖଦି ସଚେତନତା ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ସର୍ବେକ୍ଷଣ ଭବନ, ଜାଭିୟର ଛକ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ଉତ୍ସବ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।

**କଟକ**

- ନ୍ୟାଶନାଲ ରାଇସ୍ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ଧାନ କର୍ମଶାଳା, ଇନ୍ଷ୍ଟିଚ୍ୟୁଟ ପରିସର, ନୂଆବଜାର, ସକାଳ ୯ଟା ୩୦ ।
- ଆର୍ଏସ୍ଏସ୍ର ପ୍ରଚାରକ ହରିହର ନନ୍ଦଙ୍କ ସ୍ମୃତିସଭା, ସରସ୍ୱତୀ ବିଦ୍ୟା ମନ୍ଦିର, କଲେଜ ଛକ, ସନ୍ଧ୍ୟା ୬ଟା ୩୦ ।

# ବ୍ୟବସ୍ଥିତ ହେବ ଶ୍ରୀମନ୍ଦିର ନୀତି

**ପୁରୀ ଅଫିସ,୨୭।୨**

ଶ୍ରୀମନ୍ଦିରରେ ଅନେକ ସମୟରେ ନୀତିରେ ବିଳମ୍ବ ହେଉଛି। ଏଥିଯୋଗୁ ଶ୍ରଦ୍ଧାଳୁମାନେ ଠିକ୍ ଭାବେ ଠାକୁରଙ୍କୁ ଦର୍ଶନ କରିପାରୁ ନ ଥିବାବେଳେ ମହାପ୍ରସାଦ ବାହାରିବାରେ ଡେରି ହେଉଛି। ଫଳରେ ବିଭିନ୍ନ ସମୟରେ ଭକ୍ତ ଅବଢା ନ ପାଇ ଫେରିବାକୁ ବାଧ ହେଉଛନ୍ତି। ତେଣୁ ନୀତିକାନ୍ତିଙ୍କୁ କିପରି ସୁବ୍ୟବସ୍ଥିତ କରାଯିବ ସେ ନେଇ ତତ୍ପରତା ଦେଖାଇଛି ଶ୍ରୀମନ୍ଦିର ପ୍ରଶାସନ। ଏଣିକି ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ୨ ଘଣ୍ଟା ନୀତି ପ୍ରଶାସକ ଶ୍ରୀମନ୍ଦିର ପରିସର ଶାଖା କାର୍ଯ୍ୟାଳୟରେ ବସିବେ। ନୀତି କିପରି ଧାର୍ଯ୍ୟ ସମୟରେ ସମ୍ପାଦିତ ହେବ ତାହା ଉପରେ ନଜର ରଖିବେ ଏବଂ ଏ ସଂକ୍ରାନ୍ତୀୟ ଅଭିଯୋଗ ମଧ ଶୁଣିବେ। ଗୁରୁବାରଠାରୁ ଶାଖା କାର୍ଯ୍ୟାଳୟ ପରିସରରେ ନୀତି ପ୍ରଶାସକଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ କାର୍ଯ୍ୟକ୍ଷମ ହୋଇଛି।

ମହାପ୍ରଭୁଙ୍କ ସେବାପୂଜାରେ ବିଳମ୍ବ ସଂକ୍ରାନ୍ତରେ ପୂର୍ବରୁ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଯେଉଁ ପାଳିଆ ସେବକ ତିନିଥର ନୀତିରେ ବିଳମ୍ବ କରିବେ ତାଙ୍କୁ ସେବାରୁ ବହିଷ୍କାର କରାଯିବ। ଏପରି



କି ଜାଣିଶୁଣି ଯଦି କେହି ଥରେ ବି ବିଳମ୍ବ କରୁଥିବା ଜଣାପଡ଼ିବ ତେବେ ଶାଢିବନ୍ଧା ରଦ୍ଦ ସହିତ ତାଙ୍କୁ ମଧ ସେବାରୁ ବିଦା କରାଯିବ ବୋଲି ଗତବର୍ଷ ଜାନୁୟାରୀ ୨୯ ତାରିଖ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାପରେ କିଛି ମାସ ଠାକୁରଙ୍କ ନୀତିକାନ୍ତି ଠିକ୍‌ଠାକ ଚାଲିଲା। ପରବର୍ତ୍ତୀ ସମୟରେ ଏହା ଅକାମୀ ହୋଇପଡ଼ିଲା। ଗତ କିଛିମାସ ହେବ ପୁଣି ନୀତିକାନ୍ତି ବିଳମ୍ବ ହେଉଛି। ଗତ ୨୪ ତାରିଖରେ ସୁଆର ମହାସୁଆର ନିଯୋଗ ମଧ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସ୍ମାରକପତ୍ର ଦେଇଛି।

## ଶାଖା କାର୍ଯ୍ୟାଳୟରେ ୨ ଘଣ୍ଟା ବସିବେ ନୀତି ପ୍ରଶାସକ

ଏଥିରେ ନିଯୋଗ ଦର୍ଶାଇଥିଲା ଯେ, ଶ୍ରୀମନ୍ଦିରରେ ବ୍ୟବସ୍ଥାବଳୀ ଲାଗୁ ହେବାଠାରୁ ଭୋଗମଣ୍ଡପ ଧାର୍ଯ୍ୟ ସମୟରେ ସରୁଥିବାରୁ ଭକ୍ତ ଓ ଜନସାଧାରଣ ବିକ୍ରି ଭୋଗ ଓ ବରାଦି ଭୋଗ ଠିକ୍ ସମୟରେ ପାଇ ଆନନ୍ଦିତ ହେଉଥିଲେ। ପ୍ରାୟ ୨ ମାସ ହେବ ଶ୍ରୀମନ୍ଦିର ନୀତି ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ସରୁଛି। ନୀତିକାନ୍ତି ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଭକ୍ତମାନେ ଦର୍ଶନ କରି ମହାପ୍ରସାଦ ନ ପାଇ ମନଦୁଃଖରେ ଫେରୁଛନ୍ତି। ସୂପକାର ସଭ୍ୟମାନେ ଧାର୍ଯ୍ୟ ସମୟ ମଧ୍ୟରେ ଭୋଗ ରନ୍ଧନ କରୁଛନ୍ତି। କିନ୍ତୁ ଭୋଗ ନିର୍ଘଣ୍ଟ ସମୟରେ ସରୁ ନ ଥିବାରୁ ମହାପ୍ରସାଦ ଯୋଗାଇ ନ ପାରି ଅଯଥାରେ ନିନ୍ଦିତ ହେଉଛନ୍ତି। ତେଣୁ ଧାର୍ଯ୍ୟ ସମୟରେ କିପରି ନୀତି ସମ୍ପାଦିତ ହେବ ତାହାର ତଦାରଖ ଲାଗି ନୀତି ପ୍ରଶାସକ ପ୍ରତ୍ୟହ ୨ ଘଣ୍ଟା ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ବସିବା ଲାଗି ସ୍ଥିର ହୋଇଛି। ଏଥିସହ ନୀତି ସଂକ୍ରାନ୍ତୀୟ ଅଭିଯୋଗ ମଧ ଶୁଣିବେ। ପୂର୍ବରୁ ଦିନବେଳା ଯେପରି ନୀତି ପ୍ରଶାସକ ନୀତିର ତଦାରଖ କରୁଥିଲେ ସେପରି କରିବେ। ସନ୍ଧ୍ୟାରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ପହଞ୍ଚି ନୀତିକାନ୍ତି କଥା ବୁଝିବେ ବୋଲି ଜଣାପଡ଼ିଛି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ଲୋପା



ଶ୍ରୀକାନ୍ତ



ସୋମନାଥ



ବିଜୟଲକ୍ଷ୍ମୀ



ରାଜକିଶୋର



କାଜଲ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

## ଏପ୍ରିଲ ୫ରୁ ଭୁବନେଶ୍ୱର ପୁସ୍ତକ ମେଳା

**■ ଯୁଗଳ କିଶୋର ଦତ୍ତଙ୍କ ସ୍ମୃତିରେ ଦିଆଯିବ ଅନୁବାଦ ପୁରସ୍କାର**

ଭୁବନେଶ୍ୱର,୨୭।୨(ବ୍ୟୁରୋ): ଭୁବନେଶ୍ୱର ପୁସ୍ତକ ମେଳା କମିଟି ପକ୍ଷରୁ ୩୬ତମ ପୁସ୍ତକ ମେଳା ଆସନ୍ତା ଏପ୍ରିଲ ୫ ରୁ ୧୪ ପର୍ଯ୍ୟନ୍ତ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ୧୦ଦିନ ବ୍ୟାପୀ ହେବାକୁ ଥିବା ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ପୁସ୍ତକ ପ୍ରକାଶନୀ ସଂସ୍ଥା ଯୋଗଦେବେ। ନିକଟରେ ପରଲୋକ ଗମନ କରିଥିବା ଭୁବନେଶ୍ୱର ପୁସ୍ତକ ମେଳା କମିଟିର ବୟୋଜ୍ୟେଷ୍ଠ ସଦସ୍ୟ ତଥା ବିଶିଷ୍ଟ ଅନୁବାଦକ ଯୁଗଳ କିଶୋର ଦତ୍ତଙ୍କ ସ୍ମୃତିରେ ଚଳିତବର୍ଷଠାରୁ ଅନୁବାଦ ସାହିତ୍ୟ ପାଇଁ ଏକ ପୁରସ୍କାର ପ୍ରଦାନ କରାଯିବ। ଏନେଇ କମିଟି ସମ୍ପାଦକ ଅଶୋକ ମହାନ୍ତି ସୂଚନା ଦେଇଛନ୍ତି। ଚଳିତବର୍ଷ ପୁସ୍ତକମେଳାରେ କେବଳ ଗୋଟିଏ ବର୍ଗର ଷ୍ଟଲ୍ ରହିବ। ପ୍ରକାଶକମାନେ ଚାହିଁଲେ ଏକାଧିକ ଷ୍ଟଲ୍ ନେଇପାରିବେ। ପ୍ରକାଶନୀ ସଂସ୍ଥା ବ୍ୟତୀତ ସ୍କୁଲ୍, କଲେଜ, ବୈଷୟିକ ଅନୁଷ୍ଠାନ, ଆର୍ଥିକ ସଂସ୍ଥା ଇତ୍ୟାଦି ମଧ ଷ୍ଟଲ୍ ନେଇପାରିବେ ବୋଲି ମହାନ୍ତି କହିଛନ୍ତି। ମେଳା ଅବସରରେ ରାଜ୍ୟ ଓ ରାଜ୍ୟ ବାହାରର ଲେଖକ ଓ ପ୍ରକାଶକମାନେ ସାମିଲ ହେଉଥିବାରୁ ସେମାନଙ୍କ ସହିତ ପାଠକ, ପାଠିକାମାନେ ଭାବର ଆଦାନପ୍ରଦାନ କରିବାର ସୁଯୋଗ ପାଇବେ। ଏଥିନିମନ୍ତେ 'ସ୍ୱତନ୍ତ୍ର ସାହିତ୍ୟିକ ମଣ୍ଡପ'ର ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ପ୍ରତ୍ୟେକ ଦିନ ପୁସ୍ତକ ମେଳା ମୁଖ୍ୟ ମଣ୍ଡପରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ସଭା ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କମିଟି ଆବାହକ ପବିତ୍ର ପ୍ରଧାନ ଏବଂ ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଧଳ ସୂଚନା ଦେଇଛନ୍ତି।

# ନିଃସ୍ୱାର୍ଥପର ସେବା ପାଇଁ ମନେରହିବେ ଆଚାର୍ଯ୍ୟ ହରିହର





ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ରଘୁନନ୍ଦନ ଦାଶ ଓ ଅନ୍ୟ ଅତିଥିମାନେ।

## ଆଚାର୍ଯ୍ୟ ହରିହରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଆଚାର୍ଯ୍ୟ ହରିହରଙ୍କ ନିଃସ୍ୱାର୍ଥପର ସେବା, ଆଦର୍ଶ ଶିକ୍ଷାଦାନ ତଥା ଦେଶର ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ଅବଦାନ ସର୍ବଦା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆଚାର୍ଯ୍ୟ ଓଡ଼ିଆ ଜାତିର ଇତିହାସରେ ଏକ ସ୍ୱର୍ଣ୍ଣିତ ଉଚ୍ଚାରଣ। ଉତ୍କଳମଣି ଗୋପବନ୍ଧୁଙ୍କ ସମେତ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟର ପଞ୍ଚସଖା ଭାବେ ପରିଚିତ ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ସହିତ ଆଚାର୍ଯ୍ୟ ହରିହରଙ୍କ ନାମ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି।

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସ୍ଥାନୀୟ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଗୁରୁବାର ସୂଚନା ଭବନଠାରେ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟ ହରିହର ଜଣେ ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ଓ ଋଷି ପ୍ରତୀମ ପୁଣ୍ୟାତ୍ମା ଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ଆଚାର୍ଯ୍ୟ ହରିହର ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟତମ ଅତିଥିଭାବେ ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିବା ଆମ ସମସ୍ତଙ୍କ ଦାୟିତ୍ୱ ଏବଂ ଆବଶ୍ୟକତା ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗ ସମ୍ପାଦକ ଡ. ଲେନିନ୍ ମହାନ୍ତି ଆଚାର୍ଯ୍ୟ ହରିହରଙ୍କ ସମେତ ବକୁଳ ବନ ବିଦ୍ୟାଳୟର ପଞ୍ଚସଖା ଓଡ଼ିଶାର ନବଜାଗରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଧାପକ ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ବହୁ ଅନାଲୋଚିତ ତଥା ଜୀବନାଦର୍ଶ ମୂଲ୍ୟବୋଧ ସମ୍ପର୍କରେ ଅବତାରଣା କରିଥିଲେ। ଛାତ୍ରୀଛାତ୍ରମାନେ ତାଙ୍କ ଭଳି ସରଳ, ନିଷ୍କପଟ ଜୀବନଯାପନ କରି ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପରିଷଦ ତରଫରୁ ଏକ ସମାଜ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

## ଏସ୍‌ସିବି ମେଡିକାଲରେ ମହିଳାଙ୍କୁ ଅସଦାଚରଣ: ସିକ୍ୟୁରିଟି ଗାର୍ଡ ଅଟକ

**କଟକ ଅଫିସ,୨୭।୨:** ଏସ୍‌ସିବି ମେଡିକାଲରେ ପୁରୀ ଜିଲା କୁମ୍ଭାରପଡା ଗ୍ରାମର ସୁନୀତା ବାରିକ ନାମ୍ନୀ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଗୁରୁବାର ରାତିରେ ମେଡିକାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମେଡିକାଲର ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ସୁନୀତା ଓ ତାଙ୍କ ଭାଇ ରାକେଶ କୁମାର ବାରିକ, ଦାଦା ରଞ୍ଜିତ ବାରିକ ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ସେମାନେ କାଜୁଆଲ୍‌ଟିରେ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ। ମାତ୍ର ଚିକିତ୍ସାରେ ବିଳମ୍ବ ହେଉଥିବାରୁ ଏ ସମ୍ପର୍କରେ ସେଠାରେ ଉପସ୍ଥିତ ସିକ୍ୟୁରିଟି ଗାର୍ଡଙ୍କୁ ପଚାରିଥିଲେ। ହେଲେ ସିକ୍ୟୁରିଟି ଗାର୍ଡ ଜଣକ ଏଥିରେ ଉତ୍ତ୍ୟକ୍ତ ହୋଇ ଡାକ୍ତରଙ୍କ ଖବର ଆମ ପାଖରେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସୁନୀତା ଓ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସିକ୍ୟୁରିଟି ଗାର୍ଡ ଜଣକ ସୁନୀତାଙ୍କ ମଙ୍ଗଳସୂତ୍ର ଛଡାଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ରାକେଶ ଓ ରଞ୍ଜିତ ଏହାକୁ ବିରୋଧ କରିବାରୁ ସିକ୍ୟୁରିଟି ଗାର୍ଡ ଜଣକ ମାଡ଼ ମାରିଥିଲେ। ଫଳରେ ରଞ୍ଜିତଙ୍କ ଆଖିରେ ଆଘାତ ଲାଗିଥିଲା। ପରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବାଙ୍କୀ ଡବଲ ମର୍ଡର ଘଟଣା: ଆଉ ୩ ଅଭିଯୁକ୍ତ ଗିରଫ

**ବାଙ୍କୀ, ୨୭।୨(ସ୍ୱ.ପ୍ର.)**

ବାଙ୍କୀ ଡବଲ ମର୍ଡର ଘଟଣାରେ ପୂର୍ବରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗୁରୁବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୂଆଗାଁ ପଞ୍ଚାୟତସ୍ଥିତ ଖଜୁରିପଦା ଗ୍ରାମର ତାରିଆ ପ୍ରଧାନ (୩୮), ପପୁ ପ୍ରଧାନ (୧୯), ଦୀପୁ ବେହେରା ଓରଫ୍ ଟେରା (୨୫)। ବିଚାରପତି ଦୀପଙ୍କର ପଟ୍ଟନାୟକ କାଗଜ ପତ୍ର ଯାଞ୍ଚ କରିବା ପରେ ଅଭିଯୁକ୍ତମାନଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରକୁ ପଠାଇଦେଇଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ପାଇଁ ଉଦ୍ୟମ ଚାଲିଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ତଥା ତଦନ୍ତକାରୀ ଅଫିସର ପ୍ରସନ୍ନ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି। ଗତ ୧୫ ତାରିଖ ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର



ଅଭିଯୁକ୍ତଙ୍କୁ ପୋଲିସ କୋର୍ଟକୁ ନେଉଛି।

ହୋଇଥିଲା। ଦୁର୍ବୃତ୍ତମାନେ ନୂଆଗାଁ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଓ ଖବରଦାତା ଆଦିତ୍ୟ ରଣସିଂହଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୩୦୨, ୧୪୭,୧୪୮, ୧୨୦(ବି) ଏବଂ ୧୪୯ ଭାରତୀୟ ପିଙ୍ଗଳକୋଡ୍ ଅନୁଯାୟୀ ମାମଲା (ନଂ.୩୯/୨୦)ରୁଜୁ କରାଯାଇଛି। ଭଗବାନ ମୃତ୍ୟୁ ପୂର୍ବରୁ ଏକ ଭିଡିଓରେ ୮ରୁ ୯ ଜଣ ଅଭିଯୁକ୍ତଙ୍କ ନାମ ନେଇଥିବା ବେଳେ ପରବର୍ତ୍ତୀ ସମୟରେ କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧିକାରୀ ରାଧା ବିନୋଦ ପାଣିଗ୍ରାହୀ ଏହି ଘଟଣାରେ ୧୫ରୁ ୨୦ଜଣ ସାମିଲ୍ ଥିବା କହିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ଫେବୃଆରୀ ୨୯ରେ ବାଙ୍କୀ ବନ୍ଦ ଡାକରା ଦିଆଯାଇଛି।

# ତୀର୍ଥଯାତ୍ରାରୁ ଫେରିଲେ କଳ୍ପନାଙ୍କ ମା'ବାପା

**■ ଝିଅ, ନାତୁଣୀଙ୍କୁ ମନେ ପକାଇ କାନ୍ଦିଲେ**

**■ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ**

**ପୁରୀ ଅଫିସ, ୨୭।୨**

ତୀର୍ଥଯାତ୍ରାରେ ଥିବା କଳ୍ପନାଙ୍କ ମା'ବାପା ତୀର୍ଥଯାତ୍ରା ସାରି ଗୁରୁବାର ପୁରୀରେ ପହଞ୍ଚିଛନ୍ତି । ଏ ନେଇ ପୁରୀ ରେଳଷ୍ଟେଶନରେ କଳ୍ପନାଙ୍କ ବାପା ରୁଦ୍ରାକ୍ଷ ଦାଶ କହିଛନ୍ତି, ମୁଁ ଚାରିଧାମ ଯାତ୍ରାରେ ଥିବାବେଳେ ଏହି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲି। ଏକଥା ଶୁଣି ଆମ ପାଦତଳୁ ମାଟି ଖସିଯାଇଥିଲା। ଖୁବ୍ ମର୍ମାହତ ହୋଇପଡ଼ିଥିଲୁ। ହତ୍ୟାକାଣ୍ଡ ପୂର୍ବରୁ ଝିଅ ସହ କଥା ହୋଇଥିଲି। ଚାକିରିରୁ ଅବସର ନେବା ପରେ ବାପା ମୋ' ପାଖରେ ଆସି ରହିବ ବୋଲି ସେ କହିଥିଲା। ଗଣମାଧ୍ୟମକୁ ଝିଅ କଳ୍ପନା ଓ ନାତୁଣୀର କଥା କହିବା ବେଳେ ରୁଦ୍ରାକ୍ଷ ଓ ତାଙ୍କ ସ୍ତ୍ରୀ ଭୋ ଭୋ କାନ୍ଦି ପକାଇଥିଲେ। ରୁଦ୍ରାକ୍ଷ ଆହୁରି କହିଥିଲେ ଯେ, ଏହି ହତ୍ୟାକାଣ୍ଡରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ଆମ ପାଖରେ କୌଣସି ତଥ୍ୟ ନାହିଁ। ନ୍ୟାୟିକ ପ୍ରକ୍ରିୟା ଉପରେ ଆମର ଭରସା ରହିଛି। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏ ସମ୍ପର୍କରେ ଯାହା ସ୍ଥିର କରିବେ। ରାୟଗଡ଼ ପୋଲିସ ନୋଟିସ ଦେଇଛନ୍ତି। ଘରେ ପହଞ୍ଚିବା ପରେ ଥାନାକୁ ଯାଇ ହତ୍ୟାକାଣ୍ଡର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବି। ଝିଅ ଓ ନାତୁଣୀ ତ ଚାଲିଗଲେ। ଆଉ କାହାକୁ ଦୋଷ ଦେବି। କେବଳ କାନ୍ଦିବା ଛଡ଼ା ଆଉ କିଛି ନାହିଁ ବୋଲି ରୁଦ୍ରାକ୍ଷ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଅନୁପଙ୍କ ସହ ଆପଣଙ୍କ ସମ୍ପର୍କ କିପରି ଥିଲା ପ୍ରଶ୍ନରେ ସେ କହିଥିଲେ ତାଙ୍କ ସହ ସେମିତି ବିଶେଷ ସମ୍ପର୍କ ନ ଥିଲା।

ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ପୂର୍ବରୁ କଳ୍ପନା ଜଣେ ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଚାହୁଁଥିଲେ ବୋଲି ଖୋଦ୍ ରାୟଗଡ଼ ଏସ୍‌ପି ସନ୍ତୋଷ କୁମାର ସିଂ ଗଣମାଧ୍ୟମକୁ କହିଥିଲେ। ସିଂ କହିଥିଲେ, କଳ୍ପନା ସ୍ତ୍ରୀର ମର୍ଯ୍ୟାଦା ମାଗିବାରୁ ଏ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ହିଁ କଳ୍ପନାଙ୍କ ମୃତ୍ୟୁର କାରଣ ସାଜିଥିଲା। ତେବେ କଳ୍ପନା ମୃତ୍ୟୁ ପୂର୍ବରୁ ଝାରସୁଗୁଡ଼ାର ଜଣେ ପ୍ରତିଷ୍ଠିତ ଓକିଲଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ବୋଲି କୁହାଯାଉଛି। ଏ ନେଇ ପଚରାଉଚୁରା ଲାଗି ପୋଲିସ ଉଭୟ ପକ୍ଷକୁ ନୋଟିସ କରିଥିବା ଜଣାପଡ଼ିଛି।



ପୁରୀ ଷ୍ଟେଶନରେ କଳ୍ପନା ଦାଶଙ୍କ ବାପା ରୁଦ୍ରାକ୍ଷ ଦାଶ।



ଯେଉଁ କାର୍ଯ୍ୟ ଧୀରେ ସୁସ୍ଥେ ଚଳିବ, ତାକୁ ଯଥେଷ୍ଟ ବିଚାର କର। କିନ୍ତୁ ଯାହା ତୁରନ୍ତ କରିବା କଥା ତାକୁ ତୁରନ୍ତ କର।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



# ଟ୍ରେନ୍‌ରେ ଯାତ୍ରୀଙ୍କୁ ଠେଲିଦେବାକୁ କିନ୍ନରଙ୍କ ଉଦ୍ୟମ

## ଭିଡିଓ ଭାଇରାଲ ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ରେଲ୍‌ୱେ ଏଡିଜି

- କଟକଣା ସତ୍ତ୍ୱେ ଟ୍ରେନ୍‌ରେ କିନ୍ନରଙ୍କ ଉତ୍ପାତ ବଢ଼ୁଛି
- ଟଙ୍କା ନ ଦେଲେ ଯାତ୍ରୀଙ୍କୁ ହଇରାଣ କରୁଛନ୍ତି
- ଚୁପ୍ ରହୁଛନ୍ତି ଦାୟିତ୍ୱରେ ଥିବା ରେଳ କର୍ମଚାରୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଯାତ୍ରୀଙ୍କ ସୁରକ୍ଷା ପାଇଁ ଟ୍ରେନ୍‌ରେ ଟଙ୍କା ମାଗିବାକୁ କିନ୍ନରମାନଙ୍କୁ ବାରଣ କରାଯାଇଛି। ସେମାନେ ଯେପରି ଷ୍ଟେଶନ ନ ମାଡ଼ନ୍ତି ସେଥିଲାଗି ରେଳ ସୁରକ୍ଷା ବଳ (ଆର୍‌ପିଏଫ) ଓ ଜେନେରାଲ ରେଲ୍‌ୱେ ପୋଲିସ (ଜିଆର୍‌ପି) ପକ୍ଷରୁ କଟକଣା ଲାଗୁ କରାଯିବା ସହ ବିଭିନ୍ନ କିନ୍ନର ବସ୍ତିକୁ ଯାଇ ସଚେତନ କରାଯାଉଛି। କିନ୍ନରମାନେ ଟ୍ରେନରେ ଚଢି ଟଙ୍କା ମାଗୁଥିବା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଲ୍‌ୱେ ଏଡିଜି ନିର୍ଦ୍ଦେଶ ଦେଇଥିଲେ। ହେଲେ ଏବେ ବି କିନ୍ନରମାନେ ବିଭିନ୍ନ ଟ୍ରେନ୍‌ରେ ବୁଲି ବୁଲି ଯାତ୍ରୀଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ଟଙ୍କା ନ ଦେଲେ ହଇରାଣ କରୁଛନ୍ତି। ଉଲଗ୍ନ ହୋଇ ଖରାପ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏପରି କି ଟ୍ରେନ୍‌ରୁ ଠେଲି ଦେବାକୁ ଧମକ ଦେବା ସହ ଉଦ୍ୟମ ମଧ୍ୟ କରୁଛନ୍ତି। ଗତ ୨୩ ତାରିଖରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ୍(୧୮୪୬୩)ରେ ଜଣେ କିନ୍ନର ଘଣ୍ଟାଏ ଧରି ଏଭଳି ଉତ୍ପାତ କରୁଥିବା ଦେଖିବାକୁ ମିଳିଛି। କିନ୍ନରଙ୍କ ଏଭଳି ଆକ୍ରୋଶର ସମ୍ମୁଖୀନ ହୋଇଥିବା ଜଣେ ଯାତ୍ରୀ ନିଜ ମୋବାଇଲ୍ ଫୋନ୍‌ରେ ଭିଡିଓ ଶୁଟିଂ କରିବା ସହ ତାହାକୁ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓ ଭାଇରାଲ ହେବା ପରେ ଗୁରୁବାର ରେଲ୍‌ୱେ ଏଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ସତ୍ୟତା ଜଣାପଡିବା ପରେ ସମ୍ପୃକ୍ତ କିନ୍ନରଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, କିନ୍ନରମାନଙ୍କୁ ଷ୍ଟେଶନ ଆସିବାକୁ ମନା କରାଯାଇଥିଲେ ମଧ୍ୟ କେତେଜଣ ଲୁଚିଛପି ଟ୍ରେନ୍‌ରେ ଚଢି ଟଙ୍କା ମାଗୁଛନ୍ତି। ଯେଉଁ ଟ୍ରେନରେ ଏଭଳି ଘଟଣା ଘଟୁଛି ସୋସିଆଲ ମିଡିଆରେ ନ ଛାଡି ଆର୍‌ପିଏଫ୍ କିମ୍ବା ଜିଆର୍‌ପିରେ ରିପୋର୍ଟ କରିବାକୁ ସେ ଯାତ୍ରୀଙ୍କୁ ନିବେଦନ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ପ୍ରଶାନ୍ତି ଏକ୍ସପ୍ରେସ୍ ଭୁବନେଶ୍ୱର ଷ୍ଟେଶନ ଛାଡିବା ପରେ ଉକ୍ତ କିନ୍ନରଙ୍କୁ ଦେଖିବାକୁ ପାଇଥିଲେ। ସେ ଯାତ୍ରୀଙ୍କ ନିକଟକୁ ଯାଇ ଟଙ୍କା ମାଗିଥିଲେ। କେତେଜଣ ଯାତ୍ରୀ ପ୍ରଥମେ ଟଙ୍କା ଦେବାକୁ ମନା କରିବାରୁ ସେ ଉଲଗ୍ନ ହୋଇ ଗାଳିଗୁଲଜ କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଜଣେ ଯୁବକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଉପସ୍ଥିତ ଅନ୍ୟ ଯାତ୍ରୀମାନେ ବିରୋଧ କରିବାରୁ କିନ୍ନର ଜଣକ ଆଗ ଷ୍ଟେଶନରେ ଦେଖିନେବି ବୋଲି ଧମକ ଦେଇଥିଲେ। ପରେ ଉକ୍ତ ଯାତ୍ରୀଙ୍କୁ କିନ୍ନର ଜଣକ ଟାଣିନେଇ ଟ୍ରେନର ଡୋର ନିକଟରେ ଠେଲି ଦେବାକୁ ଉଦ୍ୟମ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହି ଘଟଣା ରେଲ୍‌ୱେ କର୍ତ୍ତୃପକ୍ଷ ଓ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।




ଜଣେ କିନ୍ନର ଟ୍ରେନ୍‌ଯାତ୍ରୀଙ୍କୁ ଆକ୍ରମଣ ସହ ଅନ୍ୟ ଜଣଙ୍କୁ ଠେଲି ଦେବାକୁ ଉଦ୍ୟମ କରୁଛନ୍ତି।

# ଦରମା ନ ପାଇ ଭିକ୍ଷା ମାଗିଲେ ଶିକ୍ଷୟିତ୍ରୀ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଶିକ୍ଷାର ଆଲୋକ ଦେଖାଇ ପିଲାଙ୍କ ଭବିଷ୍ୟତ ଗଢୁଥିବା ଜଣେ ଶିକ୍ଷୟିତ୍ରୀ ଗୁରୁବାର ରାଜଧାନୀର ରାସ୍ତାରେ ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଥିଲା। ସେ ହେଲେ ଅନୁଗୋଳ ମ୍ୟୁନିସିପାଲିଟି ସ୍କୁଲ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ। ଅନୁପମା ଅଢେଇ ବର୍ଷ ହେବ ଦରମା ନ ପାଇ ଅତି ଦୟନୀୟ ସ୍ଥିତିରେ ଚଳୁଛନ୍ତି। ଅନୁପମାଙ୍କ କହିବା ଅନୁଯାୟୀ, ୩୩ ବର୍ଷ ଚାକିରି ମଧ୍ୟରେ ୧୯ଥର ବଦଳି ହେବା ସହ ୩ ଥର ନିଲମ୍ବନ ହୋଇଛନ୍ତି। ୨୦୧୮ ନଭେମ୍ବରରେ ତାଙ୍କ ସମସ୍ୟା ନେଇ ନବୀନ ନିବାସ ଯାଇଥିଲେ। ସେଠାରେ ପୋଲିସ ତାଙ୍କୁ ଉଠାଇ ନେଇଥିଲା। ପରେ ସେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଚାକିରି ଆଉ ଅଳ୍ପ ଦିନ ଥିବାରୁ ଦରମା ନ ପାଇ ପରିବାର ବହୁ କଷ୍ଟରେ ଚଳୁଛି। ପରିବାର ଚଳାଇବା ପାଇଁ ଏଭଳି ରାସ୍ତାରେ ଭିକ ମାଗୁଥିବା କହୁଥିଲେ। ମହିଳା ଜଣଙ୍କ କାନ୍ଦି କାନ୍ଦି ଅଚେତ ହୋଇଯିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗଙ୍କ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ପାଇଁ ଅନୁଦାନ ରାଶି ବୃଦ୍ଧି

ଭୁବନେଶ୍ୱର,୨୭।୨(ବ୍ୟୁରୋ): ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ରହିଥିବା ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ବାବଦରେ ରାଜ୍ୟ ସରକାର ଅନୁଦାନ ରାଶି ବୃଦ୍ଧି କରିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗୁରୁବାର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଏ ନେଇ ଘୋଷଣା କରିଛନ୍ତି। ମନ୍ତ୍ରୀ ପଣ୍ଡା କହିଛନ୍ତି, ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ତଥା ଛାତ୍ରାବାସରେ ରହୁଥିବା ପ୍ରତ୍ୟେକ ଅନ୍ତେବାସୀଙ୍କୁ ପ୍ରତିମାସରେ ପୂର୍ବରୁ ଦିଆଯାଉଥିବା ସହାୟତା ୧୨୦୦ ଟଙ୍କାରୁ ୧୭୬୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିରେ ଖାଦ୍ୟପେୟ, ଶଯ୍ୟା ଓ ପୋଷାକପତ୍ର, ପାଠପଢ଼ା ଖର୍ଚ୍ଚ, ଚିକିତ୍ସା ଖର୍ଚ୍ଚ ସମେତ ଆନୁସଙ୍ଗିକ ଖର୍ଚ୍ଚ ଅନ୍ତର୍ଭୁକ୍ତ। ଅନୁରୂପ ଭାବେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ ଦିବାଧାୟୀ ବିଦ୍ୟାର୍ଥୀଙ୍କୁ ପ୍ରତିମାସରେ ଏଣିକି ୨୫୦ ଟଙ୍କା ପରିବର୍ତ୍ତେ ୩୭୦ ଟଙ୍କା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଏ ବାବଦରେ ବାର୍ଷିକ ପ୍ରାୟ ୩ କୋଟି ୬୫ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ କରାଯିବ। ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ନିମନ୍ତେ ଉପରୋକ୍ତ ପରିମାଣର ରକ୍ଷଣାବେକ୍ଷଣ ପରିଚାଳନାଗତ ସହାୟତା ଚଳିତବର୍ଷ ଏପ୍ରିଲ୍ ପହିଲାରୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏଥିସହ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ପ୍ରତି ତିନିବର୍ଷରେ ଥରେ କ୍ରୀଡ଼ା ଉପକରଣ କ୍ରୟ ନିମନ୍ତେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ଶିକ୍ଷାନୁଷ୍ଠାନକୁ ଫର୍ନିଚର କ୍ରୟ ନିମନ୍ତେ ଏକ ଲକ୍ଷ ଟଙ୍କା, କମ୍ପ୍ୟୁଟର ନିମନ୍ତେ ୫୦ ହଜାର ଟଙ୍କା ଓ ସ୍ୱତନ୍ତ୍ର ସଫ୍ଟୱେୟାର ଉପକରଣ ନିମନ୍ତେ ୬୦ ହଜାର ଟଙ୍କା ପ୍ରଦାନ କରାଯିବ। ଏ ବାବଦରେ ମଧ ସରକାର ୨ କୋଟି ୨୬ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ କରିବେ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଭିନ୍ନକ୍ଷମ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ୧୦୩ଟି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ରହିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଭିନ୍ନକ୍ଷମଙ୍କ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ଦେଇ ଏପରି ପଦକ୍ଷେପ ଗ୍ରହଣ କରିଛି। ଉପକୃତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଯୁକ୍ତ-୨ ଶ୍ରେଣୀର ପିଲାମାନେ ମଧ ଅନ୍ତର୍ଭୁକ୍ତ ରହିବେ।

### ବ୍ଲକ୍‌ଗ୍ରାଣ୍ଟ ସ୍କୁଲ ମିଶ୍ରଣ ବିରୋଧରେ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୨୭।୨ (ବ୍ୟୁରୋ): ରାଜ୍ୟର ପ୍ରାୟ ସମସ୍ତ ବିଏଡ, ଏମ୍‌ଏଡ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଭିତ୍ତିଭୂମି ଅଭାବରୁ ବନ୍ଦ ହେବାକୁ ଯାଉଛି। ବ୍ଲକ୍‌ଗ୍ରାଣ୍ଟ ବିଦ୍ୟାଳୟଗୁଡିକୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ମିଶ୍ରଣ କରାଯାଉଛି। ଶିକ୍ଷକ ଏବଂ ଅଧାପକଙ୍କୁ ସେମାନଙ୍କ ନାର୍ଯ୍ୟଦାବି ସମ୍ବଳିତ ଗଣତାନ୍ତ୍ରିକ ଆନ୍ଦୋଳନରେ ଯୋଗଦାନ ଉପରେ ସରକାର କଟକଣା ଲଗାଇ ଦେଇଛନ୍ତି। ଏହା ବିରୋଧରେ ଏଆଇଡ଼ିଏସ୍‌ଓ ପକ୍ଷରୁ ଗୁରୁବାର ରାଜ୍ୟସ୍ତରୀୟ ପ୍ରତିବାଦ କରାଯାଇଥିଲା। ସଙ୍ଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀଙ୍କ ନେତୃତ୍ୱରେ ଭୁବନେଶ୍ୱର ସଭାପତି ନସିମ ସରକାର, ସମ୍ପାଦିକା ସ୍ମୃତି ସଙ୍ଗୀତା ଦଳାଇ, ଉପସଭାନେତ୍ରୀ ସପ୍ତର୍ଷିନୀ ରାଉଳ ପ୍ରମୁଖ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏନ୍‌ସିଟିଇ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଦର୍ଶାଇ ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ପ୍ରାୟ ସମସ୍ତ ବିଏଡ ଓ ଏମ୍‌ଏଡ କୋର୍ସକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଚରମ ଅବହେଳା ଯୋଗୁ ରାଜ୍ୟର ହଜାର ହଜାର ବିଏଡ ଓ ଏମ୍‌ଏଡ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ସେହିପରି ସରକାର ଚଳିତବର୍ଷଠାରୁ ବ୍ଲକ୍‌ଗ୍ରାଣ୍ଟ ସ୍କୁଲଗୁଡିକୁ ପାଖ ସରକାରୀ ସ୍କୁଲରେ ମିଶ୍ରଣ କରାଉଛନ୍ତି। ଫଳରେ ଶିକ୍ଷାର ବିକାଶ ପାଇଁ ଜନସାଧାରଣଙ୍କ ସାହାଯ୍ୟ ସହଯୋଗରେ ଗଢି ଉଠିଥିବା ବହୁ ସ୍କୁଲ୍ ବନ୍ଦ ହୋଇଯିବ। ବହୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଡୋରୀ ବନ୍ଧା ହୋଇଯିବ। ଏହାଛଡ଼ା ଶିକ୍ଷକ, ଅଧାପକଙ୍କୁ ଆନ୍ଦୋଳନରୁ ବାରଣ କରିବା ପାଇଁ ଯେଉଁ ନିର୍ଦ୍ଦେଶନାମା ଦିଆଯାଇଛି ତାହା ଅଗଣତାନ୍ତ୍ରିକ। ସରକାର ଅବିଳମ୍ବେ ଏହି ସମସ୍ତ ଅଗଣତାନ୍ତ୍ରିକ ଏବଂ ଶିକ୍ଷା ସ୍ୱାର୍ଥ ବିରୋଧୀ ନିଷ୍ପତ୍ତିଗୁଡ଼ିକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ସଙ୍ଗଠିତ କରାଯିବ ବୋଲି ଏଆଇଡ଼ିଏସଓ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

# କଦଳୀ ଟ୍ରକ୍‌ରୁ ୨.୫ କୋଟିର ଗଞ୍ଜେଇ ଜବତ

ଭୁବନେଶ୍ୱର,୨୭।୨(ବ୍ୟୁରୋ)




## ଗଞ୍ଜେଇ ମାଫିଆଙ୍କ ଅଭିନବ ଉପାୟ

- ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱର ଆସୁଥିଲା
- ଜବତ କଲା ରାଜସ୍ୱ ଗୋଇନ୍ଦା ବିଭାଗ
- ୪ ଅଭିଯୁକ୍ତ ଗିରଫ, ୨ଗାଡ଼ି ଜବତ

ରାଜ୍ୟରେ ଗଞ୍ଜେଇ ବେପାରୀମାନେ ଏବେ ବେଶ୍ ସକ୍ରୀୟ। ଦିନକୁ ଦିନ ଅଭିନବ ଉପାୟ ଅବଲମ୍ବନ କରି କୋଟିକୋଟି ଟଙ୍କାର ଗଞ୍ଜେଇ ଚାଲାଣ କରୁଛନ୍ତି। କେତେବେଳେ କାର୍ ଡିକିରେ ତ' ଆଉ କେତେବେଳେ କାର୍‌ର ସିଟ୍ ତଳେ ରଖି ଗୋଟେ ସ୍ଥାନରୁ ଅନ୍ୟତ୍ର ଚାଲାଣ କରୁଛନ୍ତି। ବୁଧବାର ଆନ୍ଧ୍ରପ୍ରଦେଶରୁ ଭୁବନେଶ୍ୱରକୁ ଏକ କଦଳୀ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଧରାପଡ଼ିଛି। ହାଇଦ୍ରାବାଦ୍ ଜୋନାଲ ୟୁନିଟର ରାଜସ୍ୱ ବିଭାଗର ଅଧିକାରୀମାନେ ଉକ୍ତ ଟ୍ରକ୍‌ରୁ ପ୍ରାୟ ୧୬୩୮ କେଜି ଗଞ୍ଜେଇ ଜବତ କରିବା ସହ ଟ୍ରକ୍(ଓଡି ୦୨-ବିଡି-୪୧୫୫) ଜବତ କରିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଟ୍ରକକୁ ସୁରକ୍ଷା ଦେଉଥିବା ଏକ ଇଣ୍ଡିଗୋ କାର (ଓଡି୦୨-ୟୁ- ୭୧୨୩)କୁ ମଧ୍ୟ ଜବତ କରାଯିବାସହ ଏହି କାରବାର ସମ୍ପୃକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ମୁତାବକ ଆନ୍ଧ୍ରପ୍ରଦେଶର ନରସିଂପାଟଣା ଅଞ୍ଚଳରେ ଏକ କଦଳୀ ବୋଝେଇ ଟ୍ରକ୍‌ରେ ବହୁମାତ୍ରାରେ ଗଞ୍ଜେଇ ଚାଲାଣ ହେଉଥିବା ଏବଂ ଏହାକୁ ଏକ ଏକ କାର୍ ସୁରକ୍ଷା ଦେଉଥିବା ସମ୍ପର୍କରେ ରାଜସ୍ୱ ଗୋଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଉକ୍ତ ସୂଚନାକୁ ଆଧାର କରି ରାଜସ୍ୱ ଗୋଇନ୍ଦା ଅଧିକାରୀମାନେ ବିଶାଖାପାଟଣା ଏନ୍‌ଏଡି ଜଙ୍କସନରେ ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରକରେ କଦଳୀ ଲଦା ହୋଇଥିବାବେଳ ତଳେ ଗଞ୍ଜେଇ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଅଧିକାରୀମାନେ ଉକ୍ତ ୨ଟି ଗାଡିକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲେ। ଟ୍ରକ୍‌ରୁ କଦଳୀ ବାହାର କରାଯିବା ପରେ ସେଥିରେ ୪୦ଟି ବସ୍ତାରେ ଥିବା ୮୦୦ ପ୍ୟାକେଟ ଗଞ୍ଜେଇକୁ ଜବତ କରାଯାଇଥିଲା। ଗିରଫ ଟ୍ରକ୍ ଡ୍ରାଇଭରଙ୍କୁ ପଚରାଉଚରା ପରେ ସେମାନେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି। ତେବେ ଏହି କାରବାରରେ ଓଡ଼ିଶାର କାହାର ସମ୍ପୃକ୍ତି ଅଛି, ଏତେ ପରିମାଣର ଗଞ୍ଜେଇ କାହାକୁ ଦିଆଯାଇଥାନ୍ତା, ଏହି କାରବାରର ନେଟୱାର୍କ କେତେ ପର୍ଯ୍ୟନ୍ତ ଲମ୍ବିଛି ସେନେଇ ରାଜସ୍ୱ ଗୁଇନ୍ଦା ବିଭାଗ ତଦନ୍ତ ଚଳାଇଛି।

# ଜଟଣୀ ରାସ୍ତାରୁ ୬ ଲକ୍ଷ ଟଙ୍କା ଲୁଟ୍

## ଲୁଟେରାଙ୍କ ସମ୍ପର୍କରେ ଖବର ଦେଲେ ମିଳିବ ପୁରସ୍କାର

ଜଟଣୀ,୨୭।୨(ଡି.ଏନ.ଏ.)

କମିଶନରେଟ ପୋଲିସ ଅନ୍ତର୍ଗତ ଜଟଣୀର ଜନଗହଳିପୂର୍ଣ୍ଣ ରାସ୍ତାରୁ ଗୁରୁବାର ଦିନରେ ଦୁର୍ବୃତ୍ତମାନେ ୬ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ସ୍ଥାନୀୟ କୁଦିଆରୀ ଗ୍ରାମର ସମରେଶ ଜେନା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସମରେଶ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ଜରି ବ୍ୟାଗରେ ରଖି ବାଇକରେ ଫେରୁଥିଲେ। ରେଳ ଷ୍ଟେଶନକୁ ଯିବା ରାସ୍ତାର କମର୍ସିଆଲ ଷ୍ଟୋର୍ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ କଳା ରଙ୍ଗର ପଲ୍‌ସରରେ ଆସି ବାଟ ଓଗାଳିଥିଲେ। ସମରେଶ କିଛି ବୁଝିବା ପୂର୍ବରୁ ସେମାନେ ଛୁରି ଦେଖାଇ ତାଙ୍କଠାରୁ ଟଙ୍କା ଥିବା ବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ତେବେ ସମରେଶ ପାଟିକରିବା ସହ ସାହସ ଜୁଟାଇ ସେମାନଙ୍କୁ କିଛିବାଟ ପିଛା କରିଥିଲେ। ହେଲେ ଦୁର୍ବୃତ୍ତମାନେ ଜୋର୍‌ରେ ବାଇକ୍ ଚଳାଇ ଖସିଯିବାରେ ସକ୍ଷମ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଇକ୍ ଚଳାଉଥିବା ଦୁର୍ବୃତ୍ତଜଣକ ହେଲ୍‌ମେଟ୍ ପିନ୍ଧିଥିଲେ। ଏନେଇ ସମରେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଥିଲେ ମଧ୍ୟ ଦୁଇ ଲୁଟେରାଙ୍କ ସମ୍ପର୍କରେ କିଛି ବି ସୁରାକ ପାଇପାରିନାହିଁ।

ଅନ୍ୟପକ୍ଷରେ ଲୁଟେରାଙ୍କ ଉତ୍ପାତ କମିଶନରେଟ ପୋଲିସର ଚିନ୍ତା ବଢ଼ାଇଛି। ଜଟଣୀ ଲୁଟ୍‌କୁ ପୋଲିସ ଗୁରୁତ୍ୱର ସହ ନେବା ସହ ଲୁଟେରାଙ୍କୁ ଧରିବାକୁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛି। କମିଶନରେଟ ପୋଲିସର ଟୁଇଟର ଆକାଉଣ୍ଟରେ ସନ୍ଦିଗ୍ଧ ଲୁଟେରାଙ୍କ ଫଟୋ ପୋଷ୍ଟ କରିବା ସହ ଖବର ଦେଲେ ପୁରସ୍କାର ମିଳିବ ବୋଲି ଘୋଷଣା କରିଛି। ତେବେ ସିସିଟିଭି ଫୁଟେଜରୁ ଉକ୍ତ ଫଟୋ ମିଳିଥିବାରୁ ତାହା ସ୍ପଷ୍ଟ ଦିଶୁ ନ ଥିବା ଜଣାପଡିଛି।



ଗ୍ଲୋବାଲ ଇକୋନୋମିକ୍ ପ୍ରୋଗ୍ରେସ୍ ଆଣ୍ଡ୍ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କୁ ଉଲ୍ଲେଖନୀୟ ସେବା ପୁରସ୍କାର 'ଭାରତରତ୍ନ ଡ. ରାଧାକ୍ରିଷ୍ଣନ୍ ଗୋଲ୍ଡ ମେଡ଼ାଲ ଆୱାର୍ଡ' ମିଳିଛି। ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ତଥା ମାନବିକ ଅଧିକାର କମିଶନ ସଦସ୍ୟ କେ. ସ୍ୱାମୀ ଦୁରାଇ, ପୂର୍ବତନ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କେ. ଭେଙ୍କଟପତି ରାଜୁ ଏବଂ ଗ୍ଲୋବାଲ ଇକୋନୋମିକ୍ ପ୍ରୋଗ୍ରେସ୍ ଆଣ୍ଡ୍ ରିସର୍ଚ୍ଚ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ଇବ୍ରାହିମ ବାସା ଅତିଥି ରୂପେ ଯୋଗଦେଇ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

# ୨୦ ଟଙ୍କା ଲାଗି ପୁଅକୁ ଚେଙ୍କଦେଲା ବାପା

ସାକ୍ଷୀଗୋପାଳ,୨୭।୨(ଡି.ଏନ.ଏ)

ମାତ୍ର ୨୦ଟଙ୍କା ନେଇଯାଇଥିବାରୁ ନିଜ ଅଝଟ ପୁଅକୁ ଶାସନ କରିବା ପଣିଆରେ ଚେଙ୍କ ଦେଇଛି ବାପା। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସତ୍ୟବାଦୀ ଥାନା ଅନ୍ତର୍ଗତକ ବୀରରାମଚନ୍ଦ୍ରପୁର ପଞ୍ଚାୟତ ତାଳପଡ଼ା ଗ୍ରାମରେ। ସୂଚନାଯୋଗ୍ୟ, ଘରେ ବାପ ନିଜ ଟଙ୍କା ଖୋଜୁଥିବାବେଳେ ପୁଅ ୨୦ଟଙ୍କା ଲୁଚି ନେଇଯାଇଥିବା ଜଣାପଡିଥିଲା। ଏହାପରେ ନିର୍ଦ୍ଦୟ ବାପା ୯ ବର୍ଷ ପୁଅର ହାତ ଓ ଗୋଡକୁ ତତଲା ଲୁହା ପିଠା ଖଡିକାରେ ଚେଙ୍କ ଦେଇଛି। ପିଲାଟିର ବାମ ହାତ, କହୁଣିରେ ଦୁଇଟି ଓ ଗୋଡର ଗୋଟିଏ ସ୍ଥାନରେ ଚେଙ୍କ ଦାଗରୁ କ୍ଷତ ସୃଷ୍ଟି ହୋଇଛି। ଆହତ ପୁଅ ଯନ୍ତ୍ରଣାରେ ଛଟପଟ ହୋଇଥିଲେ ବି ନିଜେ ଭୁଲ କରିଥିବାରୁ କର୍ମକୁ ଆଦରି ଦୁଃଖରେ ଭାଙ୍ଗିପଡିଛି। ପୁଅର ଚିକିତ୍ସା କରିଥିବା ପରିବାର ସଦସ୍ୟମାନେ କହିଥିବାବେଳେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଟି ଗୁରୁବାର ବିଦ୍ୟାଳୟକୁ ଯାଇ ପାରି ନାହିଁ। ଗାଁରୁ ବ୍ଲକ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ସୂଚନା ପହଞ୍ଚିବା ପରେ ଘଟଣାର ସତ୍ୟତା ନେଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି। ଅନ୍ୟପଟେ ଆହତ ପୁତ୍ରଙ୍କ ବାପା କୁହନ୍ତି, ପ୍ରାୟ ସମୟରେ ପୁଅ ଦୁଷ୍ଟାମୀ କରି ମୋ ଅଜାଣତରେ ଟଙ୍କା ଚୋରି କରୁଥିଲା। ଆଜି ମଧ ଟଙ୍କା ନେଇଥିବାବେଳେ ପଚାରିବା ସମୟରେ ସେ ମା ନିକଟକୁ ଦୌଡ଼ିବାରୁ ରୋଷେଇ ଘରେ ଥିବା ପିଠା ଖଡ଼ିକାରେ ଚେଙ୍କ ଲାଗିଯାଇଥିଲା।



ଆହତ ନାବାଳକ

# ହାତ ଚଳୁଥିଲା ପର୍ଯ୍ୟନ୍ତ ଭାତ ମିଳୁଥିବ

*କର୍ମ ହିଁ ମଣିଷକୁ ପରିଚୟ ଦିଏ। ହେଲେ ସମୟ ମଣିଷର କର୍ମ ଓ ପରିଚୟକୁ ବି ବଦଳାଇପାରେ। ସମୟ ବଦଳିବା ସହିତ ମଣିଷ ପାଏ ଭିନ୍ନ ପରିଚୟ। ପ୍ରତିଦିନ ବିଳମ୍ବିତ ରାତିରେ ମଙ୍ଗୁଳିଛକରେ ଚା' ବିକୁଥିବା ହରିହର ପତିଙ୍କ କାହାଣୀ ବି ସେମିତି। ଚୌଦ୍ୱାର ଅଞ୍ଚଳରେ ଜଣେ ପ୍ରସିଦ୍ଧ ବୁଣାକାର ଭାବେ ପରିଚିତ ହରିହର ଏବେ ରାସ୍ତା କଡରେ ଜୀବନ ନିର୍ବାହ ପାଇଁ ସଂଘର୍ଷ କରୁଛନ୍ତି। ଜଞ୍ଜାଳ ଭିତରେ ଘାଣ୍ଟି ହେଉଥିଲେ ସୁଦ୍ଧା ହାର୍ ମାନି ନାହାନ୍ତି...*

କଟକ ଅଫିସ,୨୭।୨

ରାତି ବଢ଼ିବା ମାତ୍ରେ ମଙ୍ଗୁଳି ଛକରେ ଏକ ଚାଳିଆ ଦୋକାନରେ ଆଲୁଅ ଜଳେ। ଦିନରେ ବଡ଼ ବ୍ୟବସାୟୀଙ୍କ ଭିଡ ଜମୁଥିବାରୁ ରାତିରେ ହିଁ ନିଜର ଏହି ଦୋକାନରେ ଟଙ୍କା ରୋଜଗାର କରିବାକୁ ଆସନ୍ତି ହରିହର। ଭୋର ହେବା ପୂର୍ବରୁ ଦୋକାନ ବନ୍ଦ କରି ଫେରି ଯାଆନ୍ତି। ନାଇଟ୍ କୋଚ୍ ବସ୍, ଭାରୀଯାନ ଗାଡ଼ି ଏହି ଦୋକାନ ସମ୍ମୁଖରେ ଲାଗେ। ୫୮ ବର୍ଷୀୟ ହରିହରଙ୍କ କାନ୍ଧରେ ରହିଛି ପରିବାରର ବୋଝ। ସ୍ଥାନୀୟ ଅଞ୍ଚଳରେ ହରିହର ଜଣେ ଭଲ ଚା ଦୋକାନୀ ବୋଲି ସମସ୍ତେ ଜାଣିଥିଲେ ସୁଦ୍ଧା ତାଙ୍କ ଭିତରେ ଥିବା କାରିଗରୀ କଳାକୁ ଖୁବ୍‌କମ୍ ଲୋକ ଚିହ୍ନିଛନ୍ତି।

ଓଡ଼ିଶା ଟେକ୍ସଟାଇଲ ମିଲ୍(ଓଟିଏମ୍)ରେ ଜଣେ ନିୟମିତ କର୍ମଚାରୀ ଥିଲେ ହରିହର। ବୁଣାକାର ଭାବେ ସେ ଓଟିଏମ୍‌ରେ କାମ କରୁଥିଲେ। ୧୯୯୯ ମସିହାରେ ଓଟିଏମ୍ ବନ୍ଦ ହୋଇଗଲା। ହେଲେ ସେତେବେଳକୁ ତାଙ୍କ ଦରମା ଥିଲା ମାସିକ ୩୧୦୦ଟଙ୍କା। ମିଲ୍ ବନ୍ଦ ହେବା ପରେ ପରିବାର ପ୍ରତିପୋଷଣ କରିବା ଚିନ୍ତା ତାଙ୍କୁ ମାନସିକ ଭାବେ ଭାରାକ୍ରାନ୍ତ କରିଥିଲା। ଓଟିଏମ୍ ପୁଣି ଥରେ ଖୋଲିବ ବୋଲି ନେତାମାନଙ୍କ ପ୍ରତିଶ୍ରୁତିକୁ ଜଗି ବସୁବସୁ ଗୋଟିଏ ବର୍ଷ ପାଣିରେ ପଡ଼ିଲା। ହେଲେ ଓଟିଏମ୍ ପୁନର୍ବାର ଚାଲୁ ହେବାର ଆଶା କ୍ଷୀଣ ହେବାରେ ଲାଗିଥିଲା। ପରିବାର ପ୍ରତିପୋଷଣ ଚିନ୍ତା ଏହି କାରିଗରଙ୍କୁ ବନାଇ ଦେଇଥିଲା ଜଣେ ଦିନ ମଜୁରିଆ। କଟକ ସମେତ ବିଭିନ୍ନ ଗାଁକୁ ଯାଇ ମଜୁରିଆ ଭାବେ କାମ କରୁଥିଲେ। ହରିହରଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ। ଉଭୟଙ୍କର ବିବାହ ହୋଇ ସାରିଲାଣି। ୭ ବର୍ଷ ହେବ ସେ ମଙ୍ଗୁଳି ଛକରେ ଚା' ଦୋକାନ କରିଛନ୍ତି। ରାତି ୧୧ଟା ପରେ ସେ ଦୋକାନ ଖୋଲନ୍ତି। ଦିନବେଳା ବଡ ଦୋକାନ ଖୋଲୁଥିବାରୁ ତାଙ୍କର ବ୍ୟବସାୟ ହେବନି ବୋଲି ହରିହରଙ୍କ ଡର ରହିଛି। ଏଣୁ ରାତିରୁ ଭୋର ପର୍ଯ୍ୟନ୍ତ ନିଜର ପସରା ଖୋଲି ବସନ୍ତି। ଗୋଟିଏ ରାତିରେ ୧୫୦ରୁ ୨୦୦ଟଙ୍କା ଲାଭ ହେଉଛି ବୋଲି ସେ କୁହନ୍ତି। ହରିହରଙ୍କର ଗୋଟିଏ କଥା ବେଶ୍ ମନକୁ ଛୁଇଁଥିଲା। ସେ କହିଥିଲେ ଯେ, ମଣିଷ ଜନ୍ମ ମିଳିଛି ମାନେ ସଂଘର୍ଷ କରିବାକୁ ବାଧ୍ୟ। ମିଲ୍ ବନ୍ଦ ହୋଇଗଲା ବୋଲି ଦୁଃଖ ଲାଗୁଛି। ଅନେକ ବୁଣାକାରଙ୍କ ଜୀବନ ବି ଦୁର୍ବିଷହ ହୋଇଯାଇଛି। ହେଲେ ଯେତେଦିନ ପର୍ଯ୍ୟନ୍ତ ମୋର ହାତ ଚଳୁଥିବ ସେତେଦିନ ଯାଏଁ ଦୁଇପ୍ରାଣୀ(ସେ ଓ ତାଙ୍କ ସ୍ତ୍ରୀ)ଙ୍କ ପାଇଁ ଭାତ ଯୋଗାଡ଼ କରିବାରେ ଅସୁବିଧା ହେବନି। ହରିହର ନିଜ କାହାଣୀକୁ ବଖାଣୁଥିବା ବେଳେ ସରକାରଙ୍କ ଉପରେ ଥିବା ଆକ୍ରୋଶ ବେଶ୍ ବାରି ହୋଇ ପଡୁଥିଲା।

## ହାରି ନାହାନ୍ତି ହରିହର





ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ଆମେରିକା ଗାୟକ ନିକ୍ ଜୋନସ୍‌ଙ୍କ ବିବାହ ନେଇ ବହୁ ଚର୍ଚ୍ଚା ହୋଇଥିବା। ଏବେ ମଧ ବହୁ ସମୟରେ ସେମାନଙ୍କୁ ନେଇ ସୋସିଆଲ ମିଡ଼ିଆରେ ଆଲୋଚନା ଜାରି ରହିଥିବାର ଦେଖିବାକୁ ମିଳିଥାଏ। ପ୍ରିୟଙ୍କା ନିକ୍‌ଙ୍କଠାରୁ ବୟସରେ ବଡ଼। ଏହା ସମସ୍ତଙ୍କୁ ଜଣା। ତେବେ ନିକଟରେ ଏକ ରିୟଲିଟି ଶୋ'ରେ ନିକ୍ କହିଥିଲେ ପ୍ରିୟଙ୍କା ମୋଠାରୁ ୧୦ ବର୍ଷ ବଡ଼। ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ ତାଙ୍କୁ ୨୭ ବର୍ଷ ହୋଇଥିବାବେଳେ ପ୍ରିୟଙ୍କାଙ୍କୁ ୩୭ ବର୍ଷ। ମାତ୍ର ବୟସ ସେମାନଙ୍କ ମଧ୍ୟରେ ଥିବା ଭଲପାଇବା ଉପରେ କୌଣସି ପ୍ରଭାବ ପକାଇ ନ ଥିବା ନିକ୍ ରିୟଲିଟି ଶୋ'ରେ କହିଛନ୍ତି।

# 'ପିରିୟଡ୍ ଫିଷ୍ଟ'

**ନୂଆଦିଲ୍ଲୀ:** ନାରୀ ଆଜି କୌଣସି କ୍ଷେତ୍ରରେ ପଛୁଆ ନୁହଁ। ମହିଳାଙ୍କୁ ସଶକ୍ତ କରିବାକୁ ଅନେକ ବାର୍ତ୍ତା ଦିଆଯାଉଛି। ହେଲେ ଏବେ ବି ଅନେକ ଲୋକଙ୍କ ମନରୁ ପୁରୁଣା ଚିନ୍ତାଧାରା ଦୂର ହୋଇପାରିନି। ଏବେକା ସମୟରେ ବି ପିରିୟଡ୍ ବା ମହିଳାଙ୍କ ମାସିକ ଧର୍ମକୁ ନେଇ ଲୋକଙ୍କ ମନରେ ବହୁ ଅନ୍ଧବିଶ୍ୱାସ ଓ ସଂକୀର୍ଣ୍ଣ ଚିନ୍ତାଧାରା ରହିଛି। ନିକଟରେ ଗୁଜରାଟର ଭୁଜ୍‌ସ୍ଥିତ ଲକ କଲେଜରେ ୬୮ ଛାତ୍ରୀଙ୍କୁ ସେମାନେ ମାସିକ ଧର୍ମରେ ନ ଥିବା ନେଇ ପ୍ରମାଣିତ କରିବାକୁ ବାଧ କରାଯାଇଥିଲା। ଅନ୍ୟ ଏକ ଘଟଣାରେ ସ୍ୱାମୀ କୃଷ୍ଣସ୍ୱରୂପ ଦାସଜୀ ମନ୍ତବ୍ୟ ଦେଇଥିଲେ ଯେ, ମହିଳାମାନେ ମାସିକ ଧର୍ମ ସମୟରେ ସ୍ୱାମୀଙ୍କୁ ରୋଷେଇ କରି ଖାଇବାକୁ ଦେଲେ ଆଗାମୀ ଜନ୍ମରେ କୁକୁରଭାବେ ଜନ୍ମ ନିଅନ୍ତି। ଏଥିସହ ଏହି ସମୟରେ ଯେଉଁ ପୁରୁଷ ମହିଳାଙ୍କ ହାତରୁ ଖାଦ୍ୟ ଗ୍ରହଣ କରନ୍ତି, ସେ ବଳଦ ଜନ୍ମ ନିଅନ୍ତି। ଏଭଳି ପୁରୁଣା ଚିନ୍ତାଧାରା ତଥା ରୁଢ଼ିବାଦୀ ମନ୍ତବ୍ୟକୁ ନେଇ ସମଗ୍ର ଦେଶରେ ବିରୋଧ ପ୍ରକାଶ ପାଇଥିଲା। ବିଶେଷକରି ମହିଳାମାନେ ଏହାର ପ୍ରତିବାଦ କରିଥିଲେ। ନିଜ ସମ୍ମାନ ରକ୍ଷା କରିବା ସହ ସମାଜକୁ ସଚେତନତାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ନିକଟରେ ଦିଲ୍ଲୀରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ମହିଳାମାନେ 'ପିରିୟଡ୍ ଫିଷ୍ଟ'ର ଆୟୋଜନ କରାଯାଇଥିଲା। ଏଥିରେ ମାସିକ ଧର୍ମରେ ଥିବା ମହିଳାମାନେ ମିଳିତଭାବେ ଭୋଜନ ପ୍ରସ୍ତୁତ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଫିଷ୍ଟରେ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆଙ୍କ ସମେତ ୩୦୦ ଲୋକ ଯୋଗଦେଇ ଭୋଜନ ଗ୍ରହଣ କରିଥିଲେ। ଭୋଜନ ପ୍ରସ୍ତୁତ କରିଥିବା ସମସ୍ତ ମହିଳା ଆପ୍ରନ୍ ପିନ୍ଧିଥିବାବେଳେ ସେଥିରେ ଏକ ସୁନ୍ଦର ବାର୍ତ୍ତା 'ମୁଁ ମାସିକ ଧର୍ମରେ ଥିବାରୁ ଗର୍ବ ଅନୁଭବ କରୁଛି' ମଧ୍ୟ ଉଲ୍ଲେଖ ରହିଥିଲା। ଏହି ଉପଲକ୍ଷେ ଏକ 'ଷ୍ଟ୍ରିଟ୍ ପ୍ଲେ' ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ମହିଳାଙ୍କ ମାସିକ ଧର୍ମକୁ ନେଇ ରହିଥିବା ବିଭିନ୍ନ ଅନ୍ଧବିଶ୍ୱାସ ନେଇ ସଚେତନ କରାଯାଇଥିଲା। ମାସିକ ଧର୍ମକୁ ସମ୍ମାନ ଦେବା ସହ ସେମାନଙ୍କ ହାତରୁ ଖାଇବା ଦ୍ୱାରା କିଛି ଭିନ୍ନ ଘଟି ନଥାଏ ବୋଲି ସଙ୍ଗଠନର ପ୍ରତିଷ୍ଠାତା ତଥା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା ସୁରଭି ସିଂ କହିଥିଲେ।



# ୭୦ ହଜାର ଦିଆସିଲିରେ ଜାହାଜ ମଡେଲ



## ରେକର୍ଡ ନିଶା

**ସାଉଥଷ୍ଟମ୍:** ସଫଳତା ପାଇଁ ବୟସ ଏକ ମାପକାଠି ନୁହେଁ। ନିଷ୍ଠାପର ଉଦ୍ୟମ, ଗଭୀର ଆତ୍ମବିଶ୍ୱାସ ହିଁ ସଫଳତା ଆଡ଼କୁ ବାଟ କଢ଼ାଇନିଏ। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ବ୍ରିଟେନର ନାବିକ ଡେଭିଡ ରେନାଲ୍ଡ। ୬୧ବର୍ଷ ବୟସରେ ସେ ନିର୍ମାଣ କରିଛନ୍ତି ୪୦୦ବର୍ଷ ପୁରୁଣା ଐତିହାସିକ ମେଫ୍ଲେବର ଜାହାଜର ପ୍ରତିକୃତି, ତାହା ବି ଦିଆସିଲି କାଠିରେ। ପୁରାତନ ଜାହାଜର ମଡେଲ ପ୍ରସ୍ତୁତ କରିବା ରେନାଲ୍ଡଙ୍କ ସଉକ। ଏହା ତାଙ୍କୁ ବିଶ୍ୱସ୍ତରରେ ଦେଇଛି ପରିଚିତି ଏବଂ ସେ ହୋଇପାରିଛନ୍ତି ଅନେକ ରେକର୍ଡର ଅଧିକାରୀ। ୪୦୦ବର୍ଷ ପୁରୁଣା ଜାହାଜ 'ମେଫ୍ଲେବର' ଚଳିତ ବର୍ଷ ଆନିଭର୍ସରି ପାଳୁଛି। ଏହାକୁ ସ୍ମୃତିମଧୁର କରିବାକୁ ଯୋଜନା କରିଥିଲେ ଡେଭିଡ୍। ଏହାର ଅବିକଳ ମଡେଲ ତିଆରି କରିବାକୁ ୨ବର୍ଷ ସମୟ ଲାଗିଛି। ୪ଫୁଟ ଉଚ୍ଚ ଏବଂ ୫ଫୁଟ ଲମ୍ବା ବିଶିଷ୍ଟ ଉକ୍ତ ମଡେଲକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ଲାଗିଛି ୯୦୦ ଘଣ୍ଟା। ଏଥିରେ ୭୦ ହଜାର ଦିଆସିଲି କାଠି ବ୍ୟବହାର କରାଯାଇଛି। କାଠିଗୁଡ଼ିକୁ ବାନ୍ଧି ରଖିବାକୁ ସୂତା ଏବଂ ଅଠାର ବ୍ୟବହାର ହୋଇଛି। ଜାହାଜର ମୋଟ ଓଜନ ୭.୨ କିଗ୍ରା। 'ମେଫ୍ଲେବର'ର ପ୍ରତିକୃତି ନିର୍ମାଣ କରିବା ସହଜ ନ ଥିଲା। ଏହା ପୂର୍ବରୁ ଡେଭିଡ ଜାହାଜ ସହିତ ଜଡ଼ିତ ସମସ୍ତ ଛୋଟବଡ଼ ତଥ୍ୟ ହାସଲ କରିଥିଲେ। ସୂଚନାଯୋଗ୍ୟ, ୧୬୨୦ ସେପ୍ଟେମ୍ବର ୬ରେ 'ମେଫ୍ଲେବର' ୧୦୨ ଯାତ୍ରୀଙ୍କୁ ନେଇ ଆମେରିକା ଅଭିମୁଖେ ବାହାରିଥିଲା। ୨ମାସର ଯାତ୍ରା ପରେ ଏହା ମାସାଚୁସେଟ୍‌ସ ତଟରେ ପହଞ୍ଚିଥିଲା। ଉକ୍ତ ଜାହାଜରେ ଏକ ମିନି ବୋଟ, ଡେକ୍ ଏବଂ ତୋପ ମଧ୍ୟ ରହିଥିଲା, ଯାହାର ଅବକଳ ନକଲ ଦେଖିବାକୁ ମିଳିଛି ଡେଭିଡଙ୍କ ମଡେଲରେ। ଡେଭିଡ ଏହା ପୂର୍ବରୁ ୪୦ଟି ଜାହାଜ ନିର୍ମାଣ କରିସାରିଛନ୍ତି। 'ମେଫ୍ଲେବର' ସେଥିରୁ ଗୋଟିଏ। ଏଥିପୂର୍ବରୁ ୨୦୦୯ରେ ୨୧ ଫୁଟ ଉଚ୍ଚତା ବିଶିଷ୍ଟ 'ନର୍ଥ ସି ଅଏଲଶିପ୍'ର ମଡେଲ ପ୍ରସ୍ତୁତ କରିଥିଲେ। ଏହା ଗିନିଜ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଥିଲେ। ଏଥିରେ ୪୧ ଲକ୍ଷ ଦିଆସିଲି କାଠି ବ୍ୟବହାର କରାଯାଇଥିଲା। ଏତେ ପରିମାଣର କାଠିକୁ ଏକାଠି ଯୋଡ଼ାଗଲେ ତାହା ପାଖାପାଖି ୪.୧ କିମିର ଲାଇନ ସୃଷ୍ଟି କରନ୍ତା ବୋଲି ଜଣାପଡ଼ିଛି।

# 'ତୁ ଯୁ ଲଭ୍ ମି...'ରେ ଦିଶାଙ୍କ ଜବରଦସ୍ତ ଡ୍ୟାନ୍ସ



**ମୁମ୍ବାଇ:** ଟାଇଗର ଶ୍ରଫ୍ ଏବଂ ଶ୍ରଦ୍ଧା କପୁରଙ୍କ ଅପ୍‌କମିଂ ଫିଲ୍ମ 'ବାଗୀ-୩' ରିଲିଜ୍ ପାଇଁ ପ୍ରସ୍ତୁତ ହୋଇରହିଛି। ଏହାରି ଭିତରେ ଫିଲ୍ମର ଟ୍ରେଲର୍ ଏବଂ ଦୁଇଟି ଗୀତ ରିଲିଜ୍ ହୋଇସାରିଛି, ଯାହାକୁ ଦର୍ଶକଙ୍କ ଖୁବ୍ ଭଲ ପ୍ରତିକ୍ରିୟା ମିଳିପାରିଛି। ତେବେ ଗୁରୁବାର ଫିଲ୍ମର ତୃତୀୟ ଗୀତ ରିଲିଜ୍ କରାଯାଇଛି। ଏଥିରେ ଦିଶା ପଟାନୀଙ୍କ କିଲର୍ ଅନ୍ଦାଜ୍ ଫ୍ୟାନ୍‌ଙ୍କୁ ଘାଇଲା କରିବାରେ ଲାଗିଛି। ଗୁରୁବାର ଫିଲ୍ମ 'ବାଗୀ-୩'ର ତୃତୀୟ ଗୀତ 'ଡୁ ୟୁ ଲଭ୍ ମି' ରିଲିଜ୍ ହୋଇଯାଇଛି। ଏଥିରେ ସୁନ୍ଦରୀ ଦିଶା ପଟାନୀ ବ୍ଲାକ୍ ଓ ଗ୍ରୀନ୍ ବିକିନୀରେ ନଜରକୁ ଆସିଛନ୍ତି। ଫିଲ୍ମରେ ଦିଶାଙ୍କୁ କେବଳ ଗେଷ୍ଟ ଆପିୟରାନ୍ସରେ ଦେଖିବାକୁ ମିଳିବ। ତେବେ ମୁଖ୍ୟ ଭୂମିକାରେ ଟାଇଗର ଶ୍ରଫ୍‌ଙ୍କ ସହ ଶ୍ରଦ୍ଧା କପୁର ନଜରକୁ ଆସିବେ। ଏଠାରେ କହିରଖୁଛୁ ଯେ, ଫିଲ୍ମ 'ବାଗୀ-୩'ର 'ଡୁ ୟୁ ଲଭ୍ ମି' ଗୀତଟି ପାଇଁ ମେକର୍ସ ମୂଳ ଗୀତର କପିରାଇଟ୍‌ସ 'ଦି ବେନ୍‌ଡାଲେ ଫ୍ୟାମିଲି' ବ୍ୟାଣ୍ଡରୁ କିଣିଛନ୍ତି। ତନିଷ୍କ ବାଗ୍‌ଚୀ ଗୀତଟିକୁ କମ୍ପୋଜ୍ କରିଥିବାବେଳେ ଏଥିରେ ଫ୍ୟାନ୍‌ଙ୍କ ମନପସନ୍ଦର ଯୋଡ଼ି ଟାଇଗର-ଦିଶାଙ୍କୁ ଏକାଠି ଦେଖିବାକୁ ମିଳିବ। ଅନ୍ୟପଟେ ଗୀତଟି ରିଲିଜ୍ ହେବା ପରଠାରୁ ହିଁ ଦିଶାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚା ଲାଗିରହିଛି। ତାଙ୍କ ଫିଟ୍‌ନେସ୍ ଏବଂ ଡ୍ୟାନ୍ସ ମୁଭ୍‌ସକୁ ସୋସିଆଲ ମିଡିଆରେ ଅନେକ ପ୍ରଶଂସା କରାଯାଉଛି। ଏହାପୂର୍ବରୁ ଫିଲ୍ମ 'ବାଗୀ-୩'ର ଦୁଇଟି ଗୀତ 'ଦଶ୍ ବାହାନେ ୨.୦' ଏବଂ 'ଭଙ୍କସ୍' ରିଲିଜ୍ ହୋଇସାରିଛି। ଦୁଇଟିଯାକ ଗୀତକୁ ଦର୍ଶକେ ଖୁବ୍ ପସନ୍ଦ କରିଥିବାବେଳେ ଏହା ମ୍ୟୁଜିକ୍ ଚାର୍ଟ୍‌ସରେ ସାମିଲ ହୋଇସାରିଛି। ଏବେ 'ଡୁ ୟୁ ଲଭ୍ ମି' ମଧ୍ୟ ଏହି ରେସ୍‌ରେ ସାମିଲ ହୋଇଯିବ ବୋଲି ଆଶା କରାଯାଉଛି। ଟାଇଗର ମଧ୍ୟ ଗୀତଟିକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଅନ୍ୟପକ୍ଷରେ ଫିଲ୍ମର ଟ୍ରେଲର୍ ରିଲିଜ୍ ପରେ ଟାଇଗର୍‌ଙ୍କ ଆକ୍ସନକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା ମଧ୍ୟ କରୁଛନ୍ତି। ଅହମଦ ଖାନ୍ ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି। ରିତେଶ୍ ଦେଶମୁଖ୍ ଏବଂ ଅଙ୍କିତା ଲୋଖଣ୍ଡେ ମଧ୍ୟ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ୬ ମାର୍ଚ୍ଚରେ ଫିଲ୍ମଟି ରିଲିଜ୍ ହେବ।

# ଜାତୀୟ ବିଜ୍ଞାନ ଦିବସ

## ବିଜ୍ଞାନର ବିକାଶରେ ଦେଶର ବିକାଶ ସମ୍ଭବ



ଭାରତରେ ପ୍ରତିବର୍ଷ ୨୮ ଫେବୃୟାରୀରେ ପାଳନ କରାଯାଉଛି ଜାତୀୟ ବିଜ୍ଞାନ ଦିବସ। ବୈଜ୍ଞାନିକମାନଙ୍କ ସମାଜ ପ୍ରତି ଅବଦାନକୁ କୃତଜ୍ଞତାର ସହ ସ୍ୱୀକୃତି ଦେବା ସହିତ ବିଜ୍ଞାନ ଶିକ୍ଷାକୁ ଆଗକୁ ନେବା ଏହି ଦିବସର ଲକ୍ଷ୍ୟ। ମୁଖ୍ୟତଃ ରମଣ ଇଫେକ୍ଟ ବା ରମଣ ପ୍ରଭାବର ଆବିଷ୍କାରକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ସାର୍ ସି. ଭି. ରମଣ ୨୮ ଫେବୃୟାରୀ ୧୯୨୮ରେ ରମଣ ଇଫେକ୍ଟ ବା ରମଣ ପ୍ରଭାବ ଆବିଷ୍କାର ସମ୍ପର୍କରେ ଘୋଷଣା କରିଥିଲେ। ଏଥିପାଇଁ ତାଙ୍କୁ ୧୯୩୦ରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସି .ଭି.ରମଣ, ସତ୍ୟେନ୍ଦ୍ରନାଥ ବୋଷ, ଜଗଦୀଶ ଚନ୍ଦ୍ର ବୋଷ ଓ ମେଘନାଦ ଶାହା ଭାରତୀୟ ବିଜ୍ଞାନକୁ ମାର୍ଗ ଦେଖାଇଛନ୍ତି। ବିଶ୍ୱ ବିଜ୍ଞାନ ଦରବାରରେ ଭାରତକୁ ଅଧିଷ୍ଠିତ କରିବାରେ ସେମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ବିଜ୍ଞାନର ବିକାଶ ଭାରତରେ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରିଛି। ମହାକାଶ ବିଜ୍ଞାନ ଦୌଡ଼ରେ ସୁପର୍‌ପାୱାରଙ୍କ ସମକକ୍ଷ ହେବା ଲାଗି ଏବେ ଭାରତ ଅଗ୍ରସର ହୋଇଛି। ବିଜ୍ଞାନର ବିକାଶ ଦେଶର ବିକାଶକୁ ତ୍ୱରାନ୍ୱିତ କରିଛି। ଶିଳ୍ପରେ ବି ବିଶ୍ୱସ୍ତରରେ ଭାରତ ଅଭୂତପୂର୍ବ ସଫଳତା ପାଇବାରେ ଲାଗିଛି। ବୈଜ୍ଞାନିକ ଡି. ଯୋଗେଶ୍ୱର ରାଓ କହିଥିଲେ-'ଆମଠାରେ ରହିଛି ଯଥେଷ୍ଟ ବୈଜ୍ଞାନିକ ମନୋଭାବ। ଏଠାରେ ବିଜ୍ଞାନ ପରିବେଶ ମଧ୍ୟ ବେଶ୍ ଅନୁକୂଳ। ତେଣୁ 'ଜ୍ଞାନ ଉତ୍ପାଦନ' କରିବାରେ ଆମେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିପାରିବୁ। ଅବଶ୍ୟ ଆମକୁ ଏଥିପାଇଁ 'ଉତ୍ପାଦନ' କରିବା ପାଇଁ ପଡିବ ଯଥେଷ୍ଟ ସଂଖ୍ୟାରେ ଉତ୍ସର୍ଗୀକୃତ ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟାବିଦ୍।' କୁଶଳୀ 'ବିଜ୍ଞାନୀ-ବଳ' ସଂଗ୍ରହ କରିବା ନିମନ୍ତେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଉନ୍ନତି କରିବା ଅପରିହାର୍ଯ୍ୟ। ଏବେ ୩୦୦ରୁ ଅଧିକ ଭାରତୀୟ ବିଶ୍ୱ ବିଦ୍ୟାଳୟଗୁଡିକରେ ରହିଛନ୍ତି ସଢେ ୩ ଲକ୍ଷରୁ ଊର୍ଦ୍ଧ୍ୱ ବିଜ୍ଞାନ ଛାତ୍ର। ଦେଶରେ ଆଇଆଇଟି ଓ ଅନ୍ୟାନ୍ୟ ବିଜ୍ଞାନ ପ୍ରତିଷ୍ଠାନଗୁଡିକ ବିଶ୍ୱରେ ଯଥେଷ୍ଟ ମାନ୍ୟତା ଲାଭ କରିଛି। ତେବେ ବିଜ୍ଞାନ ଶିକ୍ଷା ଓ ଗବେଷଣାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ଉପରେ ଏହି ଦିବସ ଗୁରୁତ୍ୱ ପ୍ରଦାନ କରିଆସୁଛି। ପ୍ରୟୋଗାତ୍ମକ ବିଜ୍ଞାନ ମୌଳିକ ବିଜ୍ଞାନକୁ ଆଧାର କରି ପୁଷ୍ଟ ହୋଇଥାଏ। ସୁତରାଂ ମୌଳିକ ବିଜ୍ଞାନର ବିକାଶ ନ ହେଲେ ପ୍ରୟୋଗାତ୍ମକ ବିଜ୍ଞାନର ମୂଳଦୁଆ ସୁଦୃଢ ହୋଇପାରିବନାହିଁ। ଏଣୁ ବିଜ୍ଞାନ ଦିବସରେ ଏହା ଉପରେ ଗଭୀର ଅନୁଚିନ୍ତାର ଆବଶ୍ୟକତା ରହିଛି। ଏବେ ଦେଶରେ ବିଜ୍ଞାନ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରମାନଙ୍କୁ ଆକୃଷ୍ଟ କରିବା ପାଇଁ ପାଠ୍ୟକ୍ରମକୁ ବିଜ୍ଞାନାଭିମୁଖୀ କରଯିବା ଆବଶ୍ୟକ। ଆମ ଦେଶରେ ଉତ୍ସର୍ଗୀକୃତ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। ତେବେ ସେମାନଙ୍କ ଜ୍ଞାନ ଓ ଗବେଷଣାକୁ ପୁଞ୍ଜି କରି ଦେଶ ଆଗକୁ ଯିବାର ସମୟ ଏବେ ଉପନୀତ। ଭାରତ ବିଜ୍ଞାନ ରାସ୍ତାରେ କ୍ଷିପ୍ର ବେଗରେ ଢେର ଆଗକୁ ମାଡିଚାଲିଛି। ଆଉ କିଛି ବର୍ଷ ମଧ୍ୟରେ ବିଶ୍ୱରେ ଏକ ମହାଶକ୍ତି ରୂପେ ଭାରତ ଉଭା ହେବ ଏହା ଦୃଢତାର ସହ କୁହାଯାଇପାରେ। ୨୦୨୦ ପାଇଁ ଏହି ଦିବସର ସ୍ଲୋଗାନ ରହିଛି 'ବିଜ୍ଞାନରେ ମହିଳା'।

– ଡା. ନିତ୍ୟାନନ୍ଦ ସ୍ୱାଇଁ
ସେକ୍ଟର-୬,ଅଭିନବ ବିଡ଼ାନାସୀ, କଟକ

# ୧ କିଲୋ ଜିଆଖତରୁ ୨ କୋଟିର ମାଲିକ

**ମିରଟ:** ଦୃଢ଼ ମନୋବଳ ଆଗରେ ସମସ୍ତ ବାଧାବିଘ୍ନ ହାର ମାନିଥାଏ। ଏହାର ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶର ମିରଟରେ ବାସ କରୁଥିବା ଅମିତ ତ୍ୟାଗୀ। ଏମ୍‌ବିଏ ପଢ଼ି ସେ ଚାକିରି କରିଥିଲେ। ତେବେ ଏହା ତାଙ୍କୁ ଆତ୍ମସନ୍ତୋଷ ଦେଇ ନ ଥିଲା। ତେଣୁ ସେ ଚାକରି ଛାଡ଼ି ନିଜେ କିଛି କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ୧୯୯୪ରେ ହରିଦ୍ୱାରର ଶାନ୍ତିକୁଞ୍ଜରୁ ୧ କିଲୋ ଜିଆ ଖତ କିଣି ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିଜର ୩ ଏକର ଜମିରେ ୩୫୦ଟି ଭର୍ମି ବେଡ୍ ତିଆରି କରି ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି କାର୍ଯ୍ୟ କରିଥିଲେ। ଧୀରେଧୀରେ ବ୍ୟବସାୟ ବଢ଼ିବାରେ ଲାଗିଲା। ଏବେ ସେ ୧୪ଟି ରାଜ୍ୟର ୬ ହଜାରରୁ ଅଧିକ ଚାଷୀଙ୍କୁ ଜିଆ ଖତ ଯୋଗାଉଛନ୍ତି। ତାଙ୍କର ବାର୍ଷିକ କାରବାର ୨ କୋଟି ଟଙ୍କା ଟପିଛି। ନିଜେ ରୋଜଗାର କରିବା ସହିତ ବେକାର ଯୁବବର୍ଗଙ୍କୁ ମଧ୍ୟ ସେ ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି ତାଲିମ ଦେଇ ସେମାନଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରିଛନ୍ତି।



# ମନ୍ଦିର ଖନନ ବେଳେ ମିଳିଲା ୫୦୫ ସ୍ୱର୍ଣ୍ଣମୁଦ୍ରା

**ତିରୁଚିରାପଲି:** ତାମିଲନାଡୁର ତିରୁଚିରାପଲି ଜିଲା ଥିରୁଭାନୈକଭଲ ନିକଟରେ ଥିବା ଜମ୍ବୁକେଶ୍ୱର ମନ୍ଦିର ନିକଟରେ ଖନନ ଚାଲିଥିବା ବେଳେ ମାଟିତଳୁ ୫୦୫ଟି ସ୍ୱର୍ଣ୍ଣମୁଦ୍ରା ମିଳିଥିବା ଜଣାପଡିଛି। ଏହାର ଓଜନ ରହିଛି ୧.୭୧୬ କିଲୋଗ୍ରାମ। ବୁଧବାର ଶ୍ରମିକମାନେ ଜମ୍ବୁକେଶ୍ୱର ମନ୍ଦିର କାମ ପାଇଁ ଏହା ପରିସରରେ ଥିବା ମାଟି ଖୋଳିବା ସମୟରେ ପ୍ରାୟ ୭ ଫୁଟ ତଳେ ଏକ ତମ୍ବା ପାତ୍ର ମିଳିଥିଲା। ଆଉ ତା' ମଧ୍ୟରେ ଉକ୍ତ ସ୍ୱର୍ଣ୍ଣମୁଦ୍ରାଗୁଡିକ ଥିବା ଦେଖାଯାଇଥିଲା। ଏଥିରେ ଆରବିକ ଭାଷା ଲେଖାଯାଇଥିବା ବେଳେ ଏହା ୧୦୦୦-୧୨୦୦ ଖ୍ରୀଷ୍ଟାବ୍ଦର ବୋଲି କୁହାଯାଉଛି। ଆନୁମାନିକ ଭାବେ ଏହାର ମୂଲ୍ୟ ୬୮ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ପୋଲିସ ଉପସ୍ଥିତରେ ଏହାକୁ ଗଣନା କରାଯାଇ ସଂରକ୍ଷିତ ରଖାଯାଇଛି।



# ୫୧ ଲକ୍ଷରେ ବିକ୍ରି ହେଲା ମଇଁଷି

**ହିସାର:** ଅଧିକ କ୍ଷୀର ଦେଇ ବିଶ୍ୱ ରେକର୍ଡ କରିଥିବା ମୁରାହ ପ୍ରଜାତିର ମଇଁଷି ସରସ୍ୱତୀ ୫୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ହରିୟାଣାର ହିସାର ଜିଲାର ଲିତାନିରେ ବାସ କରୁଥିବା ସୁଖବୀର ସିଂ ଢ଼ାଣ୍ଡା ସରସ୍ୱତୀକୁ ଲୁଧିୟାନାର ପବିତ୍ର ସିଂଙ୍କୁ ବିକ୍ରି କରିଛନ୍ତି। ସରସ୍ୱତୀ ୩୩.୧୩୧ ଲିଟର କ୍ଷୀର ଦେଇ ରେକର୍ଡ କରିଥିଲା। ଏହି ରେକର୍ଡ ପୂର୍ବରୁ ପାକିସ୍ତାନର ଏକ ମଇଁଷି ନାମରେ ଥିଲା। ସେ ମଇଁଷି ୩୨.୦୫୦ ଲିଟର କ୍ଷୀର ଦେଉଥିଲା। ସୁଖବୀର ସରସ୍ୱତୀକୁ ଲକ୍ଷେ ୩୦ ହଜାର ଟଙ୍କାର କିଣିଥିଲେ। ତେବେ କ୍ଷୀର ଦେବାରେ ରେକର୍ଡ ହେବା ପରେ କାଳେ କିଏ ସରସ୍ୱତୀକୁ ଚୋରି କରିନେବ ସେଥିପାଇଁ ସୁଖବୀର ତାକୁ ବିକ୍ରି କରିଥିବା କହିଛନ୍ତି। ସରସ୍ୱତୀକୁ ବିଦାୟ ଦେବା ପାଇଁ ୭୦୦ରୁ ଅଧିକ ଚାଷୀ ଏକତ୍ରିତ ହୋଇଥିଲେ।





ଯେଉଁ ଲୋକ ପ୍ରତିଦିନ ନିଜଠାରୁ ହିସାବ ବୁଝିନିଏ,
ନିଶ୍ଚୟ ସେ ଉନ୍ନତି ପଥରେ ଆଗେଇ ଯାଏ।
- ସେନେକା



## ସଂକ୍ଷେପରେ

### ଟ୍ରେନରେ କଟି ଚା’ ବିକାଳିଙ୍କ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.):** ଇଷ୍ଟକୋଷ୍ଟ ରେଲୱେ ଲାଇନ୍‌ର ରେତଙ୍ଗ ପାସେଞ୍ଜର ହଲ୍ଟଠାରେ ଗୁରୁବାର ପୂର୍ବାହ୍ନରେ ଜଣେ ଚା ବିକାଳିଙ୍କ ଟ୍ରେନରେ କଟି ମୃତ୍ୟୁ ଘଟିଛି । ସେ ହେଲେ ଜହୁର ରହମନ(୩୮)। ପୋଲିସ ସୂଚନା ମୁତାବକ ରହମନ ଶ୍ରୀ ଭଙ୍କଟେଶ୍ୱର ଏଣ୍ଟରପ୍ରାଇଜର ନାମକ ଏକ ଘରୋଇ ଅନୁଷ୍ଠାନର ଲାଇସେନ୍ସପ୍ରାପ୍ତ କ୍ରମେ ଟ୍ରେନରେ ବୁଲି ବୁଲି ଚା ବିକ୍ରି କରନ୍ତି। ଆଜି ଚା ବିକୁଥିବା ସମୟରେ ଅସାବଧାନତାବଶତଃ ତାଙ୍କର ଗୋଡ଼ ଖସି ଯାଇଥିଲା। ସେ ରେଳ ଧାରଣାରେ ପଡିଯିବାରୁ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଜିଆରପି ପୋଲିସ ପ୍ରଦୀପ ସେବା ଟ୍ରଷ୍ଟର ମଧୁସ୍ମିତା ପୃଷ୍ଟି ଏବଂ ପ୍ରଦୀପ ପୃଷ୍ଟିଙ୍କ ସହଯୋଗରେ ଉଦ୍ଧାର କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲ ରୁଜୁ ହୋଇଛି।

### ମାର୍ଚ୍ଚ ୫ରେ ରଥଖଳାରେ ରୁକୁଣା ରଥ କାଠ ଅନୁକୂଳ

ପୁରୁଣା ଭୁବନେଶ୍ୱର, ୨୭। ୨ (ଡି.ଏନ.ଏ.): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ୫ରେ ରଥଖଳାରେ ହେବ ରଥକାଠ ଅନୁକୂଳ। ତେଣୁ ଖଣ୍ଡପଡ଼ାରୁ ଆମ୍ବକାଠ ଆସି ରଥଖଳାରେ ପହଞ୍ଚିବା ପରେ ରଥଚକ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ବୁଧବାର ନୟାଗଡ ବନଖଣ୍ଡ ଯାତ୍ରା କରି ଆମ୍ବକାଠଗୁଡିକ ଚିହ୍ନଟ କରିଥିଲେ। ଶୁକ୍ରବାର ବୋର୍ଡର ଜଣେ କର୍ମଚାରୀ ଏହି କାଠ ଆଣିବାକୁ ନୟାଗଡ଼ ଯାତ୍ରା କରିବେ। କାଠ ୫ ତାରିଖ ପୂର୍ବରୁ ରଥଖଳାରେ ପହଞ୍ଚିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଶେଷ ହୋଇଥିବା ବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

### ଆଜି ପୁରୀ ଆସିବେ ସ୍ୱରାଷ୍ଟ୍ର ମନ୍ତ୍ରୀ

**ପୁରୀ ଅଫିସ,୨୭।୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁରୀ ଗସ୍ତ ଶେଷ ହୋଇଛି। ମମତା ଗତ ୨୫ ତାରିଖ ରାତିରେ ଆସି ପୁରୀରେ ପହଞ୍ଚିଥିଲେ। ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ସେ ରହିଥିଲେ। ବୁଧବାର ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗୁରୁବାର ଅପରାହ୍ନରେ ସେ ଭୁବନେଶ୍ୱର ଫେରିଯାଇଛନ୍ତି। ଅପରପକ୍ଷେ ଶୁକ୍ରବାର ପୁରୀକୁ ପୁଣି ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି। ଅପରାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଅପରାହ୍ନ ୫ଟା ୨୫ରେ ସର୍କିଟ ହାଉସରେ ପହଞ୍ଚିବେ। ସନ୍ଧ୍ୟା ୬ଟାରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟା ୭ଟା ୨୦ରେ ପୁଣି ଭୁବନେଶ୍ୱର ଫେରି ଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ପୁରୀ ଛାଡ଼ିବା ପରେ ରାତି ୮ଟାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁରୀରେ ପହଞ୍ଚି ମେ’ ଫେୟାର ହୋଟେଲରେ ରାତ୍ରିଯାପନ କରିବେ।

# ବନ୍ଧୁକ ସହ ଖେଳ, ଫୁଟିଲା ଗୁଳି

**କନଷ୍ଟେବଲଙ୍କ ସମେତ ୫ ଗିରଫ**
- ୨ ଦିନ ତଳେ ଘଟିଥିଲା ଘଟଣା
- ଚପାଇଦେବାକୁ ହୋଇଥିଲା ଉଦ୍ୟମ

**କଟକ ଅଫିସ,୨୭।୨**

ଜଣେ କର୍ତ୍ତବ୍ୟରତ ପୋଲିସ କନଷ୍ଟେବଳ ଗତ ମଙ୍ଗଳବାର ଅପରାହ୍ନରେ ନିଜ ସର୍ଭିସ ପିସ୍ତଲର ବ୍ୟବହାର ସମ୍ପର୍କରେ ସାଙ୍ଗମାନଙ୍କୁ ବୁଝାଉଥିବାବେଳେ ହଠାତ୍ ଗୁଳି ଫୁଟିଥିଲା। ଏଥିରେ ସୂତାହାଟ ତନ୍ତିସାହିର କେ. ସୁନୀଲ ନାମକ ଯୁବକ ଆହତ ହୋଇଥିଲେ। ତେବେ ଘଟଣାକୁ ୨ ଦିନ ବିତିଥିବାବେଳେ ଅଭିଯୁକ୍ତମାନେ ଏହାକୁ ଚାପିବାକୁ ଉଦ୍ୟମ କରିଥିଲେ। ହେଲେ ମାଲଗୋଦାମ ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ୫ ଜଣଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ଟିକେଶ୍ୱର ମହନ୍ତ, ହୋଟେଲ ମାଲିକ ରାଜକିଶୋର ମହାନ୍ତି, ମ୍ୟାନେଜର ଗଗନ ଜେନା ଓ ଅନ୍ୟ ୨ ଅଭିଯୁକ୍ତ।

ପୋଲିସ ସୂତ୍ରରୁ ପ୍ରକାଶ, ଟିକେଶ୍ୱର ଓ ତାଙ୍କର ଅନ୍ୟ ୩ ଜଣ ସାଙ୍ଗ ମେଡିକାଲ କାର୍ଯ୍ୟରେ ଗତ ୨୫ ତାରିଖରେ କଟକ ଆସିଥିଲେ। ଚିକିତ୍ସା କାମ ଶେଷ ନ ହେବାରୁ ସେମାନେ କଲେଜଛକ ନିକଟସ୍ଥ ଏକ ହୋଟେଲରେ ରହିଥିଲେ। ଏହି ଦିନ ଅପରାହ୍ନରେ ସୁନୀଲ ଉକ୍ତ ହୋଟେଲର ମାଲିକ ରାଜକିଶୋର ମହାନ୍ତିଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ଟିକେଶ୍ୱର ସାଙ୍ଗମାନଙ୍କୁ ନିଜ ସର୍ଭିସ ପିସ୍ତଲକୁ ଦେଖାଇବା ସହ ଏହାର ବ୍ୟବହାର ବିଷୟରେ ଶିଖାଉଥିଲେ। ହଠାତ୍ ପିସ୍ତଲରୁ ଗୁଳି ଫୁଟି ସୁନୀଲଙ୍କ ପେଟରେ ବାଜିଥିଲା। ହୋଟେଲ ମାଲିକ ରାଜକିଶୋର ଓ ମ୍ୟାନେଜର ଗଗନ ସେଠାରେ ପହଞ୍ଚି ଘଟଣାଟିକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏପରି କି ଆହତ ସୁନୀଲଙ୍କୁ ମେଡିକାଲ ନେବା ପାଇଁ ବନ୍ଦୋବସ୍ତ କରି ନ ଥିଲେ। ଫଳରେ ସୁନୀଲ ନିଜ ଭିଣୋଇ କେ. ଶଙ୍କରଙ୍କୁ ଫୋନ କରିଥିଲେ। ଶଙ୍କର ହୋଟେଲରେ ପହଞ୍ଚି ସୁନୀଲଙ୍କୁ ଚିକିତ୍ସାଲାଗି ଏସ୍‌ସିବି ମେଡିକାଲକୁ ନେଇଥିଲେ। ଶଙ୍କର ଏ ନେଇ ମାଲଗୋଦାମ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସର ଏକ ଟିମ୍ କେନ୍ଦୁଝର ଯାଇ ଟିକେଶ୍ୱରଙ୍କୁ ଗିରଫ କରିଥିଲା। ଏହାପରେ ରାଜକିଶୋର, ଗଗନ ଓ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।



ଲଳିତ କଳା ଏକାଡେମୀରେ ଗୁରୁବାର ମସ୍‌ରୁମ ଫଟୋଗ୍ରାଫି ସର୍କଲ ପକ୍ଷରୁ ଅନୁଷ୍ଠିତ ଫଟୋ ପ୍ରଦର୍ଶନୀରେ ମହିଳାମାନେ ଏକ ଫଟୋ ଦେଖୁଛନ୍ତି।

## ବୈଠକ ଅଧାରୁ ଉଠିଗଲେ ସେବାୟତ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ଭିତ୍ତିକ ହାଣ୍ଡିଭଙ୍ଗା ଯାତ୍ରା ଆସନ୍ତା ଶନିବାର ପଡୁଛି। ମାତ୍ର ଏହି ହାଣ୍ଡିଭଙ୍ଗା ଯାତ୍ରା ୨୦୧୫ରୁ ଶ୍ରୀକପିଳେଶ୍ୱର ମନ୍ଦିରରେ ଖୁଣ୍ଟିଆ ଏବଂ ମଲିଆ ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ନେଇ ବନ୍ଦ ରହିଛି। ଚଳିତବର୍ଷ ଏହି ପରମ୍ପରାକୁ ଫେରାଇ ଆଣିବାକୁ ମନ୍ଦିର ପ୍ରଶାସନ, ଦେବୋତ୍ତର ବିଭାଗ ଏବଂ ଜିଲା ପ୍ରଶାସନ ଅଣ୍ଟା ଭିଡିଛନ୍ତି। ତେଣୁ ଶିବରାତ୍ରି ପରେ ଦୁଇ ଦୁଇଥର ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ଖୋର୍ଦ୍ଧା ଜିଲାପାଳ ସିତାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଣ୍ଟିଆ ଓ ମଲିଆ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ହାଣ୍ଡିଭଙ୍ଗା ଯାତ୍ରାକୁ ବଞ୍ଚାଇ ରଖିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିଭଳି ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନି ନେଇ ସେବା ପୂଜା ଜାରି ରଖିବାକୁ କୁହାଯାଇଥିଲା। ମାତ୍ର ଏକ ନିର୍ଦ୍ଦିଷ୍ଟ ସେବାୟତ ଗୋଷ୍ଠୀ ବୈଠକରେ ଅସହଯୋଗ କରିବା ସହ ଜିଲାପାଳ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ସେମାନେ ବୈଠକ ଅଧାରୁ ଉଠି ପଳାଇଥିଲେ। ତେଣୁ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରା ହେବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି।

## ଶିବରାତ୍ରି ପରେ ଭୁଲିଗଲେ ପାର୍କିଂ କଟକଣା

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ଲାଗି ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସ୍ଥାନରେ ସିମେଣ୍ଟ ଟାଇଲ ପକାଯିବା ସହ ଫୁଲକୁଣ୍ଡମାନ ରଖାଯାଇଥିଲା। ମହାଶିବରାତ୍ରି ପାଳନ ହେବାର ମାତ୍ର ଗୋଟିଏ ସପ୍ତାହ ପୂରି ନ ଥିବାବେଳେ ଏକାମ୍ରରେ ପରିମଳ ବ୍ୟବସ୍ଥା, ଟ୍ରାଫିକ୍ କଟକଣା ସବୁ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି। ସମସ୍ତ ନିୟମକୁ ବେଖାତିର କରି ମନ୍ଦିର ସମ୍ମୁଖ ଓ ଦେବୀପାଦହରା ପୁଷ୍କରିଣୀ ନିକଟରେ ପୁଣି ଗାଡ଼ି ପାର୍କିଂ କରାଯାଉଛି। ଫଳରେ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ପୁରୁଣା ଭୁବନେଶ୍ୱର ହାଟ ଅଞ୍ଚଳରେ ସେବାୟତଙ୍କ ଗାଡ଼ି ପାର୍କିଂ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମାତ୍ର ଗୋଟିଏ ଦିନ ପରେ ସବୁ ଓଲଟ ପାଲଟ ହୋଇଗଲା। ଲୋକଙ୍କୁ ସଚେତନ କରିବା ଲାଗି ମାଳମାଳ ହୋର୍ଡ଼ିଂ ଲଗାଇ ପାର୍କିଂ କଲେ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ ଲେଖା ହୋଇଛି। ସେହି ସବୁସ୍ଥାନରେ ପାର୍କିଂ କରାଯାଉଛି। ସେହିଭଳି ୬୦ରୁ ଅଧିକ ଉଠା ଦୋକାନୀ ଏକ ନୂତନ ମିନି ମାର୍କେଟ ଭଳି ଦେବୀପାଦହରା ଓ ନୂତନ ପାର୍କିଂ ସ୍ଥଳକୁ ଜବରଦଖଲ କରି ସାରିଲେଣି।

### ରାସ୍ତାକଡ଼ ପାର୍କିଂ ସମସ୍ୟା ସୃଷ୍ଟି କରୁଛି

ଦେବୀପାଦହରା ନିକଟରେ ନୂତନ ଭାବେ ପାର୍କିଂ ସ୍ଥାନରେ କୌଣସି ଗାଡି ରଖାଇ ନ ଦେଇ ରାସ୍ତାର ଦୁଇକଡରେ ପାର୍କିଂ କରିବାକୁ ବିଏମ୍‌ସି କର୍ମଚାରୀ ପର୍ଯ୍ୟଟକଙ୍କୁ ଏକରକମ ବାଧ କରୁଛନ୍ତି। ନୂତନ ମାର୍କେଟ ପରିସରରେ ୪ ଚକିଆ ଓ ବସ୍ ରଖାଯାଉଛି। ପର୍ଯ୍ୟଟକ ଆସିଲେ ସେମାନଙ୍କୁ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଓ ବିଏମ୍‌ସି ପାର୍କିଂ ଫି ଆଦାୟକାରୀ ରାସ୍ତାକଡ଼ରେ ଗାଡ଼ି ରଖିବାକୁ ଧମକ ଦେଉଛନ୍ତି। ଏଣୁ ବୋଡ ମାରି ସଚେତନତା ନାମରେ ଅର୍ଥବ୍ୟୟ ନ କରି ଏକାମ୍ର ଟ୍ରାଫିକ ପରିଚାଳନା ସୁଚାରୁ ରୂପେ କରିବାକୁ ସାଧାରଣରେ ଦାବି ହେଉଛି।

### ରଥଦାଣ୍ଡର ପାର୍କିଂ ଫି ଆଦାୟ ବାଟବଣା:

ଶିବରାତ୍ରି ପରଠାରୁ ରଥଖଳାଠାରୁ ବଢେଇବାଙ୍କ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଜାଗରଯାତ୍ରା ପାଇଁ ଖୋଲିଛି ଦୋକାନ ବଜାର। ଉଭୟପାର୍ଶ୍ୱରେ ମନଇଚ୍ଛା ବାଇକ, ୩ ଚକିଆ ଯାନ ପାର୍କିଂ କରିବା ଯୋଗୁ ଭିଡ଼ ଅସମ୍ଭାଳ ହେଉଛି। ପାର୍କିଂ ସମସ୍ୟାକୁ ସୁଧାରିବାରେ ପୋଲିସ ନିଦାବିଷ୍ଟ ସାଜିଛି। ଏହାର ଫାଇଦା ଉଠେଇବାକୁ ଯାଇ ପାର୍କିଂ ଫି ହେଉଛି ବାଟବଣା। ଜଣେ ଦୋକାନୀ ନାମ ଗୋପନ ରଖି କହିଛନ୍ତି, ଯାତ୍ରା ପାଇଁ ଆମ୍ଭକୁ ପୃଥକ୍ ପୃଥକ୍ ଭାବେ ଦୋକାନ ପାଇଁ ଫି ଦେବାକୁ ପଡୁଛି।

### ସମସ୍ତ ବିଧାୟକଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ‘ନୀଳାଚଳ ଇସ୍ପାତ କାରଖାନାକୁ ଘରୋଇକରଣ ନିଷ୍ପତ୍ତି ଠିକ୍ ନୁହେଁ’

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

କଳିଙ୍ଗ ନଗରସ୍ଥିତ ସରକାରୀ ଉଦ୍ୟୋଗ, ‘ନୀଳାଚଳ ଇସ୍ପାତ କାରଖାନା’କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଘରୋଇକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ବିରୋଧରେ କାରଖାନାର ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ଶାନ୍ତିପୂର୍ଣ୍ଣ ଭାବେ ୪୫ଦିନ ହେବ ପ୍ରତିବାଦ ଚଳାଇଛନ୍ତି। ସ୍ଥାନୀୟ ଜନସାଧାରଣ ମଧ୍ୟ ଏହି ପ୍ରତିବାଦରେ ବହୁସଂଖ୍ୟାରେ ଯୋଗ ଦେଉଛନ୍ତି। ‘ନୀଳାଚଳ’ କ୍ଷତି କରୁଥିବା କୁହାଯାଉଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଶ୍ନ ଉଠାଇଛନ୍ତି। ସମୁଦାୟ ୧୪ଶହ କୋଟି ଟଙ୍କା କ୍ଷତି ହୋଇଥିବା ସରକାର କହୁଛନ୍ତି। ଏହି କ୍ଷତିର ମୁଖ୍ୟ କାରଣ ‘କଞ୍ଚାମାଲ’–‘ଲୁହାପଥର’ ବୋଲି ଜଣାପଡିଛି । ବଜାର ଦରରେ ଏମ୍‌ସିଠାରୁ ‘ନୀଳାଚଳ’ ଲୁହାପଥର କିଣୁଛି । ଅନ୍ୟ ଘରୋଇ ଶିଳ୍ପଗୁଡ଼ିକ ତାଙ୍କ ନିଜସ୍ୱ ଖଣିରୁ ମାତ୍ର ୫୦୦ ଟଙ୍କାରେ ଲୁହାପଥର ପାଉଥିଲାବେଳେ ‘ନୀଳାଚଳ’ ବଜାର ଦରରେ ହାରାହାରି ୩ ହଜାର ଟଙ୍କାରେ କିଣୁଛି। ଅର୍ଥାତ୍ ପ୍ରତି ଟନ୍‌ରେ ପ୍ରାୟ ୨୫ ଶହ ଟଙ୍କା ଅଧିକ ଦେବାକୁ ପଡୁଛି। ଏହି ସରକାରୀ ଉଦ୍ୟୋଗ କିପରି ଲାଭ କରିବ ଏବଂ ଅନ୍ୟ ଶିଳ୍ପ ସହ ପ୍ରତିଯୋଗିତା କରିବ ବୋଲି ଶ୍ରୀକାନ୍ତ ପ୍ରଶ୍ନ ଉଠାଇଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେନା ବିଧାୟକମାନଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ସେତେବେଳେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଉପା ସରକାରଙ୍କ ନିଷ୍ପତ୍ତି ଯୋଗୁ ନୀଳାଚଳକୁ ୧୨୦ ମିଲିୟନ ଟନ୍ ଗଚ୍ଛିତ ଥିବା ଏକ ଲୁହାପଥର ଖଣି ମିଳିବାର ରାସ୍ତା ଖୋଲିଥିଲା । ଗତ ୫ବର୍ଷ ଧରି ଏହି ଖଣିର ଜମି ଅଧିଗ୍ରହଣରେ ବିଳମ୍ବ ହେଲା । ଏବେ ଏହି ଅନୁମତି ମିଳିଲା ପରେ ଖଣିରୁ ଉତ୍ପାଦନ ଆରମ୍ଭ ହୋଇଛି । ଠିକ୍ ଏହି ସମୟରେ ଘରୋଇକରଣ କରିବା ପାଇଁ ନିଷ୍ପତ୍ତି ସରକାର ନେଇଛନ୍ତି । ଏହା ପଛରେ କ’ଣ ରହସ୍ୟ ନା ଭୟଙ୍କର ଷଡ଼ଯନ୍ତ୍ର ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ବିଧାନସଭା ଏବଂ ରାଜ୍ୟବାସୀଙ୍କୁ ଅନ୍ଧକାରରେ ରଖାଯାଇଛି। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପ୍ରଶ୍ନ ଉଠୁନାହିଁ। ଚୁପ୍‌ଚାପ୍ ରାଜ୍ୟ ଓ କେନ୍ଦ୍ର ସରକାର କେବଳ ଏକ ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କୁ ଓଡ଼ିଶାର ଏହି ‘ରତ୍ନଭଣ୍ଡାର’କୁ କାହିଁକି ହସ୍ତାନ୍ତର କରୁଛନ୍ତି, ସେନେଇ ଲୋକମାନଙ୍କ ଜାଣିବାର ଅଧିକାର ଅଛି। ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ‘ନୀଳାଚଳ କାରଖାନା’ ସମ୍ପର୍କରେ ଏକ ବିଶେଷ ଆଲୋଚନା ହେଉ। ଏହାସହ ଉକ୍ତ କାରଖାନାକୁ କାହିଁକି ଘରୋଇକରଣ କରାଯାଉଛି ତା’ର ସମସ୍ତ ତଥ୍ୟସହ ଏକ ‘‘ଶ୍ୱେତପତ୍ର’’ ବିଧାନସଭାରେ ଉପସ୍ଥାପିତ କରାଯାଉ ବୋଲି ଜେନା କହିଛନ୍ତି।

## ଟଙ୍କା, ନଥିପତ୍ର ନେଇ ୱାର୍ଡ ଅଫିସର ଫେରାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଫନୀ ସହାୟତା ଓ ନୂଆ ୱାର୍ଡ କାର୍ଯ୍ୟାଳୟ ବାବଦ ଅଗ୍ରିମ ଟଙ୍କା ସମେତ ଆବଶ୍ୟକ ନଥିପତ୍ର ନେଇ ୱାର୍ଡ ନଂ. ୫ ର ୱାର୍ଡ ଅଫିସର ମାନସ କୁମାର ପ୍ରଧାନ ଫେରାର ହୋଇଯାଇଛନ୍ତି। ଏହା ସହିତ ଡେଲି କଲେକ୍ସନ ରେଜିଷ୍ଟର, ଡିମାଣ୍ଡ କଲେକ୍ସନ ବାଲାନ୍ସ, ଆସେସ୍‌ମେଣ୍ଟ ରେଜିଷ୍ଟର, ଫାଇଲ୍ ସହ ୫ନଂ. ୱାର୍ଡର ମନି ରିସିପ୍ଟ ମଧ୍ୟ ମିଳୁ ନ ଥିବା ଜଣାପଡିଛି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମ୍ପୃକ୍ତ ୱାର୍ଡ ଅଫିସରଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଛି। ସୂଚନାଥାଉ କି, ମାନସ ୫ନଂ. ୱାର୍ଡରେ ୱାର୍ଡ ଅଫିସର ଭାବେ କାର୍ଯ୍ୟ କରୁଥିବା ବେଳେ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳରେ ରହୁଥିଲେ। ବ୍ୟବସ୍ଥିତ ଭାବେ ତାଙ୍କୁ ୫ ନଂ. ୱାର୍ଡରୁ ଦକ୍ଷିଣ–ପୂର୍ବ ଜୋନ୍‌ର ୨୭ନଂ. ୱାର୍ଡକୁ ବଦଳି କରାଯାଇଥିଲା। ବଦଳି ଆଦେଶ ସଂଖ୍ୟା–୧୮୮୬ ଅନୁସାରେ ତାଙ୍କୁ ପୂର୍ବ ୫ନଂ. ୱାର୍ଡରୁ ରିଲିଭ୍ କରାଯିବା ପାଇଁ ତାଙ୍କ ଦାୟିତ୍ୱରେ ଥିବା ନଥିପତ୍ର ଏବଂ ଅଗ୍ରିମ ଟଙ୍କା ଇତ୍ୟାଦିକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। ହେଲେ ସେ ନଥିପତ୍ର ଏବଂ ଅଗ୍ରିମ ଟଙ୍କା ହସ୍ତାନ୍ତର ନ କରିବା ସହ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଏନେଇ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଆଦେଶକ୍ରମେ ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ କରାଯାଇଥିଲା।

## ଜେଲ ଗଲେ ଅଭିଯୁକ୍ତ ପୁଅ

### ନିଶାରେ ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା ଘଟଣା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ମଦ ନିଶାରେ ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ପୁଅଙ୍କୁ ଗୁରୁବାର ଜେଲ ପଠାଇ ଦିଆଯାଇଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ସାହୁ କଲୋନୀରେ ରହୁଥିବା କୁନା ସ୍ୱାଇଁ(୨୦)। କୁନାଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ। ସେ ପରିବାର ସହ ଭୁବନେଶ୍ୱରରେ ରୁହନ୍ତି। ବାପା ବିଜୟ ସ୍ୱାଇଁ (୫୧)ଙ୍କ ସହ ପୁଅ କୁନା ବିଭିନ୍ନ କ୍ୟାଟରିଂ ସଂସ୍ଥାରେ ରୋଷେୟା କାମ କରନ୍ତି। ବୁଧବାର ସନ୍ଧ୍ୟାରେ ପୁଅ କୁନା ନିଶାରେ ଘରକୁ ଫେରିଥିଲେ। ଏକ କ୍ୟାଟରିଂ ସଂସ୍ଥାରୁ ବକେୟା ଟଙ୍କା ଆଣିବାକୁ ନେଇ ବାପା ଓ ପୁଅ ମଧ୍ୟରେ ଝଗଡା ହୋଇଥିଲା। କୁନା ତା’ର ରୁମକୁ ଚାଲିଯାଇଥିଲେ। କିଛି ସମୟ ପରେ କୁନା ଘର ଭିତରେ ବାନ୍ତି କରୁଥିବା ଦେଖି ତାଙ୍କୁ ବାହାରକୁ ଟାଣି ନେଉଥିଲେ। ଏଥିରେ ପୁଅ ଉତ୍କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ବାପାଙ୍କ କାନ ମୁଣ୍ଡାକୁ ଜୋର୍‌ରେ ପିଟି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଅଭିଯୁକ୍ତ ପୁଅ କୁନାଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଥିଲା। କେସ୍ ନଂ. ୧୦୩/୨୦ରେ କୁନାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ରବୀନ୍ଦ୍ର ମଣ୍ଡପରେ ଗୁରୁବାର ନାଟ୍ୟାନୁଷ୍ଠାନ ‘ଜୀବନରେଖା’ ପକ୍ଷରୁ ଆୟୋଜିତ ନାଟକ ‘ଧଡ଼ି ରାମାୟଣ’ର ଏକ ଦୃଶ୍ୟ।

## କର୍ମଚାରୀଙ୍କୁ ମାଡ଼: ୨ ଅଭିଯୁକ୍ତ ଗିରଫ

- ଗ୍ରୁପ ଡ୍ୟାନ୍ସ କ୍ଲାସରେ ପଶି ଆତଙ୍କ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଗ୍ରୁପ ଡ୍ୟାନ୍ସ କ୍ଲାସର ମାଲିକିଆଣୀଙ୍କୁ ଗାଳିଗୁଲଜ ଓ ସଂସ୍ଥାର ଜଣେ କର୍ମଚାରୀଙ୍କୁ ବୁଧବାର ୨ ଜଣ ଯୁବକ ମାଡ଼ ମାରିଥିଲେ। ସେମାନଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ଗଣପତିନଗର ଅଞ୍ଚଳର ଦୁଃଖଶ୍ୟାମ ରେଡ୍ଡୀ ଓ ଶକ୍ତିବିହାର ଅଞ୍ଚଳର କାଳନ୍ଦୀ ଭୋଇ।

ପୋଲିସ ସୂଚନା ମୁତାବକ, ଗିରଫ ଅଭିଯୁକ୍ତଦ୍ୱୟ ଗ୍ରୁପ ଡ୍ୟାନ୍ସ କ୍ଲାସର ସଦସ୍ୟ ଥିଲେ। ସେମାନେ ବିଭିନ୍ନ କାର୍ଯ୍ୟକ୍ରମରେ ପାରିଶ୍ରମିକ ନେଇ କାର୍ଯ୍ୟ କରିଥାନ୍ତି। କିଛି ବକେୟା ପାରିଶ୍ରମିକକୁ ନେଇ ଉକ୍ତ ଡ୍ୟାନ୍ସ ସ୍କୁଲର ମାଲିକିଆଣୀଙ୍କ ସହ ଝଗଡା ହୋଇଥିଲା। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ନିଶାସକ୍ତ ଅବସ୍ଥାରେ ସାଲିଆସାହି ଅଞ୍ଚଳରେ ଥିବା ଡ୍ୟାନ୍ସ କ୍ଲାସ ପରିସରରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ସେଠାରେ ଉପସ୍ଥିତ ମାଲିକିଆଣୀ ଓ ଜଣେ ଯୁବତୀଙ୍କୁ ଗାଳିଗୁଲଜ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ କର୍ମଚାରୀ ପ୍ରଭାତ କୁମାର ପ୍ରଧାନ ଅଭିଯୁକ୍ତଦ୍ୱୟଙ୍କୁ ଅଟକାଇବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ ମାରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ସେମାନେ ନିଜକୁ ନିର୍ଦ୍ଦୋଷ କହିବା ସହ ଥାନାରେ ପାଟିତୁଣ୍ଡ କରିଥିଲେ। ଏଥିସହ ଥାନା ବାହାରେ ସେମାନଙ୍କ ପରିବାର ଲୋକ ଓ ସାଙ୍ଗ ସାଥୀ ଏକାଠି ହୋଇ ଅଭିଯୁକ୍ତଙ୍କୁ ଛାଡି ଦେବାକୁ ଜିଦ୍ ଧରିଥିଲେ। ପୋଲିସ ନଂ. ୧୧୨/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସେମାନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା।

# ସ୍ୱଚ୍ଛତା ନ ରଖିଲେ ଭଙ୍ଗାହେବ ଦୋକାନ

- ବିଏମ୍‌ସି କମିଶନରଙ୍କ ଅଚାନକ ସହର ପରିମଳ ବ୍ୟବସ୍ଥା ଯାଞ୍ଚ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ସହରକୁ ପରିଷ୍କାର, ସ୍ୱଚ୍ଛତା ରଖ, ଦୋକାନ ସାମ୍ନାରେ ଡଷ୍ଟବିନ୍ ରଖ। ଲୋକଙ୍କୁ ସେଥିରେ ବ୍ୟବହୃତ ସାମଗ୍ରୀ ପକାଇବା ପାଇଁ କୁହ ନଚେତ୍ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଫାଇନ୍ କାଟିବ। ଆବଶ୍ୟକ ପଡ଼ିଲେ ଦୋକାନକୁ ଭଙ୍ଗାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। କମିଶନର ଚୌଧାରୀ ଗୁରୁବାର କଳ୍ପନା ଛକରୁ ରବି ଟକିଜ୍ ଛକ ଯାଏ ଅଚାନକ୍ କରିଥିବା ଷ୍ଟ୍ରିଟ୍ ଅପରେଶନରେ ଏହା କହିବା ସହ ନିୟମ ପାଳନ କରୁ ନ ଥିବା ଓ ପରିବେଶକୁ ପ୍ରଦୂଷଣ କରୁଥିବା ୨୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଦୋକାନକୁ ଭାଙ୍ଗିଛନ୍ତି ଓ ପାଖାପାଖି ୪୦ ହଜାର ଟଙ୍କାର ଫାଇନ୍ ଆଦାୟ କରିଥିବା ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ ସୂଚନା ଦଇଛନ୍ତି।

ଦେକାନୀମାନେ ସହରକୁ କେତେ ମାତ୍ରାରେ ପ୍ରଦୂଷିତ କରୁଛନ୍ତି ତାକୁ ତଦାରଖ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାବେଳେ ଏହା ସପ୍ତାହରେ ଦୁଇଦିନ କରାଯିବ। ଏହି ଦୁଇ ଦିନରେ ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ ଅଥବା କମିଶନର ଚୌଧାରୀ ସହରର ବିଭିନ୍ନ ସ୍ଥାନ ବୁଲିବା ସହ ଦୋକାନୀମାନଙ୍କ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବେ ବୋଲି ଜଣାପଡ଼ିଛି। ଏହି ମର୍ମରେ କମିଶନର ଚୌଧାରୀ ଗୁରୁବାର ଦେକାନୀମାନଙ୍କୁ ତାଗିଦ୍ କରିଥିବା ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।



ବିଏମ୍‌ସି କମିଶନର ଏକ ଦୋକାନରେ ଯାଞ୍ଚ କରୁଛନ୍ତି।

**ଭାଙ୍ଗିଲା ୨୦ ଦେକାନ, ୪୦ ହଜାରର ଜରିମାନା ଆଦାୟ**

ଉଲ୍ଲେଖଯୋଗ୍ୟ, ଏହି ଯାଞ୍ଚ ପ୍ରକ୍ରିୟାରେ ବେଆଇନ ଭାବେ ରାସ୍ତା ଅବରୋଧ କରିଥିବା ବ୍ୟବସାୟୀଙ୍କୁ ତୁରନ୍ତ ହଟାଇବା ସହ ରାସ୍ତାକଡ଼ରେ ପଡ଼ିଥିବା ଆବର୍ଜନାକୁ ସଫେଇ କରାଯିବ। କିଛିଦିନ ତଳେ ମୁଁ ସଫେଇବାଲା କାର୍ଯ୍ୟକ୍ରମ ଜରିଆରେ କମିଶନର ଲୋକଙ୍କୁ ସ୍ୱଚ୍ଛତା ଆପଣାଇବା ପାଇଁ ସଚେତନ କରିଥିଲେ। ଏପରିକି ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଜଣେ ଲୋକ ବାହାରେ ଘରର ନିର୍ମାଣଧୀନ ବର୍ଜ୍ୟ ପକାଇଥିବାରୁ ତାକୁ ରାସ୍ତାରୁ ଉଠାଇ ତାଙ୍କ ଘର ଭିତରକୁ ଫୋପାଡି ଦେଇଥିଲେ। ଏବେ ସହରକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ ପାଇଛି।

### ୨ ପୃଥକ୍ ସ୍ଥାନରୁ ଜବରଦଖଲ ହଟାଇଲା ମିଳିତ ଉଚ୍ଛେଦ ଟିମ୍

ଗୁରୁବାର ବିଏମ୍‌ସି, ବିଡିଏ ଓ କମିଶନରେଟ ପୋଲିସ୍‌ର ମିଳିତ ଉଚ୍ଛେଦ ଟିମ୍ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମ ଉଚ୍ଛେଦରେ ନୟାପଲ୍ଲୀସ୍ଥିତ ପାଇକ ନଗର ଅଞ୍ଚଳର ପ୍ଲଟ ନଂ ୧୮୪ରେ ଥିବା ଜବରଦଖଲକୁ ହଟାଯାଇଛି। ଉଚ୍ଛେଦରେ ୨ ଦୋକାନ ଓ ୮ ସ୍ଥାନରେ ଘରର ଆଗକୁ ବାହାରିଥିବା ଟିଣ ଅଂଶକୁ ଭଙ୍ଗାଯାଇଛି। ସେହିପରି ଦ୍ୱିତୀୟ ଉଚ୍ଛେଦ ୟୁନିଟ୍–୧ ମାର୍କେଟରେ କରାଯାଇଛି। ଉଚ୍ଛେଦରେ ୧୯ କ୍ୟାବିନ୍, ୮୫ ବାଉଁଶ ବନ୍ଧା ଦୋକାନ, ୫୭ ଦେକାନର ଆଗକୁ ବଢ଼ିଥିବା ଅଂଶ, ୭ ଟିଫିନ୍ ଷ୍ଟଲ ସହ ୭ ବାଉଁଶ ବନ୍ଧା ହୋଟେଲକୁ ଭଙ୍ଗାଯାଇଛି। ଏଥିରେ ଗୋଟିଏ ଲେଖାଏ ଜେସିବିର ବ୍ୟବହାର ହୋଇଥିବାବେଳେ ସମସ୍ତ ଉଚ୍ଛେଦ ଦଳର କର୍ମଚାରୀ ଉପସ୍ଥିତ ଥିଲେ।

## ଆକ୍ରମଣକାରୀଙ୍କୁ ୫ ବର୍ଷ ଜେଲ

ଢେଙ୍କାନାଳ ସଦର ଥାନା ନୂଆଗାଁରେ ୨୦୧୬ରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ ଅଭିଯୁକ୍ତ ଶ୍ୟାମସୁନ୍ଦର ବେହେରା(୪୯)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଏବଂ ପ୍ରମିଳା ମହାପାତ୍ର ମାମଲାକୁ ପରିଚାଳନା କରିଥିଲେ।

# ପୁଞ୍ଜି ନିବେଶ ଲାଗି ଜାପାନକୁ ଆହ୍ୱାନ

■ମେକ୍ ଇନ୍ ଓଡ଼ିଶାରେ ପାର୍ଟନର ହୋଇପାରେ
■ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଭାରତରେ ଓଡ଼ିଶା ସବୁଠାରୁ ଅଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇଛି। ଇସ୍ପାତ ଉତ୍ପାଦନ ପାଇଁ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏବେ ମୂଲ୍ୟଯୁକ୍ତ ଏବଂ କଳଙ୍କିବିହୀନ ଇସ୍ପାତ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ୨୦୩୦ ସୁଦ୍ଧା ୫୦ ପ୍ରତିଶତ ମୂଲ୍ୟଯୁକ୍ତ ଇସ୍ପାତ ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଅଟୋମୋବାଇଲ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ଜାପାନ ପୁଞ୍ଜିନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଜାପାନ ଶିଳ୍ପପୁଞ୍ଜି ସ୍ଥାପନ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୦ରେ ପାର୍ଟନର ଦେଶ ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଜାପାନ ରାଷ୍ଟ୍ରଦୂତଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଏବଂ ଜାପାନ ଶିଳ୍ପସଂସ୍ଥା ସହ ଆଗାମୀ ଦିନରେ ଏକ ବୃହତର ଏବଂ ଗଭୀର ସମ୍ବନ୍ଧ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବୋଦୟ ବିଷୟରେ ଏକ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଦ୍ୱାରା ପୂର୍ବ ଭାରତରେ ସମନ୍ୱିତ ଇସ୍ପାତ ହବ୍ ପ୍ରତିଷ୍ଠା ହୋଇପାରିବ। ଏଥିପାଇଁ ଓଡ଼ିଶା ଏକ ପ୍ରକୃଷ୍ଟ ସ୍ଥାନ। ଜାତୀୟ ଇସ୍ପାତ ନୀତିରେ ଦେଶର ପୂର୍ବାଞ୍ଚଳରେ ୭୫ ପ୍ରତିଶତ ଇସ୍ପାତ ଉତ୍ପାଦନ କ୍ଷମତା ରହିଛି। ୨୦୩୦-୩୧ ସୁଦ୍ଧା ଦେଶରେ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ସେଥିରୁ ପୂର୍ବାଞ୍ଚଳରେ କେବଳ ୨୦୦ ନିୟୁତ ଟନ୍ ଉତ୍ପାଦନ ହୋଇପାରିବ ବୋଲି କୁହାଯାଇଥିଲା।


ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ କରିଛନ୍ତି।

ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଏବଂ ଜାପାନ ରାଷ୍ଟ୍ରଦୂତଙ୍କ ସହ ଆଲୋଚନା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଆର୍ସେଲର ମିତଲକୁ ପ୍ଲାଣ୍ଟ ଦେବାପରେ ନିପନ ଷ୍ଟିଲ୍ ଏଥିରେ ବଡ଼ ସହଯୋଗୀ ହୋଇଛି। ଏହାସହ ଜାପାନର ଇସ୍ପାତ୍ କମ୍ପାନୀ ଜେଏଫଇ ଜେଏସଡବ୍ଲୁ ସହ ସହଭାଗୀ ହୋଇଛି। ଓଡ଼ିଶାର ଇସ୍ପାତ୍ ଶିଳ୍ପରେ ଜାପାନର ଦୁଇଟି ବଡ ଇସ୍ପାତ୍ କମ୍ପାନୀ ଜେଏଫ୍ଇ ଏବଂ ନିପନ ବଡ ପୁଞ୍ଜିନିବେଶ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଜାପାନ ଏକ ସହଯୋଗୀ ରାଷ୍ଟ୍ର ହେବା ଆମର ଲକ୍ଷ୍ୟ। ଏହି ମିଶନରେ ଓଡ଼ିଶାର କଳିଙ୍ଗ ନଗରର ବିକାଶ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଆଲୋଚନାରେ ଓଡ଼ିଶାରେ ଥିବା ବିଭିନ୍ନ ସୁବିଧାର ବିସ୍ତୃତ ବିବରଣୀ ଜାପାନର ରାଷ୍ଟ୍ରଦୂତଙ୍କୁ ପ୍ରଦାନ କରାଯାଇଛି।

# ଜଙ୍ଗଲ ଅଧିକାର ଆଇନ ଲାଗୁ କରିବାରେ ଓଡ଼ିଶା ଏକ ନମ୍ବର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟରେ ୪.୩୬ଲକ୍ଷ ବନବାସୀ ଲୋକଙ୍କୁ ଭୂମି ଅଧିକାର ଦେଇ ଓଡ଼ିଶା ଏବେ ସାରା ଭାରତରେ ଜଙ୍ଗଲ ଅଧିକାର ଆଇନ ଲାଗୁ କରିବାରେ ଏକ ନମ୍ବର ରାଜ୍ୟ ହୋଇଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ପଞ୍ଚାୟତିରାଜ ସଂସ୍ଥା(ପିଆରଆଇ) ଅଧୀନରେ ଥିବା ଜନଜାତି ସଦସ୍ୟଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ କହିଛନ୍ତି କି, ଜନଜାତି ବିକାଶ ବିଭାଗ ୬-୯ବର୍ଷ ମଧ୍ୟରେ ୩୦ ହଜାର ପଞ୍ଚାୟତ ସଦସ୍ୟଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବ। ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦିବାସୀ ଅଞ୍ଚଳରେ ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ମଜଭୂତ କରିବା ସହ ଲୋକତାନ୍ତ୍ରିକ ବିକେନ୍ଦ୍ରୀକରଣର ପ୍ରକ୍ରିୟାକୁ ସମୃଦ୍ଧ କରିବ। ସେହିପରି ମିଶନ ଜୀବିକା ଲୋକଙ୍କ ଜୀବନକୁ ସ୍ୱଚ୍ଛଳ କରିବାରେ ସଫଳ ହୋଇଛି। ଏହି ମିଶନ ଅଧୀନରେ ସ୍ଥାୟୀ ଆର୍ଥିକ ଉତ୍ଥାନ ପାଇଁ ୨୩ଶହ ଆଦିବାସୀ ପରିବାରକୁ ସାମିଲ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଶୁଭାରମ୍ଭ କରିଛନ୍ତି। ଏହାସହ ୧୦୦୦ ଜଳଉତ୍ସ କାର୍ଯ୍ୟକ୍ରମ ଏବଂ ଏକ ଅନଲାଇନ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଓଡ଼ିଶାର ଜଙ୍ଗଲ ଅଧିକାର ଆଇନ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ଏବଂ ମାନଚିତ୍ର ମଧ୍ୟ ଉନ୍ମୋଚିତ କରାଯାଇଛି। ଏହି ଅବସରରେ ଅର୍ଜୁନ ମୁଣ୍ଡା କହିଛନ୍ତି ଯେ, ୧୦୦୦ ଜଳଉତ୍ସ କାର୍ଯ୍ୟକ୍ରମର ଉଦ୍ଦେଶ ହେଉଛି ଦେଶର ଉପାନ୍ତ ଏବଂ ଅପହଞ୍ଚ ଇଲାକାରେ ରହୁଥିବା ଜନଜାତି ସମୁଦାୟର ଲୋକମାନଙ୍କ ନିକଟରେ ସ୍ୱଚ୍ଛ ଜଳ ଉପଲବ୍ଧ କରାଇବା। ପ୍ରାକୃତିକ ଜଳଉତ୍ସକୁ ଯୋଡି ଜଳ ସଙ୍କଟର ସମାଧାନ କରିବା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

**ପ୍ରାକୃତିକ ଜଳଉତ୍ସକୁ ଯୋଡ଼ି ଜଳସଙ୍କଟ ସମାଧାନ ହେବ: କେନ୍ଦ୍ରମନ୍ତ୍ରୀ**

## କୁଶପଲ୍ଲା ଜଙ୍ଗଲରୁ ମୃତ ହାତୀ ଉଦ୍ଧାର



ରଣପୁର/ଟାଙ୍ଗୀ (ଖୋର୍ଦ୍ଧା), ୨୭।୨ (ସ୍ୱ.ପ୍ର./ଡି.ଏନ.ଏ.): ନୟାଗଡ ଜିଲା ରଣପୁର ବ୍ଲକ ପଟିଆ ପଞ୍ଚାୟତ ଅନ୍ତର୍ଗତ ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନ କୁଶପଲ୍ଲା ମାଳ ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିଲେ। ଘଞ୍ଚ ଜଙ୍ଗଲରେ ମାଈହାତୀଟି ମରି ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ହାତୀର ମୃତଦେହ ଉଦ୍ଧାର କରିଥିଲେ। ବୟସାଧିକ୍ୟ କାରଣରୁ ଅସୁସ୍ଥ ହୋଇ ହାତୀର ମୃତ୍ୟୁ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ହାତୀଟି ୪ରୁ ୫ଦିନ ମଧ୍ୟରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଡାକ୍ତରୀ ଦଳ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ହାତୀଟିକୁ ଜଙ୍ଗଲରେ ପୋତି ଦିଆଯାଇଛି। ଉକ୍ତ ମାଈ ହାତୀଟି ପଲରେ ରହୁଥିଲା। ତେବେ କିଛି ମାସ ହେଲା ଅସୁସ୍ଥ ହୋଇ ପଲରୁ ବାହାରି ଏଣେତେଣେ ବୁଲୁଥିଲା ବୋଲି ବନ ବିଭାଗ ସୂଚନା ଦେଇଛି।

# ମୃତ୍ୟୁ ପରେ ବି ଅମର ହେଲେ ସୁଚିତ୍ରା

## ଦ୍ୱିତୀୟ କାଡାଭେରିକ ପ୍ରତିରୋପଣ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ସଫଳ ହୋଇଛି କାଡାଭେରିକ ପ୍ରତିରୋପଣ। ବୁଧବାର ରାତିରେ ଭୁବନେଶ୍ୱରସ୍ଥିତ ଆପୋଲୋ ଏବଂ ଆମ୍ରି ହସ୍ପିଟାଲରେ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ମାଧ୍ୟମରେ ସଫଳତାର ସହ ଦୁଇଜଣଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଅଙ୍ଗଦାନ କରି ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇ ସବୁଦିନ ପାଇଁ ଅମର ହୋଇଯାଇଛନ୍ତି ଭୁବନେଶ୍ୱରର ସୁଚିତ୍ରା ଦାଶ। ସୁଚିତ୍ରା ମୃତ୍ୟୁପରେ ମଧ୍ୟ ୫୪ ବର୍ଷୀୟ ଜଗନ୍ନାଥ ସୁର ଏବଂ ମିନତି ସାମନ୍ତରାୟଙ୍କ ଜୀବନ ବଞ୍ଚାଇପାରିଛନ୍ତି।

ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୁଚିତ୍ରା ଦାଶ ବ୍ରେନଡେଡ୍ ଘୋଷିତ ହେବାପରେ ପରିବାର ସଦସ୍ୟଙ୍କ ସହମତିକ୍ରମେ ତାଙ୍କ ଅଙ୍ଗଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦୀର୍ଘ ୩ ଘଣ୍ଟାର ଲମ୍ବା ଅସ୍ତ୍ରୋପଚାର ପରେ ସଫଳତାର ସହ ସୁଚିତ୍ରାଙ୍କ ଶରୀରରୁ ଦୁଇଟି କିଡ୍‌ନୀ ବାହାର କରାଯାଇଥିଲା। ଏହାମଧ୍ୟରୁ ଗୋଟିଏ କିଡ୍‌ନୀ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗଞ୍ଜାମ ଜିଲାର ଜଗନ୍ନାଥ ସୁରଙ୍କ ଶରୀରରେ ପ୍ରତିରୋପଣ ହୋଇଥିଲା। ହସ୍ପିଟାଲର ଅଭିଜ୍ଞ ଡାକ୍ତର ଓ ବିଶେଷଜ୍ଞ ଟିମ୍ ଦ୍ୱାରା ଅସ୍ତ୍ରୋପଚାର କରାଯାଇଥିଲା। ଏପଟେ ଅନ୍ୟ କିଡ୍‌ନୀକୁ ବେଶ୍ ସଚେତନତାର ସହ ଆମ୍ରି ହସ୍ପିଟାଲ ପଠାଯାଇଥିଲା। ରାତି ପ୍ରାୟ ୩ଟାରେ ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ମିନତି ସାମନ୍ତରାୟଙ୍କ ଶରୀରରେ ପ୍ରତିରୋପଣ ହୋଇଥିଲା। ତେବେ ଏହି କିଡ୍‌ନୀରେ ଗୋଟିଏ ପରିବର୍ତ୍ତେ ଦୁଇଟି ରେନାଲ୍ ଆର୍ଟେରୀ ସଂଯୋଗ ଥିବାରୁ ଏହାକୁ ପ୍ରତିରୋପଣ କରିବା ଡାକ୍ତରଙ୍କ ପାଇଁ କଷ୍ଟକର ହୋଇଥିଲା। ଡା. ସୁବୋଧ ଦାସ ଏବଂ ଡା. ସୁକାନ୍ତ କିଶୋର ଦାସଙ୍କ ନେତୃତ୍ୱରେ ଦୀର୍ଘ ସମୟର ଅସ୍ତ୍ରୋପଚାର ପରେ ଏହା ସଫଳ ହୋଇଥିଲା। ବର୍ତ୍ତମାନ ରୋଗୀ ଜଣକ ଆକ୍ଟିଭ୍ ଲାଇଫ୍ ସପୋର୍ଟରେ ରହିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉଥିବା ଆମ୍ରି ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର

ପୁରୀ ଅଫିସ,୨୭।୨

ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି କିଡ୍‌ନୀ ଡୋନର ସୁଚିତ୍ରା ଦାଶଙ୍କ ଅନ୍ତିମ ସଂସ୍କାର। ବୁଧବାର ସୁଚିତ୍ରାଙ୍କ ଦୁଇଟି କିଡ୍‌ନୀ ଭୁବନେଶ୍ୱରସ୍ଥିତ ଆପୋଲୋ ଓ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଦୁଇଜଣ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ସୁଚିତ୍ରାଙ୍କ ଯୋଗୁ ସମ୍ପୃକ୍ତ ରୋଗୀ ଦ୍ୱୟ ନୂଆ ଜୀବନ ପାଇଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟିଛି। ଗୁରୁବାର ସୁଚିତ୍ରାଙ୍କ ପରିବାର ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା। ପଞ୍ଚଭୂତରେ ବିଲୀନ ହୋଇଯାଇଥିଲା ସୁଚିତ୍ରାଙ୍କ ପାର୍ଥିବ ଶରୀର। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କ ସମ୍ପର୍କରେ ଜାଣିବା ପରେ ଶେଷ ଦର୍ଶନ କରିଥିଲେ। ସୁଚିତ୍ରା ମରିନାହାନ୍ତି, ବରଂ ଅନ୍ୟମାନଙ୍କ ହୃଦୟରେ ଚିରଦିନ ଲାଗି ରହିଗଲେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଥିଲାଗି ମୁଁ ଗର୍ବ ଅନୁଭବ କରୁଛି ବୋଲି ସୁଚିତ୍ରାଙ୍କ ସ୍ୱାମୀ ଗୋପାଳ ଦାଶ ଗଣମାଧ୍ୟମ ଆଗରେ କହିଛନ୍ତି।

# ଦିଲ୍ଲୀ ହିଂସା ବିରୋଧରେ କଂଗ୍ରେସର ପ୍ରତିବାଦ ସଭା


ମାଷ୍ଟର କ୍ୟାଣ୍ଟିନ ଛକରେ ଧାରଣାରେ ବସିଥିବା କଂଗ୍ରେସ ନେତୃମଣ୍ଡଳୀ।

**ନୈତିକତା ଥିଲେ ଶାହା ଇସ୍ତଫା ଦିଅନ୍ତୁ: ନିରଞ୍ଜନ**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଉତ୍ତରପୂର୍ବ ଦିଲ୍ଲୀରେ ଯେଉଁଭଳି ଦଙ୍ଗା ସୃଷ୍ଟି କରାଗଲା, ନରସଂହାର ଜାରି ରହିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶାନ୍ତିପୂର୍ଣ୍ଣଭାବେ ଦେଶର ନାଗରିକମାନେ ନାଗରିକତ୍ୱ ଆଇନ, ଏନ୍‌ଆରସି ଏବଂ ଏନ୍‌ପିଆରକୁ ବିରୋଧ କରି ଗଣଆନ୍ଦୋଳନ ଚଳାଇଥିଲାବେଳେ ଭାଜପା ଉତ୍ତରପୂର୍ବ ଦିଲ୍ଲୀର ବିଧାୟକ ପ୍ରାର୍ଥୀ କପିଲ୍ ମିଶ୍ର ପୋଲିସ୍ ଉପସ୍ଥିତିରେ ଧମକପୂର୍ଣ୍ଣ ଏବଂ ଉତ୍ତେଜନାମୂଳକ ମନ୍ତବ୍ୟ ରଖିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ହିଂସା ସୃଷ୍ଟି କରିବାରେ ଯେଉଁଭଳି ସହାୟକ ହେଲେ ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କହିଛି। ଏହାର ପ୍ରତିବାଦରେ କଂଗ୍ରେସ ଭବନ ସମ୍ମୁଖରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଧାରଣା ଦିଆଯାଇଛି।

ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେନ୍ଦ୍ର ସରକାର ଏନେଇ କିଛି ପଦକ୍ଷେପ ନେଉନାହାନ୍ତି। ଏହି ହିଂସା ବନ୍ଦ ହେଉ ଏବଂ ଦେଶରେ ଶାନ୍ତି, ମୈତ୍ରି, ଭ୍ରାତୃଭାବ ଶୀଘ୍ର ଫେରିଆସୁ ବୋଲି ଦାବିକରି କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କିଭଳି ଶୀଘ୍ର ଶାନ୍ତି ଫେରିଆସୁ ଏଥିପାଇଁ ଦେଶବାସୀଙ୍କୁ କଂଗ୍ରେସ ନେତାମାନେ ନିବେଦନ କରିଛନ୍ତି। ପିସିସି ସଭାପତି ଦୁଃଖ ପ୍ରକାଶ କରିବା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଯଦି ତାଙ୍କର ସାମାନ୍ୟତମ ନୀତି, ନୈତିକତା ଥିବ ତେବେ ଓଡ଼ିଶାରେ ନିଜ ପଦବୀରୁ ସେ ଇସ୍ତଫା ଦେଇ ଫେରିବେ ବୋଲି ନିରଞ୍ଜନ କହିଛନ୍ତି।

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷୟିତ୍ରୀ

■ଜନ୍ମପ୍ରମାଣ ପତ୍ର ପାଇଁ ୨୦୦୦ ଟଙ୍କା ନେଉଥିଲେ ଲାଞ୍ଚ
■୨ ଦିନ ପରେ ନେଇଥାନ୍ତେ ଅବସର

ବାଙ୍କୀ,୨୭।୨(ସ୍ୱ.ପ୍ର.)

ଚାକିରିରୁ ଅବସର ନେବାକୁ ମାତ୍ର ୨ଦିନ ବାକି ଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ପ୍ରଧାନ ଶିକ୍ଷୟିତ୍ରୀ। ସେ ହେଲେ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅଧୀନ ତୁଳସୀପୁରସ୍ଥିତ ରଙ୍ଗଣୀ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀପ୍ରଭା ଶତପଥୀ। ସେ ଜନ୍ମପ୍ରମାଣ ପତ୍ର କରିବା ପାଇଁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୯/୨୦)ରୁଜୁ କରାଯାଇ ରଶ୍ମୀପ୍ରଭାଙ୍କୁ ଗିରଫ କରାଯାଇଛି। ଗିରଫ ପରେ ଅଧିକ ପଚରାଉଚୁରା ନିମନ୍ତେ ତାଙ୍କୁ ଖୋର୍ଦ୍ଧା ବିଭାଗୀୟ ସେଲକୁ ନିଆଯାଇଛି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀ ଲାଞ୍ଚ କାରବାରରେ ସମ୍ପୃକ୍ତି ଥିବା ନେଇ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଏଲ୍‌ଆଇସି ଏଜେଣ୍ଟ ଉଦୟନାଥ ପ୍ରଧାନ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ଟିମ୍‌ର ଯୋଜନା ମୁତାବକ, ଉଦୟନାଥ ସକାଳେ ପ୍ରଧାନଶିକ୍ଷୟିତ୍ରୀଙ୍କ ବାଙ୍କୀ ଏନ୍‌ଏସି ନିକଟ ମାଣିକପାଟଣାସ୍ଥିତ ଭଡାଘରେ ପହଞ୍ଚି ପୂର୍ବରୁ ବିଦ୍ୟାଳୟରେ ପଢ଼ିଥିବା ଜଣେ ପଲିସିଧାରୀ ମହିଳାଙ୍କ ଜନ୍ମ ପ୍ରମାଣପତ୍ର କରାଇ ଦେବା ପାଇଁ କହିଥିଲେ। ରଶ୍ମୀପ୍ରଭା ଏଥିପାଇଁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ। ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ପରେ ବିଭାଗ ପକ୍ଷରୁ ରଶ୍ମୀପ୍ରଭାଙ୍କ ଭଡାଘରେ, ସାଲେପୁରସ୍ଥିତ ପାଗା ବାସଭବନରେ ଚଢ଼ାଉ କରାଯାଇଛି। ସେଠାରେ ଥିବା ବ୍ୟାଙ୍କ ପାସବୁକ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କଆକଳନ କରାଯାଇଛି। ଏଥିସହ ରଙ୍ଗଣୀ ପ୍ରାଥମିକ ବିଦ୍ୟାଳୟରେ ଚଢ଼ାଉ କରାଯାଇ ଜରୁରୀ କାଗଜପତ୍ର ସବୁ ଯାଞ୍ଚ କରାଯାଇଛି।


ଭିଜିଲାନ୍ସ ହାତରେ ଧରାପଡ଼ିଥିବା ପ୍ରଧାନ ଶିକ୍ଷୟିତ୍ରୀ।

# ଅନୁପଙ୍କ ନାର୍କୋ ଟେଷ୍ଟ ଆବେଦନ ଖାରଜ

**କଳ୍ପନା ଦାଶ ଓ ବବ୍‌ଲି ହତ୍ୟା ଘଟଣା**

■ବ୍ରେନ ମ୍ୟାପିଂର ବି ଶୁଣାଣି ହେବନି
■ରାୟଗଡ ପୋଲିସକୁ ଝଟ୍‌କା

ଝାରସୁଗୁଡ଼ା ଅଫିସ,୨୭।୨

ବହୁ ଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ହତ୍ୟା ଘଟଣାରେ ରାୟଗଡ ପୋଲିସକୁ ଗୁରୁବାର ଏକ ବଡ ଝଟ୍‌କା ଲାଗିଛି। ରାୟଗଡ ପୋଲିସ ଜିଲାର ଚନ୍ଦ୍ରଧରନଗର ଥାନା ପୋଲିସ ଉକ୍ତ ମାମଲାରେ ଗିରଫ କରିଥିବା ପୂର୍ବତନ ବିଧାୟକ ଅନୁପ ସାଏଙ୍କ ନାର୍କୋ ଟେଷ୍ଟ ଓ ବ୍ରେନ ମ୍ୟାପିଂ ପାଇଁ ଅନୁମତି ଦେବାକୁ ରାୟଗଡ ସିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। ଏହାକୁ ବିଚାର କରି ପୋଲିସର ଆବେଦନକୁ ଖାରଜ କରିଛନ୍ତି କୋର୍ଟ। ଅନୁପ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ଉପରୋକ୍ତ ଆବେଦନକୁ ଖାରଜ କରିବା ପାଇଁ ଅପିଲ କରିଥିଲେ। ଫଳରେ ପୋଲିସକୁ ନିରାଶ ହେବାକୁ ପଡିଛି। ତେବେ ଅନୁପଙ୍କୁ କୋର୍ଟରେ ହତ୍ୟାକାରୀ ଭାବେ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ପ୍ରମାଣ ରହିଥିବା ରାୟଗଡର ବରିଷ୍ଠ ପୋଲିସ ଅଧିକାରୀ ସମେତ ବିଲାସପୁରରେ ଆଇଜି ମଧ୍ୟ ଗଣମାଧ୍ୟମକୁ କହିଥିଲେ। ଏହି ନାର୍କୋ ଟେଷ୍ଟ ଓ ବ୍ରେନ ମ୍ୟାପିଂ ଦ୍ୱାରା ପ୍ରମାଣ ଆହୁରି ବଳିଷ୍ଠ ହେବ ବୋଲି ସେମାନେ ଆଶା ବାନ୍ଧିଥିଲେ। ତେବେ କୋର୍ଟ ଏ ନେଇ ଅନୁମତି ନ ଦେବାରୁ ଏବେ ପୋଲିସର ତଦନ୍ତ କେଉଁ ଦିଗକୁ ଯିବ ତାକୁ ସମସ୍ତଙ୍କ ଅପେକ୍ଷା ରହିଛି। କାରଣ ହତ୍ୟାକାଣ୍ଡରେ ବ୍ୟବହୃତ କେବଳ ଇନୋଭାକୁ ପୋଲିସ ଜବତ କରିଥିବା ବେଳେ ବୋଲେରୋ ଓ ଲୁହାରଡ ପାଇବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି। ଅନୁପ ପୂର୍ବରୁ ପୋଲିସ ନିକଟରେ ଦୋଷ ସ୍ୱୀକାର କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କୁ ଦୁଇ ଥର ରିମାଣ୍ଡରେ ଆଣି ଏ ନେଇ ଅଧିକ ତଥ୍ୟ ପାଇବାକୁ ଜୋରା କରିଥିଲା। ହେଲେ ପୋଲିସ କୌଣସି ନୂଆ ତଥ୍ୟ ପାଇ ପାରି ନାହିଁ। ଅନ୍ୟପକ୍ଷେ ଅନୁପଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋ କିନ୍ତୁ ପୋଲିସ ନିକଟରେ ଦୋଷ ସ୍ୱୀକାର କରି ଲାଇଭ ଡେମୋ ଦେଖାଇଥିଲେ। ହେଲେ ଅନୁପ ପୋଲିସକୁ କୌଣସି ତଥ୍ୟ ଦେଇ ନ ଥିବାରୁ ଏହି ମାମଲା ପୋଲିସ ପାଇଁ ଅଧିକ ଜଟିଳ ହେବାରେ ଲାଗିଛି। ଅନ୍ୟପକ୍ଷେ ତୀର୍ଥଯାତ୍ରା ଯାଇଥିବା କଳ୍ପନାଙ୍କ ବାପା ରୁଦ୍ରାକ୍ଷ ଦାଶ ଗୁରୁବାର ଟ୍ରେନ ଯୋଗେ ପୁରୀରେ ଆସି ପହଞ୍ଚିଛନ୍ତି। ସେ ଆସିବା ପରେ ଘଟଣାର ନୂଆ ମୋଡ ନେବ ବୋଲି ପୋଲିସ ଆଶା ବାନ୍ଧି ବସିଛି। କାରଣ ଏ ପର୍ଯ୍ୟନ୍ତ କଳ୍ପନାଙ୍କ ପରିବାର ପକ୍ଷରୁ କେହି ବି ପୋଲିସକୁ ଠିକ ଭାବେ ସହଯୋଗ କରିନାହାନ୍ତି। ରୁଦ୍ରାକ୍ଷ ପୋଲିସକୁ କିଛି ନୁଆ ତଥ୍ୟ ଦେଇ ପାରନ୍ତି, ଯାହା ପୋଲିସକୁ ସହଜ ହେବ ବୋଲି ଆଶା କରାଯାଉଛି।

# ରାସ୍ତାରୋକୋ ପ୍ରତି କଠୋର ହେବ ପୋଲିସ: ଡିଜିପି

**ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନା**

କଟକ ଅଫିସ, ୨୭।୨

ଆନ୍ଦୋଳନ ହେଉ ଅବା ବନ୍ଦ ଡାକରା, ଏପରି କି ଛୋଟ ଛୋଟ ଦାବିଗୁଡ଼ିକ ହାସଲ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଦେଖିବାକୁ ମିଳୁଛି। ଏହାଦ୍ୱାରା ଯାତାୟାତରେ ଅସୁବିଧା ହେଉଛି। ଯାତ୍ରୀ ଏବଂ ସାମଗ୍ରୀ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଉଛି। ଅନେକ ସମୟରେ ଆମ୍ବୁଲାନ୍ସ ମଧ୍ୟ ରାସ୍ତାରୋକୋ ଯୋଗୁ ରୋଗୀଙ୍କୁ ନେଇ ଠିକ୍ ସମୟରେ ମେଡିକାଲ୍‌ରେ ପହଞ୍ଚିପାରୁନାହିଁ। ଏଭଳି ସମସ୍ୟାର ମୁକାବିଲା ପାଇଁ ଏଥର ରାସ୍ତାରୋକୋ ପ୍ରତି କଠୋର ହେବ ଓଡ଼ିଶା ପୋଲିସ। ଯୁକ୍ତିଯୁକ୍ତ କାରଣ ନ ଥାଇ କିମ୍ବା ଅଯଥାରେ ରାସ୍ତାରୋକୋ କଲେ, ପୋଲିସ ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ରାସ୍ତାରୋକୋ ପ୍ରତି କଠୋର ହେବାକୁ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଅଭୟ।


ଭିଡିଓ କନ୍‌ଫରେନ୍ସିଂରେ ଆଲୋଚନାବେଳେ ଉପସ୍ଥିତ ଡିଜିପି ଅଭୟ ଓ ବରିଷ୍ଠ ଅଧିକାରୀମାନେ।

ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଡିଜିପି ଅଭୟ ବିଭିନ୍ନ ରେଞ୍ଜ୍‌ର ଆଇଜି, ଡିଆଇଜି, ଡିସିପି ଏବଂ ଏସ୍‌ପିମାନଙ୍କ ସହ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ରାସ୍ତାରୋକୋ ସମସ୍ୟା ଦେଖାଦେଲେ କେମିତି ତ୍ୱରିତ ପଦକ୍ଷେପ ନିଆଯାଇ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରାଯାଇପାରିବ, ସେ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଡିଜିପି କଥା ହୋଇଥିଲେ। ଏଥିସହ ୟୁନିଫର୍ମ, ଅନ୍ୟାନ୍ୟ ସାମଗ୍ରୀର ଯୋଗାଣ ଏବଂ ଷ୍ଟକ୍, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଗୁଡ଼ିକର ନିୟମିତ ସମୀକ୍ଷା, ସିସିଟିଏନ୍‌ଏସ୍ ବ୍ୟବସ୍ଥାରେ ଦେଖାଦେଉଥିବା ସମସ୍ୟାର ସମାଧାନ, ପଡ଼ିରହିଥିବା ମାମଲାଗୁଡ଼ିକର ସଂଖ୍ୟା କମାଇବା, ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟରମାନଙ୍କ ପଦୋନ୍ନତି ତାଲିକା ପ୍ରସ୍ତୁତ, ପୁରସ୍କାର ରାଶି ପ୍ରଦାନ ପାଇଁ ତାଲିକା ପ୍ରସ୍ତୁତ, ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର୍ କର୍ପୋରେଶନଠାରୁ କୋଠାଗୁଡ଼ିକ ଗ୍ରହଣ କରିବା ଏବଂ ବିଭିନ୍ନ କୋଠା ନିର୍ମାଣ ପାଇଁ ଜାଗା ଚୟନ କରିବାକୁ ଆଲୋଚନାବେଳେ ଡିଜିପି ଅଭୟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଲୋଚନାରେ ଏଡିଜିପି (ମୁଖ୍ୟାଳୟ) ଭି.ଟି. ମିଶ୍ର, ଏଡିଜିପି (ଆଇନଶୃଙ୍ଖଳା) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (ଆଧୁନିକୀକରଣ) ରେଖା ଲୋହାନୀ, ଆଇଜିପି (ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋ) ରାଜେଶ କୁମାର, ଆଇଜିପି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍, ଆଇଜିପି (ସିଆଇଡି ସିବି) ଅମିତେନ୍ଦ୍ର ନାଥ ସିହ୍ନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।



ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ ଦୁଇଟି ପିଟିଶନ୍ ଦାଏର ହୋଇଛି। ବିଧାନସଭା ନିର୍ବାଚନ ବେଳେ ସେମାନେ ପ୍ରଚାର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏନେଇ ଜଷ୍ଟିସ୍ ଭି.କେ. ରାଓ ଉପମୁଖ୍ୟମନ୍ତ୍ରୀ ସିସୋଡିଆ, ନିର୍ବାଚନ କମିଶନଙ୍କ ମିଡିଆ ସାର୍ଟିଫିକେଶନ ଓ ମନିଟରିଂ କମିଟି (ଏମ୍‌ସିଏମ୍‌ସି) ଏବଂ ରିଟର୍ନିଂ ଅଫିସରଙ୍କୁ ନୋଟିସ ଜାରି କରି ସେମାନଙ୍କଠାରୁ ଜବାବ ମାଗିଛନ୍ତି।

## ସଂକ୍ଷେପରେ

### ଜାଲ ପ୍ରମାଣପତ୍ର ଅଭିଯୋଗ
### କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଚସ୍ପତିଙ୍କ ରୁଲିଂ

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** ଜାଲ ପ୍ରମାଣପତ୍ର ଦେଇ ସରକାରୀ ଚାକିରି କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୁରୁବାର ରୁଲିଂ ଦେଇଛନ୍ତି। ବୁଧବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସମେତ ଅନ୍ୟ କେତେକ ବିଧାୟକ ରାଜ୍ୟରେ କେତେକ ସରକାରୀ କର୍ମଚାରୀ ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ସମ୍ପର୍କରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ବାଚସ୍ପତି ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସମ୍ପୃକ୍ତ କର୍ମଚାରୀଙ୍କ ବିଷୟରେ ଅନୁସନ୍ଧାନ କରି ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରୁଲିଂ ଦେଇଛନ୍ତି।

### ଦୁର୍ଘଟଣାରେ ଦାଦା-ପୁତୁରା ମୃତ

**ଜେକେପୁର,୨୭।୨(ଡି.ଏନ୍.ଏ.):** ରାୟଗଡ଼ା ବ୍ଲକ କାର୍ଲାକଣା ପଞ୍ଚାୟତର ନୂଆଅଙ୍ଗୁର ଗ୍ରାମଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ ଟ୍ରାକ୍ଟରକୁ ଧକ୍କା ଦେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ କଲ୍ୟାଣସିଂପୁର ବ୍ଲକର କୁରୁଥେଲି ଗ୍ରାମର ବୃନ୍ଦାବନ କରକରିଆ ଓ ସଞ୍ଜୟ କରକରିଆ। ଉଭୟ ସମ୍ପର୍କରେ ଦାଦା ପୁତୁରା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଥିରେ ଉତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି। ବୃନ୍ଦାବନ ଓ ସଞ୍ଜୟ ସ୍ଥାନୀୟ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି। ସେମାନେ କାମ ସାରି ରାତିରେ ଘରକୁ ଫେରୁଥିଲେ। ନୂଆଅଙ୍ଗୁର ଗ୍ରାମ ରାସ୍ତା ମଝିରେ ଏକ ଟ୍ରାକ୍ଟର ଖରାପ ହୋଇ ଅଟକି ରହିଥିଲା। ବାଇକ୍ ଆରୋହୀ ଜାଣି ନ ପାରି ଟ୍ରାକ୍ଟର ପଛକୁ ଧକ୍କା ଦେଇଥିଲେ।

# ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ପଦୋନ୍ନତି ଅଦାଲତ

- ପ୍ରଥମ ଦିନରେ ୪୦୩ ଆବେଦନର ଶୁଣାଣି
- ଆଉ ୩ ଦିନ ବସିବ ଅଦାଲତ

**ଭୁବନେଶ୍ୱର,୨୭।୨ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଘୋଷଣା କ୍ରମେ ପଦୋନ୍ନତି ଅଦାଲତର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଅନୁଷ୍ଠିତ ହୋଇଛି। ଏହି ପର୍ଯ୍ୟାୟରେ ବସିଥିବା ୬ଟି ଅଦାଲତରେ ଶତପ୍ରତିଶତ ଶୁଣାଣି ହୋଇ ନିର୍ଦ୍ଦେଶନାମା ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଅଦାଲତଗୁଡ଼ିକ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ଅଧକ୍ଷତାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ, କୃଷିଭବନ, କଳିଙ୍ଗ ଷ୍ଟାଡିୟମ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ଇଡ୍‌କୋ ଭବନ କନଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସବୁ ଅଦାଲତରେ ୪୦୩ ଜଣ ଦରଖାସ୍ତକାରୀ ପଞ୍ଜିକୃତ ହୋଇଥିଲେ। ସମସ୍ତଙ୍କର ଶୁଣାଣି କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ଅଦାଲତ ପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ପଦୋନ୍ନତି ଅଦାଲତ ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ଏହାଦ୍ୱାରା ମାନବ ସମ୍ବଳ ପରିଚାଳନାକୁ ଅଧିକ ବ୍ୟବସ୍ଥିତ ଓ କ୍ରିୟାଶୀଳ କରାଯାଇ ପାରିବ। ଦ୍ୱିତୀୟ ପର୍ଯ୍ୟାୟ ଅଦାଲତ ଆହୁରି ତିନିଦିନ ଅର୍ଥାତ୍ ଆସନ୍ତା ୨୮, ୨୯ ଏବଂ ମାର୍ଚ୍ଚ ୧ ତାରିଖରେ ଅନୁଷ୍ଠିତ ହେବ। ଅଦାଲତର ସ୍ଥାନ ଓ ସମୟ ଅପରିବର୍ତ୍ତିତ ରହିବ। ୨୮ ତାରିଖରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର, ଶ୍ରମ, ଜଳ ସମ୍ପଦ, ପୂର୍ତ୍ତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଏସ୍‌ସି/ଏସ୍‌ଟି ଉନ୍ନୟନ, ଶକ୍ତି, ହସ୍ତତନ୍ତ ଓ ବୟନଶିଳ୍ପ ଆଦି ବିଭାଗର ଶୁଣାଣି ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିରି ଅଟକାଳି ଖୋଇଛି ଯେ**
**ରାତିକି ହଗେଇ ନେଉ ସେ ।**

ବିରି ଅଟକାଳି ପରି ବିରିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଟିକେ ଅଧିକ ପରିମାଣର ଖାଇଦେଲେ କେତେକଙ୍କ ପେଟ ଖରାପ ହୋଇଯାଇଥାଏ। ଅନ୍ୟ ଅର୍ଥରେ ଯାହାପାଇଁ ବା ଯାହା ଯୋଗୁ ଅନ୍ୟ ଜଣେ ଅସୁବିଧାରେ ପଡ଼େ ତଥା କଷ୍ଟ ଭୋଗ କରେ ତା'ର ସୁଖ ସୁବିଧା ପ୍ରତି ଦୃଷ୍ଟିଦେବା ଉକ୍ତ ବ୍ୟକ୍ତିପକ୍ଷେ ଜରୁରୀ ହୋଇଯାଏ। ଏପରିକି ବିପଦ ଆପଦରେ ତା' ପାଖେ ପାଖେ ରହିବା ନେଇ ସେ ଏକରକମ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଓଳିର ଝିଅ,**
**ଖେଳଇ ସୁନା ଦୋଳି**
**ମାଆ ଓଳିର ଝିଅ,**
**ବିକିଯାଏ କୋଳି ।**

ଜନ୍ମିତ ସନ୍ତାନ ସାଧାରଣତଃ ଦେଖିବାକୁ ତାଙ୍କ ବାପା କିମ୍ବା ମାଆ ଭଳି ହୋଇଥାନ୍ତି। ଏପରିସ୍ଥଳେ ଯେଉଁ ଝିଅ ତାଙ୍କ ବାପା ଭଳି ଦେଖାଯାନ୍ତି ସେହି ଝିଅ ଭବିଷ୍ୟତରେ ଖୁବ୍ ଉନ୍ନତି କରିଥାନ୍ତି। ବହୁ ସୌଭାଗ୍ୟଶାଳୀ ହେବା ସହ ସୁଖରେ ରହିଥାନ୍ତି। ସେହିପରି ଯେଉଁ ଝିଅ ଦେଖିବାକୁ ମା'ଭଳି ହୋଇଥାନ୍ତି ସେହି ଝିଅ ଦୁଃଖରେ ରହିଥାନ୍ତି। ଜୀବନରେ ସେତେଟା ଉନ୍ନତି କରି ପାରି ନ ଥାନ୍ତି ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଲିଯାତ୍ରା ପଡ଼ିଆରେ ହେବ ବିଜୁ ଜୟନ୍ତୀ ସମାବେଶ




**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଆସନ୍ତା ୫ ତାରିଖରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ରାଜ୍ୟର ସବୁ ବ୍ଲକ, ଜିଲା ଏବଂ ନିର୍ବାଚନମଣ୍ଡଳୀ ସ୍ତରରେ ବିଜୁ ଜୟନ୍ତୀ ପାଳନ କରାଯିବ। ଏହାସହ ଅନ୍ତର୍ଜାତୀୟ ମହିଳା ଦିବସରେ ବଡ଼ ସମ୍ମିଳନୀ କରାଯିବ। ମାର୍ଚ୍ଚ ୫ରୁ ୧୫ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଦଳର ସମସ୍ତ ସଙ୍ଗଠନର କାର୍ଯ୍ୟକର୍ତ୍ତା ପାଳନ କରିବେ। କଟକର ବାଲିଯାତ୍ରା ପଡ଼ିଆଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦେବୀ ମିଶ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାରର ୨୦ବର୍ଷ ବିଜୁ ଜୟନ୍ତୀରେ ପୂରଣ ହେବ। ତେଣୁ ୨୦ବର୍ଷ ଉପଲବ୍ଧି ଜନସାଧାରଣଙ୍କ ନିକଟରେ ସମସ୍ତ ଜନକଲ୍ୟାଣକାରୀ ଯୋଜନା ମଧ୍ୟ ରଖାଯିବ। ଏହାସହ ରାଜ୍ୟର ବିକାଶ ଯାତ୍ରା ସମ୍ପର୍କରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ସମସ୍ତ ଜନନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଦିଆଯିବ। ବିଜୁ ପଟ୍ଟନାୟକ ଗାଁକୁ କାମ ମା'ଙ୍କୁ ସମ୍ମାନର ଆହ୍ୱାନ ଦେଉଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ତେଣୁ ଏହି ପକ୍ଷ ପାଳନ ଅବସରରେ ମାର୍ଚ୍ଚ ୮ରେ ପଡୁଥିବା ଅନ୍ତର୍ଜାତୀୟ ମହିଳା ଦିବସକୁ ଭଲଭାବେ ପାଳନ କରାଯିବ। ସମସ୍ତ ନିର୍ବାଚନମଣ୍ଡଳୀରେ ଏହି ଦିନଠାରୁ ମହିଳାମାନଙ୍କ ସମ୍ମିଳନୀ କରାଯାଇ ସେମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରାଯିବ। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତବିଦ୍ୟ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଛନ୍ତି। ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ଦଳର ଛାମୁଆ ସଙ୍ଗଠନ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ଦଳର ୩୩ ସାଙ୍ଗଠନିକ ଜିଲାରେ ରକ୍ତଦାନ କାର୍ଯ୍ୟକ୍ରମ କରାଯିବ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ୨୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି।

# ହେଲମେଟ ନ ପିନ୍ଧି ଥିବାରୁ କାର ଚାଳକଙ୍କୁ ଜରିମାନା

**ପୋଲିସ କହିଲା ମିଥ୍ୟା ଅଭିଯୋଗ**

**ସମ୍ବଲପୁର,୨୭।୨(ବ୍ୟୁରୋ)**

ରାଜ୍ୟରେ ନୂତନ ମୋଟର ଯାନ ଆଇନ ଲାଗୁ ହେଲାପରେ ଯାଞ୍ଚକୁ କଡାକଡ଼ି କରାଯାଇଛି। ପୋଲିସକୁ ମଧ୍ୟ ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ହେଲେ ଚାଲାଣ କାଟିବାରେ ତ୍ରୁଟି ଯୋଗୁ ଅଧିକାଂଶ ସ୍ଥାନରେ ପୋଲିସକୁ ହଟହଟା ହେବାକୁ ପଡୁଛି। ଗୁରୁବାର ଏଭଳି ଅଭିଯୋଗ ପୁଣି ହୋଇଛି। ସମ୍ବଲପୁର ଆରଟିଓ ଅଫିସରେ ଖାଡୁଆପଡା ଚନ୍ଦ୍ର କୁମାର ବେହେରା ଅଭିଯୋଗ କରିଛନ୍ତି ଯେ, ସେ ବୁଧବାର ସନ୍ଧ୍ୟାରେ ଘରୁ ବୁର୍ଲା ଯାଇଥିଲେ। ମୁଦିପଡା ଫାର୍ମ ରୋଡରେ ଟ୍ରାଫିକ ଯାଞ୍ଚ କରାଯାଉଥିବା ବେଳେ ତାଙ୍କଠାରୁ ୧୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। (ଚାଲାଣ ନଂ.ଓଆର ୩୩୬୨୧୨୦୦୨୨୬୧୭୫୪୩୨)। ହେଲମେଟ ନ ପିନ୍ଧିଥିବା ଯୋଗୁ ଜରିମାନା ଆଦାୟ କରାଯାଇଛି ବୋଲି ଚାଲାଣରେ ଉଲ୍ଲେଖ ରହିଛି। ହେଲେ କାର ଚଳାଇବା ସମୟରେ ହେଲମେଟ ପିନ୍ଧିବା କିଭଳି ନିୟମ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ତଦନ୍ତ କରାଯାଇ ଜରିମାନା ଅର୍ଥ ଫେରାଯାଉ ବୋଲି ସେ ଦାବି କରିଛନ୍ତି। ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରା କହିଛନ୍ତି, ଚନ୍ଦ୍ର କୁମାରଙ୍କ ବାଇକ ନମ୍ବର ଓଡି-୧୫ସି-୬୪୪୬ ଓ କାର ନମ୍ବର ଓଡି ୧୫-ସି ଡି ୬୪୪୬। ବାଇକରେ ବିନା ହେଲମେଟରେ ଯାଇଥିବାରୁ ଜରିମାନା କରାଯାଇଛି।

# କୋଇଲା ରୟାଲଟି ବଢ଼ାଇବା ଦାବିକୁ ଭାଜପାର ନିନ୍ଦା

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

କୋଇଲା ରୟାଲଟି ବୃଦ୍ଧି କରିବା ନେଇ ଓଡ଼ିଶାର ମୁଖ୍ୟ ଶାସନ ସଚିବ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଅସ୍ୱୀକାର କରିପାରିବେ ନାହିଁ କେନ୍ଦ୍ରରେ ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ଖଣିଜ ସମ୍ପଦର ନିଲାମୀ ଯୋଗୁ ପର୍ଯ୍ୟାପ୍ତ ଅର୍ଥ ମିଳିଛି। କେବଳ ଜିଲା ଖଣିଜ ପାଣ୍ଠି ଅନ୍ତର୍ଗତ ରାଜ୍ୟକୁ ଐତିହାସିକ ଭାବେ ୭୮୫୭କୋଟି ଟଙ୍କା ମିଳିଛି। ହେଲେ ଦୁଃଖ ଏବଂ ପରିତାପର ବିଷୟ ରାଜ୍ୟ ସରକାର ଏଯାବତ୍ ଏହି ରାଶିରୁ ମାତ୍ର ୧୬୭୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

ଲେଖାଶ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନୂଆ ଖଣି ନୀତି ଯୋଗୁ ଖଣିଗୁଡ଼ିକର ଖୋଲା ନିଲାମୀ କରାଯିବା ଦ୍ୱାରା ରାଜ୍ୟକୁ ପୂର୍ବ ଅପେକ୍ଷା ୧୫୦ ପ୍ରତିଶତ ଅଧିକା ପ୍ରିମିୟମ ମିଳିଛି। ଯାହା ହଜାର ହଜାର କୋଟି ଟଙ୍କା ଆକଳନ କରାଯାଇଛି। ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଶର କଂଗ୍ରେସ ସରକାର ଖଣିଗୁଡ଼ିକୁ ନିଲାମ ପରିବର୍ତ୍ତେ ପରିଚିତ ସମ୍ପର୍କୀୟ ଲୋକଙ୍କୁ ବଣ୍ଟନ କରୁଥିଲା। ଏହାଦ୍ୱାରା ଦେଶର ଅପର୍ଯ୍ୟାପ୍ତ କ୍ଷତି ହୋଇଛି। ଓଡ଼ିଶାରେ ୫୯ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିଲା। ଶାହା କମିଶନ ରିପୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶପରେ ମଧ୍ୟ ରାଜ୍ୟ ସରକାର କ'ଣ ପାଇଁ ଖଣି ଦୁର୍ନୀତି କରିଥିବା କମ୍ପାନୀଗୁଡ଼ିକଠାରୁ ଏହି ଅର୍ଥ ଆଦାୟ କରି ନ ଥିଲେ ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର କେନ୍ଦ୍ରକୁ ଖଣି ଲୟାଲଟି ବଢାଇବା ଲାଗି ନିବେଦନ କରିବା ବଦଳରେ ଡିଏମ୍‌ଏଫ ଓ ଖଣି ନିଲାମୀରୁ ମିଳିଥିବା ଅର୍ଥର ହିସାବ ଦିଅନ୍ତୁ ବୋଲି ସେ କହିଛନ୍ତି।

## ନିଆଁରେ ଘିଅ...

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ଘରଦ୍ୱାର ଭାଙ୍ଗିଯାଇଥିବା ଦଙ୍ଗା ପୀଡ଼ିତଙ୍କୁ ତତ୍କାଳ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ଗୋଇନ୍ଦା ବ୍ୟୁରୋ (ଆଇବି) କର୍ମଚାରୀ ଅଙ୍କିତ ଶର୍ମାଙ୍କ ହତ୍ୟା ଘଟଣାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କାଉନ୍‌ସିଲର ତାହିର ହୁସେନଙ୍କ ସମ୍ପୃକ୍ତି ନେଇ ତଥ୍ୟ ସାମ୍ନାକୁ ଆସିଥିବାରୁ ଦଙ୍ଗାରେ ତାଙ୍କର କି ଭୂମିକା ଥିଲା ବୋଲି କେଜ୍‌ରିୱାଲଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦଙ୍ଗାରେ ଯିଏ ସମ୍ପୃକ୍ତ ଥାଆନ୍ତୁ ନା କାହିଁକି କାହାକୁ ଛଡ଼ାଯିବା ଅନୁଚିତ। ଏଏପିର ହୁଅନ୍ତୁ କି ତାଙ୍କ କ୍ୟାବିନେଟର ସଦସ୍ୟ ଧରାପଡ଼ିଲେ ତାଙ୍କ ବିରୋଧରେ ଦୋହରା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କେଜ୍‌ରିୱାଲ କହିବା ସହ ତାଙ୍କ ହାତରେ ଦିଲ୍ଲୀ ପୋଲିସ ନ ଥିବା କହିଛନ୍ତି। ପୋଲିସ ତାଙ୍କ ପାଖରେ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ସାରନ୍ତାଣି ବୋଲି ସେ ଅସହାୟତା ପ୍ରକାଶ କରିଥିଲେ। ଯିଏ ଦୋଷୀ ତାଙ୍କୁ ଦଣ୍ଡ ମିଳୁ ବୋଲି ଏଏପି ପକ୍ଷରୁ ବରିଷ୍ଠ ନେତା ଗୋପାଲ ରାଏ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଶାସକ ଦଳ ଏବଂ କଂଗ୍ରେସ ଏହାକୁ ନେଇ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି। ଭାଜପା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କ ମୃତ୍ୟୁ ଉପରେ ଅନ୍ୟ ଦଳର ନେତାମାନେ ନୀରବ କାହିଁକି? ଗତ ଡିସେମ୍ବରରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ 'ଆର୍ ୟା ପାର୍' (ଶେଷ ପର୍ଯ୍ୟନ୍ତ ଲଢ଼େଇ କର) ବୋଲି ଆହ୍ୱାନ ଦେଇଥିଲେ। ଏହାର ଦୁଇମାସ ପରେ ଦିଲ୍ଲୀରେ ଦଙ୍ଗା ଘଟିଛି। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ରାଜନୀତି ଛଡ଼ା କିଛି ନୁହେଁ। ସେହିପରି ଦିଲ୍ଲୀରେ ଶାସନ କରୁଥିବା ଏଏପିର ବିଧାୟକମାନେ ଶାନ୍ତି ପାଇଁ କାର୍ଯ୍ୟ କରିବା ବଦଳରେ ସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଦଙ୍ଗା ପୀଡ଼ିତଙ୍କୁ ଧର୍ମ ଆଧାରରେ ବିଧାନସଭା ଭିତରେ ଚିହ୍ନଟ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସମାଲୋଚନା କରିଛନ୍ତି। ସେପଟେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଏସ୍. ମୁରଲିଧରଙ୍କ ବଦଳିକୁ ନେଇ ମଧ୍ୟ ରାଜନୀତି ଜୋର୍ ଧରିଛି। କାରଣ ବିବାଦୀୟ ମନ୍ତବ୍ୟ ଦେଇ ସ୍ଥିତିକୁ ସଙ୍ଗିନ କରିଥିବା ଭାଜପା ନେତା ପରଭେଶ ବର୍ମା, କପିଲ ମିଶ୍ରା ଓ ଅନୁରାଗ ଠାକୁରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରି ନ ଥିବାରୁ ଦିଲ୍ଲୀ ପୋଲିସକୁ ବୁଧବାର ହାଇକୋର୍ଟ ଭର୍ତ୍ସନା କରିଥିଲେ। ଏହାର କିଛି ଘଣ୍ଟା ପରେ ଜଷ୍ଟିସ୍ ମୁରଲିଧରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ସ୍ଥାନାନ୍ତର କରାଯିବା ଅନେକ ପ୍ରଶ୍ନବାଚୀ ଛିଡ଼ା କରାଇଛି।

# 'ଉତ୍ପାଦନ ସହ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ'



ଖବରଦାତା ସମ୍ମିଳନୀରେ ସିଆଇଏଲ୍ ଅଧକ୍ଷଙ୍କ ସହ ଟେକ୍ନିକାଲ ଡାଇରେକ୍ଟର ଓ ଏମ୍‌ସିଏଲ୍ ସିଏମ୍‌ଡି ଉପସ୍ଥିତ ଅଛନ୍ତି।

**ଏମ୍‌ସିଏଲ୍ ଖଣି ପରିଦର୍ଶନ କଲେ ସିଆଇଏଲ୍ ଅଧକ୍ଷ**

**ତାଳଚେର,୨୭।୨(ନି.ପ୍ର.)**

ଦେଶ ଅଗ୍ରଗତି କରୁଥିବା ବେଳେ କୋଇଲାର ଚାହିଦା ଦିନକୁ ଦିନ ବଢୁଛି। ତେଣୁ କୋଇଲା ଉତ୍ପାଦନ ଓ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଶୁକ୍ରବାର ତାଳଚେର ଗସ୍ତ ଅବସରରେ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଅଧକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

ଦୁଇଦିନିଆ ଏମ୍‌ସିଏଲ୍ ଗସ୍ତରେ ଆସିଥିବା ସିଆଇଏଲ୍ ଅଧକ୍ଷ ଶୁକ୍ରବାର ତାଳଚେରରେ ଥିବା ଏମ୍‌ସିଏଲ୍‌ର ବିଭିନ୍ନ ଖଣି ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ୬୬୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଫେବୃୟାରୀ ୨୬ ସୁଦ୍ଧା ସେଥିରୁ ୫୧୦.୩୦ ମିଲିୟନ ଟନ୍ ଉତ୍ତୋଳନ ସରିଛି। ଗତବର୍ଷ ତୁଳନାରେ ଏହା ୨.୫ ପ୍ରତିଶତ ପଛରେ ରହିଛି। କାରଣ ବର୍ଷା ଯୋଗୁ ଗତ ଜୁଲାଇରୁ ନଭେମ୍ବର ପର୍ଯ୍ୟନ୍ତ ଉତ୍ତୋଳନ ହ୍ରାସ ପାଇଥିଲା। ତେବେ ଡିସେମ୍ବର ଠାରୁ ଉତ୍ପାଦନ ବୃଦ୍ଧି ପାଇଛି। ଆଗାମୀ ୨୦୨୩-୨୪ରେ ସିଆଇଏଲ୍ ୧୦୦୦ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର ଯୋଜନା କରିଥିବା ଅଧକ୍ଷ ପ୍ରକାଶ କରିଥିଲେ। ଏହି ଅବସରରେ ଅଧକ୍ଷ ଅଗ୍ରୱାଲ ପ୍ରଥମେ କଣିହାଁ ଓପନକାଷ୍ଟ ଖଣି ପରିଦର୍ଶନ କରିଥିଲେ। ପରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଏଥିସହ ହିଙ୍ଗୁଳା ଓ ଭରତପୁର କୋଇଲା ଖଣି ମଧ୍ୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଗଣମାଧ୍ୟମ ପ୍ରତିନିଧି, ୟୁନିୟନ ପ୍ରତିନିଧିଙ୍କୁ ଭେଟିବା ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ହିଙ୍ଗୁଳା ମନ୍ଦିର ଠାରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ କୋଲ୍ ଇଣ୍ଡିଆ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କୋଲ୍ ଇଣ୍ଡିଆ ଅଧକ୍ଷଙ୍କ ଏହି କାର୍ଯ୍ୟକ୍ରମ ବେଳେ ସିଆଇଏଲ୍ ଟେକ୍ନିକାଲ ଡାଇରେକ୍ଟର ଏସ୍.ଏନ୍. ତିୱାରି, ଏମ୍‌ସିଏଲ୍ ସିଏମ୍‌ଡି ଭୋଳାନାଥ ଶୁକ୍ଳା, ଏମ୍‌ସିଏଲ୍ ଟେକ୍ନିକାଲ ଡାଇରେକ୍ଟର ଓ.ପି. ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006**
**PHONE – 06854-242001, FAX – 06854242038**
E-mail: sgmel_ukhep@ohpcltd.com, CIN:U401010R1995SGC003963
**e-PROCUREMENT NOTICE No.- UKHEP/ET – 13/2019-20, Dated 20.02.2020**

No.CAD-1009 :- The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) | E.M.D. (in Rs.) | Cost of bid document | Cl ass of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Repair of connecting Bituminous road from NH-26 to PH Main gate, UKHEP, Bariniput | 24,27,386/- | 24,500/- | 7080 (Rs.6000+18% GST) | "B" & "C" Class | From 10:00 A.M. of 04.03.2020 to 17:00 Hrs of 18.03.2020 | At 11.30 Hrs. of 21.03.2020 |

**1.** The Bidders have to participate in ONLINE bidding only through the Govt.e-Procurement portal **www.tendersorissa.gov.in** by using their compatible Digital Signature Certificate (DSC) . **2.** Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

**Unit Head, UKHEP, Bariniput**
**OIPR-04002/11/0067/1920**



**ଅଧୀକ୍ଷକଙ୍କ କାର୍ଯ୍ୟାଳୟ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ**
**ପତ୍ରସଂଖ୍ୟା: ୫୧୨୦ / ତା୨୭।୦୨।୨୦୨୦**
**ବିଜ୍ଞାପନ**

**No. E-772:-** ଏତଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା କି, ସେମାନଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଶୃଙ୍ଖଳାଗତ ମାମଲାର ଶୁଣାଣିପୂର୍ବକ ନିମ୍ନବର୍ଣ୍ଣିତ ଦଣ୍ଡ ବିଧାନର ପ୍ରସ୍ତାବ ରହିଅଛି, O.C.S. (C.C.A.) Rules 1962ର ନିୟମ ୧୫ର ୧୦(ଖ) ପ୍ରକାରେ ସେମାନେ ଏହା ଉପରେ ସେମାନଙ୍କ ଦାବି/ଆପତ୍ତି ଉକ୍ତ ନୋଟିସ୍ ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇ ପାରିବେ ନଚେତ୍ ଉପରୋକ୍ତ ଦଣ୍ଡକୁ ଚୂଡ଼ାନ୍ତ ପୂର୍ବକ ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

୧. **ଶ୍ରୀ ଦେବପ୍ରସାଦ ବାରିକ**
ପରିଚାଳକ, ପ୍ରତୀକ ସଂଖ୍ୟା-୪୧
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ମାର୍ଫତ୍- ଝରି ବାରିକ, ଗ୍ରାମ- ପଞ୍ଚପଲ୍ଲୀ, ପୋଷ୍ଟ- ଖୋରର୍ଦ୍ଧା, ଭାୟା-କନକପୁର, ଥାନା- ଏରସମା, ଜିଲ୍ଲା- ଜଗତସିଂହପୁର

୨. **ଶ୍ରୀ ବ୍ରଜକିଶୋର ନାଏକ**
ଝାଡୁଦାର, ପ୍ରତୀକ ସଂଖ୍ୟା- ୧୦୨୨
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ପିତା- ଅର୍ପିତ ନାଏକ, ସା- ହରିଜନ ସାହି, ରାଣୀହାଟ, ପୋ- ମେଡ଼ିକାଲ କ୍ୟାମ୍ପସ, ଥାନା- ମଙ୍ଗଳାବାଗ, ଜିଲ୍ଲା- କଟକ, ପିନ୍-୭୫୩୦୦୭

୩. **ଶ୍ରୀମତୀ ବସନ୍ତ ଦେଈ**
ଝାଡୁଦାର, ପ୍ରତୀକ ସଂଖ୍ୟା- ୩୯୯
(ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ)
ସା- ଗୋପପୁର, ପୋ/ଥାନା- ବଡ଼ମ୍ବା, ଜିଲ୍ଲା- କଟକ, ପିନ୍-୭୫୪୦୩୧

**ପ୍ରସ୍ତାବିତ ଦଣ୍ଡର ବିବରଣୀ:** ସରକାରୀ ଚାକିରିରୁ ବରଖାସ୍ତ O.C.S. (C.C.A.) Rules 1962ର ନିୟମ ୧୩(୮) ପ୍ରକାରେ ଓ ଓଡ଼ିଶା ସର୍ଭିସ କୋଡ୍ ପାରା ୭୨ ପ୍ରକାରେ।

**ସ୍ୱା./- ପ୍ରଶାସନିକ ଅଧିକାରୀ**
**ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ**
OIPR-10011/11/0041/1920



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT - V, BHUBANESWAR**
**E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523, Fax: (0674) 2395245**
**File No. B-IV-H-(ALMC)-8/19 Ltr. No. 8419** **Bhubaneswar, the 25th Feb. 2020**
**No.: B-763**
**1st CORRIGENDUM**
**Bid Identification No. CE(B) - 28/2019-20**
**Name of the Work:** "Construction of 100 seated New Govt. Medical College & Teaching Hospital at Jajpur and Teaching Hospital for the New Govt. Medical College at Puri on Turnkey Basis in the State of Odisha".
The following corrigendums are made to Bid Identification No. CE(B)-28/2019-20 issued vide T.O. Letter No. 6856 Dtd.14th Feb. 2020.
1. The Bid Security may be read as Rs.5,15,00,000/- instead of Rs.4,96,76,500/-.
2. The time period of following dates are extended as given below.

| Description of Activity | Scheduled Date | Extended Date |
|---|---|---|
| Bid documents shall be available for downloading | Dt.25.02.2020 | Dt.28.02.2020 |
| Pre-bid Meeting shall be held | Dt.06.03.2020 at 11.00 A.M. | Dt.11.03.2020 at 11.00 A.M. |
| Online submission of Bids shall be on or before | Dt.18.03.2020 upto 5.30 P.M. | Dt.15.04.2020 upto 5.30 P.M. |
| Hardcopy shall be received on or before | Dt.25.03.2020 upto 5.30 P.M. | Dt.20.04.2020 upto 5.30 P.M. |
| Bids received online on due date and time, shall be opened | Dt.26.03.2020 at 11.30 A.M. | Dt.21.04.2020 at 11.30 A.M. |

3. All other terms and conditions remain unchanged.

**Sd./- Chief Engineer (Buildings)**
**OIPR - 34117/11/0069/1920**



**ODISHA BRIDGE & CONSTRUCTION CORPORATION LTD.**
*(A Government of Odisha Undertaking)*
SETU BHAVAN, NAYAPALLI, BHUBANESWAR-12
PH.NO. 0674 -2390043
FAX NO. 0674-2396326
E Mail: mdobcc@gmail.com

**'e'-PROCUREMENT NOTICE** CAD-1024
**BID IDENTIFICATION NO.11/TOLL/OBCC/2019-20.**

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites **'online'** tender in **double cover system** for the toll gates as detailed in the table below from the intending bidders for collection of toll for a period of one year.

| Sl. No. | Name of the R.D. and R&B toll gates. | Upset Price (In Rs.) | E.M.D. (In Rs.) | Cost of Bid document (In Rs.) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Veden Bridge toll gate,Soida-Kalpara. ( **R.D. Toll gate**) | 8,47,500/- | 84,750/- | 4,000/-+ 480/-(GST) | 15.04.20 to 14.04.21 |
| 2. | H.L.Bridge over river Kolab near Pithaguda on Similiguda-Handiput Road. | 25,34,830/- | 2,53,483/- | 6,000/-+ 720/-(GST) | 01.05.20 to 30.04.21 |
| 3. | Mahanadi bridge toll gate near Sonepur on Sambalpur-Sonepur Road. | 1,78,50,000/- | 17,85,000/- | 10,000/-+ 1200/-(GST) | 01.05.20 to 30.04.21 |
| 4. | Toll gate on Balasore-Mitrapur-Baincha road toll gate. | 21,42,208/- | 2,14,221/- | 6,000/-+ 720/-(GST) | One year from the effective date of Agmt. |

2. Date and time **for online bidding for the above toll gates starts from 10.00 A.M. of dt. 29.02.2020 to 5.00 P.M. of dt. 11.03.2020 .**
3. Bid shall be received **only in "online" on or before 5.00 P.M. of dt. 11.03.2020** & shall be opened at **11.30 A.M. on dt.12.03.2020.**
4. EMD and Cost of bid document as specified against the toll gates in the above table Column-4 & 5 will be **transferred through online** only as per the procedure mentioned in the DTCN. Further details can be seen from the web site **https://tendersodisha.gov.in**
5. Any changes/corrigendum will be displayed in the web site only.

Sd/-
**GENERAL MANAGER (CIVIL)**
**OIPR-34106/11/0047/1920**



**DEPARTMENT OF WATER RESOURCES**
**ODISHA COMMUNITY TANK DEVELOPMENT MANAGEMENT SOCIETY**
**7th Floor Rajeev Bhawan, Bhubaneswar.**
Ph.. 0674-2542252, E-Mail: spuoiipcra.od@gov.in No. A-720
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE(OIIPCRA) REQUEST FOR BIDS (RFB)**
**E-Procurement Notice**
**NATIONAL OPEN COMPETITIVE PROCUREMENT FOR SMALL WORKS**
Date : 25.02.2020 RFB No:OIIPCRA-W2-3/2020

| | | |
|---|---|---|
| Name of Work | : | Civil Construction works (Rehabilitation of Minor Irrigation Projects under OIIPCRA) |
| No.of works | : | 11 (Eleven) Packages comprising 34 Projects. |
| Estimated Cost | : | Ranges from Rs. 194.08 to 1022.051Lakhs App. of each package |
| Cost of Bid Document | : | Free of Cost |
| Period of Completion | : | 15 (Fifteen) calendar Months for each package |
| Availability of bid documents | : | From 4.03.2020, 10.00 Hrs. to 3.04.2020 up to 13.30 Hrs in the e-procurement website https://tendersodisha.gov.in |
| Date of Pre-Bid Meeting | : | 16th March 2020 |
| Last date of receipt of bid | : | Up to 3.04.2020,13.30 Hrs. through online |
| Date of opening of Technical Bid | : | On dt: 3.04.2020 at 14.00 Hrs |
| Name & Address of the Office Inviting Tender (OIT) | : | Project Director, OCTDMS - cum-Additional Secretary, DoWR, Odisha, 7th Floor Rajeev Bhawan , Bhubaneswar, Ph.-0674-2542252, E-Mail:spuoiipcra.od@gov.in |
| Further details can be seen from the e-Procurement site. | : | https://tendersodisha.gov.in & https://dowrodisha.gov.in |

**Sd/-Dr.Kamal Lochan Mishra**
**Project Director, OCTDMS-cum-**
**Additional Secretary to Govt., DoWR, Odisha**
**OIPR-32234/11/0002/1920**


See Career Appointment on every Wednesday & Saturday

## ମହିଳା ହକି: ଫାଇନାଲରେ ସମ୍ବଲପୁର

କିଟ୍ ପରିସରରେ ଆୟୋଜିତ ମହିଳା ହକି ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ହରିୟାଣାର ଏମଡି ବିଶ୍ୱବିଦ୍ୟାଳୟକୁ ୫-୨ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ରିଙ୍କି କୁଜୁର ୧୦ ଓ ୪୭ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଗାୟତ୍ରୀ କିଷାନ ୧୧, ନମ୍ରତା ଜସମିନ ବାରା ୧୨ ଏବଂ ଅଧିନାୟିକା ଖୁସ୍‌ବୁ କୁଜୁର ୬୦+ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଦେବୀକା ସେନ୍ ୩୩ ଓ ମନୀଷା ଧାଓ୍ୱଲ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫାଇନାଲରେ ସମ୍ବଲପୁର ମଧ୍ୟପ୍ରଦେଶର ଆଇଟିଏମ ବିଶ୍ୱବିଦ୍ୟାଳୟକୁ ଭେଟିବ। ଅନ୍ୟ ସେମିଫାଇନାଲରେ ଆଇଟିଏମ ୩-୧ ଗୋଲରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା।



ଗୁରୁବାର ମହିଳା ରଗ୍‌ବୀର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ

## ବୃହତ୍ ବିଜୟ ସହ କିଟ୍ ମହିଳା ରଗ୍‌ବୀ ଦଳ ସେମିରେ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ରଗ୍‌ବୀ ସେଭେନ୍ସରେ କିଟ୍ ମହିଳା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଛି। ଗୁରୁବାର ଅନୁଷ୍ଠିତ ୨ଟି ମ୍ୟାଚରେ ଦଳ ବୃହତ୍ ବିଜୟ ହାସଲ କରିଛି। ପୂର୍ବାହ୍ନରେ ଅନୁଷ୍ଠିତ ପୁଲ୍-ଏ ମ୍ୟାଚରେ କିଟ୍ ଦଳ ୪୩-୦ ଗୋଲରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ସେହିପରି ଅପରାହ୍ନରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଏହି ଦଳ କବୟିତ୍ରୀ ବାହିନବାଇ ଚୌଧାରୀ ନର୍ଥ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟକୁ ୫୩-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କିଟ୍ ପୁରୁଷ ରଗ୍‌ବୀ ଦଳ ଏକ ମ୍ୟାଚରେ ମୋହାଲି ଘରୁଆନସ୍ଥିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ୧୪-୧୯ ଗୋଲରେ ହାରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ଦଳକୁ ୧୯-୫ ଗୋଲରେ ପରାସ୍ତ କରିଛି।

# ମନୋଜଙ୍କୁ ସ୍ୱର୍ଣ୍ଣିମ ସଫଳତା



**ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶା ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରୋତ୍ତୋଳକ ମନୋଜ କୁମାର ସାହୁ। ସେ ପୁରୁଷ ୭୩ କେଜି ଭାରୋତ୍ତୋଳନ ବିଭାଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପଦକ ସଂଖ୍ୟା ୨(୧ ସ୍ୱର୍ଣ୍ଣ, ୧ ରୌପ୍ୟ)ରେ ପହଞ୍ଚିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରମିଳା କିର୍ସାନୀ ପୂର୍ବରୁ ମହିଳା ୫୫ କେଜି ବିଭାଗରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ୭୩ କେଜି ଇଭେଣ୍ଟରେ ମନୋଜ ମୋଟ ୨୬୭ କେଜି ଭାରୋତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ସ୍ନାଚ୍‌ରେ ୧୧୫ ଓ କ୍ଲିନ ଆଣ୍ଡ ଜର୍କରେ ୧୫୨ କେଜି ଭାର ଉଠାଇଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ମନୀଷ କୁମାର ୨୫୩(୧୧୪+୧୩୯) ଏବଂ ପଟିଆଲା ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଲଭପ୍ରୀତ ସିଂ ୨୫୩(୧୧୩+୧୪୦) କେଜି ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମନୋଜଙ୍କ ସଫଳତା ସହିତ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବଦିନ କିଟ୍ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସହ ୩ ପଦକ ମିଳିଥିଲା।

**ମାମୁ, ଅଜାଙ୍କ ଦ୍ୱାରା ଅନୁପ୍ରାଣିତ**

"ମୁଁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆଗକୁ ଏହିପରି ପଦକ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଅଲମ୍ପିକ୍ସ ଏବଂ ଏସିଆଡ୍‌ରେ ପାଇବାକୁ ଆଶା ରଖିଛି । ପିଲାଦିନେ ମୁଁ ମୋ ଅଜା ଏବଂ ମୋ ମାମୁଙ୍କଠାରୁ ବହୁତ ଅନୁପ୍ରାଣିତ ହୋଇଥିଲି । ଛୁଆଦିନେ ମାମୁ ଭାରୋତ୍ତୋଳନ କରୁଥିବା ଦେଖି ମୁଁ ଏହି ଗେମ୍ ପ୍ରତି ଆକର୍ଷିତ ହୋଇଥିଲି। ୧୦ମ ଶ୍ରେଣୀ ପାସ୍ ହେବା ପରେ ମୋର ଭାରୋତ୍ତୋଳନ କ୍ୟାରିୟର ଆରମ୍ଭ ହୋଇଥିଲା । ମୋ ମାମୁ ଜଣେ ଅନ୍ତର୍ଜାତୀୟ ସ୍ତରର ଭାରୋତ୍ତୋଳକ ଏବଂ ଅଜା ସେ ସମୟରେ ଗାଁରେ ଏକ କ୍ଲବ୍ ଖୋଲି ଲୋକ ମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ଯାହା ଦ୍ୱାରା ମୁଁ ଅଧିକ ଅନୁପ୍ରାଣିତ ହୋଇ ଆଜି ଏ ସଫଳତା ପାଇପାରିଛି" ବୋଲି ମନୋଜ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଭଉଣୀ-ଭାଇଙ୍କ ସଫଳ ଯାତ୍ରା





ସୋନି ଓ ଶ୍ରବଣ ମଣ୍ଡାଙ୍ଗି

ଭୁବନେଶ୍ୱର, ୨୭।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଯମଜ ଭଗିନୀ ଜ୍ୟୋତି ଓ ଆରତି ପଟେଲ ସନ୍ତରଣରେ ଯେଉଁଭଳି ପ୍ରଦର୍ଶନର ଛାପ ଛାଡ଼ିଥିଲେ ସେହିଭଳି ଆଉ ଏକ ଭାଇ ଭଉଣୀ ଯୋଡ଼ି ଏବେ ଚର୍ଚ୍ଚାକୁ ଆସିଛନ୍ତି। ଏହି ଭାଇ-ଭଉଣୀ ଯୋଡ଼ି ହେଉଛନ୍ତି ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟର ଶ୍ରବଣ ଓ ସୋନୀ ମଣ୍ଡାଙ୍ଗି। ଶ୍ରବଣ ତୀରନ୍ଦାଜୀରେ ପ୍ରତିନିଧିତ୍ୱ କରୁଥିବାବେଳେ ସୋନୀ କିଟ୍ ମହିଳା ରଗ୍‌ବୀ ଦଳର ଜଣେ ପ୍ରମୁଖ ଖେଳାଳି ରହିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରବଣ ତାଙ୍କ କମାଲ୍ ଦେଖାଇ ସାରିଲେଣି। ପୁରୁଷ ଟିମ୍ ରିକର୍ଭ ଇଭେଣ୍ଟରେ ଶ୍ରବଣ ସ୍ୱର୍ଣ୍ଣ ପଦକ ହାସଲ କରି କିଟ୍ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ସୋନୀ ଗୁରୁବାର ଖେଳାଯାଇଥିବା ୨ଟି ମହିଳା ବିଭାଗ ରଗ୍‌ବୀ ମ୍ୟାଚ୍‌ରେ କିଟ୍‌କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ପଞ୍ଜାବ ଓ ମହାରାଷ୍ଟ୍ରର କେବିସି ବିଶ୍ୱବିଦ୍ୟାଳୟ ବିପକ୍ଷରେ ଯଥାକ୍ରମେ ୧୦ ଲେଖାଏ ସ୍କୋର କରିଥିଲେ।

ଏକ ଆଦିବାସୀ ପରିବାରରୁ ଆସିଥିବା ଏହି ଭାଇ-ଭଉଣୀ ଯୋଡ଼ି କିନ୍ତୁ କିସ୍‌କୁ ଆସିବା ପୂର୍ବରୁ ଶିକ୍ଷା ଓ କ୍ରୀଡ଼ା ବିଷୟରେ କୌଣସି ଧାରଣା ନ ଥିଲା। କିନ୍ତୁ ଯେତେବେଳେ ଉଭୟ କିସ୍‌ରେ ଯୋଗଦେଲେ ପଢ଼ା ସହିତ ଖେଳରେ ମଧ୍ୟ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇଲେ। ସମୟକ୍ରମେ ଶ୍ରବଣ ତୀରନ୍ଦାଜୀ ଓ ସୋନୀ ରଗ୍‌ବୀରେ ପରିଚୟ ସୃଷ୍ଟି କରିପାରିଥିଲେ। 'ମୁଁ ଯେତେବେଳେ କିସ୍‌ରେ ୭ମ ଶ୍ରେଣୀରେ ପଢୁଥିଲି ତୀରନ୍ଦାଜୀ ଖେଳିବା ଆରମ୍ଭ କରିଥିଲି। କିଟ୍ ଆମର ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରୁଥିବାରୁ ଏହା ଆମର ଏକ ଘର। ବର୍ଷକୁ କେବଳ ଖରାଛୁଟିରେ ହିଁ ଆମେ ଘରକୁ ଯାଇଥାଉ। ଜାତୀୟ ସିନିୟର ଦଳରୁ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ପ୍ରତିନିଧିତ୍ୱ କରିବା ମୋର ପରବର୍ତ୍ତୀ ଲକ୍ଷ୍ୟ' ବୋଲି ଶ୍ରବଣ କହିଛନ୍ତି। 'ଗାଁରେ ରହୁଥିବାବେଳେ ପାଠପଢ଼ା କି ଖେଳ ବିଷୟରେ ସୁଯୋଗ ମିଳୁ ନ ଥିଲା। ଆଦିବାସୀ ପିଲାଙ୍କ ପାଇଁ ଏକ ସ୍କୁଲ ଥିବା ଯେତେବେଳେ ମୋ ବାପା ଜାଣିବାକୁ ପାଇଲେ ସେ ଆମକୁ ଏଠାକୁ ଆଣିଥିଲେ। ୨୦୦୭ରେ ଆମ ଇନ୍‌ଷ୍ଟିଚ୍ୟୁଟ୍ ଯେତେବେଳେ ଲଣ୍ଡନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସ୍କୁଲ ରଗ୍‌ବୀରେ ଚାମ୍ପିୟନ ହୋଇଥିଲା ସେବେଠାରୁ ଏହି ଖେଳ ଖେଳିବା ପାଇଁ ମୋର ଆଗ୍ରହ ବଢ଼ିଥିଲା' ବୋଲି ୧୯ ବର୍ଷୀୟା ସୋନୀ କହିଛନ୍ତି। କ୍ରିକେଟ୍‌ରେ ସଚିନ ଯେଉଁଭଳି ପ୍ରସିଦ୍ଧ ହୋଇଛନ୍ତି ସେହିଭଳି ସଫଳତା ପାଇବାକୁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।

## ପୁଣେର ଶୀର୍ଷସ୍ଥାନ ଦୃଢ଼

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ଗୁରୁବାର ଆଉ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ପଦକ ତାଲିକାରେ ନିଜର ସ୍ଥାନକୁ ଦୃଢ଼ କରିଛି। ଭାରୋତ୍ତୋଳନ ଇଭେଣ୍ଟରେ ଏହି ଦଳର ମହେଶ ଦତ୍ତ, ପ୍ରଜକ୍ତ ରବୀନ୍ଦ୍ର ଖାଲକର ଏବଂ କୁସ୍ତିରେ ଜ୍ୟୋତିବା ବଜରଙ୍ଗ ଆଟକାଲେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ବେଙ୍ଗାଲୁରୁର ଜୈନ ବିଶ୍ୱବିଦ୍ୟାଳୟ ୮ ସ୍ୱର୍ଣ୍ଣରେ ସ୍ଥିର ଅଛନ୍ତି। ତେଣୁ ଏହି ଦୁଇ ବିଶ୍ୱବିଦ୍ୟାଳୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅମୃତସରର ଗୁରୁ ନାନକଦେବ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଶୀର୍ଷ ୫ ମଧ୍ୟରେ ସ୍ଥାନ ପାଇ ସଂଘର୍ଷ ଜାରି ରଖିଛନ୍ତି।

**ପଦକ ତାଲିକା (ଟପ୍-୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁଣେ | ୧୩ | ୫ | ୬ | ୨୪ |
| ପଞ୍ଜାବ | ୮ | ୧୧ | ୭ | ୨୬ |
| ଜୈନ | ୮ | ୬ | ୨ | ୧୬ |
| ଗୁରୁ ନାନକ ଦେବ | ୬ | ୧ | ୫ | ୧୨ |
| ମୁମ୍ବାଇ | ୫ | ୬ | ୬ | ୧୭ |
| ଏମଡିୟୁ | ୫ | ୩ | ୨ | ୧୦ |
| ପଞ୍ଜାବୀ | ୪ | ୫ | ୭ | ୧୬ |
| ଦିଲ୍ଲୀ | ୪ | ୫ | ୬ | ୧୫ |
| ରାଜୀବ ଗାନ୍ଧୀ | ୩ | ୨ | ୧ | ୬ |
| ବୀର ନର୍ମାଦ | ୨ | ୬ | ୩ | ୧୧ |
| କିଟ୍ | ୧ | ୧ | ୧ | ୩ |
| ବ୍ରହ୍ମପୁର | ୧ | ୧ | ୦ | ୨ |

## 'ଏଚ୍‌ପିସିରେ ମୋର ବହୁତ ଉନ୍ନତି ହୋଇଛି'

ଭୁବନେଶ୍ୱର, ୨୭।୨ (ସ୍ପୋର୍ଟ୍ସ ବ୍ୟୁରୋ)- ଓଡ଼ିଶା ଭାରୋତ୍ତୋଳନ ହାଇ-ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ପ୍ରତିଷ୍ଠା ହେବାର ଗୋଟିଏ ବର୍ଷ ହୋଇ ନ ଥିବାବେଳେ ଏହାର ପ୍ରଶିକ୍ଷାର୍ଥୀ କୁମ୍ଭେଶ୍ୱର ମଲିକ ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି କୁମ୍ଭେଶ୍ୱର ୫୫ କିଗ୍ରା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୯ଟି ହାଇ ପରଫର୍ମାନ୍ସ ସେଣ୍ଟର କାର୍ଯ୍ୟ କରୁଥିବାବେଳେ କ୍ରିକେଟର୍ ଅନିଲ କୁମ୍ବଲେଙ୍କ ସଂସ୍ଥା ଟେନ୍‌ଭିକ ଅନ୍ୟତମ। କେଜେଏସ୍ ଆଲୁଓ୍ୱାଲିଆ ଗ୍ରୁପ୍ ଏହାର ପ୍ରାୟୋଜକ ରହିଛି। କିଟ୍ କ୍ୟାମ୍ପସ ପରିସରରେ ରହିଥିବା ସେଣ୍ଟରରେ ୧୮ ବାଳିକା ଓ ୧୭ ବାଳକ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ବ୍ରିଟିଶ କୋଚ୍ କାଜେମ ପଞ୍ଜାଭୀ ଏହି ସେଣ୍ଟର କୋଚ୍ ଦାୟିତ୍ୱରେ ରହିଛନ୍ତି। 'ଗତ ୫ ମାସ ପୂର୍ବେ ମୁଁ ହାଇପର୍‌ଫରମାନ୍ସ ସେଣ୍ଟରରେ ଟ୍ରେନିଂ କରିବା ଆରମ୍ଭ କରିଥିଲି। ଏହି ସମୟ ମଧ୍ୟରେ ମୋର ବହୁତ ଉନ୍ନତି ହୋଇଛି। ମୋ ଟେକ୍‌ନିକରେ ପରିବର୍ତ୍ତନ ଆଣିଛି, ଯାହାକି ମୋତେ ଭଲ ଅନୁଭବ ଦେଇଛି। ସେହିଭଳି ମୋ ଡାଏଟ୍‌ରେ ମଧ୍ୟ ପରିବର୍ତ୍ତନ ହୋଇଛି। ଜଣେ ପ୍ରଫେଶନାଲ କୋଚ୍‌ଙ୍କ ତତ୍ତ୍ୱାବଧାନରେ କୋଚିଂ ନେଉଛି। ମୋର ପ୍ରଥମ ପଦକ ଜିତି ସାରିଥିବାରୁ ଏହା ମୋତେ ବହୁତ ଆନନ୍ଦ ଦେଇଛି' ବୋଲି କୁମ୍ଭେଶ୍ୱର କହିଛନ୍ତି।



କୋଚ୍ କାଜେମ ପଞ୍ଜାଭୀ (ଡାହାଣ)ଙ୍କ ସହ କୁମ୍ଭେଶ୍ୱର ମଲିକ



ସହିଦ ନଗର ଇନ୍‌ଡୋର ହଲରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା କୁସ୍ତି ପ୍ରତିଯୋଗିତାର ଏକ ମୁହୂର୍ତ୍ତ।

## ଆରମ୍ଭ ହେଲା ଟିଟି ଇଭେଣ୍ଟ

କଟକ ଅଫିସ,୨୭।୨- ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଟେବୁଲ ଟେନିସ୍ ଇଭେଣ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପୁରୁଷ ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ରେ କଲିକତା ବିଶ୍ୱବିଦ୍ୟାଳୟ ୩-୦ ସେଟରେ ରାଜା ଗଙ୍ଗ ସିଂ ବିଶ୍ୱବିଦ୍ୟାଳୟକୁ, ଓସମାନିଆ ୩-୧ ସେଟରେ ଦିଲ୍ଲୀକୁ, ମାଡ୍ରାସ ୩-୦ ସେଟରେ ମିଜୋରାମ ଓ ଚିତ୍କାର ବିଶ୍ୱବିଦ୍ୟାଳୟ ୩-୦ ସେଟରେ ସାବିତ୍ରୀ ବାଇ ଫୁଲେ ବିଶ୍ୱବିଦ୍ୟାଳୟକୁ ହରାଇଛି। ସେହିପରି ମହିଳା ବର୍ଗରେ ପଞ୍ଜାବ ୩-୦ ସେଟରେ କର୍ନାଟକ, ନର୍ଥବେଙ୍ଗଲ ୩-୦ ସେଟରେ ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟକୁ, ବଦର୍‌ଓାନ ୩-୧ ସେଟରେ କୁରୁକ୍ଷେତ୍ର, ଏସ୍‌ଆର୍‌ଏମ ୩-୧ ସେଟରେ ରାଜା କ୍ରୀଷ୍ଣକୁମାର ସିଂଜୀ, କାଲିକଟ ୩-୧ ସେଟରେ ପଞ୍ଜାବୀ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟ ୩-୧ସେଟରେ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟକୁ ହରାଇଛି।



## ସଂକ୍ଷେପରେ

### ନିଲାମ ହେବ ବ୍ରାଏଣ୍ଟଙ୍କ ଜର୍ସି

ନ୍ୟୁୟର୍କ, ୨୭।୨ (ଏପି): କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାଏଣ୍ଟଙ୍କ କେତୋଟି ପ୍ରମୁଖ ସ୍ମାରକୀ ନିଲାମ ହେବ। ତନ୍ମଧ୍ୟରେ ତାଙ୍କର ଦୁଇଟି ଲସ୍ ଏଞ୍ଜେଲ୍ସ ଲେକର୍ସ ୟୁନିଫର୍ମ, ଗ୍ରାଉମାନ୍ସ ଚାଇନିଜ ଥିଏଟର ହଲ୍ ଅଫ୍ ଫେମ୍ ଗ୍ୟାଲେରୀରେ ସ୍ଥାନ ପାଇବା ବେଳର ସିମେଣ୍ଟ ହ୍ୟାଣ୍ଡପ୍ରିଣ୍ଟ୍ ଅନ୍ୟତମ। ଏସବୁର ନିଲାମ ଏପ୍ରିଲ ୩୦ରେ ହେବ ବୋଲି ନିଲାମକାରୀ ଜୁଲିଏନ୍ସ ଅକ୍ସନ୍ସ ତରଫରୁ ସୂଚନା ଦିଆଯାଇଛି। ସଂସ୍ଥା ତରଫରୁ ପ୍ରତିବର୍ଷ ବିଭିନ୍ନ କ୍ରୀଡ଼ାସ୍ମାରକୀ ନିଲାମ କରାଯାଇଥାଏ। ଏଥର ନିଲାମୀରେ ୧୯୮୪ ଲସ୍‌ଏଞ୍ଜେଲ୍ସ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ଏକ ରୌପ୍ୟ ପଦକ ଏବଂ ୨୦୦୨ ଫିଫା ବିଶ୍ୱକପ୍ ସ୍ୱର୍ଣ୍ଣ ବିଜେତାଙ୍କ ଏକ ପଦକ ସ୍ଥାନ ପାଇଛି। ଜାନୁୟାରୀ ୨୬ରେ ଏକ ହେଲିକପ୍ଟର ଦୁର୍ଘଟଣାରେ ବ୍ରାଏଣ୍ଟ , ତାଙ୍କ ଝିଅ ଗାଏନା ଏବଂ ଅନ୍ୟ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ବ୍ରାଏଣ୍ଟଙ୍କ କିଛି ସ୍ମାରକୀ ନିଲାମ ପାଇଁ ଯୋଜନା ହୋଇଥିଲା। ବ୍ରାଏଣ୍ଟଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହା କରାଯାଉଛି ବୋଲି ଜୁଲିଏନ୍ସ ଅକ୍ସନ୍ସର ସଭାପତି ତଥା ସୁଇଓ ଡାରେନ ଜୁଲିଏନ୍ ପ୍ରକାଶ କରିଛନ୍ତି। ଯେଉଁ ୟୁନିଫର୍ମଗୁଡ଼ିକ ନିଲାମ ହେବ ତନ୍ମଧ୍ୟରୁ ଗୋଟିଏ ସେ ୨୦୦୦ ଏନ୍‌ବିଏ ଫାଇନାଲ୍ସରେ ପରିଧାନ କରିଥିଲେ। ସେଥିରେ ତାଙ୍କର ଓରିଜିନାଲ ନମ୍ବର ୮ ଲେଖା ଥିଲା। ସେଦିନ ୱିଲ୍ଟ ଚାମ୍ବରଲେନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେ ବ୍ୟବହାର କରିଥିବା ଏକ କଳା ଆର୍ମ ବ୍ୟାଣ୍ଡ୍‌ଟିର ମଧ୍ୟ ବିକ୍ରି ହେବ।



❝ ଆସନ୍ତା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସରେ ସ୍ଥାନ ପାଇଥିବା ଘରୋଇ କ୍ରିକେଟରମାନେ ବିଶେଷ ଭୂମିକା ଗ୍ରହଣ କରିବେ ବୋଲି ଆଶା ।

–ମୋହିତ ଶର୍ମା, ମିଡିୟମ ପେସ୍ ବୋଲର



❝ ଚଳିତ ଆଇସିସି ଟି୨୦ ବିଶ୍ୱକପ୍‌ରେ ଯଦି ଆମେ ଛୋଟମୋଟ ତ୍ରୁଟିକୁ ନ ସୁଧାରିବା ତେବେ ଆଗକୁ ମ୍ୟାଚ ଜିତିବା ସହଜ ହେବନି।

–ହରମନପ୍ରୀତ କୌର, ଭାରତୀୟ ମହିଳା କ୍ରିକେଟ ଅଧିନାୟିକା

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

# ନ୍ୟୁଜିଲାଣ୍ଡକୁ ହରାଇ ସେମିରେ ଭାରତ



ଶେଫାଳି ବର୍ମା

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ: ୨୦ ଓଭରରେ ୧୩୩/୮(ଶେଫାଳି ବର୍ମା–୪୬, ତାନିୟା ଭାଟିଆ–୨୩, ଆମେଲି କେର୍ –୨/୨୧, ରୋଜମେରି ମେର୍– ୨/୨୭)।
ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୩୦/୬ (ଆମେଲି କେର୍– ୩୪*, କାଟି ମାର୍ଟିନ–୨୫, ମାଡି ଗ୍ରୀନ୍–୨୪, ଶିଖା ପାଣ୍ଡେ–୧/୨୧, ରାଜେଶ୍ୱରୀ ଗାଏକ୍ୱାଡ– ୧/୨୨)।

ମେଲବୋର୍ନ, ୨୭।୨

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଓପନର ଶେଫାଳି ବର୍ମାଙ୍କ ବିସ୍ଫୋରକ ୪୬ ଓ ବୋଲରଙ୍କ ମାପଚୁପ ବୋଲିଂ ଯୋଗୁ ଏକ ରୋମାଞ୍ଚଭରା ମ୍ୟାଚ୍‌ରେ ଭାରତୀୟ ଦଳ ୩ ରନ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଭାରତୀୟ ଦଳ ପକ୍ଷରୁ ଧାର୍ଯ୍ୟ ୧୩୪ ରନ୍‌ର ଟାର୍ଗେଟ ଆଗରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ନ୍ୟୁଜିଲାଣ୍ଡ ୬ ଉଇକେଟ ହରାଇ ୧୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଭାରତୀୟ ଦଳ ପାଇଁ ସର୍ବାଧିକ ରନ୍ କରିଥିବା ଶେଫାଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଭାରତୀୟ ଦଳ ଗ୍ରୁପ୍ ଏ'ରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍‌ରେ ଆୟୋଜକ ଅଷ୍ଟ୍ରେଲିଆ ଓ ବାଂଲାଦେଶକୁ ହରାଇଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ। ଇନିଂସର ତୃତୀୟ ଓଭରରେ ହିଁ ଗତ ମ୍ୟାଚ୍‌ରେ ଅସୁସ୍ଥତା ଯୋଗୁ ଖେଳି ନ ଥିବା ସ୍ମୃତି ମନ୍ଧାନା (୧୧) ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଶେଫାଳି ଓ ତାନିୟା ଭାଟିଆ (୨୩) ଦ୍ୱିତୀୟ ଉଇକେଟ ପାଇଁ ଦଳୀୟ ସ୍କୋରରେ ୫୧ ରନ୍ ଯୋଡ଼ିଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଆରମ୍ଭ କରିଥିଲା। ଦଶମ ଓଭରରେ ତାନିୟା ଓ ଦ୍ୱାଦଶ ଓଭରରେ ଜେମିମା ରୋଡ୍ରିଗୁଏଜ (୧୦) ଆଉଟ୍ ହୋଇଥିଲେ। ଅଧିନାୟିକା ହରମନପ୍ରୀତ (୧) ମଧ୍ୟ ବିଫଳ ହୋଇଥିଲେ। ଦଶମ ଓଭରରେ ଜୀବନ ଦାନ ପାଇଥିବା ଶେଫାଳି (୪୬) ଏକ୍ସଟ୍ରା କଭର ଅଞ୍ଚଳରେ ଧରା ପଡ଼ିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୩ ଛକା ସାମିଲ ଥିଲା। ବାମହାତୀ ବ୍ୟାଟ୍ସଓମେନ ଦୀପ୍ତି (୮) ଓ ବେଦ କ୍ରିଷ୍ଣମୂର୍ତ୍ତି (୬) ଦଳୀୟ ସ୍କୋରକୁ ୧୦୦ ରନ୍‌ରେ ପହଞ୍ଚାଇବା ପରେ ଆଉଟ୍ ହୋଇଥିଲେ। ରାଧା ଯାଦବ ୯ ବଲରେ ଗୋଟିଏ ଛକା ସାହାଯ୍ୟରେ ୧୪ ରନ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ୍ କରିଥିଲା। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ରୋଜମେରି ମେର ଓ ଆମେଲି କେର ୨ଉଇକେଟ ହାତେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଓଭରରେ ସ୍ପିନର ଦୀପ୍ତି ଶର୍ମାଙ୍କଠାରୁ ୧୨ ରନ୍ ଆଦାୟ କରିଥିଲା। ମାତ୍ର ଦ୍ୱିତୀୟ ଓଭରରେ ଅଭିଜ୍ଞ ଶିଖା ପାଣ୍ଡେ ଭାରତୀୟ ଦଳ ଲାଗି ପ୍ରଥମ ସଫଳତା ଆଣିଥିଲେ। ସେ ରିଚେଲ ପ୍ରିଷ୍ଟ (୧୨)ଙ୍କୁ ଆଉଟ୍ କରିଥିଲେ। ଇନିଂସର ୬ଷ୍ଠ ଓଭରରେ ଦୀପ୍ତି ସୁଜି ବାଟେଙ୍କୁ କ୍ଲିନ ବୋଲ୍ଡ କରି ପ୍ୟାଭିଲିଅନ ବାଟ ଦେଖାଇଥିଲେ। ଏହାପରେ ସ୍ପିନର ପୁନମ ଓ ରାଧା ଯାଦବ କଞ୍ଜୁସ ବୋଲିଂ କରି ନ୍ୟୁଜିଲାଣ୍ଡ ଉପରେ ଚାପ ପକାଇଥିଲେ। ଚାପର ସମ୍ମୁଖୀନ ହୋଇ ନ ପାରି ପ୍ରତିପକ୍ଷ ଦଳର ଅଧିନାୟିକା ସୋଫି ଡେଭିନ (୧୪) ଆଉଟ୍ ହୋଇଥିଲେ। ମାଡି ଗ୍ରୀନ୍ ୨୪ ଓ କାଟେ ମାର୍ଟିନ ୨୫ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ଦଳକୁ ଜିତିବା ପାଇଁ ଅନ୍ତିମ ୨ ଓଭରରେ ୩୪ ରନ୍ ଦରକାର ଥିଲା। ୧୯ତମ ଓଭରରେ ପୁନମଙ୍କୁ ଆମେଲି କେର୍ ଏକ ଡବଲ ରନ୍ ସହ ୪ଟି ଚୌକା ମାରିଥିଲେ। ଏଣୁ ଅନ୍ତିମ ଓଭରରେ ଦଳକୁ ୧୬ ରନ୍ ଆବଶ୍ୟକ ଥାଏ। ଶିଖା ପାଣ୍ଡେ ଓଭରରେ କେର୍ ଓ ହେଲି ଜେନସେନ ଗୋଟିଏ ଲେଖାଏ ଚୌକା ମାରିବା ସତ୍ତ୍ୱେ ମ୍ୟାଚ୍ ଭାରତ ହାତରୁ ଛଡ଼ାଇ ନେଇଥିଲା। ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭର ଖେଳି ୬ ଉଇକେଟ ହରାଇ ୧୩୦ ରନ୍ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୀପ୍ତି ଶର୍ମା, ଶିଖା ପାଣ୍ଡେ, ରାଜେଶ୍ୱରୀ ଗାଏକ୍ୱାଡ, ପୁନମ ଯାଦବ ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ଓଡ଼ିଶା ସିନିୟର ହ୍ୟାଣ୍ଡବଲ ଦଳରେ ଆର୍ଯ୍ୟନ



ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଉଦୀୟମାନ ହ୍ୟାଣ୍ଡବଲ ପ୍ରତିଭା ଆର୍ଯ୍ୟନ ବ୍ରାହ୍ମିନ ଜୁନିୟର ସ୍ତରରେ ଚମତ୍କାର ପ୍ରଦର୍ଶନର ପୁରସ୍କାର ପାଇଛନ୍ତି। ତାଙ୍କୁ ଓଡ଼ିଶା ସିନିୟର ହ୍ୟାଣ୍ଡବଲ ଦଳରେ ସାମିଲ କରାଯାଇଛି। ଚଳିତମାସ ୨୯ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ବିହାରରେ ହେବାକୁଥିବା ପୂର୍ବାଞ୍ଚଳ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ସିନିୟର ଦଳରୁ ପ୍ରତିନିଧିତ୍ୱ କରିବେ। ଗୁରୁବାର ଆର୍ଯ୍ୟନ କଟକରୁ ଓଡ଼ିଶା ଦଳ ସହ ବିହାର ଯାତ୍ରା କରିଛନ୍ତି। ଅପର୍ଣ୍ଣା ଓ ଗୌରୀ ଶଙ୍କର ମିଶ୍ରଙ୍କ ପୁତ୍ର ଆର୍ଯ୍ୟନ ୨୦୧୫ରୁ ଜାତୀୟ ସବ୍‌ଜୁନିୟର ଓ ଜୁନିୟର ଦଳରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ଏହା ବ୍ୟତୀତ ୨୦୧୮ରୁ ଜୁନିୟର ସ୍ତରରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୨୦୦୪ ମାର୍ଚ୍ଚ ୧୦ରେ ଜନ୍ମିତ ଆର୍ଯ୍ୟନ ପ୍ରଥମଥରପାଇଁ ସିନିୟର ଦଳରେ ଖେଳିବାର ସୁଯୋଗ ପାଇଛନ୍ତି।

## ୱାର୍ନର ସନରାଇଜର୍ସ ଅଧିନାୟକ

ମୁମ୍ବାଇ, ୨୭।୨



ଆଇପିଏଲ୍ ଫ୍ରାଞ୍ଚାଇଜ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱରେ ପରିବର୍ତ୍ତନ କରିଛି। ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କୁ ହଟାଇ ଅଷ୍ଟ୍ରେଲିଆନ ଓପନର ଡେଭିଡ୍ ୱାର୍ନରଙ୍କୁ ପୁଣିଥରେ ଦଳର ଅଧିନାୟକ ଦାୟିତ୍ୱ ଦେଇଛି। ତାଙ୍କ ନେତୃତ୍ୱରେ ଦଳ ୨୦୧୬ ସଂସ୍କରଣରେ ଆଇପିଏଲ ଚାମ୍ପିୟନ ହୋଇଥିଲା। ବଲ ଟାମ୍ପରିଂ ପାଇଁ ବାସନ୍ଦ ହେବାରୁ ସେ ୨୦୧୮ ସିଜନରେ ଖେଳିପାରି ନ ଥିଲେ। ସେ ଗତବର୍ଷ ଆଇପିଏଲକୁ ଫେରିଥିଲେ। କିନ୍ତୁ ୱିଲିୟମସନ ଦଳର ପ୍ରଥମ ପସନ୍ଦ ଅଧିନାୟକ ଥିଲେ। ଭୁବନେଶ୍ୱର କୁମାର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଆଇପିଏଲ ୨୦୨୦ ପାଇଁ ମୋତେ ଅଧିନାୟକ ହେବାର ଗୁରୁଦାୟିତ୍ୱ ମିଳିଥିବାରୁ ମୁଁ ଉତ୍ସାହିତ। ପୁଣି ଥରେ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ଗତ ଦୁଇ ବର୍ଷ ହେଲା ଦଳକୁ ସମ୍ଭାଳୁଥିବାରୁ ଭୁବି ଓ ୱିଲିୟମସନଙ୍କୁ ଧନ୍ୟବାଦ ଦେଉଛି। ଚଳିତବର୍ଷ ଆଇପିଏଲ ଟ୍ରଫି ହାତେଇବା ଲାଗି ମୁଁ ଯଥା ସାମର୍ଥ୍ୟ ଉଦ୍ୟମ କରିବି ବୋଲି ୱାର୍ନର କହିଛନ୍ତି। ଫ୍ରାଞ୍ଚାଇଜ ସହ ୨୦୧୪ରେ ଯୋଡ଼ିହେବା ପରଠାରୁ ୱାର୍ନର ଭଲ ପ୍ରଦର୍ଶନ କରିଆସୁଛନ୍ତି। ସେବେଠାରୁ ବାମହାତୀ ଅଷ୍ଟ୍ରେଲିଆନ ଓପନର ୨୦୧୫, ୨୦୧୭ ଓ ୨୦୧୯ରେ ଅରେଞ୍ଜ କ୍ୟାପ ଅଧିକାର କରିଛନ୍ତି। ସେ ୧୨୬ ମ୍ୟାଚ୍ ଖେଳି ୪୭୦୬ ରନ୍ ସହ ଆଇପିଏଲରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ବିରାଟ କୋହଲି, ସୁରେଶ ରାଇନା ଓ ରୋହିତ ଶର୍ମା ଟପ୍ ୩ରେ ରହିଛନ୍ତି। ସନରାଇଜର୍ସ ଦଳ ଏପ୍ରିଲ ୧ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଆଇପିଏଲ ଅଭିଯାନ ଆରମ୍ଭ କରିବ।

## ସୋଲାର ଫାଇନାଲରେ




ତନ୍ମୟ ମହାନ୍ତିଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ବିଜେବି କଲେଜ ପଡ଼ିଆରେ ଚାଲିଥିବା ନବ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ସୋଲାର କ୍ରିକେଟ କ୍ଲବ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୋଲାର ୬ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାରାମାଉଣ୍ଟ ୨୦ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରିଥିଲା। ଟପ୍ ଅର୍ଡର ଫେଲ୍ ମାରିବାପରେ ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୨୭ ଓ ଆୟୁଷ ଚୌଧୁରୀ ୨୫ ରନ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଦୀପ ଦାଶ ୨ଟି ଏବଂ ତନ୍ମୟ ମହାନ୍ତି ଓ ଓମ୍ ପ୍ରକାଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋଲାର ୧୨.୪ ଓଭରରେ ୪ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ନେଇଥିଲା। ତନ୍ମୟ ମହାନ୍ତି ୨୮ ବଲ୍‌ରୁ ୪୬ ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପାରାମାଉଣ୍ଟର ପି.ସୁମିତୋଷ ଓ ମିନାଲ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଶାନ୍ତ ଦାଶ ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସେକ୍ କୁତବୁଦ୍ଦିନ ସ୍କୋରର ଥିଲେ। ଅନ୍ୟ ଏକ ଲିଗ୍ ମ୍ୟାଚରେ ସ୍କାନ ୪ ଉଇକେଟରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୧୫ ଓଭରରେ ୫ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ସ୍କାନ ୧୨.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ସର୍ବାଧିକ ୩୬ ରନ କରିଥିବା ଆଲୋକ ସେଠୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।

### ଶ୍ରୀଲଙ୍କା ବିଜୟୀ

ହମ୍ବାଟୋଟା, ୨୭।୨– ସ୍ଥାନୀୟ ମହିନ୍ଦ୍ରା ରାଜପାକ୍‌ସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ୧୬୧ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଅଭିଷ୍କା ଫର୍ନାଣ୍ଡୋ (୧୨୭) ଓ କୁଶଲ ମେଣ୍ଡିସ (୧୧୯)ଙ୍କ ଶତକ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୩୪୫ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୯.୧ ଓଭରରେ ୧୮୪ ରନରେ ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ ଶ୍ରୀଲଙ୍କା ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ ୨–୦ରେ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଦିନିକିଆକୁ ମଧ୍ୟ ଶ୍ରୀଲଙ୍କା ୧ ଉଇକେଟ୍‌ରେ ଜିତିଥିଲା। ସିରିଜର ଅନ୍ତିମ ମ୍ୟାଚ୍ ରବିବାର ଖେଳାଯିବ।

## ଭାରତୀୟ ଫୁଟବଲ କ୍ୟାମ୍ପରେ ଶୁଭମ୍

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)




ନିଜ ଲକ୍ଷ୍ୟପଥରେ କ୍ରମେ ଆଗକୁ ବଢୁଛନ୍ତି ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଓଡ଼ିଆ ତାରକା ଶୁଭମ୍ ଷଡ଼ଙ୍ଗୀ। ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପ୍ରତି ଖେଳାଳିଙ୍କ ଅଭିଳାଷ ରହିଥାଏ। ଏଥିରେ ଶୁଭମ୍ ମଧ୍ୟ ବ୍ୟତିକ୍ରମ ନୁହନ୍ତି। ଜାତୀୟ ଦଳ ପକ୍ଷରୁ ଖେଳିବା ତାଙ୍କର ସ୍ୱପ୍ନ ବୋଲି ପୂର୍ବରୁ ସେ ପ୍ରକାଶ କରିସାରିଛନ୍ତି। ଏହି ଦିଗରେ ଏବେ ଗୋଟିଏ ପାଦ ଆଗେଇଛନ୍ତି ପ୍ରତିଭାସମ୍ପନ୍ନ ଶୁଭମ୍। ଆଗାମୀ କାତାର ବିପକ୍ଷ ଫିଫା ୨୦୨୨ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପାଇଁ ଶୁଭମଙ୍କୁ ଭାରତୀୟ କ୍ୟାମ୍ପରେ ସାମିଲ କରାଯାଇଛି। ଭାରତ–କାତାର ମ୍ୟାଚ ମାର୍ଚ୍ଚ ୨୬ରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ତା' ପୂର୍ବରୁ ୨୩ ଖେଳାଳିଙ୍କୁ ନେଇ ୧୮ ଦିନିଆ ଜାତୀୟ କ୍ୟାମ୍ପ ସେହି ଭୁବନେଶ୍ୱରରେ ହିଁ ମାର୍ଚ୍ଚ ୯ରୁ ଆରମ୍ଭ ହେବ। ଏହି କ୍ୟାମ୍ପ ପାଇଁ ଶୁଭମଙ୍କ ସମେତ ୧୧ ଖେଳାଳି ପ୍ରଥମଥର ପାଇଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଲାଲେଙ୍ଗମାୱିଆ, ଜେରି ମାୱିମିଙ୍ଗଥାଙ୍ଗା, ଜ୍ୟାକସନ ସିଂ, ଲିଷ୍ଟନ କୋଲାକୋ, ପ୍ରତୀକ ଚୌଧାରୀ, ରଫିକ୍ ଅଲୀ ସର୍ଦ୍ଦାର, ପ୍ରଭସୁଖାନ ଗିଲ, ସୁମିତ ରାଠି, ସେରିଟନ ଫର୍ନାଣ୍ଡିଜ ଓ ଏଡଓ୍ୱିନ ସିଡ୍‌ନୀ ଭାନ୍ସପଲ। ଆଇଏସଏଲ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୪ ଦଳର ୨୦ ଖେଳାଳି ମାର୍ଚ୍ଚ ୧୬ରୁ କ୍ୟାମ୍ପରେ ଯୋଗଦେବେ। ବାଲେଶ୍ୱର ସୋରୋ ଅଞ୍ଚଳର ଅନୀତା ଓ ପ୍ରୀତିକାନ୍ତ ଷଡ଼ଙ୍ଗୀଙ୍କ ପୁତ୍ର ଶୁଭମ୍ ବାପାଙ୍କ କର୍ମସଂସ୍ଥାନ ଯୋଗୁ ପିଲାଦିନରୁ ବାହାର ପରିବେଶରେ ବଢ଼ିଆସିଛନ୍ତି। ଆଇଏସଏଲରେ ପୂର୍ବରୁ ଦିଲ୍ଲୀ ଡାଇନାମସ ପକ୍ଷରୁ ଖେଳିଆସୁଥିବା ଏହି ଫୁଟବଲ ପ୍ରତିଭା ଚଳିତ ସିଜନରେ ଓଡ଼ିଶା ଏଫସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୂରା ସିଜନରେ ସେ ଚମତ୍କାର ଖେଳିଥିଲେ। ତା'ର ପୁରସ୍କାର ସ୍ୱରୂପ ତାଙ୍କୁ ଜାତୀୟ କ୍ୟାମ୍ପକୁ ଡାକରା ମିଳିଛି।

## ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ୩ରୁ

ଭୁବନେଶ୍ୱର, ୨୭।୨(ସ୍ପୋର୍ଟ୍ସ ବ୍ୟୁରୋ)

୨୫ତମ ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ମାର୍ଚ୍ଚ ୩ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ। ଏଥିରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୪୭୧ଜଣ କର୍ମଚାରୀ ୨୩ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାଗୁଡ଼ିକ କିଟ୍, କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗୀମାନଙ୍କ ଯାତାୟାତ, ରହଣି ଏବଂ ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇଛି। ଏହାର ସୁପରିଚାଳନା ଲାଗି ୧୬ଟି କମିଟି ଗଠନ କରାଯାଇଛି। ଓଡ଼ିଶା ଦ୍ୱିତୀୟ ଥର ଲାଗି ଏହି ପ୍ରତିଯୋଗିତାର ଆୟୋଜନ କରିବାକୁ ଯାଉଛି।

## ୫ ବୋଲରଙ୍କୁ ଖେଳାଇବା ଆବଶ୍ୟକ

**ଗୌତମ୍ ଗମ୍ଭୀର**

କ୍ରୀଡ଼ା ହେଉଛି ଏକ ବିରଳ ପେସା ଯେଉଁଥିରେ ମଣିଷର ସବୁ ପ୍ରକାର ଭାବପ୍ରବଣତା ଦେଖିବାକୁ ମିଳିଥାଏ। ସୁଖ ଓ ଦୁଃଖକୁ ମଣିଷ କ୍ରୀଡ଼ାରେ ଲୁଚାଇ ରଖିପାରେନାହିଁ। ଏହି ଦୁଇଟି ଜିନିଷ କ୍ଷେତ୍ର ପ୍ରସ୍ତୁତ କରିଥାଏ। ବାକି ସବୁ ଯାହା ନାଟକର ଏକ ଅଂଶ ସ୍ୱରୂପ ହୋଇଥାଏ। ମଣିଷର ଭାବପ୍ରବଣତା ପଢ଼ିବାରେ ମୁଁ ଜଣେ ବିଶେଷଜ୍ଞ ନୁହଁ। ତେବେ କ୍ରୀଡ଼ାବିତ୍ ହିସାବରେ ମଣିଷର ସବୁପ୍ରକାର ଭାବ ପ୍ରବଣତା ସହିତ ମୁଁ ଜଡ଼ିତ ରହିଆସିଛି। ମୋର କେତେଜଣ ବନ୍ଧୁ ଭୟଭୀତ ହେବା ସହ ରାଗିଯାଇଥାନ୍ତି। ତେବେ ରାଗ କିପରି ଜଣେ କ୍ରୀଡ଼ାବିତଙ୍କ ପ୍ରଦର୍ଶନକୁ ଉପରକୁ ଉଠାଇଥାଏ ସେ ବିଷୟରେ ଆଲୋଚନା କରିବି।

୨୦୦୮ରେ ରଣଜୀ ଟ୍ରଫି ଫାଇନାଲରେ ଦିଲ୍ଲୀର ନେତୃତ୍ୱ ନେଉଥିଲି। ମୁମ୍ବାଇରେ ଉତ୍ତରପ୍ରଦେଶ ବିପକ୍ଷରେ ଫାଇନାଲ ଖେଳାଯାଉଥିଲା। ପ୍ରଥମ ଇନିଂସରେ ମୁଁ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲି। ସେତେବେଳେ ଟେକ୍‌ନିକ୍ ଓ ଟେମ୍ପରାମେଣ୍ଟ ନେଇ ପ୍ରବଳ ସମାଲୋଚନାର ଶିକାର ହୋଇଥିଲି। ରଣଜୀ ଟ୍ରଫି ଜିତିବା ନେଇ ପିଲାଟି ବେଳୁ ମୋର ସ୍ୱପ୍ନ ଥିଲା। ଜଣେ ଜାତୀୟ ଚୟନକର୍ତ୍ତା ମଧ୍ୟ ମୋତେ କଡ଼ା ସମାଲୋଚନା କରିବାକୁ ପଛାଇ ନ ଥିଲେ। ସେତେବେଳେ ଭାରି ରାଗିଯାଇଥିଲି। ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିଲି ଓ ଦିଲ୍ଲୀ ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିଲା। ଏଠାରେ ରାଗ କାମରେ ଆସିଥିଲା। ଏହି ମ୍ୟାଚ୍‌ରେ ନିରାଶ, ଦୁଃଖ, ରାଗ, ବିଜୟ ଓ ଆନନ୍ଦ ସବୁ ପ୍ରକାର ଭାବପ୍ରବଣତାର ସମ୍ମୁଖୀନ ହୋଇଥିଲି।

ଏବେ ଅଧିନାୟକ ବିରାଟ କୋହଲି ମଧ୍ୟ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ୨୦୧୯ ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ଭାରତ ଦିନିକିଆ ସିରିଜରେ ପ୍ରତିଶୋଧ ନେବ ବୋଲି ଚର୍ଚ୍ଚା ହେଉଥିଲା। ନ୍ୟୁଜିଲାଣ୍ଡ ଖେଳାଳିମାନେ ଏତେ ଭଲ ଯେ, ପ୍ରତିଶୋଧ କଥା ଚିନ୍ତା କରିହେବ ନାହିଁ ବୋଲି କୋହଲି କହିଥିଲେ। କିନ୍ତୁ କଥା ଅଲଗା ହୋଇଥିଲା। ତେବେ ସେ ପ୍ରତ୍ୟାବର୍ତ୍ତନ କରି ଆଗକୁ ନିଜ ଦକ୍ଷତା ଓ ଖ୍ୟାତି ଅନୁରୂପ ଖେଳିବେ।

କ୍ରିକେଟ ଓ ବାସ୍ତବିକତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କୋହଲି ୫ଜଣ ବୋଲରଙ୍କୁ ଖେଳାଇବା ଉଚିତ୍ ହେବ। ଉଇକେଟ ଫ୍ଲାଟ ହେଉ କିମ୍ବା ସବୁଜ ହେଉ କୋହଲି ହନୁମା ବିହାରୀଙ୍କ ବଦଳରେ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବା ଉଚିତ ହେବ। ଯୁବ ଓପନର ପୃଥ୍ୱୀ ଶ ଓ ତାଙ୍କ ବ୍ୟାଟିଂ ଟେକ୍‌ନିକ୍ ବିଷୟରେ ବେଶ୍ ଆଲୋଚନା ହେଉଛି। ପୃଥ୍ୱୀଙ୍କ ପ୍ରତିଭା ଉପରେ ଭରସା ରଖିବା ଉଚିତ୍। ସେ ଆଗକୁ ଭାରତ ପାଇଁ ଦୀର୍ଘ ବର୍ଷ ଖେଳିବାର ସମ୍ଭାବନା ରହିଛି। ଆଗକୁ ଭାରତ ଭଲ ପ୍ରଦର୍ଶନ କରିବ ଓ ସମାଲୋଚକଙ୍କୁ ଚୁପ୍ କରାଇବ ବୋଲି ଆଶା ରଖିଛି।

(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)




**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ଭବାନୀ ଶଙ୍କର ମିଶ୍ର
ପାଟପୁର, ନିମାପଡ଼ା, ପୁରୀ
ଆବିର୍ଭାବ: ୧୨।୧୧।୧୯୨୪
ତିରୋଧାନ: ୧୮।୦୨।୨୦୨୦
ବିଧିର ନିର୍ଦ୍ଦେଶ ଛାଡି ଚାଲିଗଲ
ଭୁଲି ସେହି ପ୍ରୀତି ଅଳି।
ବିଭୁ କୃପାବଳେ ଶାନ୍ତି ଲଭୁଥାଅ
ଏଇ ଆମ ଶ୍ରଦ୍ଧାଞ୍ଜଳି।
–:ଶୋକସନ୍ତପ୍ତ ପରିବାରବର୍ଗ:–
ପତ୍ନୀ: ଶଶୀରେଖା, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ନାତୁଣୀ ବୋହୂ, ଅଣନାତି, ଅଣ ନାତୁଣୀମାନେ।
ଧ–୧୬୮୯୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚିନ୍ତାମଣି ରଥ
ନୂଆଗାଁ, ନୟାଗଡ଼
ଆବିର୍ଭାବ: ୦୨।୦୮।୧୯୫୩
ତିରୋଧାନ: ୧୧।୦୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ–୧୬୯୨୭




## ସ୍ୱାଇନ୍ ଫ୍ଲୁ ପାଇଁ ପ୍ରସ୍ତୁତ ଏସ୍‌ସିବି ମେଡିକାଲ

**କଟକ ଅଫିସ,୨୭।୨**

ଏସ୍‌ସିବି ମେଡିକାଲ ଚକ୍ଷୁ ବିଭାଗର ତୃତୀୟ ମହଲାରେ ଖୋଲାଯାଇଥିବା ସ୍ୱତନ୍ତ୍ର ସ୍ୱାଇନ୍ ଫ୍ଲୁ ୱାର୍ଡରେ ତିନି ଜଣ ସନ୍ଦେହରେ ଚିକିତ୍ସିତ ହୋଇ ଫେରିଛନ୍ତି। ବର୍ତ୍ତମାନ କେହି ଚିକିତ୍ସିତ ହେଉ ନ ଥିବା ମେଡିକାଲ୍ ସୂତ୍ରରୁ ସୂଚନା ମିଳିଛି। ଛାତି ଓ ଯକ୍ଷ୍ମା ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ୱାର୍ଡ ଦାୟିତ୍ୱରେ ରହିଛନ୍ତି। ସ୍ୱାଇନ୍ ଫ୍ଲୁର ଆଇସୋଲେଶନ ୱାର୍ଡରେ ୪ଟି ଆଇସିୟୁ ଶଯ୍ୟା, ସାଧାରଣ ସନ୍ଦିଗ୍ଧ ରୋଗୀଙ୍କ ପାଇଁ ୧୪ ଶଯ୍ୟା ଏବଂ ସ୍ୱାଇନ୍ ଫ୍ଲୁ ଆକ୍ରାନ୍ତ ରୋଗୀଙ୍କ ପାଇଁ ୭ଟି ଶଯ୍ୟା ରହିଛି। ସୂଚନାଯୋଗ୍ୟ, ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କଟକ ଅଞ୍ଚଳର ୭୨ ବର୍ଷୀୟା ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଲୋକମାନେ ଆତଙ୍କିତ ହୋଇପଡିଥିଲେ। ଅନ୍ୟପକ୍ଷରେ ଏଥିପାଇଁ ଏସ୍‌ସିବି ମେଡିକାଲରେ ସମସ୍ତ ବ୍ୟବସ୍ଥା କରାଯାଇଛି।




**ଦୁଇ ଭଉଣୀଙ୍କୁ ନୟାପଲ୍ଲୀ ଥାନାରେ ନିସ୍ତୁକ ମାଡ଼ ମାମଲା**

# ୫୦ ହଜାର ଲେଖାଏ କ୍ଷତିପୂରଣ ଦେବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିର ଦୁଇଭଉଣୀ ଗାୟତ୍ରୀ ଓ ଇତିଶ୍ରୀ ମଲିକଙ୍କୁ ପୋଲିସ ଉଠାଇ ନେଇ ଥାନାରେ ନିସ୍ତୁକ ମାଡ଼ ମାରିଥିଲା। ଏହି ମାମଲାର ଶୁଣାଣି କରି ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁବାର ପୀଡିତା ଦୁଇ ଭଉଣୀଙ୍କୁ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମାଡ଼ ମାରି ନିଜ ଦୋଷ ଲୁଚାଇବାକୁଯାଇ ମିଛ ମାମଲାରେ ସେମାନଙ୍କୁ ଜେଲ୍ ପଠାଇଥିଲା। ଫଳରେ ସେମାନଙ୍କ କ୍ୟାରିୟର ଉପରେ ମଧ୍ୟ ଏକ କଳାଦାଗ ଲାଗିଛି। ତେଣୁ ଦୁଇ ଭଉଣୀଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବା କମିଶନ ହୃଦ୍‌ବୋଧ କରିଥିଲେ। ଏହାସହ ଏହି ମାଡ଼ ମାରିଥିବା ପୋଲିସଙ୍କ ବିରୋଧରେ ଆପରାଧିକ ମାମଲା ଜାରି ରଖିବା ପାଇଁ କମିଶନ କହିଛନ୍ତି। ଏପରି କି ଦୁଇମାସ ମଧ୍ୟରେ ଉଭୟଙ୍କୁ କ୍ଷତିପୂରଣ ଦିଆଯିବା ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ମଧ୍ୟ କମିଶନ ଗୃହ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବେହେରା ସାହିସ୍ଥିତ ପ୍ଲଟ ନଂ.୩୦୧/୪ରେ ଜନ୍ମେଶ୍ୱର ମଲିକଙ୍କ ପରିବାର ରୁହନ୍ତି। ଯିବାଆସିବା ବାଟକୁ ନେଇ ଜନ୍ମେଶ୍ୱରଙ୍କ ପରିବାର ସହ ନିକଟରେ ଥିବା ଅନ୍ୟ ଏକ ପରିବାରର ବିବାଦ ରହିଥିଲା। ଏନେଇ ମାମଲା କୋର୍ଟରେ ବିଚାରାଧୀନ ଥିଲାବେଳେ ଜନ୍ମେଶ୍ୱର ଉକ୍ତ ପରିବାରର ଯାତାୟାତ ପାଇଁ କିଛି ଜାଗା ଛାଡିଥିଲେ। ହେଲେ ଭାରିଯାନ ନେବାକୁ ବାରଣ କରିଥିଲେ। କିନ୍ତୁ ୨୦୧୮ ମେ ୫ରେ ଉକ୍ତ ପରିବାରର ସଦସ୍ୟମାନେ ସେହିବାଟ ଦେଇ ଭାରିଯାନ ନେବାରୁ ଜନ୍ମେଶ୍ୱରଙ୍କ ଦୁଇ ଝିଅ ଗାୟତ୍ରୀ ଓ ଇତିଶ୍ରୀ ସେମାନଙ୍କୁ ବାରଣ କରିଥିଲେ। ଫଳରେ ପଡୋଶୀ ଲୋକେ ଜନ୍ମେଶ୍ୱରଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ସେମାନଙ୍କ ନାଁରେ ଥାନାରେ ଅଭିଯୋଗ କରିଥିଲେ। ନୟାପଲ୍ଲୀ ଥାନାର ତତ୍କାଳୀନ ଏସ୍‌ଆଇ ମିନତି ନାୟକ, ସସ୍ମିତା ଧଳ ଓ ଦୁଇଜଣ କନଷ୍ଟେବଳ ଜନ୍ମେଶ୍ୱରଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଥାନାକୁ ଆସିବାକୁ କହିଥିଲେ। ହେଲେ ଦୁଇଭଉଣୀ ରାଜି ନ ହେବାରୁ ପୋଲିସ ସେମାନଙ୍କ ଚୁଟି ଧରି ଘୋଷାରି ଭ୍ୟାନ୍‌ରେ ବସାଇ ଥାନାକୁ ଆଣିଥିଲା। ଥାନାରେ ଏସ୍‌ଆଇ ସସ୍ମିତା ଓ ମିନତି ଏକ ପାଇପ୍‌ରେ ନିସ୍ତୁକ ପିଟିଥିଲେ ତତ୍କାଳୀନ ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ ମଧ୍ୟ ମାଡ ମାରିଥିବା ଦୁଇ ଭଉଣୀ ଅଭିଯୋଗ କରିଥିଲେ। ମାଡ଼ରେ ସେମାନଙ୍କ ଶରୀରର ବିଭିନ୍ନ ଅଂଶ ଫାଟି ଯାଇଥିଲା। ଏହାପରେ ପୋଲିସକୁ ଆକ୍ରମଣ କରିଥିବା ଦଫା ଲଗାଇ ଦୁଇ ଭଉଣୀଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଉଭୟଙ୍କ ନାମ ତରବରିଆ ଭାବେ ଭୁଲ୍ ଭାବେ ଉଲ୍ଲେଖ କରିଥିବାରୁ କୋର୍ଟରେ ପ୍ରକୃତ ଘଟଣା ଧରାପଡ଼ିଯାଇଥିଲା। କୋର୍ଟ ପୋଲିସର ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ଦୁଇ ଭଉଣୀଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହି ମାମଲାକୁ ନେଇ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ୨୦୧୮ ମେ ୧୪ରେ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।

**ପୋଲିସ ବିରୋଧରେ ଆପରାଧିକ ମାମଲା ଜାରି ରଖିବାକୁ କହିଲେ ଓଏଚ୍‌ଆର୍‌ସି**






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।

-ଭଲ୍ଟାୟାର



## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା

**ସାଲେପୁର, ୨୭।୨(ଡି.ଏନ୍.ଏ.):** ରାଇସୁଙ୍ଗୁଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଛି। ସାଲେପୁର ତହସିଲ ଅଧୀନରେ ଥିବା ଏହି କାର୍ଯ୍ୟାଳୟ ବହୁ ସମୟରେ ବନ୍ଦ ରହିଥିବାରୁ ସ୍ଥାନୀୟ ଲୋକେ ଜଳକର, ପାଉତିଠାରୁ ଆରମ୍ଭ କରି ମ୍ୟୁଟେସନ୍ ମାମଲା ଆଦିରେ ନାନା ସମସ୍ୟା ଭୋଗୁଛନ୍ତି। କଟକ ଜିଲାପାଳ ଓ ସାଲେପୁର ତହସିଲଦାର ଏଥିପ୍ରତି ଦୃଷ୍ଟି ଦେବାକୁ ଏହି ଅଞ୍ଚଳବାସୀଙ୍କ ଦାବି କରିଛନ୍ତି। ଏ ସମ୍ପର୍କରେ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କହିଛନ୍ତି, ରାଜସ୍ୱ ନିରୀକ୍ଷକ ରାଜସ୍ୱ ଆଦାୟ ପାଇଁ ଅଧିକାଂଶ ସମୟରେ ମୌଜାକୁ ଯାଇଥାନ୍ତି। ସରକାରଙ୍କ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍ ହେଉଥିବାରୁ ଏଥିପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥାନ୍ତି, ତେଣୁ ବହୁ ସମୟରେ ତାଙ୍କ କାର୍ଯ୍ୟାଳୟ ବନ୍ଦ ରହୁଛି।

### ନୋଟିସ୍ ଦେବାକୁ ଯାଇ ଜିଆର୍‌ଏସ୍ ଆକ୍ରୋଶର ଶିକାର

**ନିଶ୍ଚିନ୍ତକୋଇଲି,୨୭।୨(ସ୍ୱ.ପ୍ର):** ଆବାସ ଯୋଜନାରେ ପକ୍କାଘର ତ୍ୱରାନ୍ୱିତ କରୁ ନ ଥିବା ହିତାଧୀକାରୀଙ୍କୁ ତାଗିଦ କରିବାକୁ ଯାଇ ଜଣେ ଜିଆରଏସ୍ ଆକ୍ରୋଶର ଶିକାର ହୋଇଛନ୍ତି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହେବା ପରେ ଗୁରୁବାର ଜଣଙ୍କୁ ଅଟକ ରଖାଯାଇ ପଚାରଉଚୁରା କରାଯାଉଛି। ଅଭିଯୋଗ ଅନୁଯାୟୀ,ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ରାମକୃଷ୍ଣପୁର ଗ୍ରାମରେ ଆବାସ ଯୋଜନାରେ କାର୍ଯ୍ୟାଦେଶ ଓ ଅର୍ଥ ପାଇ ମଧ ଘର କରି ନ ଥିବା ହିତାଧିକାରୀଙ୍କୁ ନୋଟିସ ଦେବା ନିମନ୍ତେ ଜିଆରଏସ୍ ଝୁନିଲତା ସାହୁ ଗତ ୧୯ ଫେବୃୟାରୀରେ ଗ୍ରାମକୁ ଯାଇଥିଲେ। ସେ ସେଠାରେ ଜଣେ ହିତାଧିକାରୀଙ୍କ ଘରକୁ ନୋଟିସ ଦେବାକୁ ଯାଇଥିବା ବେଳେ ହିତାଧୀକାରୀଙ୍କ ପୁତୁରା ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଏହାପରେ ଝୁନିଲତା ଅନ୍ୟ ଜଣେ ହିତାଧିକାରୀଙ୍କ ଘରକୁ ନୋଟିସ ଦେବାକୁ ଯାଇଥିଲେ। ମାତ୍ର ଅଭିଯୁକ୍ତ ଜଣକ ପୁନର୍ବାର ସେଠାକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଝୁନିଲତା ଗତ ୨୦ ଫେବୃୟାରୀରେ ବିଡିଓଙ୍କୁ ଲିଖିତଭାବେ ଜଣାଇଥିଲେ। ବିଡିଓ ଏସମ୍ପର୍କରେ ଥାନା ଅଧିକାରୀଙ୍କୁ ଅବଗତ କରାଇବା ସହ ଜିଆର୍‌ଏସ୍ ଦେଇଥିବା ଅଭିଯୋଗକୁ ଏଫଆଇଆର ଭାବେ ଗ୍ରହଣ କରିବାକୁ କହିଥିଲେ।

# ବନ୍ଧୁକ ସହ ଖେଳ, ଫୁଟିଲା ଗୁଳି

**କନଷ୍ଟେବଲଙ୍କ ସମେତ ୫ ଗିରଫ**

- ୨ ଦିନ ତଳେ ଘଟିଥିଲା ଘଟଣା
- ଚପାଇଦେବାକୁ ହୋଇଥିଲା ଉଦ୍ୟମ

**କଟକ ଅଫିସ,୨୭।୨**

ଜଣେ କର୍ତ୍ତବ୍ୟରତ ପୋଲିସ କନଷ୍ଟେବଲ ଗତ ମଙ୍ଗଳବାର ଅପରାହ୍ଣରେ ନିଜ ସର୍ଭିସ ପିସ୍ତଲର ବ୍ୟବହାର ସମ୍ପର୍କରେ ସାଙ୍ଗମାନଙ୍କୁ ବୁଝାଉଥିବାବେଳେ ହଠାତ୍ ଗୁଳି ଫୁଟିଥିଲା। ଏଥିରେ ସୂତାହାଟ ତନ୍ତିସାହିର କେ. ସୁନୀଲ ନାମକ ଯୁବକ ଆହତ ହୋଇଥିଲେ। ତେବେ ଘଟଣାକୁ ୨ ଦିନ ବିତିଥିବାବେଳେ ଅଭିଯୁକ୍ତମାନେ ଏହାକୁ ଚାପିବାକୁ ଉଦ୍ୟମ କରିଥିଲେ। ହେଲେ ମାଲଗୋଦାମ ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ୫ ଜଣଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ଟିକେଶ୍ୱର ମହନ୍ତ, ହୋଟେଲ ମାଲିକ ରାଜକିଶୋର ମହାନ୍ତି, ମ୍ୟାନେଜର ଗଗନ ଜେନା ଓ ଅନ୍ୟ ୨ ଅଭିଯୁକ୍ତ।

ପୋଲିସ ସୂତ୍ରରୁ ପ୍ରକାଶ, ଟିକେଶ୍ୱର ଓ ତାଙ୍କର ଅନ୍ୟ ୩ ଜଣ ସାଙ୍ଗ ମେଡିକାଲ କାର୍ଯ୍ୟରେ ଗତ ୨୫ ତାରିଖରେ କଟକ ଆସିଥିଲେ। ଚିକିତ୍ସା କାମ ଶେଷ ନ ହେବାରୁ ସେମାନେ କଲେଜଛକ ନିକଟସ୍ଥ ଏକ ହୋଟେଲରେ ରହିଥିଲେ। ଏହି ଦିନ ଅପରାହ୍ଣରେ ସୁନୀଲ ଉକ୍ତ ହୋଟେଲର ମାଲିକ ରାଜକିଶୋର ମହାନ୍ତିଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ଟିକେଶ୍ୱର ସାଙ୍ଗମାନଙ୍କୁ ନିଜ ସର୍ଭିସ ପିସ୍ତଲକୁ ଦେଖାଇବା ସହ ଏହାର ବ୍ୟବହାର ବିଷୟରେ ଶିଖାଉଥିଲେ। ହଠାତ୍ ପିସ୍ତଲରୁ ଗୁଳି ଫୁଟି ସୁନୀଲଙ୍କ ପେଟରେ ବାଜିଥିଲା। ହୋଟେଲ ମାଲିକ ରାଜକିଶୋର ଓ ମ୍ୟାନେଜର ଗଗନ ସେଠାରେ ପହଞ୍ଚି ଘଟଣାଟିକୁ ଚାପି ଦେବାକୁ ଉଦ୍ୟମ କରିଥିଲେ। ଏପରି କି ଆହତ ସୁନୀଲଙ୍କୁ ମେଡିକାଲ ନେବା ପାଇଁ ବନ୍ଦୋବସ୍ତ କରି ନ ଥିଲେ। ଫଳରେ ସୁନୀଲ ନିଜ ଭିଣୋଇ କେ. ଶଙ୍କରଙ୍କୁ ଫୋନ କରିଥିଲେ। ଶଙ୍କର ହୋଟେଲରେ ପହଞ୍ଚି ସୁନୀଲଙ୍କୁ ଚିକିତ୍ସାଲାଗି ଏସ୍‌ସିବି ମେଡିକାଲକୁ ନେଇଥିଲେ। ଶଙ୍କର ଏ ନେଇ ମାଲଗୋଦାମ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସର ଏକ ଟିମ୍ କେନ୍ଦୁଝର ଯାଇ ଟିକେଶ୍ୱରଙ୍କୁ ଗିରଫ କରିଥିଲା। ଏହାପରେ ରାଜକିଶୋର, ଗଗନ ଓ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ଜାତୀୟ ଏକକୀକରଣ ଶିବିର




ସ୍ୱେଚ୍ଛାସେବୀ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

**ନରାଜ,୨୭।୨ (ଡି.ଏନ.ଏ)**

କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସାତ ଦିନିଆ ଜାତୀୟ ଏକକୀକରଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଳାୟ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଛି। ଏନଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଓ ରାଜ୍ୟ ଶାଖାର ପରିଚାଳକ ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ବ୍ୟପାର ନିର୍ଦ୍ଦେଶକ କ୍ୟାପଟେନ ଚନ୍ଦ୍ର ଶେଖର ପଣ୍ଡା ଏହାକୁ ପରିଚାଳନା କରିଥିବା ବେଳେ ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ଅଜୟ କୁମାର ସିଂ, କୁଳ ସଚିବ ବିଆର ଶର୍ମା, ଡ ଭଗବାନ ପ୍ରକାଶ ଓ ଏନ୍‌ଏସ୍‌ଏସ୍‌ର ଉପଦେଷ୍ଟା ବିକାଶ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଯୁବପିଢୀଙ୍କୁ ସମାଜ ସେବା ପ୍ରତି ଆକୃଷ୍ଟ କରାଇବା କାର୍ଯ୍ୟକ୍ରମର ମୂଳଲକ୍ଷ ବୋଲି ଅତିଥିମାନେ କହିଥିଲେ। ଶିବିରରେ ୧୦ ପ୍ରାନ୍ତରୁ ୨୫୦ ଊର୍ଦ୍ଧ୍ୱ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଶିବିରାର୍ଥୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ନିକଟସ୍ଥ ବସ୍ତିକୁ ଯାଇ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସ୍ୱେଚ୍ଛାସେବୀମାନେ କଟକର ଧବଳେଶ୍ୱର ମନ୍ଦିର, କୋଣାର୍କ ମନ୍ଦିର, ଚନ୍ଦ୍ରଭାଗା ଓ ପୁରୀ ଶ୍ରୀମନ୍ଦିର ଆଦି ପରିଦର୍ଶନ କରିଥିଲେ।

## ଆର୍‌ଡି କାର୍ଯ୍ୟାଳୟରେ ଅଫ୍‌ଲାଇନ୍ ଟେଣ୍ଡର: ଫିକ୍ସିଂ ଅଭିଯୋଗ

**ସାଲେପୁର, ୨୭।୨(ଡି.ଏନ୍.ଏ.)**

ସାଲେପୁର ଆର୍‌ଡି କାର୍ଯ୍ୟାଳୟରେ ଅଫ୍‌ଲାଇନ୍‌ରେ ଟେଣ୍ଡର ପେପର କିଣିବାର ଗୁରୁବାର ଶେଷ ତାରିଖ ଥିଲା। ମାତ୍ର ଜଣେ ଠିକାଦାର ଏହାକୁ କିଣି ନପାରି ନିରାଶ ହୋଇଛନ୍ତି। ଅନ୍ୟ ଜଣେ ଠିକାଦାର ଓ ତାଙ୍କ ସହଯୋଗୀଙ୍କ ଦାଦାଗିରି ଯୋଗୁ ଏହି ପେପର କିଣାଯାଇ ପାରି ନ ଥିଲା। ଏନେଇ ବ୍ଲକ ଅନ୍ତର୍ଗତ ବାରବୋଡ଼ିଆ ଗ୍ରାମର ଠିକାଦାର ସମରଜିତ୍ ସ୍ୱାଇଁ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଟେଣ୍ଡର ପେପର କିଣିବାକୁ ଆରଡି କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜଣେ ଠିକାଦାର ଓ ତାଙ୍କ ୨୦ ଜଣ ସହଯୋଗୀ ତାଙ୍କ କାର୍ଯ୍ୟାଳୟ ଭିତରକୁ ଛାଡି ନ ଥିଲେ। ତାଙ୍କୁ ଧମକ ଦେଇ ଫେରିଯିବାକୁ ବାଧ୍ୟ କରିଥିଲେ। ଏ ସମ୍ପର୍କରେ ସମରଜିତ୍ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ସହ ଏହାର ନକଲ ରାଜ୍ୟ ୫-ଟି ସଚିବ, ଡିସିପି କଟକ, କଟକ ଗ୍ରାମାଞ୍ଚଳ ଏସ୍‌ପି ଓ କଟକ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି ବୋଲି କହିଛନ୍ତି। ଅପରପକ୍ଷେ ସାଲେପୁର ଆଇଆଇସି ଦେବେନ୍ଦ୍ର ନାଥ ମଲ୍ଲିକ କୌଣସି ଅଭିଯୋଗ ପାଇ ନ ଥିବା କହିଛନ୍ତି। ସରକାରଙ୍କ ପକ୍ଷରୁ ଇ-ଟେଣ୍ଡର ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯାଉଥିବାବେଳେ ସାଲେପୁରରେ କ'ଣ ପାଇଁ ଅଫ୍‌ଲାଇନ୍ ଟେଣ୍ଡର ପେପର ବିକ୍ରି କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଆବାସ ଯୋଜନା ଅନିୟମିତତା ଘଟଣା
## ନିଲମ୍ବନ ଚିଠି ପାଇଲେ ଅଧିକାରୀ

**ବଡମ୍ବା,୨୭।୨(ଡି.ଏନ୍.ଏ)**

ଠବଡ଼ମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏନେଇ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟରାମ ସ୍ୱାଇଁଙ୍କୁ କଟକ ଜିଲାପାଳ ନିଲମ୍ବନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ନଂ.୧୩୭/୧୦-୨-୨୦ରେ ଉଲ୍ଲେଖ ରହିଥିଲା। ଏହି ଚିଠି ବୁଧବାର ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିବା ବେଳେ ସ୍ୱାଇଁ ପାଇନାହାନ୍ତି ବୋଲି କହିଥିଲେ। ଗୁରୁବାର ତାଙ୍କୁ ନିଲମ୍ବନ ଚିଠି ପ୍ରଦାନ କରାଯାଇଛି।

## ଘରୋଇ ଜମିରେ ଠିକାଦାରଙ୍କ ରାସ୍ତା ନିର୍ମାଣ

**ଲଳିତଗିରି,୨୭।୨(ସ୍ୱ.ପ୍ର.):**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସିନ୍ଧୁପୁର ଗ୍ରାମର ବୃଦ୍ଧା ମହିଳା କ୍ଷୀରଦେବୀ ଖଟୁଆଙ୍କ ନାମରେ ଥିବା ଜମି ଉପରେ ଜଣେ ଠିକାଦାର ଜୋର ଜବରଦସ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଇଥିବା ଟେଣ୍ଡରରେ ସଡ଼କ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସିନ୍ଧୁପୁର ଠାରୁ ହଳଦିଆ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନୂତନ ଭାବେ ଏକ ପକ୍କା ସଡକ ନିର୍ମାଣ କରାଯାଉଅଛି। ତେବେ ଏହି ରାସ୍ତାରେ ଖଟୁଆଙ୍କ ଜମି ପଡୁଥିବାରୁ ନିର୍ମାଣ ବିରୋଧରେ ତାଙ୍କ ପୁତ୍ର ପିତାମ୍ବର ସାଲେପୁର ସିଭିଲଜଜ ସିନିୟର ଡିଭିଜନଙ୍କ ଅଦାଲତରେ ଏକ ମାମଲା (ସିଏସ୍ ନଂ.୨୩/୨୦) ରୁଜୁ କରିଥିଲେ। ଏହାପରେ ଅଦାଲତଙ୍କ ପକ୍ଷରୁ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ନ କରିବା ପାଇଁ ବାରଣ କରାଯାଇଥିଲା। ମାତ୍ର ଏହି ନିର୍ଦ୍ଦେଶକୁ ନ ମାନି ସମ୍ପୃକ୍ତ ଠିକାଦାର ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି। ଏନେଇ ଖଟୁଆଙ୍କ ପରିବାର ପକ୍ଷରୁ ମାହାଙ୍ଗା ଥାନା ଅଧିକାରୀ ଓ ତହସିଲ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖଟୁଆଙ୍କ ପରିବାର ପକ୍ଷରୁ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ତହସିଲ ପକ୍ଷରୁ ଉକ୍ତ ବିବାଦୀୟ ସ୍ଥାନର ସରଜମିନ୍ ତଦନ୍ତ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସାଲେପୁରଙ୍କୁ ଚିଠି ନଂ ୩୭୦୯/୨୭।୧୨।୧୯ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି। ବିଭାଗୀୟ ସହକାରୀ ଯନ୍ତ୍ରୀ ଶିଶିର କୁମାର ଦାସଙ୍କ କହିଛନ୍ତି, ବିଭାଗ ପକ୍ଷରୁ ରାସ୍ତାର ତଦନ୍ତ ପାଇଁ ତହସିଲଦାରଙ୍କୁ ଚିଠି କରାଯାଇଛି।

# ୧୮୬ ଚାଷୀ ବିକ୍ରି କରିପାରିନାହାନ୍ତି ଧାନ

- ୪୨୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି
- ବେପାରୀଙ୍କୁ ବିକିବାକୁ ବାଧ ହେଉଛନ୍ତି
- ଆନ୍ଦୋଳନ ପାଇଁ ଚେତାବନୀ

**ସାଲେପୁର, ୨୭।୨(ଡି.ଏନ୍.ଏ.)**

ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ କିଣା ନୀତି ଯୋଗୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସନ୍ତୋଷ ହେଉଛନ୍ତି। ଏନେଇ ସେମାନେ ହନ୍ତସନ୍ତ ହେଉଥିବା ବେଳେ ଦଲାଲମାନେ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ରାଇସୁଙ୍ଗୁଡ଼ା ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଖୋଲାଯାଇଥିବାବେଳେ ଏହି ସମିତିରେ ରାଇସୁଙ୍ଗୁଡ଼ା, ମିର୍ଜାପୁର, ପିକୋଲ ପଞ୍ଚାୟତର ମୋଟ୍ ୪୨୦ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୩୪ ଜଣ ଚାଷୀ ୭୦୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରିଛନ୍ତି। ମାତ୍ର ଅବଶିଷ୍ଟ ୧୮୬ଜଣ ଚାଷୀ ଧାନ ବିକ୍ରି କରି ନ ପାରି ହତାଶ ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଅନ୍‌ଲାଇନ୍ ଟୋକନ୍ ବ୍ୟବସ୍ଥା ଯୋଗୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରି ନଥିବା ଅଭିଯୋଗ ହୋଇଛି। ଧାନ ବିକ୍ରି କରିଥିବା କେତେଜଣ ଚାଷୀଙ୍କୁ ୩ ଥର ଲେଖାଏ ଟୋକନ୍ ମିଳିଥିବା ବେଳେ ଏହି ୧୮୬ଜଣଙ୍କୁ ଗୋଟିଏ ଥର ଲେଖାଏ ଟୋକନ ମିଳି ନାହିଁ। ବାଧ ହୋଇ ସେମାନଙ୍କ ମଧ୍ୟରୁ କେତେଜଣ ଚାଷୀ ବେପାରୀଙ୍କୁ ଧାନ ଟେକିଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଚାଷୀମାନେ ଧାନ ବିକ୍ରି ନ କରିପାରିବାରୁ ଋଣ ଅର୍ଥ କିପରି ପରିଶୋଧ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଯଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ଆଗାମୀ ଆନ୍ଦୋଳନ କରିବାକୁ ଚାଷୀ ବିଜୟ ସାହୁ, ଲୋକନାଥ ସାହୁ, ବିଜୟ ପ୍ରଧାନ, ବିଭୁତିଭୂଷଣ ସିଂହ, ବାବର ଅଲ୍ଲୀ, ଜ୍ୟୋତିରଂଜନ ମହାପାତ୍ର, ସତ୍ୟପ୍ରକାଶ ସିଂହ, ବନମାଳୀ ସ୍ୱାଇଁ, ଧରଣୀଧର ଜେନା, ଅଜିଜା ବିବି, ପ୍ରମିଳା ମହାନ୍ତି ଓ ବବିତା ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

BUSINESS

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :- 9811014559

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ। ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No. 07488344055

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565, 89012-71684, 94506-10896

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ

ଚୌଦ୍ୱାର,୨୭।୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ କରାଯାଇଛି। ନୂଆପାଟଣା ଅଞ୍ଚଳରୁ ବେଆଇନ ଭାବେ ଟ୍ରକ୍ ଯୋଗେ ବାଲି ଚୋରା ଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ତହସିଲଦାର ପ୍ରସନ୍ନ ସାମନ୍ତରାୟ, ବାଣୀପଦା ଆର୍‌ଆଇ ସୌମ୍ୟରଞ୍ଜନ ସ୍ୱାଇଁ କର୍ମଚାରୀଙ୍କ ସହିତ ନୂଆପାଟଣା ଧୂମାବତୀ ରାସ୍ତାରେ ଜଗି ରହିଥିଲେ। ଯାଞ୍ଚ ବେଳେ ଏକ ଟ୍ରକ୍(ଓଡି୦୫ଏସ୍୨୭୨୧)ର ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ତାହାକୁ ଜବତ କରାଯାଇ ଚୌଦ୍ୱାର ଥାନା ଜିମା ଦିଆଯାଇଥିଲା।



## ସଂକ୍ଷେପରେ

### ଦବିଲା ରାସ୍ତା: ଫସିଲା ସଫାରି ବସ୍

ବାରଙ୍ଗ,୨୭।୨(ଡି.ଏନ.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ରାସ୍ତା ଦବି ଯିବାରୁ ପର୍ଯ୍ୟଟକଙ୍କୁ ନେଇ ଭ୍ରମଣ କରିବାକୁ ଯାଇଥିବା ସଫାରି ବସ୍ ଫସି ରହିଥିଲା। ଫଳରେ ନିକଟରୁ ଦେଖିବା ପାଇଁ ଯାଇଥିବା ପର୍ଯ୍ୟଟକମାନେ ପାଖରେ ବାଘ, ଭାଲୁ ଥିବା ଦେଖି କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ସଫାରି ଠିକାଦାର ଅନ୍ୟ ଏକ ବସ୍ ଆଣି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ସାଢେ ୪ଟା ସମୟରେ ୩୫ଜଣ ଯାତ୍ରୀଙ୍କୁ ନେଇ ଏକ ବସ ସଫାରି ଦେଖାଇବା ପାଇଁ ବାହାରିଥିଲା। ପ୍ରଥମେ ବାଘ ସଫାରିରେ ପର୍ଯ୍ୟଟକମାନଙ୍କୁ ନେଇ ବୁଲୁଥିବାବେଳେ ବର୍ଷା ଯୋଗୁ ରାସ୍ତା ଓଦା ରହିଥିବାରୁ ବସ୍‌ର ଆଗ ଚକ ଦବିଯାଇଥିଲା। ଫଳରେ ବସ୍‌ରେ ଥିବା ପର୍ଯ୍ୟଟକମାନେ ଭୟରେ ବସି ରହିଥିଲେ। ସଙ୍ଗେ ସଙ୍ଗେ ଏହି କଥା ସଫାରି ଠିକାଦାରଙ୍କୁ ଜଣାଇବା ପରେ ଠିକାଦାର ଅନ୍ୟ ଏକ ବସ ନେଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲା। ପରେ ଏକ ଜେସିବି ମାଧ୍ୟମରେ ଦବିଥିବା ବସ୍‌କୁ ଉଠାଇଥିଲେ। ତେବେ ପ୍ରତିବର୍ଷ ସଫାରି ରାସ୍ତା ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏଭଳି କାମ କରାଯାଉଛି ଯେ, ସାମାନ୍ୟ ବର୍ଷାରେ ଏହିଭଳି ସ୍ଥିତି ରହିଲେ ଲଗାଣ ବର୍ଷାରେ ସ୍ଥିତି କ'ଣ ରହିବ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ କରାଯାଇପାରୁଛି।

### ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର

କଟକ ଅଫିସ,୨୭।୨: ଇମର୍ତ୍ତୀ ଦେବୀ ମହିଳା କଲେଜରେ ଓଡ଼ିଆ ବିଭାଗ ପକ୍ଷରୁ ବାର୍ଷିକ ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଡ. ଅବ୍‌ଦୁଲ ଉସ୍‌ମାନ ଖାନ୍ ପାଠଚକ୍ରର ଉପାଦେୟତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାଧାପିକା ଡ. ବୈଜୟନ୍ତୀ ବିଶ୍ୱାଳ ଯୋଗଦେଇ 'ଆଧୁନିକ ଓଡ଼ିଆ କବିତାର ଗତି ଓ ପ୍ରବୃତ୍ତି' ଶୀର୍ଷକ ଉପରେ ମତବ୍ୟକ୍ତ କରିଥିଲେ। ଛାତ୍ରୀ ରୂପସା ମହାନ୍ତି, ବିଶ୍ୱରୂପା ଦାସ ଓ ନନ୍ଦିନୀ ଡାକୁଆ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଭାଗର ମୁଖ୍ୟ କଳ୍ପନା ପରିଜା ସ୍ୱାଗତ ଭାଷଣ ଓ ହରପ୍ରିୟା ବସ୍ତିଆ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଡ. ଦୀପ୍ତିରେଖା ପାଢ଼ୀ, ମୋନାଲି ମିଶ୍ର, ଜୟଲକ୍ଷ୍ମୀ ମିଶ୍ରଙ୍କ ସମେତ ବିଭାଗର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

### ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

କଟକ ଅଫିସ,୨୭।୨: ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ବିଜୟ ନାୟକଙ୍କ ବିୟୋଗରେ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ. ମହମ୍ମଦ ମୋକିମ ଏଥିରେ ଅଧକ୍ଷତା କରି କହିଥିଲେ, ବିଜୟଙ୍କ ବିୟୋଗରେ ଅବିଭକ୍ତ କଟକ ଜିଲାର ଅପୂରଣୀୟ କ୍ଷତି ଘଟିଲା। ଏହି ସଭାରେ ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ବୀରେନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ରାଉତ, ସତ୍ୟାନନ୍ଦ ରାଉତ, କାଶୀନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବହେଳିତ ଅବସ୍ଥାରେ ଅଚ୍ୟୁତାନନ୍ଦ ପୀଠ

■ପୀଠରେ ନାହିଁ ମୌଳିକ ସୁବିଧା

■ପ୍ରଶାସନର ଦୃଷ୍ଟି ପଡୁନି, ଗୁରୁତ୍ୱ ହରାଉଛି

କଟକ ଅଫିସ, ୨୭।୨

ରାଜ୍ୟର ଅନ୍ୟତମ ପବିତ୍ର ଧର୍ମସ୍ଥଳୀ ଭାବେ ପରିଚିତ ଅଚ୍ୟୁତାନନ୍ଦ ପୀଠ। ଏହାକୁ ପଦ୍ମବନ ପୀଠ ବୋଲି ମଧ୍ୟ କୁହାଯାଏ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଚିତ୍ରୋତ୍ପଳା ନଦୀକୂଳରେ ଏହି ପୀଠ ଅବସ୍ଥିତ। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳଠାରେ ରହିଛି ପ୍ରସିଦ୍ଧ ମାଳିକାର ରଚୟିତା ତଥା ସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର ସମାଧିସ୍ଥଳ। ନେମାଳ ଗାଦି ନାମରେ ମଧ୍ୟ ଏହା ପରିଚିତ। ନିଜସ୍ୱ ସ୍ୱତନ୍ତ୍ରତା ଦୃଷ୍ଟିରୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ସ୍ଥାନ ମିଳିଛି। କିନ୍ତୁ ସରକାରଙ୍କ ଅବହେଳା ଯୋଗୁ ଏବେ ଏହି ପୀଠ ଗୁରୁତ୍ୱ ହରାଇବାକୁ ବସିଛି। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଅଗ୍ରଣୀ ସାମାଜିକ ସଙ୍ଗଠନ 'ମୈତ୍ରୀ ସଂସଦ' ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିବେଦନ କରାଯାଇଛି। ଏ ନେଇ ସଂସଦର ସଭାପତି ତଥା ଆଇନଜୀବୀ ଅଜୟ ମହାନ୍ତି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଉକ୍ତ ପୀଠକୁ ଜାତୀୟ ସ୍ମାରକୀ ରୂପେ ଘୋଷଣା କରିବା, ହସ୍ତପଦ ପ୍ରକ୍ଷାଳନର ବ୍ୟବସ୍ଥା, ଓଭରହେଡ୍ ପାଣି ଟାଙ୍କି ନିର୍ମାଣ, ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ଭଳି ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହାର ଗୁରୁତ୍ୱକୁ ଅନୁଭବ କରି ତତ୍‌କ୍ଷଣାତ୍ ଉକ୍ତ ସ୍ମାରକପତ୍ରକୁ ପ୍ରମୁଖ ସଚିବ ପଞ୍ଚାୟତିରାଜ ଓ କଟକ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସମାଧିସ୍ଥଳକୁ ସୁରକ୍ଷା ଦେବା ପାଇଁ ସିମେଣ୍ଟର ଛାତଟିଏ ମଧ୍ୟ ନିର୍ମାଣ କରାଯାଇନାହିଁ। ସେହିପରି ଏଠାରେ ଥିବା ମନ୍ଦିରର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରାଯାଇନାହିଁ। ପ୍ରତିଦିନ ଏଠାକୁ ଶତାଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଥିଲେ ମଧ୍ୟ ଏଠାରେ ବିଶ୍ରାମ ନେବା ଓ ହସ୍ତପଦ ପ୍ରକ୍ଷାଳନ ପାଇଁ ପାଣି ସୁବିଧା ନାହିଁ। ଏପରି କି ପ୍ରସାଦ ସେବନ ବ୍ୟବସ୍ଥା ନ ଥିବାରୁ ଏଠାକୁ ଆସୁଥିବା ଲୋକମାନେ କେବଳ ଦର୍ଶନ କରି ଫେରି ଆସିବାକୁ ବାଧ୍ୟ ହୋଇଥାନ୍ତି। ଏହି ଅବ୍ୟବସ୍ଥା ଉପରେ ରାଜ୍ୟ ଓ ଜିଲା ପ୍ରଶାସନ ଦୃଷ୍ଟି ନ ଦେବା ଫଳରେ ପର୍ଯ୍ୟଟନ ଦୃଷ୍ଟିରୁ ଉକ୍ତ ପୀଠର ଗୁରୁତ୍ୱ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଉକ୍ତ ସ୍ମାରକପତ୍ରର ଏକ ନକଲ ରାଜ୍ୟ ସରକାରଙ୍କ ପ୍ରମୁଖ ଆଇନ ସଚିବଙ୍କୁ ସଂସଦର ସଭାପତି ମହାନ୍ତି ପ୍ରଦାନ କରିଥିଲେ। ଆଇନ ସଚିବ ଉକ୍ତ ସ୍ମାରକପତ୍ରକୁ ଦେବୋତ୍ତର କମିଶନରଙ୍କ ନିକଟକୁ ପଠାଇଥିବା ଜଣାପଡିଛି।

# ୪ ଦିନରେ ଅନଶନ, ଭେଟିଲେ ବିଧାୟକ



ଧାରଣାକାରୀଙ୍କ ଗହଣରେ ବିଧାୟକ ଇଂ ମହମ୍ମଦ ମୋକିମ୍।

## ରାଜ୍ୟ ମାନଚିତ୍ର ପ୍ରକାଶନ କାର୍ଯ୍ୟାଳୟର ନିଷ୍ପତ୍ତିକୁ ବିରୋଧ

କଟକ ଅଫିସ,୨୭।୨

କଟକ ଜିଲା ଯୋବ୍ରାରେ ଥିବା ରାଜ୍ୟ ମାନଚିତ୍ର ପ୍ରକାଶନ କାର୍ଯ୍ୟାଳୟର ଏକ ନିଷ୍ପତ୍ତିକୁ ବିରୋଧ କରି ୪ ଦିନ ହେବ ଧାରଣାରେ ବସିଛନ୍ତି ସାମାଜିକ କର୍ମୀ ମନୋରଞ୍ଜନ ଜେନା। କାର୍ଯ୍ୟାଳୟ ପକ୍ଷରୁ ଗତ ଜାନୁୟାରୀ ପହିଲାଠାରୁ ପ୍ରିଣ୍ଟ ବିଭାଗକୁ ବନ୍ଦ କରାଯାଇଛି। ମ୍ୟାପ୍‌ଗୁଡିକୁ ସ୍କାନ କରି ଲୋକଙ୍କୁ ଦିଆଯାଉଛି। ଫଳରେ ସାଧାରଣ ଲୋକେ ନିଜ ଜମିର ମ୍ୟାପ ନକଲ ସ୍କାନ ଜରିଆରେ ପାଉଥିବାବେଳେ ଏହାକୁ ନେଇ ହଇରାଣ ହେଉଛନ୍ତି। ମାପଚୁପ ବେଳେ ଅନେକ ବିବାଦ ମଧ୍ୟ ଉପୁଜୁଛି। ଏହି ବ୍ୟବସ୍ଥାକୁ ବିରୋଧ କରି ମନୋରଞ୍ଜନ ଧାରଣାରେ ବସିଥିବାବେଳେ ଏବେ ଅନ୍ୟ ଜିଲାର ସାମାଜିକ କର୍ମୀ ମଧ୍ୟ ତାଙ୍କୁ ସମର୍ଥନ କରିଛନ୍ତି। ଫଳରେ ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଜିତେନ୍ଦ୍ର ସାହୁ, ପ୍ରତାପ ମହାନ୍ତି ପ୍ରମୁଖ ଏହି ଧାରଣାରେ ଯୋଗଦେଇଛନ୍ତି। ବିଧାୟକ ଇଂ. ମହମ୍ମଦ ମୋକିମ ଧାରଣାକାରୀଙ୍କୁ ଭେଟିବା ସହ ଆଗାମୀ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡ୍ରିମ୍‌ସରେ ରାଜ୍ୟସ୍ତରୀୟ ବି-ସ୍କୁଲ ମିଟ୍



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

କଟକ ଅଫିସ,୨୭।୨

ଡ୍ରିମ୍‌ସ ଏମ୍‌ବିଏ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବି-ସ୍କୁଲ ମିଟ୍ ଏବଂ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଏକ୍ଲିଟିକା-୨୦୨୦' ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ପ୍ରମୁଖ ବି-ସ୍କୁଲର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଶିକ୍ଷକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଯଥା-ବିଜନେସ୍ କ୍ୱିଜ୍, ବିଜନେସ୍ ପ୍ଲାନ, ସେଲ୍ସମ୍ୟାନସିପ୍, ଟେଜର ହଣ୍ଟ, ଆଡ୍-ମାଡ୍ ଶୋ, ଫେସ୍ ପେଣ୍ଟିଂ, ଫଟୋଗ୍ରାଫି, ସଙ୍ଗୀତ, ନୃତ୍ୟରେ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟକ ବୋଲି କହିଥିଲେ। ମାତାପିତାଙ୍କ ଆଶୀର୍ବାଦ ଲାଭ କରି ବିଦ୍ୟାର୍ଥୀମାନେ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଡ. ସ୍ନିଗ୍ଧମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମିକ ନିର୍ଦ୍ଦେଶକ ପ୍ରଫେସର ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପିଅନଙ୍କ ନାଁରେ ଜିଲାପାଳଙ୍କୁ ଅଭିଯୋଗ

କଟକ ଅଫିସ,୨୭।୨

କଟକ ସେମିନାର ଛକସ୍ଥିତ ମକାମ କଲେଜର ପିଅନମାନେ କେତେଜଣ ଛାତ୍ରଙ୍କୁ ମାଡ଼ ମାରିଥିବା ନେଇ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଛାତ୍ରଙ୍କ ଉକ୍ତ ଅଭିଯୋଗ ଜିଲାପାଳ ଶୁଣିବା ପରେ ବିଧିବଦ୍ଧ ଭାବେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ କହିଥିଲେ। ଉପଜିଲାପାଳ ଶୁଭ୍ରାଂଶୁ ଷଡଙ୍ଗୀ ଏ ସମ୍ପର୍କରେ ଆକ୍ରମଣର ଶିକାର ଛାତ୍ରଙ୍କୁ ପଚାରି ବୁଝିଥିଲେ। ଗତ ଜାନୁୟାରୀ ୨୮ତାରିଖରେ ସେକ୍ ସାମସୁଲ୍ ହୁଦା ନାମକ ଜଣେ ଛାତ୍ରଙ୍କୁ କୌଣସି କାରଣକୁ ନେଇ କଲେଜର ଜନୈକ ପିଅନ କଲର୍ ଧରି ମାଡ ମାରିଥିଲେ। ସେହିଭଳି ଫେବୃୟାରୀ ୨୨ତାରିଖରେ ଅନ୍ୟଜଣେ ପିଅନ ଛାତ୍ର ରାହୁଲ ଭୂୟାଁଙ୍କୁ ଗୋଇଠା ମାରିଥିଲେ। ତେବେ ଏ ନେଇ ଉଭୟ ଛାତ୍ର କଲେଜ ଅଧକ୍ଷାଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ୨ଜଣ ପିଅନ ଅନେକ ସମୟରେ ଛାତ୍ରମାନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଜଣାପଡିଛି।

# ଘରୋଇ ସଂସ୍ଥାକୁ ୫୦ହଜାର ଜରିମାନା

## କାନ୍ଥ ସୁନ୍ଦରତା ନଷ୍ଟ କରୁଛି ବିଜ୍ଞାପନ ପୋଷ୍ଟର

କଟକ ଅଫିସ,୨୭।୨

ସହରର ସୌନ୍ଦର୍ଯ୍ୟକରଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ରାସ୍ତାପାର୍ଶ୍ୱ କାନ୍ଥରେ ବିଭିନ୍ନ ଚିତ୍ରାଙ୍କନ କରାଯାଇଛି। କିନ୍ତୁ ଅନେକ ଘରୋଇ ସଂସ୍ଥା ଏହି କାନ୍ଥଗୁଡିକରେ ବିଜ୍ଞାପନ ପୋଷ୍ଟର୍ ଲଗାଇ ଏହାର ସୁନ୍ଦରତା ନଷ୍ଟ କରୁଛନ୍ତି। ଏଭଳି ଘଟଣାରେ ଜଗତ୍‌ପୁରର ଜଗତ୍‌ପୁରର ଗଣପତି ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ପଲିଟେକ୍‌ନିକ୍) ସଂସ୍ଥାକୁ ସିଏମ୍‌ସି ପକ୍ଷରୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୦ତାରିଖରେ କଟକ ମହାନଗର ନିଗମ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ୱାଲ୍ ପେଣ୍ଟିଂ ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ୱାଲ୍ ପେଣ୍ଟିଂ ଉପରେ କୌଣସି ସଂସ୍ଥା ବିଜ୍ଞାପନ ପୋଷ୍ଟର ଲଗାଇଲେ ୧ ବର୍ଗଫୁଟ ପାଇଁ ୫ ହଜାର ଟଙ୍କା ଏବଂ ୧ ବର୍ଗ ଫୁଟରୁ ଉର୍ଦ୍ଧ୍ୱ ହେଲେ ବର୍ଗଫୁଟ ପିଛା ୧୦ ହଜାର ଟଙ୍କା ହାରରେ ଜରିମାନା ଆଦାୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ଅନେକ ଘରୋଇ ସଂସ୍ଥା ଖୋଲାଖୋଲି ଉଲ୍ଲଂଘନ କରୁଥିଲେ। ଶେଷରେ କାର୍ଯ୍ୟାନୁଷ୍ଠାନ ନେଇଛି ସିଏମ୍‌ସି। ଯୋବ୍ରା ଆନିକଟ ଏବଂ ରେଲୱେ ପାର୍ଶ୍ୱ କାନ୍ଥରେ ଜଗତ୍‌ପୁରର ଉପରୋକ୍ତ ସଂସ୍ଥା ୫ ବର୍ଗଫୁଟ ପୋଷ୍ଟର ଲଗାଇଥିବାରୁ ସିଏମ୍‌ସି ପକ୍ଷରୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଏତଦ୍‌ବ୍ୟତୀତ ଭବିଷ୍ୟତରେ ଅନ୍ୟ କୌଣସି ସଂସ୍ଥା ଏଭଳି ବେଆଇନ କାର୍ଯ୍ୟ କଲେ ଜରିମାନା ଆଦାୟ ସହିତ ସମ୍ପୃକ୍ତ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯିବ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ ଚେତାବନୀ ଦେଇଛନ୍ତି।

# 'ବିବାଦ ସେ ବିଶ୍ୱାସ ସ୍କିମ୍-୨୦୨୦' ଆଲୋଚନାଚକ୍ର

କଟକ ଅଫିସ, ୨୭।୨

କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ବୁଧବାର ସିଡିଏସ୍ଥିତ ଆସୋସିଏଶନର ନିଜସ୍ୱ ଗୃହରେ 'ବିବାଦ ସେ ବିଶ୍ୱାସ ସ୍କିମ୍-୨୦୨୦' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ ଯୋଗଦେଇ ଉକ୍ତ ସ୍କିମ୍‌ର ଲାଭ ନେବା ପାଇଁ ଟିକସ ପରାମର୍ଶଦାତାମାନେ ତାଙ୍କର ପକ୍ଷମାନଙ୍କୁ ପରାମର୍ଶ ଦେବାକୁ କହିଥିଲେ। ଆଇନଜୀବୀ ନିରଞ୍ଜନ ସ୍ୱାଇଁ, ଡ. କହ୍ନାୟାଲାଲ୍ ଶର୍ମା ଉକ୍ତ ସ୍କିମ୍‌ର ଉଭୟ ଦିଗ ଉପରେ ଆଲୋଚନା ପୂର୍ବକ ସଂଶୋଧନ ପ୍ରସ୍ତାବମାନ ରଖିଥିଲେ। ଏହି ସ୍କିମ୍ ଅନୁସାରେ ଅପିଲ୍‌ରେ ଥିବା ମାମଲାରେ ଆୟକରଦାତାମାନେ ଯଦି ସମୁଦାୟ ଟିକସ ଦାଖଲ ଆସନ୍ତା ମାର୍ଚ୍ଚ ୩୧ ମଧ୍ୟରେ କରିଦିଅନ୍ତି ତେବେ ସୁଧ ଓ ଶାସ୍ତିରୁ ଛାଡ଼ ପାଇବାର ବ୍ୟବସ୍ଥା ରହିଛି। ନଟବର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୁଗ୍ମ ଆୟକର ଆୟୁକ୍ତ ଜିତେନ୍ଦ୍ର କୁମାର ଲେଙ୍କା ଓ ଅଭିଜିତ ମିଶ୍ର ଯୋଗଦେଇ ସ୍କିମ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ଟ୍ୟାକ୍ସ ବାର୍ ପକ୍ଷରୁ ମନୋଜ ସାହୁ, ଅରୁଣ ଦାଶ, ନୀରୋଦ କୁମାର ପାଲ୍, ଲକ୍ଷ୍ମୀଧର ଦାଶ, ବିଜୟ ବେହେରା, ରତ୍ନାକର ନାୟକ, ଅନିଲ କୁମାର ମିଶ୍ର, ବିବେକ ମହାନ୍ତି, ରମେଶ ଚନ୍ଦ୍ର ଜେନା ଓ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ବୈଠକ

ଚୌଦ୍ୱାର,୨୭।୨(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ କପାଳେଶ୍ୱର ଅଞ୍ଚଳରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ପରିସରରେ ଗୁରୁବାର ବରିଷ୍ଠ ନାଗରିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଲିସ ଅଧିକାରୀ ବାଳକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଆଇସିଆଇସିଆଇ ବ୍ୟାଙ୍କର ଚୌଦ୍ୱାର ଶାଖା ପରିଚାଳକ ଯୋଗଦେଇ ୬୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ବ୍ୟାଙ୍କରେ ମିଳୁଥିବା ସେବା ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଚୌଦ୍ୱାର ଥାନା ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ, ସୁବୋଧ ନାୟକ, ନାରାୟଣ ସ୍ୱାଇଁ, ହରିହର ରଣା, ଅଶୋକ ନାୟକ, ବିଭୁ ପ୍ରସାଦ ରଥ, ବସନ୍ତ ଦାସଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




ବାଙ୍କୀ ଡବଲ ମର୍ଡର ଘଟଣାର ନ୍ୟାୟିକ ତଦନ୍ତ ଦାବିରେ ଗୁରୁବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବାଙ୍କୀ ସ୍ୱାର୍ଥରକ୍ଷା ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ମୋରମ, ବ୍ଲାକ୍ ଗ୍ରାନାଇଟ୍ ପଥର ବୋଝେଇ ଗାଡି ଜବତ

କଟକ ଅଫିସ, ୨୭।୨

ଯାଜପୁର ଜିଲାର ବିଭିନ୍ନ ଜଙ୍ଗଲ ଜମିରୁ ବେଆଇନ ଭାବେ ଚାଲାଣ ହେଉଥିବା ମୋରମ, ବ୍ଲାକ୍ ଗ୍ରାନାଇଟ୍ ପଥରକୁ ଜବତ କରିଛି ବନ ବିଭାଗ ଏବଂ କଟକ ଭିଜିଲାନ୍ସ ଡିଭିଜନ୍‌ର ଫରେଷ୍ଟ ୟୁନିଟ୍। ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଜିଲା ଡାଳିଯୋଡ଼ ଫରେଷ୍ଟ ଡିଭିଜନ୍ ଅଞ୍ଚଳରୁ ଏକ ଟ୍ରକ୍‌ରେ ବେଆଇନ୍ ଭାବେ ମୋରମ୍ ଚାଲାଣ ହେଉଥିଲା। ଖବରପାଇ ବନ ବିଭାଗ ଏବଂ ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀଠାରେ ଏହି ଟ୍ରକ୍‌କୁ ଅଟକା ଯାଇଥିଲା। ଟ୍ରକ୍‌ରେ ପ୍ରାୟ ୨ଶହ ଘନଫୁଟର ମୋରମ ଭର୍ତ୍ତି ହୋଇଥିଲା। ପଚରା ଉଚରା ବେଳେ ଟ୍ରକର ଚାଳକ ଓ ମାଲିକ ଆବଶ୍ୟକ ଅନୁମତିପତ୍ର ଦେଖାଇପାରି ନ ଥିଲେ। ଏପରି କି ପରମିଟ୍ ମଧ୍ୟ ନ ଥିଲା। ପରେ ଦେଉଳଯୋଡା ଫରେଷ୍ଟ ରେଞ୍ଜ୍‌ରେ ଏ ନେଇ ଏକ ମାମଲା ରୁଜୁ କରାଯିବା ସହ ଉକ୍ତ ଟ୍ରକ୍ ଜବତ କରାଯାଇଛି। ସେହିଭଳି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଶ୍ରୀରାମପୁର ଟୋଲ୍ ଗେଟ୍ ଏବଂ ବିଶାପୁରଠାରେ ଚଢଉ କରାଯାଇ ଦୁଇଟି ଗାଡିରେ ବୋଝେଇ ହୋଇଥିବା ୧୫୦ ଘନଫୁଟ ବ୍ଲାକ ଗ୍ରାନାଇଟ୍ ପଥର ଜବତ କରାଯାଇଛି। ଏହି ଦୁଇଟି ଗାଡିରେ ଯାଞ୍ଚବେଳେ ଆବଶ୍ୟକ ଅନୁମତି ନ ଥିବା ଜଣାପଡ଼ିଥିଲା। ଏପରି କି ଗାଡିର ପରମିଟ୍ ମଧ୍ୟ ନ ଥିଲା। ଏ ନେଇ ଡ଼ାଳିଯୋଡ଼ ଫରେଷ୍ଟ ରେଞ୍ଜ୍‌ରେ ଦୁଇଟି ମାମଲା ରୁଜୁ କରାଯିବା ସହ ବ୍ଲାକ ଗ୍ରାନାଇଟ ବୋଝେଇ ଗାଡି ଦୁଇଟିକୁ ଜବତ କରାଯାଇଛି। ସମସ୍ତ ଗାଡିରୁ ଜବତ ମୋରମ ଓ ବ୍ଲାକ୍ ଗ୍ରାନାଇଟ୍ ପଥରର ଦାମ୍ ୨୮ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

## ରାଜ୍ୟର ୧୪ ବିଏଡ୍ କଲେଜ ବନ୍ଦ ପ୍ରସଙ୍ଗ

କଟକ ଅଫିସ,୨୭।୨




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ।

ରାଜ୍ୟର ୧୪ଟି ବି.ଏଡ୍ କଲେଜକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ପ୍ରତ୍ୟାହାର ଏବଂ ବ୍ଲକଗ୍ରାଣ୍ଟ ସ୍କୁଲଗୁଡ଼ିକୁ ସରକାରୀ ସ୍କୁଲ ସହିତ ମିଶ୍ରଣ ବନ୍ଦ କରିବା ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଗୁରୁବାର ପ୍ରତିବାଦ ଦିବସ ପାଳନ କରାଯାଇଛି। କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ଜିଲା ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଈଶା ଧର, ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଛାତ୍ରନେତା ଭାଗ୍ୟଶ୍ରୀ ପ୍ରଧାନ, ରଞ୍ଜନ ସାମଲ, ସିଦ୍ଧେଶ୍ୱର ଜେଠୀ, ଭାଗ୍ୟଶ୍ରୀ ପ୍ରଧାନ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ବିଏଡ୍ କଲେଜଗୁଡିକରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, କର୍ମଚାରୀ ନ ଥିବା ଏବଂ ଭିତ୍ତିଭୂମିର ଅଭାବ ଦର୍ଶାଇ ଏନ୍‌ସିଟିଇ ରାଜ୍ୟର ୧୪ଟି ବିଏଡ୍ କଲେଜରୁ ବିଏଡ୍ କୋର୍ସକୁ ଆସନ୍ତା ଶିକ୍ଷା ବର୍ଷରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ ଉପଯୁକ୍ତ ଯୋଗ୍ୟତାପ୍ରାପ୍ତ ଶିକ୍ଷକ ଅଭାବ ଦେଖାଦେବ। ଶିକ୍ଷାଦାନ ପ୍ରକ୍ରିୟା ଉପରେ ହେଉଥିବା ଗବେଷଣା କାର୍ଯ୍ୟ ବାଧାପ୍ରାପ୍ତ ହେବ। ପରିଣାମତଃ ରାଜ୍ୟର ସ୍କୁଲଶିକ୍ଷା ଧ୍ୱଂସାଭିମୁଖୀ ହେବ। ଅନ୍ୟପଟେ ଯାତାୟାତର ଅସୁବିଧା, ଆବଶ୍ୟକ ସଂଖ୍ୟକ ସ୍କୁଲ ନ ଥିବାରୁ ବିଭିନ୍ନ ସ୍ଥାନରେ ଲୋକେ ସେମାନଙ୍କ ବ୍ୟକ୍ତିଗତ ଉଦ୍ୟୋଗରେ ଏହି ବ୍ଲକଗ୍ରାଣ୍ଟ ସ୍କୁଲଗୁଡ଼ିକୁ ପ୍ରତିଷ୍ଠା କରିଛନ୍ତି। ମାତ୍ର ସରକାର ସେଗୁଡ଼ିକୁ ପୂର୍ଣ୍ଣ ଅନୁଦାନ ଯୋଗାଇଦେବା ପରିବର୍ତ୍ତେ ବନ୍ଦ କରିବା ପାଇଁ ଘୋଷଣା କରି ରାଜ୍ୟର ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇବାର ଅଧିକାରକୁ ଛଡାଇନେବାକୁ ଉଦ୍ୟମ କରୁଛନ୍ତି। ଏଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଛାତ୍ର ଆନ୍ଦୋଳନ ଶକ୍ତିଶାଳୀ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣା: ପିକ୍‌ଅପ ଭ୍ୟାନ୍ ଡ୍ରାଇଭର ଗୁରୁତର

ଚୌଦ୍ୱାର,୨୭।୨(ଡି.ଏନ୍.ଏ.)

ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚଷାପଡ଼ା ଘାଟ ନିକଟରେ ଗୁରୁବାର ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଡ୍ରାଇଭର ଜଗତପୁର ଥାନା ବାରବୋଡିଆ ଗ୍ରାମର ପୁଷ୍ପରାଜ ଦାସ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଚଷାପଡ଼ା ଘାଟ ନିକଟରେ ବୁଲାଣି ଥିବାରୁ ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ପୁଷ୍ପରାଜ ଭାରସାମ୍ୟ ହରାଇ ଏକ ଗଛରେ ଗାଡିକୁ ପିଟିଦେଇଥିଲେ। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଡ୍ରାଇଭର ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ଗ୍ରାମବାସୀ ପୁଷ୍ପରାଜଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରିବା ସହିତ ଟିପିଏମ୍ ଫାଣ୍ଡିକୁ ଜଣାଇଥିଲେ। ଏଏସ୍‌ଆଇ ଯୋଶେଫ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।



ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।

-ଭଲ୍‌ଟାୟାର



# ଫ୍ଲାଟ୍ ମିଳୁନି, ଚିନ୍ତା ବଢ଼ାଇଛି ଋଣ ବୋଝ

## ରାଜଧାନୀରେ ଘର କରିବା ସ୍ୱପ୍ନରେ ରହିଲା

■ ଦୁର୍ଦ୍ଦଶା ଭୋଗୁଛନ୍ତି ୮୦ରୁ ଊର୍ଦ୍ଧ୍ୱ ଜମାକାରୀ

■ ଲ୍ୟାଣ୍ଡ୍ ଇଣ୍ଡିଆ ରିୟଲ ଇଷ୍ଟେଟ୍‌କୁ ଦେଇଥିଲେ ଟଙ୍କା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜଧାନୀରେ ଜାଗାଟିଏ ପାଇବା, ଘରଟିଏ କରିବା ସମସ୍ତଙ୍କର ସ୍ୱପ୍ନ। ଲୋକଙ୍କ ଏଭଳି ମାନସିକତାକୁ ନେଇ ଖେଳ ଖେଳୁଛନ୍ତି କେତେକ ରିୟଲ ଇଷ୍ଟେଟ୍ ସଂସ୍ଥା, ବିଲ୍ଡର ଓ ଦଲାଲ। ଲୋଭନୀୟ ସ୍କିମ୍ ମାଧ୍ୟମରେ ଜମି ବା ଘର ଯୋଗାଇ ଦେବାକୁ କହି ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଇତିମଧ୍ୟରେ କିଏ ଧରାପଡ଼ି ଜେଲ୍ ଯାଉଛି ତ ଆଉ କିଏ ସଂସ୍ଥା ବନ୍ଦ କରି ଫେରାର ହେଉଛି। କିନ୍ତୁ ନିଜର କଷ୍ଟ ଉପାର୍ଜିତ ଟଙ୍କା ଦେଇ ଫସିଥିବା ଲୋକେ ଜୀବନସାରା ଦୁର୍ଦ୍ଦଶା ହିଁ ଭୋଗି ଚାଲିଛନ୍ତି। ଘର ପାଇବାର ସ୍ୱପ୍ନ ଚୂର୍ମାର ହୋଇଥିବାବେଳେ ବ୍ୟାଙ୍କ ଋଣ ସେମାନଙ୍କ ଜୀବନକୁ ଦହଗଞ୍ଜ କରୁଛି। ଲ୍ୟାଣ୍ଡ୍ ଇଣ୍ଡିଆ ରିୟଲ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଟଙ୍କାଦେଇ ଏମିତି ସ୍ଥିତିର ସାମ୍ନା କରୁଛନ୍ତି ୮୦ରୁ ଊର୍ଦ୍ଧ୍ୱ ଜମାକାରୀ। ୨୦୧୨ରୁ ଚାହିଁ ରହିଥିଲେ ମଧ୍ୟ ଏଯାଏ ଘର ମିଳିପାରୁନି। ଏପଟେ ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ଗିରଫ ହୋଇ ଏବେ ଜେଲ୍‌ରୁ ଫେରିଥିବା ସଂସ୍ଥାର ନିର୍ଦ୍ଦେଶକ ମଧ୍ୟ ହାତ ଟେକିଦେଇଛନ୍ତି। ଏପରିସ୍ଥିତିରେ ଉପଭୋକ୍ତାମାନେ କିପରି ଫ୍ଲାଟ୍ ପାଇବେ ଓ ଋଣ ଶୁଝିବେ ସେହି ଚିନ୍ତାରେ ଦିନରାତି ଘାରି ହେଉଛନ୍ତି।

ମିଳିଥିବା ସୂଚନାନୁସାରେ, ଲ୍ୟାଣ୍ଡ୍ ଇଣ୍ଡିଆ ରିୟଲ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ୍ ଚନ୍ଦକା ଥାନା ଅନ୍ତର୍ଗତ ଘଙ୍ଗାପାଟଣା ମୌଜାରେ ଆପାର୍ଟମେଣ୍ଟ ପ୍ରୋଜେକ୍ଟ କରି ୨୦ଲକ୍ଷରେ ୨ବିଏଚ୍‌କେ ଫ୍ଲାଟ୍ ଦେବାକୁ ଲୋକଙ୍କଠାରୁ ଟଙ୍କା ନେଇଥିଲା। କେତେଜଣ ସମ୍ପୂର୍ଣ୍ଣ କ୍ୟାଶ୍ ଦେଇଥିବାବେଳେ ଆଉ କେତେଜଣ କିଛି କ୍ୟାଶ୍ ଓ ଆଉ କିଛି ବ୍ୟାଙ୍କ୍ ଋଣ କରିଥିଲେ। ଶେଷଦେବ ପରିଡ଼ା ନାମକ ଜଣେ ଜମାକାରୀ କୁହନ୍ତି, ସଂସ୍ଥାର ନିର୍ଦ୍ଦେଶକ ବ୍ରଜସୁନ୍ଦର ମିଶ୍ର ତାଙ୍କ ସହ ଏକ ଏଗ୍ରିମେଣ୍ଟ କରିଥିଲେ। ଏଗ୍ରିମେଣ୍ଟ ମୁତାବକ ସେ ୨ଲକ୍ଷ ଟଙ୍କା ଅଗ୍ରୀମ ଦେବାପରେ ଅବଶିଷ୍ଟ ୧୮ଲକ୍ଷ ବ୍ୟାଙ୍କ୍ ଋଣ ମାଧ୍ୟମରେ ନେଇଥିଲା ସଂସ୍ଥା। ୨୦୧୬ରେ ଫ୍ଲାଟ୍ ହସ୍ତାନ୍ତର ହେବା କଥା। ମାତ୍ର ଘର ନିର୍ମାଣ ଅଳ୍ପ ଆରମ୍ଭ ହୋଇ ବର୍ତ୍ତମାନ ଯାଏ ପଡ଼ିରହିଛି। ବ୍ୟାଙ୍କକୁ ଋଣ କିସ୍ତି ଶୁଝିବା କଷ୍ଟକର ହେଉଛି। ବିଲ୍ଡର ଜେଲରୁ ଫେରିବା ପରେ ମଧ୍ୟ ପ୍ରୋଜେକ୍ଟ ଆରମ୍ଭ କରୁ ନାହାନ୍ତି। ବ୍ୟାଙ୍କ ମଧ୍ୟ ଆମ ସମସ୍ୟା ବୁଝୁନାହିଁ। ମୋ ଭଳି ଅନ୍ୟମାନଙ୍କ କଥା ମଧ୍ୟ ସରକାର ବୁଝନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ଅନ୍ୟଜଣେ ଜମାକାରୀ ମନୋଜ ମିଶ୍ର କୁହନ୍ତି, ଫ୍ଲାଟ୍ କିଣିବାକୁ ବ୍ୟାଙ୍କରୁ ୨୦୧୩ରେ ଋଣ କରି ସଂସ୍ଥାକୁ ଦେଇଥିଲେ। ୨୦୧୬ରେ ସଂସ୍ଥା ଆମକୁ ଫ୍ଲାଟ ହସ୍ତାନ୍ତର କରିବାକୁ ଚୁକ୍ତି କରିଥିବାରୁ ସେବେଠାରୁ ବ୍ୟାଙ୍କ ଦେଇଥିବା ଟଙ୍କାର ସୁଧ ସହ କିସ୍ତି ଆଦାୟ କରୁଛି। ଅନ୍ୟପକ୍ଷରେ ବିଲ୍ଡର ଜଣକ ଜେଲ୍ ଯାଇଥିବା ଓ ବ୍ୟାଙ୍କ୍ ଆକାଉଣ୍ଟ୍ ସିଜ୍ ହୋଇଥିବା ବାହାନା ଦେଖାଇ ନିଜେ ଅସହାୟତା ପ୍ରକାଶ କରୁଛନ୍ତି। କିନ୍ତୁ ଅନ୍ୟ କାହାକୁ ଉକ୍ତ ଘର ନିର୍ମାଣ ଦାୟିତ୍ୱ ଦେଉ ନ ଥିବାରୁ ଆମେ ଫ୍ଲାଟ୍ ପାଇପାରୁନୁ। ଏପଟେ ବ୍ୟାଙ୍କ୍ କିସ୍ତି ଶୁଝିବା ଆଉ ସମ୍ଭବ ହେଉନି। ଏହି ସମସ୍ୟା ଆମ ପାରିବାରିକ ଜୀବନକୁ କ୍ଷତିଗ୍ରସ୍ତ କରୁଛି। ତେଣୁ ଏଥିପ୍ରତି ବ୍ୟାଙ୍କ୍ ଓ ବିଲ୍ଡର ଚିନ୍ତା କରିବା ଆବଶ୍ୟକ।

ବ୍ୟାଙ୍କ ମ୍ୟାନେଜର କୁହନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଆମ ପାଖରୁ ୬୮ଜଣ ଋଣ ନେଇଛନ୍ତି। ଫ୍ଲାଟ୍ ନ ପାଇ ବହୁ ଉପଭୋକ୍ତା କିସ୍ତି ଓ ସୁଧ ଦେବା ବନ୍ଦ କରି ଦେବାରୁ ଉକ୍ତ ଆକାଉଣ୍ଟଗୁଡ଼ିକୁ ଏନ୍‌ପିଏ (ନନ୍ ପେମେଣ୍ଟ ଆକାଉଣ୍ଟ) କରିବାକୁ ମୁଖ୍ୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି।। ତଥାପି ଆମେ ବିକଳ୍ପ ଚିନ୍ତା କରୁଛୁ। ବ୍ୟାଙ୍କ ତରଫରୁ ବିଲ୍ଡରଙ୍କ ସହ ଯୋଗାଯୋଗ ଚାଲିଛି।

ସଂସ୍ଥାର ନିର୍ଦ୍ଦେଶକ ତଥା ବିଲ୍ଡର ବ୍ରଜ ସୁନ୍ଦର ମିଶ୍ର କୁହନ୍ତି, ଚିଟ୍‌ଫଣ୍ଡ ସହ ଉକ୍ତ ପ୍ରୋଜେକ୍ଟର କୌଣସି ସମ୍ପର୍କ ନାହିଁ। ଲୋକମାନଙ୍କୁ ମୁଁ ଠକିବାକୁ ଚାହୁଁନି। ୨୦୧୬ରୁ ଜେଲ ଯାଇ ୨୦୧୯ ଦଶହରାରେ ଜାମିନରେ ଆସିଛି। ଏବେ ମୋ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ମୋର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିଦିଆଯାଇଛି। ଆକାଉଣ୍ଟ ଚଳାଇବାକୁ ହାଇକୋର୍ଟରେ ମୁଁ ପିଟିଶନ କରିଛି। ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ କାଗଜପତ୍ର ଶୀଘ୍ର କୋର୍ଟରେ ପ୍ରଦାନ କରାଗଲେ ଓ ବ୍ୟାଙ୍କ ଆକାଉଣ୍ଟ ଚଳାଇବାକୁ ଅନୁମତି ମିଳିଗଲେ ତୁରନ୍ତ ଫ୍ଲାଟ୍ କାମ ସାରି ଲୋକଙ୍କୁ ହସ୍ତାନ୍ତର କରିବି। ପୁଣି ବର୍ତ୍ତମାନ ଦରଦାମ ବଢ଼ିଯାଇଥିବାରୁ ଉକ୍ତ ପ୍ରୋଜେକ୍ଟ ପାଇଁ ଅଧିକ ଅର୍ଥ ଆବଶ୍ୟକ। ଏ ନେଇ ଜମାକରୀ ଓ ବ୍ୟାଙ୍କ ସହ କଥାହୋଇ କାମ ଆରମ୍ଭ କରିବୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାସ୍ତା ଦବିବାରୁ ଫସିଲା ସଫାରି ବସ୍

ବାରଙ୍ଗ,୨୭।୨(ଡି.ଏନ.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ ସଫାରି ବସ୍ ପର୍ଯ୍ୟଟକଙ୍କୁ ନେଇ ବାଘ ସଫାରିରେ ଭ୍ରମଣ କରୁଥିବାବେଳେ ରାସ୍ତା ଦବିଯିବାରୁ ଗାଡ଼ିଟି ଫସିଯାଇଥିଲା। ପ୍ରାୟ ଅଧଘଣ୍ଟା ପରେ ସଫାରି ଠିକାଦାର ଅନ୍ୟ ଏକ ବସ୍ ଆଣି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲା। ଫଳରେ ନିକଟରୁ ଦେଖିବା ପାଇଁ ଯାଇଥିବା ପର୍ଯ୍ୟଟକମାନେ ପାଖରେ ବାଘ, ଭାଲୁ ଥିବା ଦେଖି କିଛି ସମୟ ପାଇଁ ଭୟଭୀତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ସାଢେ ୪ଟା ସମୟରେ ୩୫ଜଣ ଯାତ୍ରୀଙ୍କୁ ନେଇ ଏକ ସଫାରି ବସ ସଫାରି ଦେଖାଇବା ପାଇଁ ବାହାରିଥିଲା। ପ୍ରଥମେ ବାଘ ସଫାରିରେ ପର୍ଯ୍ୟଟକମାନଙ୍କୁ ନେଇ ବୁଲୁଥିବାବେଳେ ବର୍ଷା ଯୋଗୁ ରାସ୍ତା ଓଦାରୁ ଦବି ଯାଇଥିବାରୁ ବସ୍‌ର ଆଗ ଚକ ଫସିଯାଇଥିଲା। ଫଳରେ ବସ୍‌ରେ ଥିବା ପର୍ଯ୍ୟଟକମାନେ ଭୟରେ ବସି ରହିଥିଲେ। ସଙ୍ଗେ ସଙ୍ଗେ ଏହି କଥା ସଫାରି ଠିକାଦାରଙ୍କୁ ଜଣାଇବା ପରେ ଠିକାଦାର ଅନ୍ୟ ଏକ ବସ ନେଇ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଥିଲା। ପରେ ଏକ ଜେସିବି ମାଧ୍ୟମରେ ଦବିଥିବା ବସ୍‌କୁ ଉଠାଇଥିଲେ। ତେବେ ପ୍ରତିବର୍ଷ ସଫାରି ରାସ୍ତା ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏଭଳି କାମ କରାଯାଉଛି ଯେ, ସାମାନ୍ୟ ବର୍ଷାରେ ଏହିଭଳି ସ୍ଥିତି ରହିଲେ ଲଗାଣ ବର୍ଷାରେ ସ୍ଥିତି କ’ଣ ରହିବ ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ କରାଯାଇପାରୁଛି।

### ସଂସ୍କୃତ ଭାଷା ସମ୍ଭାଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଛାତ୍ରୀମାନେ ୧୦ ଦିନ ବ୍ୟାପୀ ସଂସ୍କୃତ ଭାଷାରେ କହିବା ଓ ଲେଖିବା ସମ୍ପର୍କରେ ପ୍ରଶିକ୍ଷଣ ନେବେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ସରିତା ସୂପକାର ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ସଂସ୍କୃତ ଭାଷା ଶିଖିବା ଦ୍ୱାରା ଛାତ୍ରୀମାନେ ଅତୀତର ଜ୍ଞାନକୁ ଜାଣିପାରିବେ। ଏଥିସହ ସଂସ୍କୃତ ଭାଷାକୁ ସୁରକ୍ଷିତ କରିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ରାଜନୀତି ବିଭାଗ ମୁଖ୍ୟ ଡ. ମାନସ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିବିର ଆରମ୍ଭରେ ସଂସ୍କୃତି ବିଭାଗ ମୁଖ୍ୟ ଡ. ଇନ୍ଦିରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିରଜା କୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ପ୍ରଣତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜୟାନନ୍ଦ ସ୍ୱାଇଁ ଓ ଅରୁଣ କୁମାର ନାୟକ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡ଼ିଛି।

## ସର୍ବଭାରତୀୟ ଧୋବୀ ମହାସଭାରେ ଉତ୍କଳ ରଜକ ମହାସଂଘର ଯୋଗଦାନ

ଭୁବନେଶ୍ୱର, ୨୭-୨

ଉତ୍କଳ ଭାରତ ଧୋବୀ ମହାସଂଘ ପକ୍ଷରୁ କଲିକତାଠାରେ ୩ ଦିନ ଧରି ଅନୁଷ୍ଠିତ ମହାସଭାରେ ଉତ୍କଳ ରଜକ ମହାସଂଘର ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ। ଏଥିରେ ନୂଆ ସଭାପତି ଭାବେ କିରଣ କୁମାର କୌନଜିଆ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ୪୦୦ ଜାତୀୟ ପରିଷଦ ସଦସ୍ୟ ଯୋଗ ଦେଇଥିଲେ। ଓଡ଼ିଶାରୁ ଆକୁଳି ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧି ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। ନୂତନ ସଭାପତି କୌନଜିଆ ଏପ୍ରିଲରେ ଓଡ଼ିଶା ଗସ୍ତରେ ଆସିବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିଲାଗି ଉତ୍କଳ ରଜକ ମହାସଂଘ ପକ୍ଷରୁ କମିଶନରେଟ ପୋଲିସଙ୍କ ଅନୁମତି ମଗା ଯାଇଛି ବୋଲି ମାନଗୋବିନ୍ଦ ସେଠୀ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ବସ୍ତିରେ ଥିବା ଲୋକଙ୍କ ଜୀବନଶୈଳୀ ସ୍ୱତନ୍ତ୍ର

■ ବିଓସି ବୁଲି ଦେଖିଲେ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)



IMG-20200228-WA0001.tif

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ)ର କମାଣ୍ଡର ତଥା ପରିଚାଳନା ଅଫିସ୍ କୁହାଯାଉଥିବା ଭୁବନେଶ୍ୱର ଅପରେଶନ ସେଣ୍ଟର (ବିଓସି) ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧି ଦଳ ବୁଲି ଦେଖିଛନ୍ତି। ଦଳ ଗୁରୁବାର ବିଏସ୍‌ସିଏଲର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପଚାରି ବୁଝିଥିଲେ। ହେଲେ ଭୁବନେଶ୍ୱର ବସ୍ତିରେ ରହୁଥିବା ଲୋକ ତଥା ଯୁବପିଢ଼ିଙ୍କ ଜୀବନଶୈଳୀ ସ୍ୱତନ୍ତ୍ର ବୋଲି ସେମାନେ କହିଥିଲେ। ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନା ପକ୍ଷରୁ ଆସିଥିବା ଏହି ପ୍ରତିନିଧି ଦଳ ବିଏସ୍‌ସିଏଲ ଏବଂ ବିଓସି ପରିଦର୍ଶନ କରିଥିଲେ। ଭୁବନେଶ୍ୱରରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟ, ସିଟି ପ୍ଲାନ ଆଦି ବିଷୟରେ ମଧ୍ୟ ଏହି ଦଳ ଆଲୋଚନା କରିଥିଲେ।

ବିଶେଷକରି ସ୍ମାର୍ଟ ସିଟି ଏବଂ ବସ୍ତିର ବିକାଶ ଉପରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ସେମାନେ ବୁଲି ଦେଖିବା ପରେ ଆମେ ଭାରତର ବିଭିନ୍ନ ସ୍ଥାନ ବୁଲିଛୁ ଏବଂ ଦେଖିଛୁ। ପ୍ରଥମେ ଏହି ପ୍ରତିନିଧି ଦଳ ବିଓସି ବୁଲି ଦେଖିବାକୁ ଥିବା ଭିଜିଟ୍ ଫି ପ୍ରଦାନ କରିବା ପରେ ଭିତରକୁ ଯାଇ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ବୁଲି ଦେଖିଥିଲେ। ଏଥିସହ ସେମାନେ ଜନସାଧାରଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଆଇଟି ଉପରେ ଆଧାରିତ ଭବିଷ୍ୟତର ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ମହାରାଷ୍ଟ୍ର ସରକାରଙ୍କ ଅର୍ଥ, ପରିଚଳାନା ବିଭାଗ, ପ୍ରଶିକ୍ଷଣ, ଆୟ, କର୍ପୋରେଶନ ଏବଂ ପ୍ରାଣୀ ରିସୋର୍ସେସ୍‌ର ପ୍ରତିନିଧିମାନେ ଥିଲେ। ଓଡ଼ିଶା ଅର୍ଥ ବିଭାଗର ମୁଖ୍ୟ ମନୋରଞ୍ଜନ ସାମନ୍ତରାୟ, ବିଏସ୍‌ସିଏଲର ଇଞ୍ଜିନିୟରିଂ ବିଭାଗର ଜେନେରାଲ ମ୍ୟାନେଜର ଅଶ୍ୱିନୀ ବିଶ୍ୱାଳ, ସଞ୍ଜୀବ ପଣ୍ଡା ପ୍ରମୁଖ ଉକ୍ତ ପ୍ରତିନିଧିମାନଙ୍କୁ ବିଭିନ୍ନ ସ୍ମାର୍ଟ ଏବଂ ଉନ୍ନତି ମୂଳକ କାର୍ଯ୍ୟ ଉପରେ ବୁଝାଇଥିଲେ। ସୂଚନାଯୋଗ୍ୟ, ଫେବୃୟାରୀ ୧୩ରେ ଆଇଏଏସ୍ ୨୦୧୮ ମହାରାଷ୍ଟ୍ର କ୍ୟାଡର ଏକ ପ୍ରତିନିଧି ଦଳ ଆସି ବିଓସି ବୁଲି ଦେଖିବା ସହ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ।

## ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ପାଇଁ ୩ ସଦସ୍ୟ ମନୋନୀତ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

‘ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ’ର ପରିଚାଳନା କମିଟି ସଦସ୍ୟଭାବେ ୩ଜଣଙ୍କୁ ମନୋନୀତ କରାଯାଇଛି। ଏନେଇ ଗୁରୁବାର ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମନୋନୀତ ହୋଇଥିବା ବ୍ୟକ୍ତିମାନେ ହେଲେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ କମଳା ପ୍ରସାଦ ମହାପାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ତନ୍ମୟ ସ୍ୱାଇଁ।

## ହନୁମାନ ଚାଳିଶା ପଢ଼ିବେ ୨୫ ହଜାର ଭକ୍ତ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଓଡ଼ିଶାର ଗ୍ରହ ଶାନ୍ତି ପାଇଁ ୨୫ହଜାର ଭକ୍ତ ହନୁମାନ ଚାଳିଶା ପଢ଼ିବେ। ଆସନ୍ତା ନଭେମ୍ବର ୨୭ରୁ ୧ ଡିସେମ୍ବର ଯାଏ ଜନତା ମଇଦାନରେ ଏହି ସାମୂହିକ ୧୦୮ ହନୁମାନ ଚାଳିଶା ପାଠ ଆୟୋଜିତ ହେବ ବୋଲି ଗୁରୁବାର ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟ ପକ୍ଷରୁ କୁହାଯାଇଛି।

## ବ୍ୟାଙ୍କ ସଂଘ ପକ୍ଷରୁ ଭୁବନେଶ୍ୱର ଏମ୍‌ପିଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର, ୨୭-୨

ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ)ର ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସଙ୍ଗଠନଗୁଡିକ ପକ୍ଷରୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ୟାଙ୍କର ଦ୍ୱିପାକ୍ଷିକ ରାଜିନାମାକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ଲାଗି ଏଥିରେ ଅନୁରୋଧ କରାଯାଇଛି। ବ୍ୟାଙ୍କ ସ୍ତରୀୟ ସଙ୍ଗଠନଗୁଡିକ ପକ୍ଷରୁ ଦାମୋଦର ନନ୍ଦ, ସବ୍ୟସାଚୀ ସ୍ୱାଇଁ, ଶିବପ୍ରସାଦ ବେହେରା, ଅନୀଲ ପ୍ରଧାନ, ସଞ୍ଜୀବ ପତି ଏବଂ ପ୍ରକାଶ ରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଆଇବିଏର ଟାଳଟୁଳ ନୀତି, ଦ୍ୱିପାକ୍ଷିକ ଆଲୋଚନାର ବିଫଳତା ସମ୍ପର୍କରେ ଏହି ଅବସରରେ ଏମ୍‌ପି ଷଡଙ୍ଗୀଙ୍କୁ ଅବଗତ କରାଯାଇଛି। ବ୍ୟାଙ୍କ ସଙ୍ଗଠନ ସମୂହର ଦାବି ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଅବଗତ କରାଇବେ ଏବଂ ମଜୁରି ରାଜିନାମାରେ ତୁରନ୍ତ ଉପନୀତ ହେବା ଲାଗି ଅନୁରୋଧ କରିବେ ବୋଲି ଷଡଙ୍ଗୀ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏମ୍‌ପି ଷଡଙ୍ଗୀଙ୍କୁ ୟୁଏଫ୍‌ବିୟୁ ଓଡ଼ିଶା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କସିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୫୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

BUSINESS

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ। ଅଗ୍ରିମ-60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇଟାଭାଟି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra



ଯେଉଁ ଲୋକ ପ୍ରତିଦିନ ନିଜଠାରୁ ହିସାବ ବୁଝିନିଏ,
ନିଶ୍ଚୟ ସେ ଉନ୍ନତି ପଥରେ ଆଗେଇ ଯାଏ।
- ସେନେକା



## ସଂକ୍ଷେପରେ

ନିଶାରେ ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା ଘଟଣା

### ଜେଲ ଗଲେ ଅଭିଯୁକ୍ତ ପୁଅ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**- ମଦ ନିଶାରେ ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ପୁଅଙ୍କୁ ଗୁରୁବାର ଜେଲ ପଠାଇ ଦିଆଯାଇଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ସାହୁ କଲୋନୀରେ ରହୁଥିବା କୁନା ସ୍ୱାଇଁ(୨୦)। କୁନାଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ। ସେ ପରିବାର ସହ ଭୁବନେଶ୍ୱରରେ ରୁହନ୍ତି। ବାପା ବିଜୟ ସ୍ୱାଇଁ (୫୧)ଙ୍କ ସହ ପୁଅ କୁନା ବିଭିନ୍ନ କ୍ୟାଟରିଂ ସଂସ୍ଥାରେ ରୋଷେୟା କାମ କରନ୍ତି। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ପୁଅ କୁନା ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଏକ କ୍ୟାଟରିଂ ସଂସ୍ଥାରୁ ବକେୟା ଟଙ୍କା ଆଣିବାକୁ ନେଇ ଉଭୟ ବାପା ଓ ପୁଅ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ କୁନା ତା'ର ରୁମକୁ ଚାଲିଯାଇଥିଲେ। କିଛି ସମୟ ପରେ ନିଶାସକ୍ତ ଅବସ୍ଥାରେ ଥିବା କୁନା ଘର ଭିତରେ ବାନ୍ତି କରୁଥିବା ଦେଖି ତାଙ୍କୁ ବାହାରକୁ ଚାଲିଯିବାକୁ ବାପା ବିଜୟ କହିଥିଲେ। ହେଲେ ତାଙ୍କ କଥା ନ ଶୁଣିବାରୁ ବିଜୟ ଉତ୍ୟକ୍ତ ହୋଇ ପୁଅ କୁନାଙ୍କୁ ଟାଣି ନେଇ ବାହାରକୁ ଯାଇ ବାନ୍ତି କରିବାକୁ କହିଥିଲେ। ଏଥିରେ ପୁଅ କୁନା ଉତ୍କ୍ଷିପ୍ତ ହୋଇ ଘରେ ଥିବା ଏକ ଠେଙ୍ଗାରେ ବାପାଙ୍କ କାନ ମୁଣ୍ଡାକୁ ଜୋର୍‌ରେ ପିଟି ଦେଇଥିଲେ। ବିଜୟ ତଳେ ପଡି ଛଟପଟ ହେଉଥିବାବେଳେ ପୁଅ କୁନା ବାରମ୍ବାର ପିଟି ଚାଲିଥିଲେ। କୁନାଙ୍କ ସାବତ ମା' ଏହା ଦେଖି ଚିତ୍କାର କରି ପଡୋଶୀ ଲୋକଙ୍କୁ ଡାକିଥିଲେ। ଲୋକେ ପହଞ୍ଚିବାବେଳକୁ ବିଜୟ ଅଚେତ ଅବସ୍ଥାରେ ତଳେ ପଡିଥିଲେ। ସାହି ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରିଥିଲା। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ କେସ୍ ନଂ. ୧୦୩/୨୦ରେ କୁନାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା।

### ଆଜି ପୁରୀ ଆସିବେ ରାଜ୍ୟପାଳ, ସ୍ୱରାଷ୍ଟ୍ର ମନ୍ତ୍ରୀ

ଗସ୍ତ ସାରି ଫେରିଗଲେ ମମତା

**ପୁରୀ ଅଫିସ,୨୭।୨:**ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁରୀ ଗସ୍ତ ଶେଷ ହୋଇଛି। ମମତା ଗତ ୨୫ ତାରିଖ ରାତିରେ ଆସି ପୁରୀରେ ପହଞ୍ଚିଥିଲେ। ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ସେ ରହିଥିଲେ। ବୁଧବାର ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗୁରୁବାର ସେ ଭୁବନେଶ୍ୱର ଫେରି ଯାଇଛନ୍ତି। ଅପରପକ୍ଷେ ଶୁକ୍ରବାର ପୁରୀକୁ ପୁଣି ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି। ଅପରାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ରାତି ୮ଟାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପୁରୀରେ ପହଞ୍ଚି ମେ' ଫେୟାର ହୋଟେଲରେ ରାତ୍ରିଯାପନ କରିବେ। ଶନିବାର ସକାଳେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।

# ବୋଲଗଡ଼ରେ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର ଟିମ୍

- ଫ୍ଲୋରାଇଡ ସମସ୍ୟା ଅନୁଧ୍ୟାନ କଲା
- ଫିଲ୍‌ଟରିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦେଲା ପ୍ରସ୍ତାବ

**ବୋଲଗଡ,୨୭।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତର ବାଲିସିଂହ ଗ୍ରାମରେ ଫ୍ଲୋରାଇଡ ସମସ୍ୟା ଲାଗିରହିଛି। ଗୁରୁବାର ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ୨ଜଣିଆ ଟିମ୍ ଗ୍ରାମରେ ପହଞ୍ଚି ଏହି ସମସ୍ୟା ବିଷୟରେ ଅନୁଧ୍ୟାନ କରିଛି। ଏକ ଫିଲଟରିଂ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାସହ ସରପଞ୍ଚ ସୁବାସ ଚନ୍ଦ୍ର ରାୟଗୁରୁ, ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ, ୱାର୍ଡମେମ୍ବର ଭାଗବତ ବଳିୟାରସିଂହ ପ୍ରମୁଖଙ୍କ ସହ ଆଲୋଚନା କରି ଫେରିଯାଇଥିଲେ।

ସାଗରଗାଁ ପଞ୍ଚାୟତର ବାଲିସିଂହ, ସିଂହପୁର, ଗୋଡିଆଳି, ବାରଦାଣ୍ଡି, ଜରିପଡା ଆଦି ଗ୍ରାମର ଜଳ ଉତ୍ସରେ ଅଧିକ ପରିମାଣର ଫ୍ଲୋରାଇଡ ରହିଥିବା ୧୯୯୮ ମସିହାରେ ଜଣାପଡିଥିଲା। ଏହି ସମସ୍ୟା ଯୋଗୁ ବହୁ ଲୋକ ନାନା ରୋଗର ଶିକାର ହୋଇଛନ୍ତି। ୨୦୦୨ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ୨ ଗ୍ରାମକୁ ଯାଇ ଫ୍ଲୋରାଇଡ ସମସ୍ୟା ଅନୁଧ୍ୟାନ କରିଥିଲେ। ପରେ ଏଠାକାର ଭୂତଳ ଜଳ ପରୀକ୍ଷଣ କରାଯାଇଥିଲା। ପ୍ରତି ଲିଟର ଜଳରେ ପ୍ରାୟ ୭ ମିଲିଗ୍ରାମ ଫ୍ଲୋରାଇଡ ଥିବା ଜଣାପଡିଥିଲା। ଡାକ୍ତରଙ୍କ କହିବା ପ୍ରକାରେ ପ୍ରତି ଲିଟର ଜଳରେ ୧ରୁ ଦେଢ ମିଲିଗ୍ରାମଠାରୁ ଅଧିକ ଫ୍ଲୋରାଇଡ ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ହେଲେ ଅଧ୍ୟାବଧି ଏହି ସମସ୍ୟା ସମାଧାନ ହୋଇପାରି ନାହିଁ।

ଏହି ପଞ୍ଚାୟତର ହଳଦୀପଡା, ଜରିପଡା, ବାରଦାଣ୍ଡି, ଗୋଡିଆଳି ଆଦି ଗ୍ରାମର ପାନୀୟ ଜଳରେ ଫ୍ଲୋରାଇଡ ମାତ୍ରା ଅଧିକ ଥିଲେ ମଧ୍ୟ ବର୍ଷ ବର୍ଷ ଧରି ଲୋକେ ଏହାକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ୧୯୯୮ ମସିହାରେ ଏହି ଗ୍ରାମଗୁଡିକୁ ପାଇଁ ୩ଟି ପ୍ରକଳ୍ପ ହୋଇଥିଲା। ବୋରିଂ କରାଯାଇ ପ୍ରକଳ୍ପ ଜଳକୁ ପାଇପ ଯୋଗେ ଯୋଗାଇ ଦିଆଯାଇଥିଲା। ପରେ ଜଣାପଡିଥିଲା ଯେ ବୋରିଂ ଜଳରେ ମଧ୍ୟ ଫ୍ଲୋରାଇଡ ମାତ୍ରା ଅଧିକ ରହିଛି। ଏହା ଜଣାପଡିବା ପରେ ଉକ୍ତ ପ୍ରକଳ୍ପଗୁଡିକୁ ବନ୍ଦ କରିଦିଆଯାଇଛି। ଏହାପରେ ପ୍ରଶାସନ ପକ୍ଷରୁ ବଡ ବଡ କୂପ ଖୋଳାଯାଇଥିଲେ ମଧ୍ୟ ସେଥିରୁ ମିଳୁଥିବା ଜଳରେ ଫ୍ଲୋରାଇଡ ଅଧିକ ଥିବା ଜଣାପଡିଥିଲା। ଫଳରେ ଏହି କୂପଗୁଡିକ ଅକାମୀ ହୋଇପଡିରହିଛି। ସରପଞ୍ଚ ରାୟଗୁରୁଙ୍କ କହିବା କଥା ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ବୋରିଂ, ଇଲେକ୍ଟ୍ରିଫିକେଶନ ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିଦିଆଗଲେ ସେମାନେ ଏକ ଫିଲ୍‌ଟରିଂ ପ୍ଲାଣ୍ଟ ବାସଇବା ପାଇଁ ଉଦ୍ୟମ କରିବେ।



ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛି ବିଶେଷଜ୍ଞ ଟିମ୍

# ପାଣି ପାଇପ୍ ଲୁଟ୍ ଅଭିଯୋଗରେ ୪ ଗିରଫ

- ହୀରାପୁର ଜଙ୍ଗଲ ଲୁଟେରାଙ୍କ ସୁରକ୍ଷିତ କରିଡର
- ପାଇପ ବୋଝେଇ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ୍, ୨୭।୨(ଡି.ଏନ୍.ଏ.)**

ଜଳଯୋଗାଣ ପାଇପ୍ ଲୁଟ୍ ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଗୁରୁବାର ୪ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ପାତ୍ରପଡାର ସୁବ୍ରତ ଜେନା, ବୁଗୁଡାର ସତ୍ୟ କୁମାର ରଣା, ଗ୍ରାମତୋଟାସାହିର ତପୁ ଭୂୟାଁ ଏବଂ ଜଟଣୀ ଦେଉଳିପାଟଣା ଗାଁର ସୁରେନ୍ଦ୍ର କୁମାର ନାୟକ। ସମସ୍ତଙ୍କୁ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଖୋର୍ଦ୍ଧା ଉପକାରାଗାରକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ଗୋଟିଏ ପାଇପ୍ ବୋଝେଇ ଟ୍ରକକୁ ମଧ୍ୟ ପୋଲିସ ଜବତ କରିଛି।

ପୋଲିସି ସୂଚନା ଅନୁସାରେ, ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମକୁ ମେଗା ପାଇପ୍ ଜଳ ଯୋଗାଣ କାର୍ଯ୍ୟ ଚାଲୁ ରହିଛି। ସେଥିପାଇଁ ଠିକାଦାରଙ୍କ ପକ୍ଷରୁ ପାଇପ୍ ବିଛାଇବା ପ୍ରକ୍ରିୟା ଜାରି ରହିଛି। ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଠିକାଦାରଙ୍କ କର୍ମଚାରୀ ଓ ମଜୁରିଆମାନେ ରହୁଛନ୍ତି। କ୍ୟାମ୍ପ ପରିସରରେ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ସହ ପାଇପ୍ ଗଚ୍ଛିତ ରଖାଯାଇଛି। ତେବେ ଖୋର୍ଦ୍ଧା ପୋଲିସ ଜିଲା ଅଞ୍ଚଳରେ ଆସି ଲୁଟେରାମାନେ ସୁରକ୍ଷିତ ସ୍ଥାନ ବୋଲି ଧରି ନେଲେଣି। ଏହି ଥାନା ଅଧୀନ ହୀରାପୁର ଗାଁ ନିକଟସ୍ଥ ଏକ ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। ସେଠାରେ ରହି ଜିଲାର ବିଭିନ୍ନ ଅଞ୍ଚଳରୁ ପାଇପ୍ ଲୁଟି ଚାଲିଛନ୍ତି। ମଙ୍ଗଳବାର ରାତିରେ ପାଇପ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ ଠିକାଦାର ଦୀପ୍ତିରଞ୍ଜନ ରାଉତ। ଏ ନେଇ ଥାନାରେ ନଂ. ୪୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଚଢାଉ ବେଳେ ହୀରାପୁର ଜଙ୍ଗଲ ପରିସରରେ ଏକ ପାଇପ୍ ବୋଝେଇ ଟ୍ରକ୍ ଡବ୍ଲ୍ୟୁବି୧୧ସି ୯୩୬୭କୁ ପୋଲିସ ଜବତ କରିଥିଲା। ପୂର୍ବ ସୂଚନା ଅନୁସାରେ, ଖୋର୍ଦ୍ଧା ସଦର ଥାନା ପୋଲିସ ସମାନ ପାଇପ ଚୋରି ଘଟଣାରେ ଜାନୁୟାରୀରେ ୯ ଜଣେ ଦୁର୍ବୃତ୍ତଙ୍କ ଗିରଫ କରି କୋର୍ଟ ଚାଲାଣ କରିଥିଲା।



ଜବତ ହୋଇଥିବା ପାଇପ ବୋଝେଇ ଟ୍ରକ।

# ଟାଙ୍ଗୀ ବନାଞ୍ଚଳ: ୪ ବର୍ଷରେ ୩ ହାତୀଙ୍କ ମୃତ୍ୟୁ

**ବ୍ୟବଚ୍ଛେଦ ରିପୋର୍ଟ କାଗଜ କଲମରେ, ତଦନ୍ତ ପ୍ରକ୍ରିୟା ଶୀତଳ ଭଣ୍ଡାରରେ**

**ନିରାକାରପୁର,୨୭।୨(ଡି. ଏନ.ଏ.)–**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ୪ବର୍ଷରେ ଦୁଇ ମାଈ ଓ ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଛି। ତେବେ ଏ ଯାଏ ବ୍ୟବଚ୍ଛେଦ ରିପୋର୍ଟ କିମ୍ବା ହାତୀ ମୃତ୍ୟୁର ପ୍ରକୃତ କାରଣ ପଦାକୁ ଆସିପାରିନାହିଁ। ତଦନ୍ତ ପ୍ରକ୍ରିୟା ଶୀତଳ ଭଣ୍ଡାରରେ ରହିଛି ବୋଲି ଅଭିଯୋଗ ହେଉଛି। ଟାଙ୍ଗୀ ବନାଞ୍ଚଳରେ ମାଫିଆଙ୍କ ଦ୍ୱାରା ଗଛ ଓ ପଥର ଚୋରି ଯୋଗୁ ଜଙ୍ଗଲ ପଦା ହେବାକୁ ଲାଗିଲାଣି। ତେଣୁ ବନ୍ୟଜନ୍ତୁଙ୍କ ରହିବା ଏବଂ ଖାଇବାରେ ଅସୁବିଧା ଯୋଗୁ ସେମାନେ ବିଶେଷ କରି ହାତୀମାନେ ଏବେ ଗାଁ ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ମଣିଷ ଓ ହାତୀମାନଙ୍କ ମଧ୍ୟରେ ଲଢେଇ ହୋଇ ସେମାନେ ଲୋକଙ୍କ ଶିକାର ହେଉଥିବା ବେଳେ ଲୋକେ ମଧ୍ୟ ସେମାନଙ୍କର ଶିକାର ହେଉଛନ୍ତି। ଟାଙ୍ଗୀରେ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ଥିବା ବେଳେ ତା ଅଧୀନରେ ଚାରୋଟି ଫରେଷ୍ଟର ଯଥା ଭୂଷଣ୍ଡପୁର, ଟାଙ୍ଗୀ, ନାରୁଣୀ ଓ ପଡିଆ ରହିଛି। ଏହା ସହିତ ରାମେଶ୍ୱର, ନାରଗଦା, ନାଳସିଂହ ଓ ଭୂଷଣ୍ଡପୁର ସମେତ ବାରୋଟି ବିଟ୍ ହାଉସ ରହିଛି। ହେଲେ ଏତେ ସଂଖ୍ୟକ କର୍ମଚାରୀ ଥିଲେ ମଧ୍ୟ ସେମାନଙ୍କର ଚରମ ଅବହେଳା ଯୋଗୁ ହାତୀମାନଙ୍କ ସୁରକ୍ଷା ହୋଇପାରୁ ନାହିଁ। ୨୦୧୫ ମସିହାରେ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ନିକଟରେ ଥିବା ଚିତ୍ରକୂଟ ପାହାଡରୁ ଗୋଟିଏ ଗଳିତ ହାତୀଶବ କିଛି ଗ୍ରାମବାସୀ ଠାବ କରିଥିବା ବେଳେ ବନ କର୍ମଚାରୀମାନେ କେବଳ ବାହାବା ନେଇଥିଲେ। ସେହିପରି ୨୦୧୯ରେ ରାମେଶ୍ୱର ଛକ ୧୬ ନମ୍ବର ଜାତୀୟ ରାଜପଥ ମନ୍ଦାକିନୀ ନଦୀପଠାରୁ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଥିବାବେଳେ ଏବଂ ଗୁରୁବାର ଏକ ମାଈହାତୀର ଗଳିତ ଶବ ପଟିଆ କୁଶପଲ୍ଲା ଜଙ୍ଗଲରେ ଠାବ କରାଯାଇଛି। ଗତ ୫/୭ ବର୍ଷ ହେଲା ବନ ବିଭାଗର ଖାମଖିଆଲ ନୀତି ଯୋଗୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବେ ଅବହେଳିତ। ଯାହାକି ଖୋର୍ଦ୍ଧା ଜିଲା ବରୁଣେଇ ପାହାଡରେ ଗୋଟିଏ ଏବଂ ଟାଙ୍ଗୀ ବନାଞ୍ଚଳରେ ତିନୋଟି ମୃତ ହାତୀ ଏହାର ଏକ ଜ୍ୱଳନ୍ତ ଉଦାହରଣ।

### ଏମାନେ ଯାହା କୁହନ୍ତି ...

"ହାତୀ ମୃତ୍ୟୁର ମୁଖ୍ୟ କାରଣ ହେଲା ଜଙ୍ଗଲ ସୁରକ୍ଷା ଦେବା। ହାତୀମାନଙ୍କ ଚଲାପଥକୁ ତୀକ୍ଷ୍ଣ ନଜର ରଖିବା। ହାତୀ ନ ଆସିବା ପାଇଁ ଟ୍ରେଞ୍ଚ ଖୋଳାଯାଇଥିଲା, ସେହି ଟ୍ରେଞ୍ଚକୁ କାଠ ମାଫିଆମାନେ ପୋତି ଦେବାରୁ ହାତୀମାନେ ସେହିବାଟ ଦେଇ ବାହାରକୁ ଆସୁଛନ୍ତି। ଜଙ୍ଗଲ ଭିତରେ ଜଳାଶୟ ପୋତି ହୋଇଯିବା ସହିତ ଖାଦ୍ୟ ନ ଥିବା ଯୋଗୁ ସେମାନେ ଗାଁ ମୁହାଁ ହେଉଛନ୍ତି।

**ବ୍ରଜବନ୍ଧୁ କର, ପରିବେଶବିତ୍ ତଥା ଶିକ୍ଷାବିତ୍, ଲଳିତାପାଟପୁର, ଲେଣ୍ଡୋ**

"ଆମେ ତ ହାତୀର ଘର ଭାଙ୍ଗିଲେ, ସେମାନେ ବାଧ୍ୟହୋଇ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକେ ସଚେତନ ହୋଇଗଲେ ସବୁ ସମାଧାନ ହୋଇଯିବ ଓ ପ୍ରକୃତି, ପରିବେଶ ସବୁ ସୁଧୁରି ଯିବ।

**ସୁନ୍ଦର କୁମାର ମହାରଣା, ପରିବେଶବିତ୍, ମୋଟା**

"ଆମର ୪ଟା ଫରେଷ୍ଟର ଅଫିସ ଓ ୧୨ଟା ବିଟ୍ ହାଉସ ରହିଛି। ଆମ ଜୀବଜନ୍ତୁ କିପରି ସୁରକ୍ଷିତ ରହିବେ ଆମେ ସବୁବେଳେ ଚେଷ୍ଟିତ। ତେବେ ରାମେଶ୍ୱର ଛକଠାରେ ଯେଉଁ ହତୀ ମରିଥିଲା ତାକୁ ବିଷ ଦେଇ ମାରିଥିଲେ। ଗୁରୁବାର ଯେଉଁ ହାତୀଟି ମରିଛି ସେ କିଛିଦିନ ଧରି ଅସୁସ୍ଥ ଥିବାବେଳେ ବୟସାଧିକ୍ୟ କାରଣରୁ ତା'ର ମୃତ୍ୟୁ ହୋଇଛି।

**-ଅଜୟ କୁମାର ଜଗଦେବ, ଟାଙ୍ଗୀ ବନାଞ୍ଚଳ ଅଧିକାରୀ**

# ସରିଲା ରଙ୍ଗ ଉତ୍ସବ ମଞ୍ଚସ୍ଥ ହେଲା ନାଟକ 'ଧଡ଼ି ରାମାୟଣ'

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଆମ ସମସାମୟିକ ଭଦ୍ର ସମାଜ ଓ ସାମାଜିକ ବ୍ୟବସ୍ଥା ଆମର ମୂଲ୍ୟବୋଧ ଓ ଜୀବନ ଦର୍ଶନକୁ ଉପହାସ କଲାଭଳି ତିଆରି ହୋଇଛି। ଏହି ବ୍ୟବସ୍ଥାଗତ ଛିଦ୍ରଗୁଡ଼ିକ ସମ୍ପୂର୍ଣ୍ଣଭାବେ ହାସ୍ୟାସ୍ପଦ ଓ ଅବକ୍ଷୟମୁଖୀ। ଧଡ଼ିରାମ ଭଳି ଭଦ୍ରମୁଖା ପିନ୍ଧା ହିଂସ୍ର ଦାନବମାନଙ୍କ ଦ୍ୱାରା କଳୁଷିତ ଓ କବଳିତ ବ୍ୟବସ୍ଥାର ହଳାହଳ ବିଷ ପ୍ରଭାବରେ ଆଜିର ସାଧାରଣ ମଣିଷର ଜୀବନ ବିପର୍ଯ୍ୟସ୍ତ। ଗଣତନ୍ତ୍ରର ଛଦ୍ମବେଶରେ ଚାଲିଥିବା ଧଡ଼ିତନ୍ତ୍ର ପ୍ରଭାବରେ ମହାପରାକ୍ରମୀ ଦୁଃଶାସନ ଏବଂ ସ୍ୱର୍ଣ୍ଣମୟୀ ଲଙ୍କାର ଦାନବ ସମାଜ ମଧ୍ୟ ତିଷ୍ଠି ରହି ପାରିନାହାନ୍ତି। ସମାଜର ପ୍ରତ୍ୟେକ ଜାଗାରେ ପ୍ରତି ମୁହୂର୍ତ୍ତରେ ଦେଖୁଛନ୍ତି ଧଡ଼ିତନ୍ତ୍ର ଓ ପାଉଛନ୍ତି ଧଡ଼ିରାମ। ଏଭଳି ଏକ କାହାଣୀକୁ ନେଇ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଧଡ଼ି ରାମାୟଣ'। ନାଟ୍ୟାନୁଷ୍ଠାନ 'ଜୀବନରେଖା' ପକ୍ଷରୁ ଚାଲିଥିବା ୩ଦିନିଆ 'ରଙ୍ଗ ଉତ୍ସବ'ର ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକଟି ପରିବେଷିତ ହୋଇଥିଲା। ନାଟକର ନିର୍ଦ୍ଦେଶନା ଅଭିନ୍ନ ରାଉତରାୟ ଦେଇଥିବାବେଳେ ରଚନା କରିଥିଲେ ମନୋଜ ମିତ୍ର। ବିଭିନ୍ନ ଚରିତ୍ରରେ ମାନୁ, ପବିତ୍ର, ସୁନିଲ୍, ଦେବେନ୍ଦ୍ର, ନନ୍ଦୀ, ଭକ୍ତ, ସିଦ୍ଧାର୍ଥ ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ଡ. ଅପର୍ଣ୍ଣା ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ହରେନ୍ ସାହୁ, ଅଧ୍ୟାପିକା ହିରଣ୍ମୟୀ ମିଶ୍ର, ଅନୁଷ୍ଠାନର ସଭାପତି ଚିନ୍ମୟୀ ଷଡ଼ଙ୍ଗୀ ଓ ଅଭିନ୍ନ ରାଉତରାୟ ଉପସ୍ଥିତ ଥିଲେ।

# ଟଙ୍କା, ନଥିପତ୍ର ନେଇ ୱାର୍ଡ ଅଫିସର ଫେରାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ):**

ଫନୀ ସହାୟତା ଓ ନୂଆ ୱାର୍ଡ କାର୍ଯ୍ୟାଳୟ ବାବଦ ଅଗ୍ରିମ ଟଙ୍କା ସମେତ ଆବଶ୍ୟକ ନଥିପତ୍ର ନେଇ ୱାର୍ଡ ନଂ. ୫ ର ୱାର୍ଡ ଅଫିସର ମାନସ କୁମାର ପ୍ରଧାନ ଫେରାର ହୋଇଯାଇଛନ୍ତି। ଏହା ସହିତ ଡେଲି କଲେକ୍ସନ ରେଜିଷ୍ଟର, ଡିମାଣ୍ଡ କଲେକ୍ସନ ବାଲାନ୍ସ, ଆସେସ୍‌ମେଣ୍ଟ ରେଜିଷ୍ଟର, ଫାଇଲ୍ ସହ ୫ନଂ. ୱାର୍ଡର ମନି ରିସିପ୍ଟ ମଧ୍ୟ ମିଳୁ ନ ଥିବା ଜଣାପଡିଛି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସମ୍ପୃକ୍ତ ୱାର୍ଡ ଅଫିସରଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଏତଲା ଦିଆଯାଇଛି। ସୂଚନାଥାଉ କି, ମାନସ ୫ନଂ. ୱାର୍ଡରେ ୱାର୍ଡ ଅଫିସର ଭାବେ କାର୍ଯ୍ୟ କରୁଥିବା ବେଳେ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳରେ ରହୁଥିଲେ। ବ୍ୟବସ୍ଥିତ ଭାବେ ତାଙ୍କୁ ୫ ନଂ. ୱାର୍ଡରୁ ଦକ୍ଷିଣ-ପୂର୍ବ ଜୋନ୍‌ର ୨୭ନଂ. ୱାର୍ଡକୁ ବଦଳି କରାଯାଇଥିଲା। ବଦଳି ଆଦେଶ ସଂଖ୍ୟା-୧୮୮୬ ଅନୁସାରେ ତାଙ୍କୁ ପୂର୍ବ ୫ନଂ. ୱାର୍ଡରୁ ରିଲିଭ୍ କରାଯିବା ପାଇଁ ତାଙ୍କ ଦାୟିତ୍ୱରେ ଥିବା ନଥିପତ୍ର ଏବଂ ଅଗ୍ରିମ ଟଙ୍କା ଇତ୍ୟାଦିକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। ହେଲେ ସେ ନଥିପତ୍ର ଏବଂ ଅଗ୍ରିମ ଟଙ୍କା ହସ୍ତାନ୍ତର ନ କରିବା ସହ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଏନେଇ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଆଦେଶକ୍ରମେ ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ବୈଠକ କରାଯାଇଥିଲା। ମାନସ ସମସ୍ତ ନଥିପତ୍ର ସହ ଅଗ୍ରିମ ଟଙ୍କା ଜୋନାଲ ଅଫିସ୍‌ରେ ଦାଖଲ କରିନଥିବା ଜୋନାଲ୍ ଡେ଼ପୁଟି କମିଶନର (ଉତ୍ତର ଜୋନ୍) ପ୍ରମୋଦ କୁମାର ପୃଷ୍ଟି କହିଥିଲେ। ଏଭଳି ସ୍ଥିତିରେ ୱାର୍ଡ ନଂ.୫ର ଅନେକ ରାଜସ୍ୱ ଜନିତ କାରବାରରେ ଜଟିଳତା ସୃଷ୍ଟିହେବା ଏବଂ ଅନେକ କ୍ଷେତ୍ରରେ ଏହା ଅଚଳ ହେବା ଦେବାରୁ ବିଏମ୍‌ସି ଅତିରିକ୍ତ କମିଶନର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜୋନାଲ ଡେପୁଟି କମିଶନର ପୃଷ୍ଟି ଏହି ଏତଲା ଦେଇଥିବା ବିଏମ୍‌ସି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ବିଏମ୍‌ସି କମିଶନର ଚୌଧାରୀ ରାଜସ୍ୱ ଆଦାୟ କାର୍ଯ୍ୟରେ ଅନିୟମିତତା ଆଚରଣ ପ୍ରମାଣିତ ହେବାରୁ ୫୧ନଂ. ୱାର୍ଡ ଅଫିସର ଈଶ୍ୱର ସ୍ୱାଇଁଙ୍କୁ ନିଲମ୍ବିତ କରିଛନ୍ତି। ରାଜସ୍ୱ ଆଦାୟକୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ କମିଶନର ନିଲମ୍ବନ ଆଦେଶ ଦେଇଥିବା ବେଳେ ହୋଲ୍ଡିଂ ଟାକ୍ସ ଦେଉ ନ ଥିବା ବୃହତ୍ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ରାଜସ୍ୱ ଦେବାରେ ଅବହେଳା କଲେ ଅନୁଷ୍ଠାନଗୁଡିକର ଜଳ ଏବଂ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ୱାଟ୍‌କୋ ଏବଂ ସେସୁକୁ ଲିଖିତ ଭାବେ ଜଣାଯାଇଛି।

# ଟ୍ରେନ୍‌ରେ କଟି ଚା' ବିକାଳିଙ୍କ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.)–**

ଇଷ୍ଟକୋଷ୍ଟ ରେଲୱେ ଲାଇନ୍‌ର ରେତଙ୍ଗ ପାସେଞ୍ଜର ହଲ୍ଟଠାରେ ଗୁରୁବାର ପୂର୍ବାହ୍ନରେ ଜଣେ ଚା ବିକାଳିଙ୍କ ଟ୍ରେନରେ କଟି ମୃତ୍ୟୁ ଘଟିଛି। ସେ ହେଲେ ଜହୁର ରହମନ(୩୮)। ପୋଲିସ ସୂଚନା ମୁତାବକ ରହମନ ଶ୍ରୀଭେଙ୍କଟେଶ୍ୱର ଏଣ୍ଟରପ୍ରାଇଜର ନାମକ ଏକ ଘରୋଇ ଅନୁଷ୍ଠାନର ଲାଇସେନ୍ସପ୍ରାପ୍ତ କ୍ରମେ ଟ୍ରେନରେ ବୁଲି ବୁଲି ଚା ବିକ୍ରିକରନ୍ତି। ଆଜି ଚା ବିକୁଥିବା ସମୟରେ ଅସାବଧାନତାବଶତଃ ତାଙ୍କର ଗୋଡ଼ ଖସି ଯାଇଥିଲା। ସେ ରେଳ ଧାରଣାରେ ପଡ଼ିଯିବାରୁ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଜିଆରପି ପୋଲିସ ପ୍ରଦୀପ ସେବା ଟ୍ରଷ୍ଟର ମଧୁସ୍ମିତା ପୃଷ୍ଟି ଏବଂ ପ୍ରଦୀପ ପୃଷ୍ଟିଙ୍କ ସହଯୋଗରେ ଉଦ୍ଧାର କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏ ନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲ ରୁଜୁ ହୋଇଛି।

# ମାର୍ଚ୍ଚ ୫ରେ ରଥଖଳାରେ ରୁକୁଣା ରଥକାଠ ଅନୁକୂଳ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ୫ରେ ରଥଖଳାରେ ହେବ ରଥକାଠ ଅନୁକୂଳ। ତେଣୁ ଖଣ୍ଡପଡ଼ାରୁ ଆମ୍ବକାଠ ଆସି ରଥଖଳାରେ ପହଞ୍ଚିବା ପରେ ରଥଚକ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ବୁଧବାର ନୟାଗଡ ବନଖଣ୍ଡ ଯାତ୍ରା କରି ଆମ୍ବକାଠଗୁଡିକ ଚିହ୍ନଟ କରିଥିଲେ। ଶୁକ୍ରବାର ବୋର୍ଡର ଜଣେ କର୍ମଚାରୀ ଏହି କାଠ ଆଣିବାକୁ ନୟାଗଡ଼ ଯାତ୍ରା କରିବେ। କାଠ ୫ ତାରିଖ ପୂର୍ବରୁ ରଥଖଳାରେ ପହଞ୍ଚିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଶେଷ ହୋଇଥିବା ବୋର୍ଡ଼ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ:ଶରଧାପୁର ସ୍ପୋର୍ଟସ୍ ଚାମ୍ପିୟନ

**ଜଟଣୀ,୨୭।୨(ଡି.ଏନ.ଏ.):**

ଜଟଣୀ ବ୍ଲକ ବେଣାପଞ୍ଜରୀ ଗ୍ରାମ ଖେଳପଡ଼ିଆରେ ଇଲେଭେନ୍ ଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କେରଙ୍ଗ ଅହମ୍ମଦିଆ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ଖୋର୍ଦ୍ଧା ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ଚାମ୍ପିୟନ ହୋଇଛି। ମନୋରଞ୍ଜନ ଖୁଣ୍ଟିଆ ରେଫ୍ରି ରହିଥିବାବେଳେ ଅଶୋକ ମାଝି ଓ ଅନା ଦାସ ଆସିଷ୍ଟାଣ୍ଟ ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ସରପଞ୍ଚ ଶେଖ୍ ରିଆଜ ଅଲ୍ଲୀ, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ଛଣଘର ସରପଞ୍ଚ ସୁନୀଲ ରାଉତରାୟ, ନୌସର ଅଲ୍ଲୀ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ସଙ୍ଗଠନର ଶେଖ୍ ସଦାମ, ଶେଖ୍ ଆରିଫ, ଶେଖ ଟିପୁ ସୁଲତାନ, ମହମ୍ମଦ ମୁକ୍ତାର ଓ ଅନ୍ୟ ସାଦସ୍ୟଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଉଠୁନି ଅଳିଆ, ସଫା ହେଉନି ଡ୍ରେନ



ଡ୍ରେନରୁ ଅଳିଆ କଢାଯାଇ ରାସ୍ତା ଉପରେ ରଖାଯାଇଛି।

- ବିପର୍ଯ୍ୟସ୍ତ ଅବସ୍ଥାରେ ପରିମଳ ବ୍ୟବସ୍ଥା
- ଜଟଣୀ ପୌରାଞ୍ଚଳ

**ଜଟଣୀ, ୨୭।୨(ଡି.ଏନ.ଏ.):**

ଜଟଣୀ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପଡି ରହୁଥିବା ଅଳିଆ ନିୟମିତ ଉଠୁନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୱାର୍ଡ ମଧ୍ୟରୁ ସଫେଇ କର୍ମଚାରୀ ଅଳିଆ ସଫା କରି ଗଦା କରୁଥିବା ସ୍ଥାନରେ ୪ରୁ ୫ଦିନ ପର୍ଯ୍ୟନ୍ତ ଏହା ପଡ଼ି ରହୁଛି। ଏହାଛଡ଼ା ଡ୍ରେନ ସଫା ନ ହେବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ବାରମ୍ବାର ଅଭିଯୋଗ ପରେ ଉଠୁଥିବା ମାଟି କାଦୁଅ ପଙ୍କ ଆଦି ଦୀର୍ଘଦିନ ପର୍ଯ୍ୟନ୍ତ ଡ୍ରେନ କଡ଼ରେ ପଡ଼ି ରହୁଛି। ଏହାକୁ ଉଠା ଯାଉନାହିଁ। ଫଳରେ ଅସରାଏ ବର୍ଷାରେ ଏହା ଡ୍ରେନ ମଧ୍ୟରେ ପଶୁଛି। ନିୟମିତ ଏହା ସଫେଇ ନ ହେବା ଓ ଅଳିଆ ଉଠୁ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ମଶାବଂଶ ବୃଦ୍ଧିରେ ଏହା ସହାୟକ ହେଉଛି। ଏହାକୁ ନିୟନ୍ତ୍ରଣ କରିବାରେ ମଶା ତେଲ ନିୟମିତ ବ୍ୟବଧାନରେ ପକାଯାଉନି। ଅଳିଆ ଆବର୍ଜନା ବ୍ୟବସ୍ଥିତ ଢଙ୍ଗରେ ସଫେଇ କରିବା ସହ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ମ୍ୟୁନିସିପାଲିଟି ପକ୍ଷରୁ ସ୍ୱଚ୍ଛସାଥୀ ନିଯୁକ୍ତି ଦିଆଯାଇଛି। ସ୍ୱଚ୍ଛସାଥୀ ନାମରେ ନିଯୁକ୍ତ ମହିଳାମାନେ ୱାର୍ଡ ବୁଲି ତଦାରଖ କରୁଛନ୍ତି। ସଫେଇ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଏ ନେଇ ଅବଗତ କରାଇବା କଥା। ଏହାଛଡ଼ା ଘରକୁ ଘର ବୁଲି ବାହାରେ ଅଳିଆ ନ ପକାଇବାକୁ ସଚେତନ କରିବା ଦାୟିତ୍ୱରେ ଏମାନେ ନିଯୁକ୍ତି ପାଇଛନ୍ତି। ତା' ସତ୍ତ୍ୱେ ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ପଡ଼ି ରହିବା ଘଟଣା ପରିଷଦର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଏମାନେ ଯାହା କୁହନ୍ତି...

"ପୌରାଞ୍ଚଳର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ନେଇ ନିର୍ବାହୀ ଅଧିକାରୀଙ୍କୁ ବହୁବାର ଅବଗତ କରାଯାଇଛି। ପରିଷଦ ଅନ୍ତର୍ଗତ ଗାନ୍ଧୀନଗର, ବିକାଶନଗର ଆଦି ବିଭିନ୍ନ ସ୍ଥାନରେ ଅଳିଆ ପଡି ରହୁଛି। ପୋତି ହୋଇ ପଡିଥିବା ଡ୍ରେନ୍‌ରୁ ମାଟି ପଙ୍କ କଢ଼ାଯାଉନି। ମଶାବଂଶ ବୃଦ୍ଧି ହୋଇ ଲୋକେ ହଇରାଣ ହେଉଛନ୍ତି। ମ୍ୟୁନିସିପାଲିଟିର ଥିବା ମଶା ମରା ମେଶିନ ବ୍ୟବହାର କରାଯାଉନି। ମଶା ତେଲ ମଧ୍ୟ ପକାଯାଉନାହିଁ।

**-କଳିଙ୍ଗ ସାହୁ, ସଭାପତି, ଖୋର୍ଦ୍ଧା ଜିଲା କଂଗ୍ରେସ ଓବିସି ସେଲ**

"ସ୍ଥାନୀୟ ନୀଳଚକ୍ର ମାର୍କେଟ ଡ୍ରେନ୍‌ରୁ ମାଟି ପଙ୍କ କଢ଼ାଯାଇଥିଲା। ଯେଉଁ କେତେକ ସ୍ଥାନରେ ଆବର୍ଜନା କଢା ଯାଇଥିଲା। ୨ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହାକୁ ଉଠାଯାଉନାହିଁ। ଏହା ପୁନଃ ଡ୍ରେନ ମଧ୍ୟରେ ପ୍ରବେଶ କରୁଛି। ଏଥିପ୍ରତି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

**-ନିତେଇ ସାହା, ବ୍ୟବସାୟୀ, ନୀଳଚକ୍ର ମାର୍କେଟ, ଜଟଣୀ**

"୭ନଂ. ୱାର୍ଡର ଆନ୍ଧ୍ରବ୍ୟାଙ୍କ ଲେନ୍‌ରେ ଅଳିଆ ପଡି ରହୁଥିଲେ ମଧ୍ୟ ଉଠାଯାଉନାହିଁ। ଏହା ଏକ ପ୍ରମୁଖ ସଡକପଥ ହୋଇଥିଲେ ମଧ୍ୟ ରାସ୍ତା ଉପରେ କୁଢ କୁଢ ଅଳିଆ ପଡି ରହୁଛି। ଦୁର୍ଗନ୍ଧ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଏହା ଉପରେ ଯାନବାହନ ଓ ପଥଚାରୀଙ୍କୁ ଯାତାୟାତ କରିବାକୁ ପଡୁଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କପଥରେ ବିଭିନ୍ନ ସ୍ଥାନର ଅଳିଆ ଦୈନିକ ଏଠାରେ ପକାଯାଇ ଏପରି ପରିସ୍ଥିତି ସୃଷ୍ଟି କରାଯାଉଛି। ନିୟମିତ ଭାବେ ଏହାକୁ ଉଠାଯାଉନାହିଁ। ଏଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

**-ଜାଗୃତି ସ୍ୱାଇଁ, ଆନ୍ଧ୍ରବ୍ୟାଙ୍କ ଲେନ୍, ଜଟଣୀ**



"ଯେଉଁ ଲୋକ ସତ୍ୟର ଅନୁସନ୍ଧାନୀ, ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ନାଗରିକ ବୋଲି ବିଚାରେ ନାହିଁ।"
-ଭଲ୍‌ଟାୟାର



## ସଂକ୍ଷେପରେ

### ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା

କଣାସ, ୨୭।୨(ସ୍ୱ.ପ୍ର.): କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତର ଯୋଡ଼ାପଦର ଗ୍ରାମରେ ୪ଦିନ ଧରି ଚାଲିଥିବା ରାଧାମାଧବ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ମୂର୍ତ୍ତି ସ୍ଥାପନ, ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହେଇଯାଇଛି। ଅଙ୍କୁରାରୋପଣ, ମଙ୍ଗଳକରଣ, ଜଳାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ସାଲାପୂଜା, ଆରତି, ପୁଷ୍ପାଞ୍ଜଳି, ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା, ନାମକରଣ, କଳସ ସ୍ଥାପନ, ଧ୍ୱଜା ସ୍ଥାପନ, ଯଜ୍ଞନାରାୟଣଙ୍କ ଘୃତାଭିଷେକ, ପୂର୍ଣ୍ଣାହୁତି, ନୂତନ ବିଗ୍ରହଙ୍କ ନଗର ପରିକ୍ରମା, ସିଂହାସନ ଆରୋହଣ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କର୍ତ୍ତା ଭାବେ ସର୍ବେଶ୍ୱର ପ୍ରଧାନ ଓ ରେବତୀ ପ୍ରଧାନ ଦାୟିତ୍ୱ ତୁଲାଇଥିବାବେଳେ ପୁରୋହିତ ଭାବେ ନାରାୟଣ ମହାପାତ୍ର ଓ ସାଥୀମାନେ କାର୍ଯ୍ୟ ସମ୍ପାଦନ କରିଥିଲେ। ଯୋଡ଼ାପଦର ଗ୍ରାମବାସୀ ଓ ଗ୍ରାମ୍ୟ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

କଣାସ, ୨୭।୨(ସ୍ୱ.ପ୍ର.): କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ନୂଆପଡ଼ା ଗ୍ରାମ ବାଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗତ ୩ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୂଆପଡ଼ା ଓ ଆଖପାଖ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ଥିଲେ। ଧନେଶ୍ୱର ରାଉତ, ସୁଶିଲ୍‌କାନ୍ତ ରାଉତଙ୍କ ସମେତ ଗ୍ରାମର ଯୁବକମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଚାର୍ଯ୍ୟ ହରିହରଙ୍କ ପ୍ରତି ଅସମ୍ମାନ

## ଅଢେଇ ବର୍ଷ ବିତିଲା, ପ୍ରତିମୂର୍ତ୍ତି ପାଖରେ ଲାଇଟ୍ ଲାଗିନି

ପୁରୀ ଅଫିସ,୨୭।୨:



ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସେହିପରି ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ନିମନ୍ତେ ଏକାଧିକ ସୁବିଧା ସୁଯୋଗ କରାଯାଇଥିବାବେଳେ ଆଉ କେତେକ କାମ ଜାରି ରହିଛି। ତେବେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପ୍ରତି ଅସମ୍ମାନ କରାଯାଉଥିବା ଅଭିଯୋଗ ହେଉଛି। ବୁଦ୍ଧିଜୀବୀମାନେ ଏଭଳି ଅଭିଯୋଗ ବାଢିବା ସହ ପୂଜ୍ୟପୂଜାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଦରକାର ବୋଲି ମତ ରଖିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଛି। କିନ୍ତୁ ଦୀର୍ଘ ଅଢେଇ ବର୍ଷ ହେଲାଣି ଆଚାର୍ଯ୍ୟଙ୍କ ପ୍ରତି ଅସମ୍ମାନ କରାଯାଉଛି। ଏକ କୋଣିଆ ଜାଗାରେ ଏହି ମହାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପରେ ପ୍ରଶାସନ ତାଙ୍କୁ ଭୁଲିଯାଇଛି। ଆଲୋକୀକରଣ ବ୍ୟବସ୍ଥା କରିପାରି ନାହିଁ। ସଞ୍ଜ ନଇଁଲେ ଅନ୍ଧାରରେ ରହୁଛନ୍ତି ଆଚାର୍ଯ୍ୟ ହରିହର।

ଓଡ଼ିଶାର ମହାନ ବରପୁତ୍ର ଆଚାର୍ଯ୍ୟ ହରିହର ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷକ, ଲେଖକ ଓ ସମାଜସେବୀ। ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା। ପୁରୀ ସହରର ସଦ୍‌ଭାବନା ଗୃହ ନିକଟରେ ତାଙ୍କ ପ୍ରତିମୂର୍ତ୍ତି ରହିଥିବାବେଳେ ଆଲୋକ ବ୍ୟବସ୍ଥା ନାହିଁ। ବର୍ଷତମାମ୍ ଅନ୍ଧାରରେ କୋଣଠେସା ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରାଯାଉଛି ହେଲେ ତାଙ୍କ ପ୍ରତି ଥିବା କର୍ତ୍ତବ୍ୟ ଭୁଲିଯାଉଛି ବୋଲି ଅଭିଯୋଗ କରିଛନ୍ତି ସହରର ଅନେକ ବୁଦ୍ଧିଜୀବୀ। ପୂର୍ବରୁ ଆଚାର୍ଯ୍ୟ ହରିହର ଛକରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରହିଥିଲା। ହେଲେ ସୌନ୍ଦର୍ଯ୍ୟକରଣ ପାଇଁ ତାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିଲା ଜିଲା ପ୍ରଶାସନ। ଏହାକୁ ସେତେବେଳେ ସହରର ବହୁ ବୁଦ୍ଧିଜୀବୀ ବିରୋଧ କରିଥିଲେ । ହେଲେ ପ୍ରଶାସନ ଏହା ନ ଶୁଣି ୨୦୧୭ ଜୁନ୍ ୨୪ରେ ସଦ୍‌ଭାବନା ଗୃହ ପାର୍ଶ୍ୱ ଏକ କୋଣିଆ ଜାଗାକୁ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିଥିଲା। ଏହା ପରଠାରୁ ଆଚାର୍ଯ୍ୟଙ୍କ ପ୍ରତି କର୍ତ୍ତବ୍ୟ ପାସୋରି ଦେଇଛି ପ୍ରଶାସନ। ଲାଇଟ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଅନ୍ଧାରରେ ରହିଛନ୍ତି ଏହି ପୂଜ୍ୟପୂଜା। ଅନ୍ୟପକ୍ଷରେ ପୁରୀରେ ଏକ ଐତିହ୍ୟ ସଂଗ୍ରହାଳୟ କରାଯାଇ ସେଠାରେ ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ୩ଟି ଭାଷାରେ ଏହି ବରପୁତ୍ରଙ୍କ ସମ୍ପର୍କରେ ତଥ୍ୟ ରହିବ, ଯାହା ଉତ୍ତର ପିଢିଙ୍କୁ ପ୍ରେରଣା ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଅବହେଳିତ ହୋଇ ରହିଛନ୍ତି। ଆଚାର୍ଯ୍ୟଙ୍କୁ ସ୍ଥାନାନ୍ତର କରାଯାଇ ତାଙ୍କ ସ୍ଥାନରେ ଜଳ ଫୁଆରା ତିଆରି କରାଯାଇଛି। ସବୁଠୁ ପରିତାପର ବିଷୟ ହେଉଛି ଗୁରୁବାର ଆଚାର୍ଯ୍ୟ ହରିହରଙ୍କ ୧୪୧ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମାତ୍ର ଏକ କୋଣିଆ ଜାଗାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବାରୁ ସେଠାରେ ସଭା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନ ଥିଲା। ତେଣୁ ଗାନ୍ଧୀ ସ୍ମୃତି ପୀଠରେ ସଭା ହୋଇଥିଲା। ଏଥିରେ ସ୍ମୃତି ସଂସଦ ଏବଂ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତେ ଆଚାର୍ଯ୍ୟଙ୍କୁ ନେଇ ବଡ଼ ବଡ଼ ଭାଷଣ ବି ଦେଲେ। କିନ୍ତୁ କେହି ବି ଆଚାର୍ଯ୍ୟଙ୍କ ପ୍ରତି ହେଉଥିବା ଅବହେଳା କଥା ଉଠାଇ ନ ଥିଲେ। କେବଳ ଜୟନ୍ତୀ ଆସିଲେ ଆଚାର୍ଯ୍ୟଙ୍କୁ ମନେ ପକାଇ ତାଙ୍କ ଗୁଣଗାନ କରାଯାଉଛି ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ପୂଜ୍ୟପୂଜାଙ୍କୁ କେବଳ ତାଙ୍କ ଜୟନ୍ତୀ କିମ୍ବା ଶ୍ରାଦ୍ଧ ଦିବସରେ ମନେ ନ ପକାଇ ସବୁଦିନେ ସେମାନଙ୍କୁ କିପରି ସମ୍ମାନ ଦେବା ସେ ନେଇ ବ୍ୟବସ୍ଥା ହେବା ଦରକାର । ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅନ୍ଧାରରେ ରହିବା ନିଶ୍ଚିତ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଡ. ମିଶ୍ର କହିଛନ୍ତି।

## ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

କଣାସ, ୨୭।୨(ସ୍ୱ.ପ୍ର.):

କଣାସ ବ୍ଲକରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଛି। ତେଣୁ ଅକ୍ସଫାମ୍ ଇଣ୍ଡିଆ ଏବଂ ଲିଭପିଓର୍ ଫାଉଣ୍ଡେଶନ ଆର୍ଥିକ ସହାୟତାରେ କୋଣାର୍କର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଆନୁକୂଲ୍ୟରେ ଲୋକଙ୍କୁ ସ୍ୱଚ୍ଛ ଜଳ ଯୋଗାଇ ଦେବା ପାଇଁ ଉଦ୍ୟମ ହୋଇଛି। କଣାସ ବ୍ଲକର ଆଳିବାଡ଼, ଯାମଳଗୋଦା, ଦୋକନ୍ଦା ଓ ଅଣ୍ଡାରସିଂହ ପଞ୍ଚାୟତରେ ମୋଟ ୧୦ଟି ଲୌହଜଳ ଅପସାରଣ ପ୍ରକଳ୍ପ ଏବଂ ହରିପୁର ଗ୍ରାମରେ ଗୋଟିଏ ଆର୍ ପ୍ଲାଣ୍ଟ (ଲବଣଜଳ ଅପସାରଣ ପ୍ରକଳ୍ପ) ସ୍ଥାପନ କରାଯାଇଛି। ଗ୍ରାମରେ ଥିବା ସରକାରୀ ନଳକୂପ ହଟାଇ ବିଶୁଦ୍ଧୀକରଣ ମାଧ୍ୟମରେ ଜଳ ହାନିକାରକ ବର୍ଜ୍ୟ ବାହାର କରି ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ଏହି ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ଗ୍ରାମବାସୀ ସମ୍ମତି ଦେଇଛନ୍ତି। ଗୁରୁବାର ନୂଆଦୋକନ୍ଦା ଓ ହରିପୁର ଗ୍ରାମରେ ଏହି ପ୍ରକଳ୍ପ (ପ୍ଲାଣ୍ଟ) ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲିଭପିଓର୍ ଫାଉଣ୍ଡେଶନର ମୁଖ୍ୟ ପରିଚାଳକ ତଥା ଉପସଭାପତି ଡା. କୈଳାସପତି ଝା, ଅକ୍ସଫାମ୍ ଇଣ୍ଡିଆର ଓଡ଼ିଶା ଶାଖା ମୁଖ୍ୟ ପରିଚାଳକ ଅକ୍ଷୟ କୁମାର ବିଶ୍ୱାଳ, କାର୍ଯ୍ୟକାରୀ ଅଧିକାରୀ ବିମଳ ପ୍ରସାଦ ପାଣ୍ଡିଆ ଓ ତାନିୟା ସିଂ, କାର୍ଯ୍ୟକ୍ରମ ସଂଯୋଜକ ନ୍ୟାଶନାଲ ପାର୍ଟନରଶିପ୍ ଏବଂ ଆଲିଆନ୍ସ, ହରିଶ୍ଚନ୍ଦ୍ର ଦାସ, ସମ୍ପାଦକ ସୋଲାର ପୁରୀ ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ଜନସ୍ୱାସ୍ଥ୍ୟ ଶିକ୍ଷାଧିକାରୀ ଦୁଃଶାସନ ସ୍ୱାଇଁ, ଦୋକନ୍ଦା ସରପଞ୍ଚ ସତ୍ୟଭମା ମାନସିଂହ, ସମିତି ସଭ୍ୟ ମେଘନାଦ ଛୋଟରାୟ, ପ୍ରଧାନ ଶିକ୍ଷକ ଦାଶରଥି ବେହେରା, ଯାମଳଗୋଦା ସରପଞ୍ଚ ବିଜୟ କୁମାର ସାହୁ ଯୋଗଦେଇଥିଲେ। ସୋଲାର କାର୍ଯ୍ୟକାରୀ ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା ଏବଂ ଶଶିଭୂଷଣ ବିଶ୍ୱାଳ, ପ୍ରେମାନନ୍ଦ ସାମନ୍ତରାୟ, ଅମୂଲ୍ୟରତ୍ନ ବେହେରା ସହଯୋଗ କରିଥିଲେ।

## ସରିଲା ନନ୍ଦୀର ଚାରିକର୍ମ ସଂସ୍କାର

### ବ୍ରତୋପନୟନ ଓ ବିବାହ ଉତ୍ସବ ଆଜି

ପୁରୀ ଅଫିସ,୨୭।୨ :

ସନାତନ ବୈଦିକ ସଂସ୍କୃତି ଭିତ୍ତିରେ ପୁରୀ ସଦର ଆଳପୁରସ୍ଥିତ ସୂର୍ଯ୍ୟାୟନ ଗୋ ଆଶ୍ରମ ଆୟୋଜନ କରିଛି ନନ୍ଦୀର ବ୍ରତୋପନୟନ ଓ ବିବାହ ଉତ୍ସବ। ଶୁକ୍ରବାର ଶରଧାବାଲିଠାରେ ବଳଦ ନନ୍ଦୀର ବ୍ରତୋପନୟନ ପରେ କ୍ରିୟାଯୋଗ ଆଶ୍ରମର ଗାଈ ସୁରଭି ସହିତ ବିବାହ ହେବ। ଗୁରୁବାର ଆଶ୍ରମ ପରିସରରେ ଚାରିକର୍ମ ସଂସ୍କାର ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ସାଧୁସନ୍ଥ ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ବ୍ରତୋପନୟନ ପରେ ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରୁ ବରଯାତ୍ରୀ ବାହାରିବେ। ସନ୍ଧ୍ୟାରେ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ଆଶ୍ରମ ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ କହିଛନ୍ତି। ଏଥିଲାଗି ରୀତିନୀତି ଅନୁଯାୟୀ ପ୍ରଥମେ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରାଯାଇଥିଲା।

# ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ପ୍ରତି ଘରକୁ ପାନୀୟଜଳ

ନିମାପଡ଼ା,୨୭।୨(ଡି.ଏନ୍.ଏ.):

୨୦୨୪ ମସିହା ସୁଦ୍ଧା ଗ୍ରାମାଞ୍ଚଳର ପ୍ରତି ପରିବାରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଗୃହ ଯୋଗାଇ ଦିଆଯିବ। ଜଣେ ବି ବ୍ୟକ୍ତି ଏହି ପକ୍କା ଗୃହ ପାଇବାରୁ ବଞ୍ଚିତ ହେବେନାହିଁ ବୋଲି ଗୁରୁବାର ନିମାପଡ଼ା ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଭୂମିହୀନଙ୍କୁ ଚିହ୍ନଟ କରାଯାଇ ଜମି ଓ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ବ୍ଲକର ୨ ପଞ୍ଚାୟତ ଦାୟିତ୍ୱରେ ଜଣେ ଜେଇ, ଜଣେ ଲେଖାଏ ଡାଟା ଏଣ୍ଟ୍ରି ଅପରେଟର ଓ ଜଣେ ଆକାଉଣ୍ଟାଣ୍ଟ ରହିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ରାଜ୍ୟ ସରକାର ଯାହା କୁହନ୍ତି, ତାହା କାର୍ଯ୍ୟରେ ପରିଣତ କରିଥାନ୍ତି। ପ୍ରତ୍ୟେକ ସରକାରୀ ଯୋଜନା କିଭଳି ଲୋକମାନଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ସରକାରୀ ଅଫିସର, ନିର୍ବାଚିତ ଲୋକପ୍ରତିନିଧି ଧ୍ୟାନ ଦେବା ଆବଶ୍ୟକ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ବିଜୁ ପକ୍କାଘର, ପାଇଖାନା ନିର୍ମାଣ, ଭତ୍ତା ପ୍ରଦାନ, ଗ୍ରୀଷ୍ମଋତୁରେ ପାନୀୟଜଳ ଯୋଗାଣ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଡିଓ ଏବଂ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବିଡିଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଖଟୋଇ ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଯୋଗଦେଇଥିଲେ।

# 'ଆଚାର୍ଯ୍ୟ ହରିହରଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ପୁରୀ ଅଫିସ,୨୭।୨:



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ ସେବା ସମିତି ପକ୍ଷରୁ ଗୁରୁବାର ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶିଷ୍ଟ ଗାନ୍ଧୀବାଦୀ ଓ ଗବେଷକ ଗୌରାଙ୍ଗ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଆଚାର୍ଯ୍ୟଙ୍କ ନିଷ୍ଠା, ତ୍ୟାଗ, ସମର୍ପଣ ଓ ସାମାଜିକ ଦାୟିତ୍ୱବୋଧତା ଉଚ୍ଚକୋଟୀର ଥିଲା। ସେ ଚିର ସ୍ମରଣୀୟ ହୋଇରହିବେ। ତାଙ୍କ ଆଦର୍ଶରେ ପ୍ରତ୍ୟେକ ବ୍ୟକ୍ତିଅନୁପ୍ରାଣିତ ହେବାକୁ ସେ ଆହ୍ୱାନ କରିଥିଲେ। ଡ. ମହେଶ୍ୱର ଦାସ, ଭାସ୍କର ପାତ୍ର, ଭାରତ ବିକାଶ ପରିଷଦ ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସାମାଜିକ କର୍ମୀ ସତ୍ୟନାରାୟଣ ଗୁରୁ, ସମିତି ଆବାହକ ପ୍ରଭୁଦତ୍ତ ମିଶ୍ର, ରବି ନାରାୟଣ ନନ୍ଦ, ଉମାକାନ୍ତ ସାହୁ ପ୍ରମୁଖ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ସେବା ସମିତି ସଭାପତି ପ୍ରଫେସର ବିମଳ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ । ସମ୍ପାଦକ ଈପ୍ସିତ ପ୍ରତିହାରୀ, ସହସମ୍ପାଦକ ସୌମେନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଶ୍ରୀକାନ୍ତ ପଣ୍ଡା, ତନ୍ମୟ ଚାଟାର୍ଜୀ, ଅଂଶୁଜିତ ମହାପାତ୍ର, ଜିତେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ ଙ୍କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ଶୀଘ୍ର କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇତ୍ୟାଦି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ | 40%ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565
89012-71684
94506-10896

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



ଯେଉଁ ଲୋକ ପ୍ରତିଦିନ ନିଜଠାରୁ ହିସାବ ବୁଝିନିଏ,
ନିଶ୍ଚୟ ସେ ଉନ୍ନତି ପଥରେ ଆଗେଇ ଯାଏ।
-ସେନେକା



## ସଂକ୍ଷେପରେ

### ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ

ପୁରୀ ଅଫିସ,୨୭।୨:ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଗୁରୁବାର ଆଚାର୍ଯ୍ୟ ହରିହରଙ୍କ ୧୪୧ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଗାନ୍ଧୀ ସ୍ମୃତିପୀଠରେ ଆୟୋଜିତ ସାଧାରଣ ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟଙ୍କ ହିତବାଣୀ ଭଲ ମଣିଷ ହୁଅ ବାର୍ତ୍ତାରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ମୃତି ସଂସଦର ପୃଷ୍ଠପୋଷକ ସୁଧାକର ମହାପାତ୍ର ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହର ଛକସ୍ଥିତ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ସ୍ମୃତିପୀଠରେ ମାଲ୍ୟାର୍ପଣ ପରେ ଯୁଗ୍ମ ସମ୍ପାଦକ ଶିବପ୍ରସାଦ ମିଶ୍ର ଏବଂ ମହିଳା କୁଟୀର ଶିଳ୍ପର ଅନ୍ତେବାସିନୀଙ୍କ ସହଯୋଗରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହ ଛାତ୍ରବୃତ୍ତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ସ୍ମୃତି ସଂସଦ ସମ୍ପାଦକ ବିଜୟ କିଶୋର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ଭାବଗ୍ରାହୀ ରାଉତରାୟ, ମାୟାଧର ମହାରଣା, ବିଜୟ କୁମାର ନନ୍ଦଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଛାତ୍ରୀଛାତ୍ରଙ୍କୁ ସାଇବର ଆଇନ ସଚେତନତା

ସାକ୍ଷୀଗୋପାଳ,୨୭।୨(ଡି.ଏନ.ଏ)- ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନତା କରିବା ନିମନ୍ତେ ସ୍ଥାନୀୟ ବଳପୁର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ବିଦ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଡିଓ ସରୋଜ କୁମାର ଦତ୍ତ, ଏବିଇଓ ତ୍ରିଲୋଚନ ପ୍ରଧାନ, ସରପଞ୍ଚ ତ୍ରିନାଥ ମହାପାତ୍ର ଓ ଚଞ୍ଚଳା ପାଣି, ଶିକ୍ଷକ ସତ୍ୟବାଦୀ ଦାସ ଓ ପ୍ରହ୍ଲାଦ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ସାଇବର ଆଇନ ସମ୍ପର୍କରେ ସଚେତନତା କରିବା ସଙ୍ଗେସଙ୍ଗେ ସାଧାରଣ ଜମାକାରୀମାନଙ୍କୁ ନାନା ବିଭ୍ରାନ୍ତକରି ତଥ୍ୟ ମାଗିନେଇ ଦୁର୍ବୃତ୍ତମାନେ ବ୍ୟାଙ୍କ ଜମା ଖାତା ଏବଂ ଏଟିଏମ ଜରିଆରେ ଟଙ୍କା ଲୁଟି ନେଉଛନ୍ତି। ଏଣୁ ନିଜ ନିଜ ଜମାଖାତା ଓ ଗୋପନୀୟ ନମ୍ବର ବା ପାସ କୋର୍ଡ କାହାରିକୁ ନ ଦେବାକୁ ପରିବାର ସଦସ୍ୟମାନଙ୍କୁ କହିବାକୁ ପରାମର୍ଶ ଦିଆଯାଇଥିଲା। ପ୍ୟାନେଲ ଆଡଭୋକେଟ ତପନ କୁମାର କର, ସୁକାନ୍ତ ମିଶ୍ର, ମନୋଜ କୁମାର ପଟ୍ଟନାୟକ ଓ ସ୍ଥାନୀୟ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ବସନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚ ୩୧ ସୁଦ୍ଧା ସହରାଞ୍ଚଳର ପ୍ରତି ଘରକୁ ପାଇପ୍ ପାଣି

ନିମାପଡ଼ା,୨୭।୨(ଡି.ଏନ୍.ଏ.):




ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରତାପ ଜେନା ଏବଂ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅଧିକାରୀମାନେ ।

ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସହରାଞ୍ଚଳର ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ନିମାପଡ଼ା ଏନ୍‌ଏସି ଅଫିସ ସଭାଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଜେନା ଏହା କହିଛନ୍ତି। ଅନ୍ୟତମ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ରାଜ୍ୟରେ ନିମାପଡ଼ା ଏନ୍‌ଏସିକୁ ସ୍ୱଚ୍ଛ, ସବୁଜ, ବିକାଶମୁଖୀ ଭାବେ ଗଢ଼ିତୋଳିବା ପାଇଁ ପୌରବାସୀଙ୍କ ସହଯୋଗ ଲୋଡ଼ିବା ସହ ଆହ୍ୱାନ ଦେଇଥିଲେ। ତଳଅଣ୍ଡିଆ ଛକରେ ନିର୍ମାଣ ହେଉଥିବା ବର୍ଜ୍ୟବସ୍ତୁ ପ୍ଲାଣ୍ଟ କାର୍ଯ୍ୟକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସହରୀ ଆବାସ ଯୋଜନା ଗୃହ, ସ୍ମାର୍ଟ ପାର୍କ, ଆଲୋକୀକରଣ ବ୍ୟବସ୍ଥା, ପାନୀୟଜଳ ଯୋଗାଣ ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଦୁଇ ମନ୍ତ୍ରୀ ସମୀକ୍ଷା କରିବା ସହ କାର୍ଯ୍ୟକୁ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ କରିବାକୁ ଏନ୍‌ଏସିର ପ୍ରଶାସକ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏସି ପକ୍ଷରୁ ଦୁଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା, କନିଷ୍ଠ ଯନ୍ତ୍ରୀ ବୁଲୁ ସେଠୀ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ଯୋଗାଣ ଅଧିକାରୀ ଶୁଭାଶିଷ ଜେନା, ସହରାଞ୍ଚଳ ପାନୀୟଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ବଳ, ସହକାରୀ ଯନ୍ତ୍ରୀ ଶଶିଭୂଷଣ ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।



ବେଷ୍ଟ ନୀତି ଲାଗି ଶ୍ରୀମନ୍ଦିରରୁ ଚଳନ୍ତି ପ୍ରତିମା ରାମଙ୍କୁ ଗୁରୁବାର ଜଗନ୍ନାଥ ବଲ୍ଲଭକୁ ବିଜେ କରାଯାଉଛି ।

## ଆଜି ପୁରୀ ଆସିବେ ରାଜ୍ୟପାଳ, ସ୍ୱରାଷ୍ଟ୍ର ମନ୍ତ୍ରୀ

ପୁରୀ ଅଫିସ,୨୭।୨:

**ଗସ୍ତ ସାରି ଫେରିଗଲେ ମମତା**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁରୀ ଗସ୍ତ ଶେଷ ହୋଇଛି। ମମତା ଗତ ୨୫ ତାରିଖ ରାତିରେ ଆସି ପୁରୀରେ ପହଞ୍ଚିଥିଲେ। ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ସେ ରହିଥିଲେ। ବୁଧବାର ଅପରାହ୍ନରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଗୁରୁବାର ଅପରାହ୍ନରେ ସେ ଭୁବନେଶ୍ୱର ଫେରିଯାଇଛନ୍ତି। ଅପରପକ୍ଷେ ଶୁକ୍ରବାର ପୁରୀକୁ ପୁଣି ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି। ଅପରାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଅପରାହ୍ନ ୫ଟା ୨୫ରେ ସର୍କିଟ ହାଉସରେ ପହଞ୍ଚିବେ। ସନ୍ଧ୍ୟା ୬ଟାରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟା ୭ଟା ୨୦ରେ ପୁଣି ଭୁବନେଶ୍ୱର ଫେରି ଯିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ପୁରୀ ଛାଡ଼ିବା ପରେ ରାତି ୮ଟାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପୁରୀରେ ପହଞ୍ଚି ମେ' ଫେୟାର ହୋଟେଲରେ ରାତ୍ରିଯାପନ କରିବେ। ଶନିବାର ସକାଳେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## କ୍ଷତିପୂରଣ ପାଇନାହାନ୍ତି ୨୩,୬୮୭ ଚାଷୀ

**ବାତ୍ୟା ଫନୀକୁ ସାଢ଼େ ୧୦ମାସ ବିତିଲା**

ନିମାପଡ଼ା,୨୭।୨(ଡି.ଏନ୍.ଏ.):

ବାତ୍ୟା ଫନୀରେ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତ ଓ ଏନ୍‌ଏସିର ୧୧ ୱାର୍ଡରେ ବ୍ୟାପକ କ୍ଷତି ହୋଇଥିଲା। ଏହାସହ ଲକ୍ଷାଧିକ ଲୋକ ବିପନ୍ନ ହୋଇଥିଲେ। ଫନୀରେ ନିମାପଡ଼ା ଅଞ୍ଚଳରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିର ଫସଲ ଉଜୁଡ଼ି ଯାଇଥିଲା। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଥିବା ଦେଖିବାକୁ ମିଳିଥିଲା। ବାତ୍ୟା ପରେ ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ କୃଷି ଓ ରାଜସ୍ୱ ବିଭାଗ କର୍ମଚାରୀମାନେ କ୍ଷତିଗ୍ରସ୍ତ କ୍ଷେତ୍ର ପରିଦର୍ଶନ କରିବା ସହ ଫସଲ କ୍ଷୟକ୍ଷତିର ଆକଳନ କରିଥିଲେ। କୃଷି ବିଭାଗ ପକ୍ଷରୁ ସର୍ଭେ କରାଯାଇ କ୍ଷୟକ୍ଷତିର ସର୍ବେକ୍ଷଣ ରିପୋର୍ଟ ଗତ ଜୁନ୍ ଶେଷ ସପ୍ତାହରେ ପୁରୀ ଜିଲାପାଳ, ଜିଲା କୃଷି ଉପନିର୍ଦ୍ଦେଶକଙ୍କ ସମେତ କୃଷି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୨୩ ହଜାର ୬୮୭ ଚାଷୀ କ୍ଷୟକ୍ଷତିରେ ସହାୟତା ପାଇଁ ବିବେଚିତ ହୋଇଥିବା କୃଷିବିଭାଗ ସର୍ବେକ୍ଷଣ ତାଲିକାରୁ ଜଣାପଡ଼ିଥିଲା। ଫନୀକୁ ଇତିମଧ୍ୟରେ ସାଢ଼େ ୧୦ମାସ ବିତିଯାଇଥିଲେ ମଧ୍ୟ ସହାୟତା ପାଇଁ ବିବେଚିତ ହୋଇଥିବା ଚାଷୀଙ୍କୁ ମିଳିପାରିନାହିଁ। ତେବେ ଚାଷୀଙ୍କୁ କେବେ ସହାୟତା ମିଳିବ, ତାହା ଅନିଶ୍ଚିତତା ଘେରରେ ରହିଛି। ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅଣଦେଖା ତଥା ଅବହେଳା କରୁଥିବା ସ୍ଥାନୀୟ ଚାଷୀ ଫକୀର ପରିଡା, ଶରତ ସ୍ୱାଇଁ, ଅଶୋକ ବରାଳ, ବାସୁଦେବ ସ୍ୱାଇଁ, ରମେଶ ପ୍ରଧାନ, ଗୋକୁଳାନନ୍ଦ ପରିଡା ପ୍ରମୁଖ କହିଛନ୍ତି। ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସାଢେ ୧୦ମାସ ପରେ ବି ସହାୟତା ନ ମିଳିବା ଉପହାସ ସଦୃଶ ଓ ପରିତାପର ବିଷୟ ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡା, ଭାଜପା ନେତା ମାନସ ପ୍ରଧାନ, ଦିଲୀପ ପାତ୍ର, କୃଷ୍ଣଚନ୍ଦ୍ର ସ୍ୱାଇଁ, ବାସୁଦେବ ସ୍ୱାଇଁ, ଝିଲିଲତା ଦାସ ପ୍ରମୁଖ କହିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ନ ମିଳିଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ନେତାମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ କୁହନ୍ତି, ଖୁବ୍‌ଶୀଘ୍ର ଫନୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳିବ।

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୨୭।୨(ଡି.ଏନ.ଏ)

ଗୋପ ଥାନା ଅଧୀନ ବେଦପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଜଣେ ମହିଳା ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ପାରିବାରିକ ବିବାଦକୁ ନେଇ ଏପରି ହୋଇଥିବା ଜଣାପଡ଼ିଥିବାବେଳେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ଗ୍ରାମର ପବନା ବେହେରାଙ୍କ ଘରେ ଗୁରୁବାର କୌଣସି କାରଣକୁ ନେଇ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ପବନାଙ୍କ ସ୍ତ୍ରୀ ପ୍ରଭାତୀ (୩୬) ସନ୍ଧ୍ୟା ୮ଟାରେ ଘରର କବାଟ ଦେଇ ଦେହରେ କିରୋସିନ ଢ଼ାଳିନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ କବାଟ ଭାଙ୍ଗି ପ୍ରଭାତୀକୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ପ୍ରଭାତୀଙ୍କ ଶରୀରର ୬୦ ଭାଗରୁ ଅଧିକ ପୋଡ଼ି ଯାଇଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରି ଦେଇଛନ୍ତି।

### ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ

କଣାସ,୨୭।୨(ଡି.ଏନ.ଏ)

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହରଙ୍କ ୧୪୨ତମ ଜୟନ୍ତୀ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ବଳାଜିତ୍‌ପୁରସ୍ଥିତ ଆଚାର୍ଯ୍ୟ ହରିହର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଶିକ୍ଷାବିତ୍ ସତ୍ୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଲିଙ୍ଗରାଜ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କ୍ଷୀରୋଦ କୁମାର ନାୟକ, ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଖଣ୍ଡୟତରାୟ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ଅମୂଲ୍ୟରତ୍ନ ବରାଳ, କୁସୁମ ବେହେରା, ସମୀର ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥାନାନ୍ତର ହେବ ପୁରୁଣା ବିଦ୍ୟୁତ୍ ସବ୍‌ଷ୍ଟେଶନ

ପୁରୀ ଅଫିସ, ୨୭।୨:

- ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ସମ୍ପର୍କିତ ଆଲୋଚନା
- ବିଭାଗୀୟ ଅଧିକାରୀମାନେ ଦେଲେ ମତାମତ

ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଐତିହ୍ୟ କରିଡର ଯୋଜନାରେ ସ୍ଥାନୀୟ ବାସିନ୍ଦା ଏବଂ ଦର୍ଶନାର୍ଥୀଙ୍କୁ କିପରି ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରିବ ସେଥିପ୍ରତି ସରକାର ଧ୍ୟାନ ଦେଇଛନ୍ତି। ଏଥିଲାଗି ଗତ ତିନିଦିନ ଧରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ପୌରସଂସ୍ଥା, ଓଡ଼ିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ଜାତୀୟ ରାଜପଥ, ପୂର୍ତ୍ତ, ସେସୁ, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)ର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ ବୈଠକରେ ଯୋଗଦେଇ କିପରି ଶୃଙ୍ଖଳିତ ଭାବେ ଐତିହ୍ୟ କରିଡର ଚୂଡ଼ାନ୍ତ ରୂପ ନେବ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ମେଘନାଦ ପାଚେରିଠାରୁ ୭୫ମିଟର ପରିଧି ମଧ୍ୟରେ ହେବାକୁ ଥିବା ପ୍ରସ୍ତାବିତ କରିଡ଼ର ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ମତାମତ ଦେଇଥିଲେ। ବର୍ତ୍ତମାନ ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀ ଏବଂ ଭବିଷ୍ୟତର ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି କେବଳ ମନ୍ଦିର ଅଞ୍ଚଳ ପାଇଁ ଏକ ଜଳ ବିଶୋଧନ କେନ୍ଦ୍ର ଓ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। କରିଡ଼ର କାର୍ଯ୍ୟ ସରିବା ପରେ ଏହାକୁ କରାଯିବ ବୋଲି ସ୍ଥିର ହୋଇଛି। ସେହିପରି ମେଘନାଦ ପାଚେରି ନିକଟରେ ଥିବା ଏକ ପୁରୁଣା ବିଦ୍ୟୁତ୍ ସବ୍‌ଷ୍ଟେଶନକୁ ଉଠାଇ ଅନ୍ୟତ୍ର ସ୍ଥାପନ କରାଯିବ। କରିଡର ଅଞ୍ଚଳରେ ଜଳ ଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା ହେବ। ମନ୍ଦିର ଆଖପାଖ ଅଞ୍ଚଳର ବିଦ୍ୟୁତ୍, ନେଟୱର୍କ, ରାସ୍ତା, ଜଳଯୋଗାଣ ପାଇପ ଇତ୍ୟାଦି ଆବଶ୍ୟକ ଅନୁସାରେ ସ୍ଥାନାନ୍ତର କରାଯିବ। କିନ୍ତୁ ଏଥିପାଇଁ ଯେପରି କେହି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହାକୁ ପ୍ରାଥମିକତା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଐତିହ୍ୟ କରିଡ଼ର ଯୋଜନାକୁ ଚୂଡ଼ାନ୍ତ ରୂପରେଖ ଦେବା ପାଇଁ ସରକାରଙ୍କ ପକ୍ଷରୁ ଏହିଭଳି ଏକାଧିକ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତଙ୍କ ସହଯୋଗ ରହିଲେ କାମ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟ ପ୍ରଶାସକ କହିଥିଲେ।

## ସିଡିଏମ୍‌ଓଙ୍କୁ ଆଶା ସାଥୀ ସଂଘର ଦାବିପତ୍ର




ସିଡିଏମ୍‌ଓଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଆଶା ସାଥୀମାନେ ।

ପୁରୀ ଅଫିସ,୨୭।୨:

୫ଦଫା ଦାବି ନେଇ ପୁରୀ ଆଶା ସାଥୀ ସଂଘ ପକ୍ଷରୁ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ୨୦୦୬ ମସିହାରୁ ଆଶା ସାଥୀମାନେ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ସରକାର ୨୦୧୮-୧୯ରେ ଆଶା ସାଥୀଙ୍କ ଲାଗି ୫ହଜାର ଟଙ୍କା ଘୋଷଣା କରିଥିଲେ। ପୁଣି ୨୦୧୯ ମସିହାରେ ଏହା ୬ହଜାର ଟଙ୍କାକୁ ବୃଦ୍ଧି ହୋଇଥିଲା। ମାତ୍ର ଆଶାସାଥୀମାନେ ୩ହଜାର ଟଙ୍କା ପାଉଛନ୍ତି। ଏ ନେଇ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ୬ ହଜାର ଟଙ୍କା ପ୍ରଦାନ କରାଯିବା ସହ ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା, ଟ୍ରେନିଂ ବ୍ୟବସ୍ଥା, ବୀମା ଓ ମୃତ୍ୟୁକାଳୀନ ସହାୟତା ରାଶି ଦେବା ଲାଗି ଦାବି କରାଯାଇଛି।

## ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଫିସ ଆଗରେ ଭାଜପାର ଧାରଣା

ନିମାପଡ଼ା,୨୭।୨(ଡି.ଏନ୍.ଏ.):

ଗ୍ରାମ୍ୟ ଉନ୍ନୟନ ବିଭାଗର ମନମୁଖି କାର୍ଯ୍ୟାଦେଶ ବଣ୍ଟନ ଓ ଫନୀ ବାତ୍ୟାର କ୍ଷତିଗ୍ରସ୍ତ ସ୍କୁଲ ମରାମତିର ଅନିୟମିତତା ପ୍ରତିବାଦରେ ଗୁରୁବାର ଭାଜପା ପକ୍ଷରୁ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା ଯୋଗଦେଇ ରାଜ୍ୟରେ ଚାଲିଥିବା ଅଫିସରକରାଜ୍‌କୁ ବରଦାସ୍ତ କରାଯିବନାହିଁ ବୋଲି କହିଥିଲେ। ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗରେ ହୋଇଥିବା ପ୍ରାୟ ୩ କୋଟି ଟଙ୍କାର ମହାଦୁର୍ନୀତିର ତଦନ୍ତ ପାଇଁ ଦାବି କରିଥିଲେ। ଏହାସହ କାର୍ଯ୍ୟାଦେଶ ବଣ୍ଟନରେ ଅନିୟମିତତା ଓ ବଣ୍ଟନ କାର୍ଯ୍ୟରେ ସମ୍ପୃକ୍ତ ଅଫିସର, ଠିକାଦାରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ସଭାନେତ୍ରୀ ପରିଡା ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ଅଦାଲତର ଦ୍ୱାରସ୍ଥ ହେବ ବୋଲି ପରିଡା କହିଛନ୍ତି। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ସ୍କୁଲ ମରାମତିରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଏହି ଗଣଧାରଣା ଦିଆଯାଇଥିଲା। ଏହି ସଭାରେ ଭାଜପା ନେତା ମାନସ ପ୍ରଧାନ, ଦିଲୀପ ପାତ୍ର, ଯତିନ୍ଦ୍ର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ ପଣ୍ଡା, ମିନଲତା ମହାନ୍ତି, ଝିଲିଲତା ଦାସ ପ୍ରମୁଖ ଯୋଗଦେଇ ଶାସକ ଦଳର ମନମୁଖି ଶାସନକୁ ସମାଲୋଚନା କରିବା ସହ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଥିଲେ।




ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଫିସ ଆଗରେ ଭାଜପା କର୍ମୀମାନେ ଗଣଧାରଣା ଦେଇଛନ୍ତି ।

## ପରିବେଶ, ଟ୍ରାଫିକ ସଚେତନତା ପାଇଁ ଭାରତ ଯାତ୍ରା

ପୁରୀ ଅଫିସ, ୨୭।୨:

- ପୁନେରୁ ସାଇକେଲରେ ବାହାରିଛନ୍ତି ମୋହନ
- ଦୈନିକ ୧୫୦ କିମି ଯାଉଛନ୍ତି, ବାର୍ତ୍ତା ବାଣ୍ଟୁଛନ୍ତି

ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି। ଦ୍ରୁତ ଜନସଂଖ୍ୟା ସାଙ୍ଗକୁ ସହରୀକରଣ ଓ ଶିଳ୍ପାୟନ କାରଣରୁ ଜଙ୍ଗଲ ନଷ୍ଟ ହେବାକୁ ବସିଛି। ଏହାର ପ୍ରଭାବ ଜୀବଜଗତ ଉପରେ ପଡୁଛି। ସେହିପରି ସହରାଞ୍ଚଳରେ ଟ୍ରାଫିକ ସମସ୍ୟା ଦ୍ୱିଗଣିତ ହେଲାଣି। ସଡ଼କ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ପ୍ରତିବର୍ଷ ଦେଶରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। କେବଳ ସଚେତନତା ଦ୍ୱାରା ଏହାକୁ ରୋକା ଯାଇପାରିବ। ଏ ନେଇ ସାରା ଭାରତରେ ସଚେତନତା ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ ପୁନେରୁ ସାଇକେଲ ଯାତ୍ରାରେ ବାହାରିଛନ୍ତି ଅଟୋ ଚାଳକ ମୋହନ ପୁରୁଷୋତ୍ତମ କୁମାର। ବୁଧବାର ରାତିରେ ସେ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲେ। ଗୁରୁବାର ସକାଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ପୁଣି ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଯାଇଛନ୍ତି।

ମୋହନ ପୁରୀ ସହରରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଆଗାମୀ ପିଢିଙ୍କ ଲାଗି ପ୍ରତ୍ୟେକ ପରିବାର ଗୋଟିଏ ଲେଖାଏ ଚାରା ରୋପଣ କରିବାକୁ ସେ ଅନୁରୋଧ କରିଥିଲେ। ପରିବେଶ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ ବୋଲି ଲୋକଙ୍କୁ ବୁଝାଇଥିଲେ। ଟ୍ରାଫିକ ସମସ୍ୟା ଉପରେ ଆଲୋକପାତ କରି କହିଥିଲେ, ଦ୍ରୁତ ଗାଡ଼ିଚାଳନା ବିପତ୍ତିକୁ ଡାକିଥାଏ। ଗାଡ଼ି ଚଳାଇବା ବେଳେ ହେଲମେଟ୍ ପିନ୍ଧିବା ଓ ସିଟ୍‌ବେଲ୍ଟ ବାନ୍ଧିବା ସହ ମୋବାଇଲ ଫୋନଠାରୁ ଦୂରରେ ରୁହନ୍ତୁ। ସୁରକ୍ଷିତ ଯାତ୍ରା ଲାଗି ନିଜେ ସଚେତନ ହେବା ସହ ଅନ୍ୟକୁ ସଚେତନ କରିବାକୁ ସେ ଅନୁରୋଧ କରିଥିଲେ। ୫୯ ବର୍ଷ ବୟସରେ ମଧ୍ୟ ସେ ସାଇକେଲ ଚଳାଉଛନ୍ତି। ସୁସ୍ଥ ରହିବା ଓ ଅନାବଶ୍ୟକ ତୈଳ ସଂରକ୍ଷଣ ନିମନ୍ତେ ସାଇକେଲ ଚଳାଇବାକୁ ମୋହନ ପରାମର୍ଶ ଦେଇଥିଲେ। ଜାନୁୟାରୀ ୧୩ତାରିଖରୁ ପୁନେରୁ ବାହାରିଥିବା ମୋହନଙ୍କ ଏହି ଯାତ୍ରା ଜୁଲାଇ ୧୪ରେ ସରିବ। ଦୈନିକ ସେ ୧୫୦ କି.ମି. ଯାତ୍ରା କରୁଛନ୍ତି। ରାତି ହେଲେ ରାସ୍ତାକଡ଼, ଗଛମୂଳ, ମନ୍ଦିର, ବସଷ୍ଟାଣ୍ଡ ଆଦି ସ୍ଥାନରେ ଆଶ୍ରୟ ନେଇ କରି ପରଦିନ ସକାଳେ ପୁଣି ଗନ୍ତବ୍ୟସ୍ଥଳକୁ ବାହାରି ପଡ଼ନ୍ତି। ସାଇକେଲ କେରିୟରରେ ଏକ ପେଡ଼ିରେ ମରାମତି ଯନ୍ତ୍ରପାତି ଓ ପୋଷାକପତ୍ର ରଖିଛନ୍ତି। ସେ କହିଛନ୍ତି, ପେସାରେ ମୁଁ ଜଣେ ଅଟୋ ଚାଳକ। ପୁନେ ସହରରେ ଅଟୋ ଚଳାଇବା ବେଳେ ସବୁ ସମୟରେ ଟ୍ରାଫିକ ସମସ୍ୟା ଯୋଗୁ ନାନା ଅସୁବିଧାର ସମ୍ମୁଖୀନ ହୋଇଛି। ଦୈନିକ ସଡ଼କ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ବଢୁଥିବା ଦେଖି ମର୍ମାହତ ହୋଇପଡ଼ିଥିଲି। ତେଣୁ ଲୋକଙ୍କ ମଧ୍ୟରେ ଜନ ଜାଗରଣ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାଇକେଲରେ ସାରା ଭାରତବର୍ଷ ବୁଲିବାକୁ ସ୍ଥିର କରିଥିଲି। ଏଥିରେ ମୋ' ପରିବାର ଓ ସମ୍ପର୍କୀୟମାନେ ଏକମତ ହୋଇଥିଲେ। ଯାତ୍ରା ସମୟରେ ଫୁଟ୍‌ପାଥ୍, ବିଭିନ୍ନ ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନରେ ବାର୍ତ୍ତା ଦେଇଛି। ଲୋକେ ସଚେତନ ହେଲେ ଏହି ଯାତ୍ରା ମୋର ସଫଳ ହେବ ବୋଲି ମୋହନ କହିଛନ୍ତି।



ମୋହନ ପୁରୁଷୋତ୍ତମ କୁମାର ।